ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୭/୨୦୨୫ (୨୦ ପୃଷ୍ଠା) Bhubaneswar, Friday, February 7/2025 Page 20 ₹ 7.00

୫୧ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 75 ମୂଲ୍ୟ ₹୭/-



DSPL - 377



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀଙ୍କ**

କରକମଳରେ

ନୂତନ ଭାବେ ମନୋନୀତ ହୋଇଥିବା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨,୭୫୩ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ,
୧୧୦ ଜଣ ଆର୍ୟୁବେଦିକ୍ ମେଡିକାଲ ଅଫିସର, ୧୦ ଜଣ ହୋମିଓପାଥିକ୍ ଅଧ୍ୟାପକ, ୫ ଜଣ ଆୟୁଷ୍ କନିଷ୍ଠ ସହାୟକ,
ଅର୍ଥ ବିଭାଗର ୧୧୮ ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ ଓ ୧୨ ଜଣ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ,
ଜଳସମ୍ପଦ ବିଭାଗର ୫୭ ଜଣ ଅମୀନ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ୧୦୪ ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ,
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୯୪ ଜଣ ଶିକ୍ଷକ ଓ ଅଧ୍ୟକ୍ଷ, ୧,୭୯୮ ଜଣ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବେସରକାରୀ
ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ବିଭିନ୍ନ କାର୍ଯ୍ୟାଳୟରେ ଥିବା ୭୩ ଜଣ କନିଷ୍ଠ ସହାୟକ, ୨ ଜଣ ସମୀକ୍ଷକ,
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩୭ ଜଣ ଯୋଗାଣ ନିରୀକ୍ଷକ,
ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୨୧୨ ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ, ୨୦ ଜଣ ସହକାରୀ ମତ୍ସ୍ୟ ଅଧିକାରୀ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୪ ଜଣ ହିସାବ ରକ୍ଷକ, ୧୨ ଜଣ ଅମିନ, ୧୪ ଜଣ କନିଷ୍ଠ ସହାୟକ, ୨ ଜଣ କନିଷ୍ଠ ହିସାବ ରକ୍ଷକ
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ୧୨୩ ଜଣ ସହକାରୀ ତାଲିମ୍ ଅଧିକାରୀଙ୍କ ସମେତ

ସର୍ବମୋଟ ୬,୩୯୦ ଜଣଙ୍କୁ

## ନିଯୁକ୍ତିପତ୍ର ପ୍ରଦାନ

୭ ଫେବୃଆରୀ ୨୦୨୫ | ଅପରାହ୍ନ ୩.୩୦
କ୍ୟାପିଟାଲ୍ ହାଇସ୍କୁଲ ପଡିଆ, ଭୁବନେଶ୍ୱର

OIPR-10001/13/0030/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ଅର୍ଥ ବିଭାଗ | ଜଳସମ୍ପଦ ବିଭାଗ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଓଡ଼ିଶା ସରକାର


Government of Haryana
Surajkund Mela Authority
BIMSTEC
Bay of Bengal Initiative for Multi-Sectoral Technical and Economic Cooperation
ODISHA
INDIA'S BEST KEPT SECRET
MADHYA PRADESH
"भारत के समृद्ध फ्यूचर में हम टूरिज्म का बहुत बड़ा पोटेंशियल देख रहे हैं। भारत में नेचर, कल्चर, एडवेंचर, कॉन्फ्रेंस, डेस्टिनेशन वेडिंग और हैरिटेज टूरिज्म सबके लिए असीम संभावनाएं हैं।"
- नरेन्द्र मोदी
An exquisite blend of Art, Craft, Cultures and Delicacies from India and around the world
38th Surajkund International Crafts Mela
February 7 - 23, 2025 | Surajkund, Fadridabad, Haryana
Inauguration Ceremony
February 7, 2025 | 10 AM
Chief Guest
Sh. Gajendra Singh Shekhawat
Union Minister of Culture & Tourism
Guest of Honor
Sh. Nayab Singh Saini
Chief Minister, Haryana
August Presence
Dr. Arvind Kumar Sharma
Heritage & Tourism Minister, Haryana
Scan the QR Code to Join the Programme
You are cordially Invited
Development Commissioner for Handlooms
MINISTRY OF DEVELOPMENT OF NORTH EASTERN REGION
Delhi Metro Rail Corporation Limited
HARYANA TOURISM
Come, holiday with us !
Utsav
India, the land of festivals
Incredible India
अतुल्य ! भारत
Ministry of External Affairs
Government of India
handicrafts
हस्तशिल्प
continuing tradition
Scan the QR code to join the Whatsapp channel of Information and Public Relations Department, Haryana
Information, Public Relations & Languages Department, Haryana
www.prharyana.gov.in | Follow us on @dipрharyana
RO No.:-1089/13/1986/2025/32306/276/21 Dated Chandigarh, the 06/02/2025

DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୭/୨୦୨୫ | Bhubaneswar, Friday, February 7/2025


# ପାରାଦୀପ: ଶିଳ୍ପ ତଥ୍ୟରେ ନାହିଁ ତାଳମେଳ

**ପାରାଦୀପ ବନ୍ଦର ନିର୍ମାଣ ପାଇଁ ୧୯୬୨ ଜାନୁଆରୀ ୩ରେ ଶୁଭ ଦିଆଯାଇଥିବାବେଳେ ୧୯୬୬ ମାର୍ଚ୍ଚ ୧୨ରେ ତାହା କାର୍ଯ୍ୟକ୍ଷମ ହୋଇଥିଲା। ଏହା ଯୋଗୁ ପର୍ଯ୍ୟାୟକ୍ରମେ ଅନେକ ବଡ଼ ଓ ଛୋଟ ଶିଳ୍ପ ଗଢ଼ିଉଠି ବୃହତ୍ ଶିଳ୍ପାଞ୍ଚଳରେ ପରିଣତ ହୋଇଛି। ପୁଣି ଅନ୍ୟାନ୍ୟ ଶିଳ୍ପସଂସ୍ଥା ମୁଣ୍ଡ ଟେକୁଛନ୍ତି। କିନ୍ତୁ କେତେ ଶିଳ୍ପ ସଂସ୍ଥା ଅଛି, କେଉଁ ସଂସ୍ଥାକୁ କେତେ ଜମି ମିଳିଛି, କେତେ ନିଯୁକ୍ତି ପାଇଛନ୍ତି, ସରକାରଙ୍କୁ କେତେ ପରିମାଣରେ ରାଜସ୍ୱ ମିଳୁଛି ଆଦି ବିଷୟରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ମାଧ୍ୟମରେ ତଥ୍ୟ ମଗାଯାଇଥିଲା। ପରିତାପର ବିଷୟ ଯେ ସେସବୁ ନେଇ ମିଳିଥିବା ତଥ୍ୟରେ ତାଳମେଳ ନ ଥିବାବେଳେ ତହସିଲକୁ ପଚାରିଲେ ଭୂଅର୍ଜନ କାର୍ଯ୍ୟାଳୟକୁ ଯାଅ, ପୁଣି କିଏ ଭାରିଶିଳ୍ପ ବିଭାଗ କଥା କହୁଥିବାବେଳେ ଇଡ୍‌କୋ ଯାଏ ତଥ୍ୟ ଖୋଜିବାକୁ ପଡ଼ିଛି। ତଥାପି ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ।**

ପାରାଦୀପ, ୬।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲ୍ଲା ପାରାଦୀପ ଅଞ୍ଚଳରେ ଏବେ ୧୫ଟି ବୃହତ୍ ଶିଳ୍ପ ଅଛି। ଆଗାମୀ ଦିନରେ ଅନେକ ବଡ଼ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ସରକାରୀ ସ୍ତରରେ କୁହାଯାଉଛି। କିନ୍ତୁ ଏଠାରେ ଗଢ଼ିଉଠିଥିବା ଶିଳ୍ପ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ସରକାରୀ ବିଭାଗ ପାଖରେ ଠିକ୍ ତଥ୍ୟ ଉପଲବ୍ଧ ନାହିଁ। ଏପରିକି ସୂଚିତ ତଥ୍ୟରେ ଅମେଳ ରହିଥିବା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଜରିଆରେ ଜାଣିବାକୁ ମିଳିଛି।

ପାରାଦୀପର ଶିଳ୍ପ ସଂଖ୍ୟା, ଉତ୍ପାଦନ, ନିଯୁକ୍ତିପାଇଥିବା କର୍ମଚାରୀ, ଠିକାଶ୍ରମିକ ଆଦି ସମ୍ପର୍କରେ ଆମେ ଜଗତ୍‌ସିଂହପୁର ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି)କୁ ୨୦୨୨ ଜାନୁଆରୀରେ ସୂଚନା ମାଗିଥିଲୁ। ଉକ୍ତ କେନ୍ଦ୍ରର ଜନସୂଚନା ଅଧିକାରୀ ୧୭ ଫେବୃଆରୀ ୨୦୨୨ରେ ପତ୍ରସଂଖ୍ୟା-୩୦୬ରେ ଦର୍ଶାଇଥିଲେ ଯେ, ତାଙ୍କ ପାଖରେ ସେଭଳି ତଥ୍ୟ ଉପଲବ୍ଧ ନାହିଁ। ପୁଣି ଦର୍ଶାଯାଇଥିଲା, ରାଜ୍ୟ ଶିଳ୍ପ ବିଭାଗ, ଇପିକଲ(ଇଣ୍ଡଷ୍ଟ୍ରିଆଲ୍ ପ୍ରମୋଶନ ଆଣ୍ଡ ଇନଭେଷ୍ଟମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ସୂଚନା ଦିଆଯିବ। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅନୁଶାସନ ସଚିବ ତଥା ଲୋକ ସୂଚନା ଅଧିକାରୀ ଅଶୋକ କୁମାର ରାଉତରାୟ ୨୪ ଫେବୃଆରୀ ୨୦୨୨ରେ ସୂଚନା ଦେଇଥିଲେ (ପତ୍ର ସଂଖ୍ୟା ୧୯୦୫) ମଗା ଯାଇଥିବା ତଥ୍ୟ ଭାରି ଶିଳ୍ପ ବିଭାଗ ଅଧୀନରେ ଯାଉଛି। ଭାରିଶିଳ୍ପ ବିଭାଗର ଅନୁଶାସନ ସଚିବ ଏବଂ ଲୋକସୂଚନା ଅଧିକାରୀ ଅଶୋକ ଶର୍ମା ୨୮ ଫେବୃଆରୀ ୨୦୨୨ରେ ସୂଚନା ଦେଇଥିଲେ (ଚିଠି ନଂ ୨୦୨୫) ମଗାଯାଇଥିବା ସୂଚନା ଭାରିଶିଳ୍ପ ବିଭାଗ (ଉପ ବିଭାଗ-୨)ରେ ଉପଲବ୍ଧ ନାହିଁ।

ଉଲ୍ଲେଖଯୋଗ୍ୟ, ପାରାଦୀପ ବନ୍ଦର ୧୯୬୨ ଜାନୁଆରୀ ୩ରେ ଆରମ୍ଭ ହେବା ପରେ ପର୍ଯ୍ୟାୟକ୍ରମେ ୧୫ଟି ବୃହତ୍ ଶିଳ୍ପ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ୧୯୮୦ରେ ବିଅର ଫ୍ୟାକ୍ଟ୍ରି, ୧୯୮୨ରେ ପିପିଏଲ୍, ୧୯୯୮ରେ ଓସ୍ୱାଲ(ଏବେ ଇଫ୍‌କୋ), ୨୦୦୩ରେ ଗୋଆକାର୍ବନ, ୨୦୦୪ରେ କାରଗିଲ(ଏବେ ଆଦାନୀ ୱିଲମାର), ୨୦୦୪ରେ ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ୍‌ର ୩ଟି ବୃହତ୍ ଟର୍ମିନାଲ, ୨୦୦୭ରେ ଏସାରଷ୍ଟିଲ(ଏବେ ଏଏମ୍‌ଏନ୍‌ଏସ୍), ୨୦୦୮ରେ ଆଇଓସିଏଲ୍ ତୈଳବିଶୋଧନାଗାର, ଆଇଓସିଏଲ୍ ପାଇପ୍‌ଲାଇନ ପ୍ରକଳ୍ପ, ୨୦୧୦ରେ ପାରାଦୀପ କାର୍ବନ, ୨୦୧୩ରେ ଆଇଓସିଏଲ୍ ଗ୍ୟାସ୍ ଟର୍ମିନାଲ ହୋଇଛି। ଏହାବାଦ୍ ଆଉ ଦୁଇଟି ଶିଳ୍ପ ଗଢ଼ିଉଠିଥିବା ବେଳେ ଏବେ ୬ଟି ବୃହତ୍ ଶିଳ୍ପ ପାଇଁ କାମ ଚାଲିଛି। ଏହି ଶିଳ୍ପ ସଂସ୍ଥା ଯୋଗୁ ଅନେକ ଆନୁଷଙ୍ଗିକ କ୍ଷୁଦ୍ର ଶିଳ୍ପ ଗଢ଼ିଉଠିଛି। କିନ୍ତୁ ଓଡ଼ିଶା ସରକାରଙ୍କ ରେକର୍ଡରେ ତାହା ନାହିଁ ବୋଲି କୁହାଯାଇଛି। ସେହିପରି କେଉଁ ଶିଳ୍ପ ପାଇଁ କେତେ ଜାଗା ଦିଆଯାଇଛି ତା'ର ତଥ୍ୟ ମଧ୍ୟରେ ତାଳମେଳ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆମେ ଜଗତ୍‌ସିଂହପୁର ଜିଲ୍ଲା ସ୍ୱତନ୍ତ୍ର ଭୂଅର୍ଜନ ଉପ ବିଭାଗ ପାରାଦୀପକୁ ସୂଚନା ମାଗିଥିଲୁ। ଜିଲ୍ଲା ସ୍ୱତନ୍ତ୍ର ଭୂଅର୍ଜନ ବିଭାଗ ୧୦ ସେପ୍ଟେମ୍ବର ୨୦୨୪ (ଚିଠି ନଂ. ୩୪୧)ରେ ଦର୍ଶାଇଛନ୍ତି ଯେ, ତାଙ୍କ ପାଖରେ କିଛି ଉପଲବ୍ଧ ନାହିଁ (ନଟ୍ ଆଭେଲେବଲ୍)।

ଶିଳ୍ପ ପାଇଁ ଜାଗା ସମ୍ପର୍କରେ ପୁଣି ଆମେ ଇଡ୍‌କୋ (ଓଡ଼ିଶା ଶିଳ୍ପ ଉନ୍ନୟନ ଭିତ୍ତିଭୂମି ନିଗମ)ଙ୍କୁ ୨୪ ଅଗଷ୍ଟ ୨୦୨୪ରେ ସୂଚନା ମାଗିଥିଲୁ। ଏହି ପ୍ରସଙ୍ଗରେ ଇଡ୍‌କୋ ଜମି ଅଧିକାରୀ ଓ ଲୋକସୂଚନା ଅଧିକାରୀ ଅରୁନ୍ଧତୀ ପଟ୍ଟନାୟକ ୧୯ ସେପ୍ଟେମ୍ବର ୨୦୨୪ରେ ୧୨ ପୃଷ୍ଠା ସମ୍ବଳିତ ଉତ୍ତର (ଚିଠି ନଂ. ୨୯୯୫୬)ରେ ଯେଉଁ ସୂଚନା ଦେଇଛନ୍ତି ସେଥିରେ ଅନେକ ଅସମାନତା ନଜରକୁ ଆସିଛି। ଯଥା ଇଫ୍‌କୋ ୨,୧୧୧ ଏକର, ପିପିଏଲ୍ ୪୮୭ ଏକର, ଏଏମ୍‌ଏନ୍‌ଏସ୍ ୧,୪୧୯ ଏକର, ଗୋଆ କାର୍ବନ ୨.୫୨ଏକର, ପାରାଦୀପ କାର୍ବନ ୪.୯୬ ଏକର, ଦୀପକ ଫର୍ଟିଲାଇଜର ୫୬୦ ଏକର, ଆଇଓସିଏଲ୍ ତୈଳ ବିଶୋଧନାଗାର ୩,୩୪୪ ଏକର, ଜେଏସ୍‌ଡବ୍ଲ୍ୟୁ ୨,୯୪୮ ଏକର, ସଂରକ୍ଷିତ ଲ୍ୟାଣ୍ଡ ବ୍ୟାଙ୍କରେ ୧,୪୧୧ ଏକର ଜାଗା ରହିଛି। ଜମିର ମୂଲ୍ୟ ☞ପୃଷ୍ଠା-୨



ଆର୍‌ଟିଆଇ ତଥ୍ୟ ୨୦୨୨।



DISTRICT OFFICE: JAGATSINGHPUR
(Land Acquisition Cell, Paradip)
(Email: slac.paradip@gmail.com)

No. 341 /LA. Date 10/09/2024

To,
The Public Information Officer Special Land Acquisition Cell MIP, Jagatsinghpur.

Sub: Supply of information to the applicant Sri. Sarat Kumar Rout U/S 6(1) of the R.T.I. Act.2015

Ref: Memo No.13612, Dt. 03.09.2024 of Spl. Land Acquisition Cell, MIP, Jagatsinghpur.

Sir,

With reference to the letter on the subject cited above, I am submitting herewith the required information in the following manner.

| S/No. | Form No. | Particular | Details |
|---|---|---|---|
| 1. | [illegible] | [illegible] | Not available |
| 2. | [illegible] | [illegible] | Not available |
| 3. | ୩ | କେତେ ଏକର ଜାଗା Land Bank ରେ ସଂରକ୍ଷିତ ରହିଛି, କେତେ ଏକର ଜାଗା IDCO ଓଡ଼ିଶା ଶିଳ୍ପ ଉନ୍ନୟନ ଭିତ୍ତିଭୂମି ନିଗମ କୁ ଦିଆଯାଇଛି, ସେ ସବୁର ବିବରଣୀ। | Not available |
| 4. | ୪ | [illegible] | Not available |
| 5. | [illegible] | [illegible] | Permanent Staff 1. LAO, Shivsankar Mishra, O.A.S. 2. Goutam Panda, S.R.A. |

ଆର୍‌ଟିଆଇ ତଥ୍ୟ ୨୦୨୪।

## କଟକ ବାଲିଯାତ୍ରାକୁ ମିଳିଲା ଜାତୀୟ ମାନ୍ୟତା

କଟକ,୬।୨(କାର୍ତ୍ତିକ ସାହୁ)

କଟକ ବାଲିଯାତ୍ରାକୁ କେନ୍ଦ୍ର ସରକାର ଜାତୀୟ ମାନ୍ୟତା ପ୍ରଦାନ କରିଛନ୍ତି। ଏହାକୁ ନେଇ କଟକବାସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ବିଭିନ୍ନ ମହଲରେ ଏହି ମାନ୍ୟତା ପ୍ରାପ୍ତିକୁ ନେଇ ଆନନ୍ଦ ପ୍ରକାଶ ପାଇଛି। ବାଲିଯାତ୍ରା ହେଉଛି ନୌବାଣିଜ୍ୟର ଐତିହ୍ୟ। ଏହାକୁ ସ୍ୱୀକୃତି ଦେବା ପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କଠାରେ ଦାବି କରାଯାଇଛି। ୨୦୧୯ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କେନ୍ଦ୍ର ସରକାରଙ୍କ ନିକଟରେ ହୋଇଆସିଥିଲା। ପ୍ରାୟ ୫ ବର୍ଷର ବ୍ୟବଧାନ ପରେ ତାହାକୁ ସ୍ୱୀକୃତି ମିଳିଛି।

କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂଙ୍କ କହିବାନୁସାରେ, କୁମ୍ଭମେଳାକୁ କେନ୍ଦ୍ର ସରକାର ୨/୩ ହଜାର କୋଟି ଟଙ୍କା ସହାୟତା ପ୍ରଦାନ କରୁଛନ୍ତି, ବାଲିଯାତ୍ରାକୁ ମଧ୍ୟ ସେହିଭଳି କେନ୍ଦ୍ରୀୟ ଅନୁଦାନ ମିଳିବ। କଟକରେ ଜାତୀୟ ସ୍ତରର ମେଳା ହେବ। ଏଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକଙ୍କ ସମାଗମ ହେବ। ଦେଶବିଦେଶରୁ ବିଭିନ୍ନ ବାଣିଜ୍ୟିକ ସଂସ୍ଥା ବାଲିଯାତ୍ରାକୁ ଆସିବେ। ଜାତୀୟ ସ୍ତରୀୟ ଅତିଥିମାନେ କାର୍ଯ୍ୟକ୍ରମରେ ଯୋଗଦେବେ। ଚଳିତବର୍ଷ ବିଭିନ୍ନ ଦେଶରୁ ଆମ୍ବାସାଡାରମାନେ ବାଲିଯାତ୍ରା ମହୋତ୍ସବରେ ସାମିଲ ହେବେ। ବାଲିଯାତ୍ରା ଆମ ରାଜ୍ୟର ମହୋତ୍ସବ ହୋଇ ରହିବନାହିଁ। ଏହା ଜାତୀୟ ମହୋତ୍ସବରେ ପରିଣତ ହେବ। କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଏଆଇ ପ୍ରତିଯୋଗିତା**

## ବଜେଟ ଅଧିବେଶନ ପାଇଁ ୧୨ରେ ସର୍ବଦଳୀୟ ବୈଠକ

### ୧୭ରେ ୨୦୨୫-୨୬ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ

ଭୁବନେଶ୍ୱର,୬।୨(ବନ୍ଦନା ସେଠୀ)

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବା ବଜେଟ ଅଧିବେଶନ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ଏହା ଦୁଇଟି ପର୍ଯ୍ୟାୟରେ ଫେବୃଆରୀ ୧୩ରୁ ୨୧ ଓ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ। ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ବିଧାନସଭାରେ ଉପସ୍ଥାପିତ ହେବ। ଏହା ପୂର୍ବରୁ ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିବ। ଏହି ଅଧିବେଶନର ୨୮ଟି ଲମ୍ବା କାର୍ଯ୍ୟଦିବସ ଥିବାରୁ ବିଶେଷକରି ବଜେଟ ସମୟରେ ଶାନ୍ତିଶୃଙ୍ଖଳାର ସହ ଗୃହ ପରିଚାଳନା ପାଇଁ ବାଚସ୍ପତି ସବୁ ଦଳର ନେତାଙ୍କ ସହ ଆଲୋଚନା କରିବେ। ଫେବୃଆରୀ ୧୪ ଓ ୧୫ ଦୁଇଦିନ ଧରି ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ☞ପୃଷ୍ଠା-୨




# ଓଡ଼ିଶାକୁ ୫ ବର୍ଷରେ ୧୨,୫୯,୧୪୮ କୋଟି ପ୍ରଦାନ ଦାବି

**ଷୋଡ଼ଶ ଅର୍ଥ କମିଶନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

### କେନ୍ଦ୍ରୀୟ ଟିକସ ଆୟରୁ ରାଜ୍ୟଗୁଡ଼ିକ ଭାଗ ୫୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ

ଭୁବନେଶ୍ୱର,୬।୨(ବନ୍ଦନା ସେଠୀ)



ଭୁବନେଶ୍ୱରର ଏକ ହୋଟେଲରେ ଗୁରୁବାର ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଡ. ଅରବିନ୍ଦ ପାନାଗାରିଆଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି।

୫ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୧୨ଲକ୍ଷ ୫୯ହଜାର ୧୪୮ କୋଟି ଟଙ୍କାର ଅନୁଦାନ ପ୍ରଦାନ କରନ୍ତୁ। ଓଡ଼ିଶା ଗସ୍ତରେ ଥିବା ଷୋଡଶ ଅର୍ଥ କମିଶନ ଅଧ୍ୟକ୍ଷ ଡ. ଅରବିନ୍ଦ ପାନାଗାରିଆଙ୍କ ସହ ଗୁରୁବାର ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୩୧ ବର୍ଷ ପାଇଁ ଏହି ଦାବି ଉପସ୍ଥାପନ କରିଛନ୍ତି। ଏଥିମଧ୍ୟରୁ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯ଲକ୍ଷ ୮୮ହଜାର ୪୨୨ କୋଟି ଟଙ୍କା, ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧ଲକ୍ଷ ୧୦ହଜାର ୪୩୪କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡିମାନଙ୍କ ପାଇଁ ଅନୁଦାନ ବାବଦରେ ୧ଲକ୍ଷ ୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧ହଜାର ୪କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଲାଗି ୨୯ହଜାର ୨୫୨କୋଟି ଟଙ୍କା ଦାବି ରଖାଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କମିଶନଙ୍କ ☞ପୃଷ୍ଠା-୨

## ୧ ଡଲାର= ୮୭.୫୭ ଟଙ୍କା

ମୁମ୍ବାଇ,୬।୨(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଗୁରୁବାର ପୁନର୍ବାର ୧୪ ପଇସା ହ୍ରାସ ପାଇଛି। ଫଳରେ ଭାରତୀୟ ମୁଦ୍ରା ମୂଲ୍ୟରେ ସର୍ବକାଳୀନ ହ୍ରାସ ଘଟି ୮୭.୫୭ରେ ପହଞ୍ଚିଛି, ଅର୍ଥାତ୍ ୧ ଡଲାରର ବିନିମୟ ମୂଲ୍ୟ ୮୭ ଟଙ୍କା ୫୭ ପଇସା ହୋଇଛି। ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି ବୈଠକ ବସିବାକୁ ଥିବାବେଳେ ଏହା ପୂର୍ବରୁ ଟଙ୍କା ମୂଲ୍ୟରେ ସର୍ବକାଳୀନ ହ୍ରାସ ବଜାରର ଚିନ୍ତା ବଢ଼ାଇଛି। ଦୁର୍ବଳ ଘରୋଇ ବଜାର ଏବଂ ଡଲାର ପାଇଁ ଆମଦାନିକାରୀଙ୍କ ଦାବି ଯୋଗୁ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଇଚାଲିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଆମେରିକାର ବାଣିଜ୍ୟ ଟାରିଫ୍‌କୁ ନେଇ ଅନିଶ୍ଚିତତା ଜାରି ରହିଥିବାବେଳେ ଟଙ୍କା ଆହୁରି ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ପ୍ରତ୍ୟର୍ପିତଙ୍କ ହାତରେ ହ୍ୟାଣ୍ଡ୍‌କଫ୍, ଗୋଡ଼ରେ ବେଡ଼ି



■ ୧୦୪ ବେଆଇନ ପ୍ରବାସୀ ଭାରତୀୟଙ୍କ ପ୍ରତି ଟ୍ରମ୍ପ୍ ପ୍ରଶାସନର ଆଚରଣକୁ ନିନ୍ଦା
■ ସଂସଦରେ ବିରୋଧୀଙ୍କ ହଟ୍ଟଗୋଳ

ନୂଆଦିଲ୍ଲୀ/ୱାଶିଂଟନ୍,୬।୨

ହାତରେ ହ୍ୟାଣ୍ଡ୍‌କଫ୍, ଗୋଡ଼ରେ ବେଡ଼ି। ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ୧୦୪ ଭାରତୀୟଙ୍କୁ ଟ୍ରମ୍ପ୍ ପ୍ରଶାସନ ସେନା ବିମାନରେ ଏଭଳି ପଠାଇ ଦେଇଛି ଭାରତକୁ। ବିମାନରେ ସମସ୍ତଙ୍କ ପାଇଁ ଗୋଟିଏ ମାତ୍ର ଟଏଲେଟ୍ ଥିଲା। ଦୀର୍ଘ ଯାତ୍ରାବେଳେ ଶିକୁଳିରେ ବନ୍ଧାହୋଇଥିଲେ ସମସ୍ତେ। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟର୍ପିତ ଏହି ଭାରତୀୟମାନେ ବୁଧବାର ପଞ୍ଜାବର ଅମୃତସର ଏୟାରପୋର୍ଟରେ ପହଞ୍ଚିବା ପରେ ଯାଇ ସେମାନଙ୍କ ହାତ ଓ ଗୋଡ଼ରୁ ଲୁହା ଶିକୁଳି ଖୋଲାଯାଇଥିଲା। ପ୍ରବାସୀମାନେ ସେମାନଙ୍କ ପ୍ରତି କରାଯାଇଥିବା ଆଚରଣ ଓ ନିର୍ଯ୍ୟାତନାର କାହାଣୀ ବଖାଣିଛନ୍ତି ଗଣମାଧ୍ୟମ ସମ୍ମୁଖରେ। ଟ୍ରମ୍ପ୍ ପ୍ରଶାସନର ଏଭଳି ଆଚରଣକୁ ଭାରତର ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ସଂସଦରେ ମଧ୍ୟ ଉଠିଛି ବିରୋଧୀଙ୍କ ସ୍ୱର।

କଂଗ୍ରେସର ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଅନେକ ବିରୋଧୀ ନେତା ଭାରତୀୟଙ୍କ ପ୍ରତି ଆମେରିକୀୟ କର୍ତ୍ତୃପକ୍ଷଙ୍କ ଆଚରଣକୁ ନିନ୍ଦା କରିବା ସହ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରି କି କେତେଜଣ ବିରୋଧୀ ନେତା ନିଜ ହାତରେ ହ୍ୟାଣ୍ଡ୍‌କଫ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ନେତାମାନେ ଧରିଥିବା ପ୍ଲାକାର୍ଡରେ ଲେଖାଥିଲା, 'ହ୍ୟୁମାନ୍ସ, ନୋ ପ୍ରିଜନର୍ସ'। ଭାରତ ପ୍ରତି ଏଭଳି ଅପମାନକୁ ସେମାନେ ସହିବେ ନାହିଁ କହି ସେମାନେ କେନ୍ଦ୍ର ବିରୋଧରେ ସ୍ଲୋଗାନ ଦେଇଥିଲେ, ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଷ୍ଟେଟ୍ ୟୁନିଅନ ଅଫ୍ ଜର୍ନାଲିଷ୍ଟସ୍ ଓଡ଼ିଶାର ରାଜ୍ୟସ୍ତରୀୟ ୫ମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଫୋନୋକୋନର ବାର୍ଷିକ ଜାତୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ମେ ଫେୟାର କନ୍‌ଭେନଶନ, ସମୟ: ଅପରାହ୍ନ ୧ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ପତ୍ର ପ୍ରଦାନ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।
- ଆଉର୍‌ଗ୍ରିଡ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ।
- ସମୟ କନକ୍ଲେଭ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ସନ୍ଧ୍ୟା ୬ଟା ।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦ ।
- ସଙ୍ଗୀତ ଉତ୍ସବ 'ନାଦବ୍ରହ୍ମ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ନାମଯଜ୍ଞ ଅବସରରେ ଅଧିବାସ, ସ୍ଥାନ: ନେହେରୁ ମଣ୍ଡପ ପ୍ରାଙ୍ଗଣ, ୟୁନିଟ୍-୮, ସମୟ: ସନ୍ଧ୍ୟା ୭ଟା ।
- ୨୯ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ପରିସର, ଭିଙ୍ଗାରପୁର, ସମୟ: ରାତି ୭ଟା ୩୦ ।

## ପୁରୀ

- ଶ୍ରୀ ଶ୍ରୀ ତ୍ରିନାଥ ଦେବାୟ ଟ୍ରାଭେଲ ଏଜେଣ୍ଟ ସଂଘର ୫ମ ବାର୍ଷିକୋତ୍ସବ, ସ୍ଥାନ: ରେଳ ଷ୍ଟେଶନ ପରିସର, ସମୟ: ସନ୍ଧ୍ୟା ୭ଟା ।

## ଖୋର୍ଦ୍ଧା

- ଶ୍ରୀଜଗନ୍ନାଥଙ୍କ ୨୪ବେଶର ଦିବ୍ୟଦର୍ଶନ, ସ୍ଥାନ: ଲୀଳାକ୍ଷେତ୍ର କାଙ୍କଣଶିଖରୀ, ଚିଲିକା, ସମୟ: ପୂର୍ବାହ୍ନ ୧୧ଟା ।
- ବିଜେବି ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ୧୧ଟା ।
- ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ବାଲେଶ୍ୱର

- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ପିଜି କାଉନସିଲ ହଲ୍, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକ ଲେଭଲ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ ପରିସର, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା ।
- ବିବେକାନନ୍ଦ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ଗରସଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୧ଟା ।
- ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା ।
- ଭାଗବତ କଥାମୃତ ମହୋତ୍ସବ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଗୋଛାୟତ ମାର୍କେଟ୍ କମ୍ପ୍ଲେକ୍ସ, ରୂପସା, ସମୟ: ସନ୍ଧ୍ୟା ୬ଟା ।
- ଜଳେଶ୍ୱର ମହୋତ୍ସବର ଦଶମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା ।
- ରାଇବଣିଆ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଇବଣିଆ ମହୋତ୍ସବ ପଡ଼ିଆ, ରାଇବଣିଆ, ସମୟ: ସନ୍ଧ୍ୟା ୬ଟା ।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ପଞ୍ଚମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।
- ଦ୍ୱାଦଶ ବାଲିଆପାଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ପାଖ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

## ଭଦ୍ରକ

- ଅନ୍ତର୍ଜାତୀୟ ଟିଲୋ କପ୍‌ର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ସକାଳ ୯ଟା ।
- ଶିଶୁ ଓ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ଭିନ୍ନକ୍ଷମଙ୍କ ସୁଗମ ଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: କୁମ୍ଭାରିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା ।
- ନଦୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନଦୀଗାଁ, ଧୁଷୁରୀ, ସମୟ: ପୂର୍ବାହ୍ନ ୧୧ଟା ।
- ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ସୋଧ, ଦୋବଲ, ସମୟ: ପୂର୍ବାହ୍ନ ୧୧ଟା ।
- ଅଟଳ ବିହାରୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍, ସ୍ଥାନ: ବୋଡ଼କ ଖେଳପଡ଼ିଆ, ଓଳଗ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଦିବଂଗତ ଅମର ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ଅପରାହ୍ନ ୪ଟା ।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦୁଝର

- ବଡ଼ମସିଣାବିଲା ଜିପି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଢେଙ୍କିକୋଟ, ସମୟ: ଅପରାହ୍ନ ୩ଟା ।
- ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ : ନାହାଳିଆ ମଠ, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା ।

## ମୟୂରଭଞ୍ଜ

- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ, ସ୍ଥାନ: ସାନ ବେଲାକୁଟି, ଗୋପବନ୍ଧୁ ନଗର, ସମୟ: ଅପରାହ୍ନ ୨ ଟା ୩୦ ।
- ୨ ଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ହଳଦୀପାଳ ଫୁଟବଲ ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୪ ଟା ।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ, ସ୍ଥାନ: ମାଳିହାତୀ, ମାଣତ୍ରୀ ବଡ଼ସାହି ବ୍ଲକ, ସମୟ: ସକାଳ ୯ ଟା ।
- ମୟୂରଭଞ୍ଜ ଗ୍ରୀନ ସହିତ ମୟୂରଭଞ୍ଜ(ଏ) କ୍ରିକେଟ୍ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡ଼ିୟମ, ସମୟ: ସକାଳ ୯ ଟା ।
- ଦି ଇଉଫଙ୍ଗିଆ-୨୦୨୫, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୧ ଟା ।
- ଚନ୍ଦନପୁର ଆଶ୍ରମ ସ୍କୁଲ(ନିଉ)ର ବାର୍ଷିକ ଉତ୍ସବ, ସ୍ଥାନ: ଚନ୍ଦନପୁର ବଡ଼ସାହି ବ୍ଲକ୍, ସମୟ: ଅପରାହ୍ନ ୨ ଟା ।
- ସେବକ ଗୋପାଳ ଦାସଙ୍କ ପ୍ରବଚନ, ସ୍ଥାନ: ମାଳିହାତୀ ମାଣତ୍ରୀ, ବଡ଼ସାହି ବ୍ଲକ, ସମୟ: ସନ୍ଧ୍ୟା ୭ ଟା ।

## ଗଞ୍ଜାମ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଆସିକା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା ।
- ଆସିକା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ଜଗତ୍‌ସିଂହପୁର

- ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ନୀଳଚକ୍ର ୟୁଥ କ୍ଲବ ପକ୍ଷରୁ ସମୂହ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଚୂନବେଲାରୀ, ପାରାଦୀପ, ସକାଳ ୭ଟା ।
- ପାରାଦୀପ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ନୂଆବଜାର, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା ।

## କେନ୍ଦ୍ରାପଡ଼ା

- ଗୋପୀନାଥଜୀଉଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଲ୍ଲିକେଶ୍ୱର ମହାଦେବ ମନ୍ଦିର, ଅଡଙ୍ଗା, ଡେରାବିଶ, ସମୟ: ସକାଳ ୬ଟା ।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା
- ଅଲ ଓଡ଼ିଶା ଇଜତେମା, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା ।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜକନିକା ଆଥେଲେଟିକ ଆସୋସିଏଶନ ପକ୍ଷରୁ ରାଜକନିକା କପ କ୍ରିକେଟ, ସ୍ଥାନ: ଆର୍‌ଏନ ହାଇସ୍କୁଲ ମିନି ଷ୍ଟାଡିୟମ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଧର୍ମଶାଳା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା୩୦ ।

## ନୟାଗଡ଼

- ୮୩ତମ ବିଶ୍ୱଶାନ୍ତି ଶୈବଯଜ୍ଞ ଓ ୩୯ତମ ବାର୍ଷିକ ସପ୍ତଶମ୍ଭୁ ମିଳନ ମହୋତ୍ସବ, ସ୍ଥାନ: ଓଡ଼ ଗାଁ ଜାମୁପାଟଣାସ୍ଥ ଶ୍ରୀ ଦୂତିକେଶ୍ୱର ମହାଦେବ, ସମୟ:ସକାଳ ୮ଟା ୩୫ ।
- ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସ, ସ୍ଥାନ:କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା ।
- ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ୧୧ଟା ।
- ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:ରଣପୁର ଡିଗ୍ରୀ କଲେଜ, ସମୟ:ପର୍ବାହ୍ନ୧୧ଟା ।
- ପ୍ରଥମ ବ୍ୟାଚ୍ ଅବକାରୀ କନ୍‌ଷ୍ଟେବଲ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ, ସ୍ଥାନ:ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା ।
- ଓଡ଼ଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସରେ ସାଂସ୍କୃତିକ ଆସର ଓ ସଭା, ସ୍ଥାନ:ଓଡ଼ଗାଁ ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୫ଟା ।

## ଢେଙ୍କାନାଳ

- କପିଳାସ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା୩୦ ।

## ରାୟଗଡ଼ା

- ଜଗନ୍ନାଥ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା ।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ଅଫିସ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ।
- କଂଗ୍ରେସର ବନ୍ଧୁମିଳନ, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ।
- ସେଞ୍ଚୁରିଆନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପିତାମହଲ କ୍ୟାମ୍ପସ, ରାୟଗଡା, ସମୟ: ପୂର୍ବାହ୍ନ ୧୧ରୁ ଆରମ୍ଭ ।

## ନବରଙ୍ଗପୁର

- ବ୍ଲକ୍‌ସ୍ତରୀୟ ଏମଜିଏନଆର୍‌ଇଜିଏସ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର, ସ୍ଥାନ: କୋଷାଗୁମୁଡ଼ା ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ, ସ୍ଥାନ: ପୂଜାରୀଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ

- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୯ଟା ।
- ମସଲା ଜାତୀୟ ଫସଲ ନେଇ ଚାଷୀଙ୍କ ଦିନିକିଆ ତାଲିମ, ସ୍ଥାନ: ଉଚ୍ଚ ପତନ ଗବେଷଣା କେନ୍ଦ୍ର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା ।
- କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ନନ୍ଦିଗାଁ ପଞ୍ଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଣୁଆଗୁଡ଼ା, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ।

## ମାଲକାନଗିରି

- ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ମାଲକାନଗିରି, ସମୟ: ଅପରାହ୍ନ ୪ଟା ।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା ।
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ହୋମ ଲୋନ ଏକ୍ସପୋ-୨୦୨୫, ସ୍ଥାନ : ବୁଢ଼ାରଜା ସ୍ଥିତ: ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ, ସ୍ଥାନ : ସମ୍ବଲପୁର ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୦ଟା ୩୦ ।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୭ଟା ।

## ରାଉରକେଲା

- ଶ୍ରୀ ଶ୍ରୀ ଦୁର୍ଗା ମନ୍ଦିରର ବାର୍ଷିକ ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ବିଶ୍ରା, ସମୟ: ସକାଳ ୭ଟା ।
- କଲ୍ୟାଣୀରାୟ ଡିଗ୍ରୀ କଲେଜ ବାର୍ଷିକୋତ୍ସବ, ସ୍ଥାନ: ହମିରପୁର, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ସେକ୍ଟର-୫ ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଇସ୍ପାତ କଳା ପରିଷଦ ଆୟୋଜିତ ନୃତ୍ୟାଞ୍ଜଳୀ ଉଦ୍‌ଯାପନ ଉତ୍ସବ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ।

## ସୁନ୍ଦରଗଡ଼

- ବୌଦ୍ଧିକ ସମ୍ପତ୍ତି ଅଧିକାର: ଏହାର କାର୍ଯ୍ୟକାରିତା ଓ ଆହ୍ୱାନ ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା, ସ୍ଥାନ: ଊର୍ଜା ଭବନ, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବରଗଡ଼

- ଶ୍ରୀହନୁମାନ ଶିବଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଡାଙ୍ଗ(ପ୍ରଧାନଟିକ୍ରା), ବରଗଡ଼, ସମୟ: ସକାଳ ୮ଟା ।
- ପଞ୍ଚକୁଣ୍ଡିୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୮ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଗଙ୍ଗାଧର କ୍ଲବ, ବରପାଲି, ସମୟ: ସକାଳ ୯ଟା ।
- ମା' ଗ୍ରାମଦେବୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ମହିଳା କୀର୍ତ୍ତନ, ସ୍ଥାନ: ଭାଲୁପାଲି(ଗୁଷୁଡ଼ା), ଭେଡ଼େନ, ସମୟ: ପୂର୍ବାହ୍ନ ୧୧ଟା ।

## କଳାହାଣ୍ଡି

- ନର୍ଲା ବିଧାନସଭା ମଣ୍ଡଳୀର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଭବାନୀପାଟଣା ଦ୍ୱିତୀୟ କ୍ରିକେଟ ପ୍ରିମିୟର ଲିଗ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ।
- ଇଲ ନିସି ମିଶନ ସ୍କୁଲର ୨୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ ହଣ୍ଡାଖାଲପଡ଼ା, ସମୟ: ଅପରାହ୍ନ ୫ଟା ୩୦ ।

## ବୌଦ୍ଧ

- ବାବା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସରସରା, ବୌଦ୍ଧ, ସମୟ: ସକାଳ ୯ଟା ।
- ସପ୍ତମ ପରଗଳପୁର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ସ୍ଥାନ: ପରଗଳପୁର ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା ।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଘଣ୍ଟପାଲି, ବୀରମହାରାଜପୁର, ସମୟ: ସକାଳ ୭ଟା ।
- ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା ।
- ଉଫୁଲା ଚ୍ୟାଲେଞ୍ଜର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଉଫୁଲା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ ବସ୍ତିପଡ଼ା, ସମୟ: ସକାଳ ୯ଟା ୩୫ ।
- ଖଡିଆଳ ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ରାତ୍ର ୮ଟା ।
- ମହୋତ୍ସବ ଉପଲକ୍ଷେ ଜାଭେଦ ଅଲ୍ଲିଙ୍କ ଷ୍ଟାର ନାଇଟ କାର୍ଯ୍ୟକ୍ରମ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ରାତ୍ର ୧୦ଟା ।

## ଝାରସୁଗୁଡ଼ା

- ଏମ୍‌ସିଏଲ୍ ଠିକା କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ମାଘ ପୂର୍ଣ୍ଣମୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପଣ୍ତ୍ରି ମହିମା ମଠ, ସମୟ: ମଧ୍ୟାହ୍ନ ୧୨ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଯାହା ଭାବୁଥିଲେ ତାହା ସୁବିଧାରେ ହୋଇଯିବ । ଯାତ୍ରା, ଆଲୋଚନା ତଥା ବ୍ୟବସାୟ, ପରିବହନ ବାଧାପ୍ରାପ୍ତ ହୋଇପାରେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଏବଂ ସରକାରୀ ସାହାଯ୍ୟ ପାଇପାରନ୍ତି । ସାମାଜିକ ସ୍ତରରେ ଶତ୍ରୁତା କାରଣରୁ ଦୁଶ୍ଚିନ୍ତାର ସୂଚନା ରହିଛି ।

**ବୃଷ** କର୍ମକ୍ଷେତ୍ରରେ ସ୍ୱଗୃହୀ ଶନିଙ୍କ ଯୋଗୁ ବିଭିନ୍ନ ସୁବିଧା ସୁଯୋଗ ହାସଲକରିବେ । କିନ୍ତୁ ରବି ଶତ୍ରୁଗୃହୀ ଯୋଗୁ ଘରୋଇ ଝାମେଲାରୁ ମନଟା ଭଲ ରହିବ ନାହିଁ । ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ,ନଚେତ୍ ହଜିଯାଇପାରେ ।

**ମିଥୁନ** ଅଷ୍ଟମଭାବରେ ରବି ଓ ବୁଧ ଥିବା କାରଣରୁ ପାରିବାରିକ ସମସ୍ୟା ସୃଷ୍ଟିର ସୂଚନାକୁ ଏଡି ହେବନାହିଁ । କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ ।

**କର୍କଟ** ନିଜ ପ୍ରିୟଜନଙ୍କ ଦ୍ୱାରା ସମସ୍ୟା ସମାଧାନର ଆଶା ପୂର୍ଣ୍ଣତା ଲାଭ କରିବ । ପରିସ୍ଥିତି ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ପ୍ରାୟତଃ ହେବ ନାହିଁ । ଶିଳ୍ପ,ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣ ରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ଅଶ୍ଳେଷା ନକ୍ଷତ୍ର ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି ।

**ସିଂହ** ଆପଣଙ୍କ ଅତୀତ କଥା କୌଣସି ବନ୍ଧୁଙ୍କ ମାଧ୍ୟମରେ ସମସ୍ୟା ସୃଷ୍ଟି କରିପାରେ । ଆର୍ଥିକ ଅନଟନ ମଧ୍ୟରେ ଆଜିର ଆବଶ୍ୟକତା ପୂରଣ ପାଇଁ ଅଣନିଃଶ୍ୱାସୀ ହେବେ, କିନ୍ତୁ କିଛି ପାଇବେ । ପ୍ରଶାସନ, ଆଇନ, ପ୍ରତିଯୋଗିତାରେ ସଫଳତା ପାଇବେ । ମଘା ନକ୍ଷତ୍ର ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି ।

**କନ୍ୟା** ଆଜି ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି କଳହ ଲାଗିପାରେ । ହସ୍ତା ନକ୍ଷତ୍ର ଯେତିକି ପାଇବେ ତା'ଠାରୁ ଅଧିକ ବ୍ୟୟ କରିବାକୁ ବାଧ୍ୟ ହେବେ । ପୂର୍ବ ପ୍ରସ୍ତୁତି ନ ଥାଇ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇବେ । ମାଲି ମକଦ୍ଦମା, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବା ସୂଚନା ରହିଛି ।

**ତୁଳା** ଆଜିର ଯାତ୍ରାରେ ଅଭିଳଷିତ ଜିନିଷ ପାଇ ଖୁସି ହେବେ । ପୂର୍ବ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ । ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ସାହିତ୍ୟ,ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ବିଶାଖା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବ ।

**ବିଛା** ଆପଣ ଅନ୍ୟମାନଙ୍କ ପାଇଁ ଯେତେ ଉଦାରଭାବ ପୋଷଣକରି ସାହାଯ୍ୟ କଲେ ମଧ୍ୟ ପ୍ରତିଦାନ ପାଇବା କଷ୍ଟକର ହୋଇପଡ଼ିବ । ଅନୁରାଧାର ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । ବ୍ୟବସାୟିକ ସ୍ଥିତି ଭଲ ରହିବା ଯୋଗୁ ସାମୟିକ ଆନନ୍ଦ ଲାଭ କରିପାରନ୍ତି ।

**ଧନୁ** କର୍ମକ୍ଷେତ୍ରରୁ ସାହାଯ୍ୟ, ସହଯୋଗ ସାଙ୍ଗକୁ ବନ୍ଧୁ ଅର୍ଥପ୍ରାପ୍ତର ମାର୍ଗକୁ ସୁଗମ କରିପାରନ୍ତି । ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବା ସୂଚନା ରହିଛି । ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ । ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ ।

**ମକର** ପଡ଼ୋଶୀଙ୍କ ଅନୁକମ୍ପା ଲାଭକରି ଶ୍ରବଣା ନକ୍ଷତ୍ର କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି ବୃଦ୍ଧିପାଇବା କାରଣରୁ ସାମୟିକ ବିଚଳିତ ରହିପାରନ୍ତି । ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ । ରପ୍ତାନି କାରବାର, ଏଜେନ୍ସି,ସାମ୍ବାଦିକତାରେ ପ୍ରଶଂସିତ ହେବା ସମ୍ଭାବନା ରହିଛି ।

**କୁମ୍ଭ** ଜଣେ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟାକରି ସଫଳ ହେବେ । ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇପାରନ୍ତି । ଶିଳ୍ପ, ବାଣିଜ୍ୟରୁ ବହୁ ଲାଭ ନ ହେଲେ ମଧ୍ୟ ଆବଶ୍ୟକତାରୁ ସାମାନ୍ୟ ଅଧିକ ରହିବ । ଶତଭିଷା ନକ୍ଷତ୍ର ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ ।

**ମୀନ** ଆଜି ରେବତୀ ନକ୍ଷତ୍ର ଯେଉଁ କାମରେ ହାତଦେବେ ଅବଶ୍ୟ ସଫଳତା ହାସଲ କରିପାରିବେ । ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ । ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ସାହିତ୍ୟ, ସଙ୍ଗୀତ , ପରିବହନରେ ଆଶାତୀତ ସଫଳତା ହାସଲ କରିବେ ।

ଆଜି ଫେବୃଆରୀ ୭ ତାରିଖ, ମାଘ ଶୁକ୍ଳ ଦଶମୀ ଶୁକ୍ରବାର । ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହ ପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା ପାଇଁ ଶୁଭଦିନ । ଦିବା ଘ.୦୬।୨୩ ଗତେ, ଘ.୦୭।୦୮ ମଧ୍ୟେ,ଘ.୦୭।୫୩ ଗତେ, ଘ.୦୯।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୩୬ ଗତେ, ଘ.୧୨।୦୦ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଳରେ ବାସ କରି**
**କୁମ୍ଭୀର ସଙ୍ଗେ ବାଦ ।**

ଜଳ ମଧ୍ୟରେ କୁମ୍ଭୀର ରହୁଥିବାବେଳେ ସେଥିପ୍ରତି ସତର୍କ ରହିବା ଉଚିତ ହୋଇଥାଏ । ସେହିପରି ବିପଦସଙ୍କୁଳ ସ୍ଥାନ ପାଖରେ ରହି ବିପଦକର୍ତ୍ତା ସଙ୍ଗେ ବିବାଦରେ ଲିପ୍ତ ରହିବା ଆଦୌ ଉଚିତ ହୋଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଜଳନ୍ତା ନିଆଁରେ କୁଟା ପକାଇବା ।**

ଜଳୁଥିବା ନିଆଁରେ କୁଟା ପକାଇଲେ ଯେମିତି ସେ ହୁତୁହୁତୁ ହୋଇ ଜଳିଯାଇଥାଏ ସେମିତି ରାଗୀ ବ୍ୟକ୍ତିଙ୍କୁ ଅଧିକ ରଗାଇବା ଦ୍ୱାରା ତା'ର ରାଗ ଆହୁରି ବଢ଼ିଯାଇଥାଏ । ତେଣୁ କ୍ରୋଧୀ ବ୍ୟକ୍ତିଙ୍କୁ ଆହୁରି ଅଧିକ ରଗାଇବା ଉଚିତ ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ପ୍ରଥମ ପୃଷ୍ଠାରୁ...

### କଟକ ବାଲିଯାତ୍ରାକୁ...

ମିଳିତ ଭାବେ ବାଲିଯାତ୍ରା ଆୟୋଜନ କରିଆସୁଥିଲେ । ପୂର୍ବରୁ ୧୦ ଏକର ଜାଗାରେ ବାଲିଯାତ୍ରା ହେଉଥିବାବେଳେ ଏହାର କଳେବର ବୃଦ୍ଧି ପାଇ ୩୪ ଏକର ଜାଗାରେ ହେଉଛି । ଏଥିପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଉଥିଲେ । ମାତ୍ର ଏଣିକି କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ବାଲିଯାତ୍ରା ଆୟୋଜନ, ପରିଚାଳନାରେ ସାମିଲ ହେବେ । ଜାତୀୟ ମାନ୍ୟତାପ୍ରାପ୍ତି ପରେ ଏହା ୩୪ ଏକର ପରିବର୍ତ୍ତେ ୧୦୦ ଏକର ଜାଗାରେ ଅନୁଷ୍ଠିତ ହେବ । ୮ ଦିନ ଅବା ୯ ଦିନ ବଦଳରେ ୧୫ ଦିନ ବ୍ୟାପୀ ବାଲିଯାତ୍ରା ଚାଲିବ । ଏଠାରେ କୌଣସି ସ୍ଥାୟୀ ନିର୍ମାଣ ହେଉ ନ ଥିବାରୁ ଏନ୍‌ଜିଟିଙ୍କ କଟକଣା ବାଧକ ହେବ ନାହିଁ ।

### ପାରାଦୀପ: ଶିଳ୍ପ...

ଓ ବାର୍ଷିକ ଦେୟ ମଧ୍ୟ ସୂଚନାରେ ଦର୍ଶାଯାଇଛି । ଏଏମ୍‌ଏନ୍‌ଏସ୍ ୧,୪୧୯ ଏକର ଦର୍ଶାଯାଇଥିବା ବେଳେ କୁଜଙ୍ଗ ତହସିଲ ରେକର୍ଡରେ ରହିଛି ୧,୬୬୬ ଏକର । ସେହିପରି ଇଫ୍‌କୋର ୨,୩୧୫ ଏକର, ଗୋଆ କାର୍ବନ୍‌ର ୧୨ ଏକର ରହିଛି । ଅନୁରୂପ ଭାବେ ଏଥିରେ ପିପିଏଲ୍ ପାଇଁ ମାତ୍ର ୪୮୭ ଏକର ଦର୍ଶାଯାଇଛି । କିନ୍ତୁ ବାସ୍ତବରେ ପିପିଏଲ୍‌ର ୨,୩୦୦ ଏକରରୁ ଅଧିକ ଜାଗା ରହିଛି । ବିଅର ଫ୍ୟାକ୍ଟ୍ରି କଥା କିଛି ନାହିଁ । ଏଠାରେ ଯାହା ବିଷୟରେ ସରକାରୀ ତଥ୍ୟ ହସ୍ତଗତ ହୋଇଛି ସେ ସମ୍ପର୍କରେ ଉଲ୍ଲେଖ କରାଯାଇଛି । ନିଯୁକ୍ତି, ପ୍ରଦୂଷଣ, ଠିକାଶ୍ରମିକ ସଂଖ୍ୟା, ସିଏସ୍‌ଆର୍ ବ୍ୟୟ ରିପୋର୍ଟ, ଜଳକର, ଉତ୍ପାଦ ରପ୍ତାନି, ଆୟବ୍ୟୟ କ୍ଷେତ୍ରରେ ଅନେକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି । ଗୋଟିଏ ପଟେ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିବା, ନିଯୁକ୍ତି ସୃଷ୍ଟି କରିବା ଭଳି ବାର୍ତ୍ତା ସରକାରୀ ସ୍ତରରେ କରାଯାଉଛି । କିନ୍ତୁ ବାସ୍ତବରେ କେତେ କାର୍ଯ୍ୟକାରୀ ହେଉଛି, ତା'ର କୌଣସି ସୂଚନା ମିଳୁନାହିଁ । ଫଳରେ ପାରାଦୀପ ଶିଳ୍ପାଞ୍ଚଳ ସମ୍ପର୍କରେ ଅନେକ ତଥ୍ୟ ଅନ୍ଧାରରେ ରହିଯାଇଛି ।

### ବଜେଟ ଅଧିବେଶନ...

ପ୍ରସ୍ତାବ ଉପରେ ଆଲୋଚନା ହେବ । ୧୭ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ପରେ ଅର୍ଥାତ ୧୯ରେ ପ୍ରାଇଭେଟ ମେମ୍ବର୍ସ ବିଜ୍‌ନେସ ଏବଂ ୨୦ ଓ ୨୧ରେ ବଜେଟ ଉପରେ ସାଧାରଣ ଆଲୋଚନା ଆରମ୍ଭ ହେବ । ୨୨ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରହିବ । ମାର୍ଚ୍ଚ ୭ରୁ ଦ୍ୱିତୀୟ ପର୍ଯ୍ୟାୟ ଗୃହ କାର୍ଯ୍ୟ ଆରମ୍ଭ ହେବ । ମାର୍ଚ୍ଚ ୧୦ରୁ ବିଭାଗୱାରି ଅନୁଦାନ ଦାବି ଉପରେ ଆଲୋଚନା ହେବ ଏବଂ ବ୍ୟୟମଞ୍ଜୁରୀ ବିଲ୍ ମାର୍ଚ୍ଚ ୨୯ରେ ଆସିବ ବୋଲି ସୂଚନା ରହିଛି ।

### ଓଡ଼ିଶାକୁ ୫ବର୍ଷରେ...

ସହିତ ରାଜ୍ୟର ବିଭିନ୍ନ ଆର୍ଥିକ ଦିଗ ଉପରେ ଗଠନମୂଳକ ଆଲୋଚନା କରାଯାଉଛି । ରାଜ୍ୟର ବିକାଶମୂଳକ ଆବଶ୍ୟକତା, ଆର୍ଥିକ କ୍ଷମତା ଏବଂ ପ୍ରସ୍ତାବିତ ଆର୍ଥିକ ହସ୍ତାନ୍ତର ବ୍ୟବସ୍ଥାକୁ ଭିତ୍ତିକରି କମିଶନଙ୍କ ସମ୍ମୁଖରେ ସ୍ମାରକପତ୍ର ଆକାରରେ ଲିଖିତ ଉପସ୍ଥାପନା ରଖାଯାଇଛି । କମିଶନ ଏହି ଦାବିକୁ ଅନୁକୂଳ ଭାବରେ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ବର୍ତ୍ତମାନ କେନ୍ଦ୍ରସରକାରଙ୍କ ଟିକସ ଆୟର ୪୧% ରାଜ୍ୟଗୁଡିକ ବଣ୍ଟନ କରାଯାଉଛି । ଏହାକୁ ୫୦%କୁ ବୃଦ୍ଧି କରିବା, ଓଡ଼ିଶା ଭାଗ ୪.୫୨୮%ରୁ ୪.୯୬୪%କୁ ବୃଦ୍ଧି କରିବା, ୧୬ଶ ଅର୍ଥ କମିଶନ ୨୦୨୬-୩୧ ଅବଧି ପାଇଁ କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ ରାଜସ୍ୱ ପ୍ରାପ୍ତି ବା ଗ୍ରସ୍ ରେଭିନ୍ୟୁ ରିସିପ୍ଟର ୨ପ୍ରତିଶତ ରୁରାଲ୍ ଆଣ୍ଡ ଅର୍ବାନ ଲୋକାଲ ବଡିଜ୍ ପାଇଁ ଅନୁଦାନ ଦେବା ଆଦି ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଏହାବାଦ୍ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍) ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନକୁ କେନ୍ଦ୍ର ସରକାର ଶତପ୍ରତିଶତ ବହନ କରିବା, ସ୍ୱାସ୍ଥ୍ୟ, ଜଳଯୋଗାଣ, ପରିମଳ ଏବଂ ବାର୍ଦ୍ଧକ୍ୟ ସୁରକ୍ଷା ଆଦି ନିର୍ଦ୍ଦିଷ୍ଟ ଅନୁଦାନ ସୁପାରିସ ପାଇଁ କମିଶନଙ୍କୁ ପ୍ରସ୍ତାବ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

କମିଶନ ଅଧ୍ୟକ୍ଷ ଡ. ପାନାଗାରିଆଙ୍କ ନେତୃତ୍ୱରେ ଏକ ଟିମ୍ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡିଶା ଗସ୍ତରେ ଆସିଛନ୍ତି । ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ମୁଖ୍ୟମନ୍ତ୍ରୀ ମାଝୀ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟଙ୍କ ସହିତ ଓଡିଶାର ଲକ୍ଷ୍ୟ, ଆବଶ୍ୟକତା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜ୍ୟ ଅର୍ଥ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ଅଧିକାରୀଙ୍କ ସହିତ ବିଭିନ୍ନ ବିଭାଗର ଶାସନ ମୁଖ୍ୟମାନେ ବୈଠକରେ ଉପସ୍ଥିତ ଥିଲେ ।

### ପ୍ରତ୍ୟର୍ପିତଙ୍କ ହାତରେ...

'ଇଣ୍ଡିଆନ୍ସ ଇନ୍‌ସଲ୍ଟେଡ୍, ଇଣ୍ଡିଆ ଓଣ୍ଟ ଷ୍ଟେ ସାଇଲେଣ୍ଟ' । କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ଆମେ ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ଭାରତୀୟ ନାଗରିକଙ୍କ ସହ ଏପରି ଅମାନବୀୟ ବ୍ୟବହାରକୁ ବରଦାସ୍ତ କରିବୁ ନାହିଁ । ଏହି ପ୍ରତ୍ୟର୍ପଣ ଉପରେ ମୋଦି ସରକାର ବିସ୍ତୃତ ବିବୃତି ଜାରି କରନ୍ତୁ । ଭାରତୀୟମାନଙ୍କୁ ସମ୍ମାନ ଓ ମର୍ଯ୍ୟାଦାର ସହ ସ୍ୱଦେଶକୁ ଫେରାଇ ଆଣିବା ପାଇଁ ସରକାର କାହିଁକି ନିଜସ୍ୱ ବିମାନ ପଠାଇଲେ ନାହିଁ । ଏକ ବିଦେଶୀ ବିମାନ ଭାରତ ଭୂଇଁରେ କାହିଁକି ଅବତରଣ କଲା ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି । ସେହିପରି ଲୋକ ସଭାର ବିରୋଧୀ ନେତା ରାହୁଲ ସାମାଜିକ ଗଣମାଧ୍ୟରେ ପ୍ରତ୍ୟର୍ପିତ ବ୍ୟକ୍ତିମାନେ ନିଜ ଦୁର୍ଦ୍ଦଶା ବଖାଣୁଥିବାବେଳେର ଭିଡିଓକୁ ସଂଲଗ୍ନ କରି ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ, ଏମାନଙ୍କ ଯନ୍ତ୍ରଣାକୁ ଶୁଣନ୍ତୁ । ଭାରତୀୟମାନେ ସମ୍ମାନ ଓ ମର୍ଯ୍ୟାଦା ପାଇବାକୁ ହକ୍‌ଦାର, ହ୍ୟାଣ୍ଡକଫ୍ ନୁହେଁ । ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବନ୍ଧୁତାକୁ ନେଇ ଅନେକ ଚର୍ଚ୍ଚା ହେଉଛି । ପ୍ରତ୍ୟର୍ପିତଙ୍କ ପ୍ରତି ଏପରି ବ୍ୟବହାର କାହିଁକି କରାଗଲା, ସେନେଇ ପ୍ରଧାନମନ୍ତ୍ରୀ ନିଶ୍ଚିତ ଭାବେ ଜବାବ ରଖିବା ଆବଶ୍ୟକ । ଅଖିଳେଶ ପ୍ରଶ୍ନ କରିଛନ୍ତି, ଏହି ଭାରତୀୟମାନେ ନିଜ ଦେଶ ଛାଡ଼ି ପଳାୟନ କରିବାକୁ କାହିଁକି ବାଧ୍ୟ ହୋଇଥିଲେ ? ଏହା କେବଳ ପ୍ରତ୍ୟର୍ପିତ ଭାରତୀୟଙ୍କୁ ନେଇ ପ୍ରଶ୍ନ ନୁହେଁ । ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି ଲୋକଙ୍କୁ ସ୍ୱପ୍ନ ଦେଖାଉଥିବା ନେତାମାନେ ଏବେ ଚୁପ୍ ହୋଇଯାଇଛନ୍ତି । ଆମ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କ'ଣ କରୁଛି ? ମହିଳା ଓ ଶିଶୁଙ୍କୁ ଅମାନବୀୟ ବ୍ୟବହାରରୁ ରକ୍ଷା କରିବା ପାଇଁ ସରକାର କିଛି ପଦକ୍ଷେପ ନେଇନାହାନ୍ତି । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ କହିଲେ, ସରକାର ଉପଯୁକ୍ତ ସମୟରେ ଏହା ଉପରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବେ । ଏହା ଏକ ନୀତିଗତ ନିଷ୍ପତ୍ତି, ଯାହାକୁ ନେଇ ବିରୋଧୀ ରାଜନୀତି କରିବା ଅନୁଚିତ । କଂଗ୍ରେସର ଗୌରବ ଗୋଗୋଇ ଏହାକୁ ଭାରତ ସରକାରଙ୍କ ଦୁର୍ବଳତା ବୋଲି ଦର୍ଶାଇ ସମାଲୋଚନା କରିଛନ୍ତି ।

# ସମବାୟ ବ୍ୟାଙ୍କରେ ଲାଗୁ ହେବ ଓଟିଏସ୍ ବ୍ୟବସ୍ଥା

ଭୁବନେଶ୍ୱର,୬।୨ (ଅନୁରାଧା ମହାରଣା)

ସମବାୟ ବ୍ୟାଙ୍କଗୁଡିକରେ ଲାଗୁ ହେବ ୱାନ୍ ଟାଇମ ସେଟ୍‌ଲମେଣ୍ଟ (ଓଟିଏସ୍) ବା ଏକକାଳୀନ ପଇଠ ପ୍ରାବଧାନ। ଏନେଇ ସମବାୟ ବିଭାଗ ବିଧିବଦ୍ଧ ଅନୁମୋଦନ ପ୍ରଦାନ କରିଛି। ଏହା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ସହରାଞ୍ଚଳ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟକାରୀ ହେବ। ଫଳରେ ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ ସମିତିର ମୋଟ ଅନାଦାୟ ଋଣ (ଏନପିଏ) ବୋଝ ହ୍ରାସ ପାଇବ। ଏହାଦ୍ୱାରା ସେମାନଙ୍କ ସମ୍ପତ୍ତିର ଆସେଟ୍ ବା ଗୁଣବତ୍ତା ବୃଦ୍ଧି ପାଇବ। ବ୍ୟାଙ୍କଗୁଡ଼ିକ ସେମାନଙ୍କର ଆର୍ଥିକ ଆବଶ୍ୟକତା ଅନୁଯାୟୀ ପରିଚାଳନା କମିଟିର ଅନୁମୋଦନ କ୍ରମେ ଏହି ମଡେଲ ଯୋଜନାକୁ କାର୍ଯ୍ୟକାରୀ କରିପାରିବେ।

ଓଟିଏସ୍ ଯୋଜନା ପ୍ରତ୍ୟେକ ଆର୍ଥିକ ବର୍ଷରେ ଏପ୍ରିଲ ୧ରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ୬ ମାସ ପାଇଁ କାର୍ଯ୍ୟକାରୀ ହେବ। ୨୦୨୫-୨୬ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ କଟ୍‌ଅଫ୍ ତାରିଖ ମାର୍ଚ୍ଚ ୩୧ ସ୍ଥିର କରାଯାଇଛି। କଟ୍-ଅଫ୍ ତାରିଖ ସୁଦ୍ଧା ସମବାୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦିଆଯାଇଥିବା ସମସ୍ତ ଋଣ, ଯାହାକି ଡାଉଟ୍‌ଫୁଲ୍ କିମ୍ବା ଲସ୍ ସମ୍ପତ୍ତିର ରୂପ ନେଇଛି, ତାହା ଓଟିଏସ ପାଇଁ ଯୋଗ୍ୟ ବିବେଚିତ ହେବ। ପାକ୍ସ/ଲାମ୍ପସ ଦ୍ୱାରା ଦିଆଯାଇଥିବା ସ୍ୱଳ୍ପକାଳୀନ ଫସଲ ଋଣ, ସମ୍ପୂର୍ଣ୍ଣ ସୁରକ୍ଷିତ ଋଣ, ସୁନା ଋଣ, ଟାଇ-ଅପ ବ୍ୟବସ୍ଥା ଅଧୀନରେ ଋଣ ଏବଂ ଇଚ୍ଛାକୃତ ଖିଲାପକାରୀ ନେଇଥିବା ଋଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବ ନାହିଁ। ଋଣଗ୍ରହୀତାଙ୍କ ଯୋଗ୍ୟତା ଯାଞ୍ଚ ପାଇଁ ପ୍ରତ୍ୟେକ ବ୍ୟାଙ୍କ ଦ୍ୱାରା ଏକ ସ୍କ୍ରିନିଂ କମିଟି ଗଠନ କରାଯିବ। ସମସ୍ତ ଯୋଗ୍ୟ ପ୍ରସ୍ତାବକୁ ଅନୁମୋଦନ କରିବା ପାଇଁ ବ୍ୟାଙ୍କର ବ୍ୟକ୍ତିଗତ ଅଧିକାରୀମାନଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୀକ୍ଷା କରାଯିବ। ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୁକ୍ ଲିଆବିଲିଟି ଥିବା ଋଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବ। ପାକ୍ସ ପାଇଁ ଏହି ସୀମା ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। କୌଣସି ଋଣଗ୍ରହୀତା ଓଟିଏସ୍‌କୁ ନିଜର ଅଧିକାର ଭାବେ ଦାବି କରିପାରିବେ ନାହିଁ। ଋଣଗ୍ରହୀତାଙ୍କ ଓଟିଏସ୍ ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ବ୍ୟାଙ୍କ ଉପରେ ନିର୍ଭର କରିବ। ଓଟିଏସ୍‌ର ସୁବିଧା ନେଉଥିବା ବ୍ୟକ୍ତି ତାଙ୍କର ପୂର୍ବ ଋଣର ଚୂଡ଼ାନ୍ତ ସମାଧାନ ପରେ ସର୍ବନିମ୍ନ ୩ ବର୍ଷ ପର୍ଯ୍ୟନ୍ତ ନୂଆ ଋଣ ପାଇଁ ଯୋଗ୍ୟ ହେବେ ନାହିଁ।




# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ଭୁବନେଶ୍ୱର,୬।୨ (ସତ୍ୟଜିତ୍ ରାଉତ)

ରାଜ୍ୟରେ ଥିବା କେତେକ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ପଶୁ ଭଳି ବ୍ୟବହାର କରାଯାଉଛି। ନିଶା ଛଡ଼ାଇବା ନାଁରେ ନିର୍ଯାତନା ସୀମା ଲଙ୍ଘୁଛି। ଏପରିକି ଅନ୍ତେବାସୀଙ୍କୁ ପିଟି ପିଟି ମାରିଦେଉଛନ୍ତି। ନିଶା ନିବାରଣ କେନ୍ଦ୍ର ଚାଲିବାକୁ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍) ଥିଲେ ମଧ୍ୟ ଏହାକୁ ଯାଞ୍ଚ କରାଯାଉନାହିଁ। ଫଳରେ ବିଭିନ୍ନ ସମୟରେ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ଆସୁଛି। ଗୁରୁବାର ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ନୟାଗଡ଼ ଜିଲା ମହିପୁର ଅଞ୍ଚଳର ପ୍ରଶାନ୍ତ ନାହକ (୨୪)। ତେବେ ପ୍ରଶାନ୍ତଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ଲକ୍ଷ୍ମୀସାଗର ଥାନାରେ ବାପା ମେଘା ନାହକ ଏତଲା ଦେଇଛନ୍ତି। ହେଲେ ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା


ପ୍ରଶାନ୍ତ ନାହକ

(ନଂ.୬/୨୦୨୫) ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାରେ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ପ୍ରଶାନ୍ତଙ୍କ ବାପା ଦିନମଜୁରିଆ ଭାବେ କାମ କରନ୍ତି। ପ୍ରଶାନ୍ତ ପ୍ରତିଦିନ ବିଭିନ୍ନ ପ୍ରକାର ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ୬ମାସ ତଳେ ପୁଅର ବାହାଘର ମଧ୍ୟ କରିଦେଇଥିଲେ। ହେଲେ ଏହା ପରେ ମଧ୍ୟ ପ୍ରଶାନ୍ତ ସୁଧୁରି ନ ଥିଲେ। ଏକାଧିକ ଥର ମହାଦେବନଗରସ୍ଥିତ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପ୍ରଶାନ୍ତଙ୍କୁ ରଖାଯାଇଥିଲା। ଗତ ୩ ମାସ ତଳେ ପରିବାର ଲୋକ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପ୍ରଶାନ୍ତଙ୍କୁ ଛାଡ଼ିଥିଲେ। ନିଶା ଛଡ଼ାଇ ପୁଅକୁ ଭଲ ବାଟକୁ ଆଣିବାକୁ ଛାଡ଼ିଥିବା ପରିବାର ଲୋକ ଏବେ ବେସାହାରା ହୋଇପଡିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ୨ଲକ୍ଷ ଟଙ୍କା କେନ୍ଦ୍ରରେ ଜମା କରିଥିଲେ। ହେଲେ ଆଉ ୭ ହଜାର ଦେଇ ନ ପାରିବାରୁ ପ୍ରଶାନ୍ତଙ୍କୁ କେନ୍ଦ୍ର କର୍ତ୍ତୃପକ୍ଷ ଛାଡୁ ନ ଥିଲେ। ପୁଅକୁ ଖାଇବାକୁ ନ ଦେଇ ପିଟି ପିଟି ମାରିଦେଇଥିବା ବାପା ମେଘା ଗଣମାଧ୍ୟମରେ କହିଛନ୍ତି। ଅନ୍ୟପକ୍ଷରେ କର୍ମଚାରୀଙ୍କ କହିବା କଥା, ବୁଧବାର ରାତିରେ ପ୍ରଶାନ୍ତଙ୍କ ରକ୍ତଚାପ ଅଧିକ ହୋଇଯାଇଥିଲା। ଏହାପରେ ମେଡିସିନ୍ ଦେଇ ତାଙ୍କୁ ଠିକ୍ କରାଯାଇଥିଲା। ରାତିରେ ପ୍ରଶାନ୍ତ ଶୋଇଥିଲେ। ସକାଳେ ତାଙ୍କ ଦେହ ପୁଣି ଅସୁସ୍ଥ ହୋଇଯାଇଥିଲା। ଚେତା ନ ଫେରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ଗୁରୁବାର ସକାଳେ ପ୍ରଶାନ୍ତଙ୍କ ବାପାଙ୍କୁ କେନ୍ଦ୍ର ମାଲିକ କଲ୍ କରି ପୁଅ ଚେତାଶୂନ୍ୟ ହୋଇଯାଇଛି ବୋଲି କହି କ୍ୟାପିଟାଲ ହସ୍ପିଟାଲକୁ ଆସିବାକୁ କହିଥିଲେ। ପରିବାର ଲୋକ ହସ୍ପିଟାଲରେ ପହଞ୍ଚି ପୁଅର ମୃତଦେହ ଦେଖି ହତବାକ୍ ହୋଇଯାଇଥିଲେ। ତେବେ ହସ୍ପିଟାଲ ପରିସର କାନ୍ଦ ବୋବାଳିରେ ଫାଟି ପଡୁଥିଲା। ମୋ ପୁଅକୁ ପିଟି ପିଟି ମାରିଦେଲେ ବୋଲି ମା' କହି ଚେତାଶୂନ୍ୟ ହୋଇଯାଉଥିବା ଦେଖିବାକୁ ମିଳିଥିଲା।

## ଜନବସତିକୁ ମାଲବାହୀ ଟ୍ରେନ୍ ମାଡ଼ିଯିବା ଘଟଣା

# ଷ୍ଟେଶନ ମ୍ୟାନେଜରଙ୍କ ସମେତ ୫ ନିଲମ୍ବିତ

ରାଉରକେଲା,୬।୨ (ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନ ପରିସର ୟାର୍ଡରେ ମାଲବାହୀ ଟ୍ରେନ୍‌ର ୫ଟି ବଗି ଜନବସତିକୁ ମାଡ଼ିଯିବା ଘଟଣାରେ ଗୁରୁବାର ରାଉରକେଲା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସଙ୍କ ସମେତ ମାଲବାହୀ ଟ୍ରେନ ଲୋକୋ ପାଇଲଟ୍, ଗାର୍ଡ, ୱାଗନ ସଣ୍ଟିଙ୍ଗ କର୍ମଚାରୀଙ୍କୁ ମିଶାଇ ୫ଜଣଙ୍କୁ ନିଲମ୍ବିତ କରାଯାଇଛି। ତେବେ ବୁଧବାର ଏହି ଘଟଣାରେ ୩ ଜଣିଆ ଟିମ୍ ତଦନ୍ତ କରି ଷ୍ଟେଶନ ମ୍ୟାନେଜରଙ୍କୁ ଅନ୍ୟତ୍ର ବଦଳି କରିଥିଲା। ସୂଚନାଯୋଗ୍ୟ, ବୁଧବାର ସକାଳ ପ୍ରାୟ ୬ଟା ସମୟରେ ମାଲଗୋଦାମ ଏଫ୍‌ସିଆଇ ବସ୍ତି ନିକଟରେ ରେଳ ୟାର୍ଡ ପାଚେରି ଭାଙ୍ଗି ଏକ ମାଲବାହୀ ଟ୍ରେନ୍‌ର ୫ଟି ବଗି ଜନବସତିକୁ ପଶିଆସିଥିଲା। ଟ୍ରେନ୍‌ର ବଗି ପଛାଉଥିବା ବେଳେ ଅସାବଧାନତା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବା କୁହାଯାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଠେଲା, ରିକ୍ସା, ଅଟୋ କ୍ଷତିଗ୍ରସ୍ତ ହୋଇଥିଲା।

# ହଷ୍ଟେଲରେ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଢେଙ୍କାନାଳ,୬।୨ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ପାଇକଦହିକୋରସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀ ନିବାସରୁ ଗୁରୁବାର ସନ୍ଧ୍ୟାରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ରାସୋଳ ଥାନା ଅଞ୍ଚଳର ସମ୍ପୃକ୍ତା ଛାତ୍ରୀ ଉକ୍ତ ଘରୋଇ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ପ୍ରାୟ ୧୦ ଦିନ ଧରି ଗ୍ରାମକୁ ଯାଇ ପରୀକ୍ଷା ଥିବାରୁ ଗୁରୁବାର କଲେଜ ଆସିଥିଲେ। ପରୀକ୍ଷା ଦେଇ ସେ ଛାତ୍ରୀ ନିବାସରେ ଥିଲେ। ଅପରାହ୍ନ ୫ଟାରେ ଟିଫିନ କରିବା ପାଇଁ ସହପାଠୀ ଡାକିବାରୁ ସେ ଦେହରେ ଔଷଧ ଲଗାଇବେ କହି ଯାଇ ନ ଥିଲେ। ସାଙ୍ଗମାନେ ଆସିବା ପରେ ଭିତରୁ କବାଟ ବନ୍ଦ ଥିବା ଦେଖିଥିଲେ। ଖବରପାଇ କଲେଜ କର୍ତ୍ତୃପକ୍ଷ ପହଞ୍ଚି କବାଟ ଭାଙ୍ଗିବା ପରେ ଛାତ୍ରୀ ଜଣକ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏପରି ଖବରପାଇ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଛାତ୍ରୀଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ଅଭିଯୋଗ କରିଛନ୍ତି।

Ramdev
INSTITUTIONAL SPECIAL
SINCE 1965
ହୋଟେଲ୍, ରେଷ୍ଟୁରାଣ୍ଟ, ମିଠାଦୋକାନୀ, କ୍ୟାଟରିଂ, କ୍ୟାଣ୍ଟିନ୍, ନମକିନ୍ ଓ ଫାଷ୍ଟ ଫୁଡ୍ ବ୍ୟବସାୟ ସହିତ ଜଡ଼ିତ ବନ୍ଧୁମାନଙ୍କ ପାଇଁ ଇନଷ୍ଟିଚ୍ୟୁଶନାଲ୍ ପ୍ୟାକ୍ ରେ ଉପଲବ୍ଧ
ବହୁତ ଉଚିତ ମୂଲ୍ୟ,
ରାମଦେବ ଗୁଣବତ୍ତାର ଗ୍ୟାରେଣ୍ଟୀ
ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ – 1kg, 2kg, 5kg
ରେଡ୍ ଗୋଲ୍ଡ କାଶ୍ମୀରୀ ଲଙ୍କା – 1kg
ଷ୍ଟ୍ରଙ୍ଗ ହିଙ୍ଗ – 200g
ଗରମ ମସାଲା ରେଞ୍ଜ୍ – 500g
କସୁରୀ ମେଥି – 500g


ଅନୁସନ୍ଧାନ ପାଇଁ, ଦୟାକରି ଯୋଗାଯୋଗ କରନ୍ତୁ:
7377821657 ♦ 9692557555
(Time: 10 to 5)
ରାମଦେବ ଫୁଡ୍ ପ୍ରୋଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍
www.ramdev.co.in
orissa@ramdev.co.in
HORECA



ଟମାଟୋର ଅଭାବୀ ବିକ୍ରି: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ହାତୀବାରି ଗ୍ରାମରେ ୨ ଟଙ୍କାରେ ବିକ୍ରି ହେବା ପାଇଁ ରଜାଯାଇଥିବା ଟମାଟୋ।

# କେଜି ୨ ଟଙ୍କାରେ ଟମାଟୋ ବିକୁଛନ୍ତି ଚାଷୀ

## ଢେଙ୍କାନାଳ ଜିଲାରେ ଅଭାବୀ ବିକ୍ରି ସମସ୍ୟା

- ପରିଶ୍ରମ ଅନୁଯାୟୀ ଚାଷୀଙ୍କୁ ମିଳୁନି ପାରିଶ୍ରମିକ
- ହାତୀବାରିର ଶତାଧିକ ଏକରରେ ପଚିଶଢ଼ି ନଷ୍ଟ ହେଉଛି

**ସହରରେ କିଲୋ ପ୍ରତି ୨୦ ଟଙ୍କାରେ ବିକ୍ରି ହେଉଛି ଟମାଟୋ। ଖାଉଟିଙ୍କୁ ଏହି ଦରରେ ଟମାଟୋ ବିକି ଭଲ ଲାଭ କମାଉଛନ୍ତି ବ୍ୟବସାୟୀ। ହେଲେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତର ହାତୀବାରି ଗ୍ରାମରେ କେଜିଏ ଟମାଟୋ ମୂଲ୍ୟ ହେଉଛି ମାତ୍ର ୨ ଟଙ୍କା। ଏଠାରେ ଶତାଧିକ ଏକରରେ ଟମାଟୋ ଚାଷ କରାଯାଇଥିବା ବେଳେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁ ନ ଥିବାରୁ ଆଉ କ୍ଷେତରୁ ଫସଲ ତୋଳାଯାଉ ନାହିଁ। ଫଳରେ ପଚିଶଢ଼ି ନଷ୍ଟ ହେଉଛି ବହୁ କୁଇଣ୍ଟାଲ ଟମାଟୋ।**

ଢେଙ୍କାନାଳ,୬।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତର ବ୍ରାହ୍ମଣୀ ନଦୀ କୂଳରେ ଥିବା ହାତୀବାରି ଗ୍ରାମ ଟମାଟୋ ଚାଷ ପାଇଁ ବେଶ୍ ଜଣାଶୁଣା। ନଦୀ କୂଳିଆ ଉର୍ବର ମାଟି ସହ ଅନୁକୂଳ ଜଳବାୟୁ ଟମାଟୋ ଚାଷକୁ ଅଧିକ ସୁହାଉଛି। ସେଥିପାଇଁ ଗାଁର ଚାଷୀମାନେ ପ୍ରାୟ ୧୦୦ ଏକରରୁ ଅଧିକ ଜମିରେ ଏହି ଚାଷ କରିଛନ୍ତି। ହାତୀବାରିରୁ ଉତ୍ପାଦିତ ଟମାଟୋ ଢେଙ୍କାନାଳ ସମେତ ଅନୁଗୋଳ, କଟକ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଓ ଯାଜପୁରର ବିଭିନ୍ନ ସ୍ଥାନକୁ ପଠାଯାଇଥାଏ। ଚଳିତବର୍ଷ ମଧ୍ୟ ଟମାଟୋ ଚାଷ ଭଲ ହୋଇଛି। ଗଛରେ ପ୍ରବଳ ଫଳ ଆସିଥିବାରୁ ଗ୍ରାମର ଚାଷୀମାନେ ଅଧିକ ରୋଜଗାର କରିବାର ଆଶା ରଖିଥିଲେ। ହେଲେ ସାଇତି ରଖିବାକୁ ଶୀତଳଭଣ୍ଡାର ସୁବିଧା ସେମାନଙ୍କୁ ମିଳୁ ନ ଥିବାବେଳେ ବ୍ୟବସାୟୀମାନେ ଏହାର ସୁଯୋଗ ନେଇ ଉଚିତ ମୂଲ୍ୟ ଦେଉନାହାନ୍ତି। ଫଳରେ ସ୍ଥିତି ଏପରି ହୋଇଛି ଯେ ଚାଷୀମାନେ କିଲୋ ପ୍ରତି ୨ ଟଙ୍କା ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ଚାଷୀ କ୍ଷେତରୁ ଟମାଟୋ ତୋଳିବାକୁ ଆଉ ଆଗ୍ରହ ଦେଖାଉ ନାହାନ୍ତି। ପରିଶ୍ରମ ଅନୁଯାୟୀ ସେମାନଙ୍କୁ ପାରିଶ୍ରମିକ ମିଳୁ ନ ଥିବାରୁ ସମ୍ପୃକ୍ତ ଚାଷୀମାନେ ଟମାଟୋ ତୋଳିବାକୁ ବିଲକୁ ଯାଉନାହାନ୍ତି। ଫଳରେ ବହୁ ପରିମାଣର ଟମାଟୋ ବିଲରେ ପଚିଶଢ଼ି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି।

ଚାଷୀ କାଳନ୍ଦୀ ତରାଇ ଓ ଗ୍ରାମର ଅଶୋକ ପାତ୍ର କହିଛନ୍ତି, ଜିଲାରେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ଆବଶ୍ୟକସ୍ଥଳେ ଫସଲକୁ ସାଇତି ରଖି ପାରୁ ନାହାନ୍ତି। ଏଥିସହ ହାତୀବାରି ଗ୍ରାମ ରାସ୍ତାରେ ଏକ ନାଳ ପଡୁଥିବାରୁ ବ୍ୟବସାୟୀମାନେ ଏଠାକୁ ଆସିବାକୁ ରାଜି ହେଉନାହାନ୍ତି। ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ପ୍ରଶାସନ ପୋଲଟିଏ ନିର୍ମାଣ କରିପାରିଲା ନାହିଁ। ଏହିସବୁ କାରଣରୁ ଟମାଟୋ ଭଳି ଚାହିଦା ଥିବା ଫସଲର ଉଚିତ ମୂଲ୍ୟ ହାତୀବାରି ଗ୍ରାମର ଚାଷୀଙ୍କୁ ମିଳିପାରୁ ନାହିଁ। ଅମଳ ସମୟରେ ଏପରି ଅଭାବୀ ବିକ୍ରି ଚାଷୀମାନଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ତେଣୁ ଯେତିକି ବିକ୍ରି ହେଉଛି ତାହାକୁ କିଲୋ ପିଛା ୨ ଟଙ୍କାରେ ଦେବାକୁ ବାଧ୍ୟ ହେଉଛୁ। ଏ ସମ୍ପର୍କରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ କହିଛନ୍ତି, ବିଭାଗୀୟ ଅଧିକାରୀମାନଙ୍କୁ ଉକ୍ତ ଗ୍ରାମକୁ ପଠାଇ ସ୍ଥିତି ଅନୁଧ୍ୟାନ କରାଯିବା ପରେ ପଦକ୍ଷେପ ନିଆଯିବ। ଗଁଦିଆ ବିଡିଓ ପବିତ୍ର କୁମାର ବେହେରା କହିଛନ୍ତି, ଚାଷୀମାନେ ଲିଖିତ ଭାବେ ଜଣାଇଲେ ପ୍ରଶାସନ ପକ୍ଷରୁ ନାଳ ଉପରେ ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ କିମ୍ବା ପୂର୍ତ୍ତ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନିଆଯାଇପାରିବ।




Workstations & Chairs
Soft Seating Furniture
Education Furniture
THE FUTURE OF WORKSPACE FURNITURE HAS A NEW ADDRESS
Join us for the Grand Opening of our new 10,000 sq.ft. Experience Center in Bhubaneswar
Eastern India's largest display for innovative office furniture
07th | FEB | 2025
FRIDAY | 11:45 AM ONWARDS
Now available on GeM
ISO 9001 : 2015
ISO 14001 : 2015
ISO 45001 : 2018
3rd Floor, PGL Honda Bldg, Fire Station Sqr., Baramunda, NH-5, Bhubaneswar - 751003
98611 77777 | 77357 30250 | sales@pglfurnitures.com

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। -ଶ୍ରୀମା



# ଏଆଇ ପ୍ରତିଯୋଗିତା



ଡାରୋନ ଆକେମୋଗ୍ଲୁ

ଡିପ୍‌ସିକ୍ ହେଉଛି ଚାଇନାର ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସଫ୍ଟୱେର କମ୍ପାନୀ। ଜାନୁଆରୀ ୨୦ରେ ଏହା ଓପନ ଏଆଇ ମଡେଲ-୧( ଡିପ୍‌ସିକ୍-ଆରୱାନ୍)ରିଲିଜ କରିବା ପରେ ଆମେରିକାର ଚିପ୍ ନିର୍ମାତା ନିଭିଡିଆ କମ୍ପାନୀର ଶେୟାର ମୂଲ୍ୟ ଅତ୍ୟଧିକ ହ୍ରାସ ପାଇଥିଲା। ଏହାସହ ଅନ୍ୟ ଟେକ୍ କମ୍ପାନୀଗୁଡ଼ିକର ମଧ ଶେୟାର ମାର୍କେଟ ମୂଲ୍ୟ କମିଯାଇଥିଲା। ଏଆଇ କ୍ଷେତ୍ରରେ ଚାଇନା ଓ ଆମେରିକା ମଧ୍ୟରେ ଶ୍ରେଷ୍ଠତା ପାଇଁ ପ୍ରତିଯୋଗିତା ଚାଲିଛି। ତେବେ ଚାଇନାର ସଫଳତାକୁ ଦୃଷ୍ଟିରେ ରଖି ଆମେରିକାର ଏଆଇ ଶିଳ୍ପର ଆମୂଳଚୂଳ ପରିବର୍ତ୍ତନ କରିବା ଦରକାର। ଆମେରିକାର ଟେକ୍ ଶିଳ୍ପ ଏଆଇରେ ଅତ୍ୟଧିକ ନିବେଶ କରିଥାନ୍ତି। ଗୋଲ୍ଡମ୍ୟାନ ସାକ୍ସର ଆକଳନରୁ ଜଣାପଡ଼ିଛି ଯେ, ବୃହତ୍ ଟେକ୍ ଫାର୍ମ, କର୍ପୋରେଶନ ଏବଂ ସେବାକ୍ଷେତ୍ରଗୁଡ଼ିକ ଆସନ୍ତାବର୍ଷ ଏଆଇକୁ ସହଯୋଗ କରିବା ଲାଗି ଦୀର୍ଘମିଆଦୀ ସୂତ୍ରରେ ବିଜନେସ୍‌ରେ ପାଖାପାଖି ୧ ଟ୍ରିଲିୟନ ଆମେରିକୀୟ ଡଲାର ନିବେଶ କରିବାକୁ ଯୋଜନା କରିଛନ୍ତି। ତେବେ ଆମେରିକାରେ ଏଆଇର ଦୀର୍ଘମିଆଦୀ ନିବେଶ ଓ ବିକାଶର ତରିକା ଉପରେ ମୋ ସମେତ ଅନେକ ପର୍ଯ୍ୟବେକ୍ଷକ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟତଃ ସବୁ ଅଗ୍ରଣୀ କମ୍ପାନୀ ସମାନ ପ୍ରକାର ପ୍ଲେ ବୁକ୍ ଅନୁସରଣ କରୁଥିବାରୁ (ଯଦିଓ ମେଟା ଅଲଗା ଓପନ ସୋର୍ସ ମଡେଲ ସହିତ ନିଜକୁ ସାମାନ୍ୟ ଭିନ୍ନ କରିଛି) ଗୋଟିଏ ପ୍ରକାର ଯୋଜନା କିମ୍ବା କାର୍ଯ୍ୟ ଦ୍ୱାରା ଏମାନେ ସଫଳ ହେବା ଜଣାପଡୁଛି। ବ୍ୟତିକ୍ରମ ହେଉଛି ୟୁଏସ୍ ଟେକ୍ କମ୍ପାନୀଗୁଡ଼ିକ ଏକାକୀ ମଡେଲ ଗୁଣବତ୍ତା ବୃଦ୍ଧି କରିବାକୁ ଅଧିକ ଚାହୁଁଛନ୍ତି। କିନ୍ତୁ ମଡେଲ, ଲର୍ନି ଓ ଡାଟାବେସ୍ ଆକାର ବୃଦ୍ଧି କରିବା ଏଯାବତ୍ ପ୍ରମାଣିତ ହୋଇନାହିଁ।

ଜାନୁଆରୀ ୨୦ ପୂର୍ବରୁ, ଆମେରିକାର କମ୍ପାନୀଗୁଡ଼ିକ ଏକ କ୍ରମରେ ପରବର୍ତ୍ତୀ ଶବ୍ଦର ପୂର୍ବାନୁମାନ କରିବା ପାଇଁ ମୂଳ ମଡେଲକୁ ବୃହତ୍ ଡାଟା ସେଟ ଉପରେ ପ୍ରଶିକ୍ଷଣ ଦେବା ପାଇଁ ବିକଳ୍ପଗୁଡ଼ିକ ଉପରେ ବିଚାର କରିବାକୁ ଅନିଚ୍ଛୁକ ଥିଲେ। ସେମାନେ ମାନବ (କିମ୍ବା ମାନବ ପରି) କାର୍ଯ୍ୟଗୁଡ଼ିକ କରିବା ଲକ୍ଷ୍ୟରେ ବିଶେଷକରି ଚାଟ୍‌ବୋଟ ଓ ଡିଫ୍ୟୁଜନ ମଡେଲ ଉପରେ ଗୁରୁତ୍ୱ ଦେଇଥିଲେ। ଯଦିଓ ଡିପ୍‌ସିକ୍‌ର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ସମାନ, ତେବେ ଏହା ଲର୍ନି ପଦ୍ଧତିକୁ ସୁଦୃଢ଼ କରିବା, ବିଶେଷଜ୍ଞ ପଦ୍ଧତିକୁ ଏକାଠି କରିବା (ଅଧିକ ପ୍ରଭାବୀ ଓ କେତେକ କ୍ଷୁଦ୍ର ମଡେଲ), ଡିଷ୍ଟିଲେଶନ ଉପରେ ଅଧିକ ନିର୍ଭର କରିଛି। ଏହା ସହ ତାର୍କିକ ବିଚାର ଶୃଙ୍ଖଳକୁ ପରିଶୋଧିତ କରିଛି। ଏହି ରଣନୀତି କମ୍ ଖର୍ଚ୍ଚରେ ଏକ ପ୍ରତିଯୋଗିତାମୂଳକ



ମଡେଲ ସୃଷ୍ଟି କରିବାକୁ ବାଟ ଦେଖାଇଛି। ଏଥିରେ କିଛି ବିବାଦ ଥିବା ଡିପ୍‌ସିକ୍ ଆମକୁ କହି ନ ଥିଲେ ବି ଏହା ଆମେରିକା ଏଆଇ ଶିଳ୍ପ ମଧ୍ୟରେ ଆଲୋଚନା ହେଉଛି। ତେବେ ବିକଳ୍ପ, ଶସ୍ତା, ଅଧିକ ପ୍ରତିବଦ୍ଧ ଦୃଷ୍ଟିକୋଣକୁ ଉପେକ୍ଷା କରିବା ସତ୍ୟ ବୋଲି ମୁଁ ଓ ସିମନ୍ ଜନ୍‌ସନ ନିକଟରେ ପ୍ରକାଶିତ 'ପାୱାର ଆଣ୍ଡ ପ୍ରୋଗ୍ରେସ' ପୁସ୍ତକରେ ଆକଳନ କରିଥିଲୁ। ଏହାକୁ ଆମେ ଏଆଇ ଯୁଗ ଆରମ୍ଭର ଠିକ୍ ପୂର୍ବରୁ ଲେଖିଥିଲୁ। ଏବେ ପ୍ରଶ୍ନ ଉଠୁଛି, ଆମେରିକା ଶିଳ୍ପର ଅଧିକ ବିପଜ୍ଜନକ ଦିଗକୁ ବୁଝିପାରୁନାହିଁ ନା ବୁଝିବାକୁ ଚେଷ୍ଟା କରୁନାହିଁ। ଉଦାହରଣ ସ୍ୱରୂପ, ଆଗୁଆ ୟୁଏସ୍ ଟେକ୍ କମ୍ପାନୀଗୁଡ଼ିକ ସେମାନଙ୍କ ମଡେଲକୁ ମଣିଷକୁ ଅଧିକ ସହଯୋଗ କରିବା ଦିଗରେ ନେବାର ସୁଯୋଗ ହରାଉଛି କି? ହଁ, ଏହା କରୁଛି ବୋଲି ମୋର ଅନୁମାନ; ଯାହା ଆଗାମୀ ସମୟରେ ଜଣାପଡ଼ିବ।

ପ୍ରଶ୍ନ ଉଠୁଛି, ଚାଇନା କ'ଣ ଆମେରିକାକୁ ଟପିଯାଉଛି । ଯଦି ଏହା ହେଉଥାଏ, ତେବେ ନୂତନତ୍ୱ ଆଣିବାରେ ଏକଚ୍ଛତ୍ରବାଦ, ଟପ-ଡାଉନ (ଉପରୁ ତଳ ଯାଏ କେବଳ ଏକ ଶାସକ ଗୋଷ୍ଠୀ ନିଷ୍ପତ୍ତି ନିଏ)ବ୍ୟବସ୍ଥା ବଟମ -ଅପ୍ (ତଳୁ ଉପର ଯାଏ ସଭିଙ୍କ ଭାଗୀଦାରିରେ ବା ସମ୍ମିଳିତ ଭାବେ ନିଷ୍ପତ୍ତି ନିଆଯାଏ) ବ୍ୟବସ୍ଥା ତୁଳନାରେ ଭଲ ପ୍ରଦର୍ଶନ କରୁଛି କି?

ମୁଁ ଏକପାଖିଆ ଭାବି ନେଇଛି ଯେ, ଏକଚ୍ଛତ୍ରବାଦ ବ୍ୟବସ୍ଥା ନୂତନତ୍ୱକୁ କ୍ଷତି କରେ। 'ହ୍ୱାଏ ନେଶନ୍ସ ଫେଲ୍'ରେ ମୁଁ ଏବଂ ରବିନ୍‌ସନ ଏହା ଉପରେ ମଧ ଯୁକ୍ତି କରିଛୁ। ତେବେ ଡିପ୍‌ସିକ୍‌ର ସଫଳତା ଏହି ଦାବିକୁ ଚ୍ୟାଲେଞ୍ଜ କରେ। ଡିପ୍‌ସିକ୍ ଆମେରିକାରେ(ଏପରି କି କେତେକ ୟୁରୋପୀୟ ଦେଶରେ) କିଛି ବର୍ଷ ପୂର୍ବରୁ ନିଜକୁ ମଜଭୁତ କରୁଛି। ଦଶନ୍ଧି ପୂର୍ବରୁ ଏହା ଏକ୍ସପର୍ଟ ମଡେଲଗୁଡ଼ିକର ଏକୀକରଣ ଏବଂ ଲର୍ନିଂର ସୁଦୃଢ଼ୀକରଣ ପଦ୍ଧତି ବିକାଶ କରିପାରିଥିଲା। ଅନ୍ୟପକ୍ଷରେ ଆମେରିକାର ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଟ୍ରାନ୍ସଫର ମଡେଲ, ରିଜନିଂ ଥଟ୍ ଚେନ୍ ଏବଂ ଡିଷ୍ଟିଲେଶନ ଆରମ୍ଭ କରିଥିଲେ। ହେଲେ ଆମେରିକା ତୁଳନାରେ ଡିପ୍‌ସିକ୍ ଏହି ସମାନ ପ୍ରକାର ପଦ୍ଧତିକୁ ପ୍ରଭାବୀ ଢଙ୍ଗରେ ଏକାଠି କରି ଇଞ୍ଜିନିୟରିଂରେ ଅଧିକ ସଫଳ ହୋଇପାରିଛି। ଚାଇନାର ଫାର୍ମ ଓ ଗବେଷଣା ସଂସ୍ଥାଗୁଡ଼ିକ ସମ୍ଭାବ୍ୟ ପରିବର୍ତ୍ତନଶୀଳ ପ୍ରଯୁକ୍ତି, ଉତ୍ପାଦ ଏବଂ ନିଜସ୍ୱ ଦୃଷ୍ଟିକୋଣକୁ ନେଇ ଆବଶ୍ୟକ ପଦକ୍ଷେପ ନେଇପାରୁଛି କି ନାହିଁ ତାହା ଆଗକୁ ଜଣାପଡ଼ିବ। ତେବେ ଡିପ୍‌ସିକ୍ ସାଧାରଣତଃ ସରକାରୀ ଅର୍ଥରେ ସରକାରଙ୍କ ପାଇଁ ଟେକ୍‌ନୋଲୋଜି ସୃଷ୍ଟି କରେ। ଚାଇନା ନୂତନତ୍ୱ ବା ଆବିଷ୍କାର କ୍ଷେତ୍ରରେ ଅଧିକ ମୁକ୍ତ ବା ଗଣତାନ୍ତ୍ରିକ ସମାଜଗୁଡ଼ିକୁ ପଛରେ ପକାଇପାରିବ ବୋଲି ଗୋଟିଏ କମ୍ପାନୀର ସଫଳତାକୁ କେବେ ବି ଶେଷ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ।

ଭୂରାଜନୀତିକୁ ନେଇ ଆଉ ଏକ ପ୍ରଶ୍ନ ଉଙ୍କିମାରେ। ଡିପ୍‌ସିକ୍‌ର କାହାଣୀରୁ ଆଉ କିଛି ବୁଝାପଡୁଛି । ଆମେରିକାର ବିଶେଷଜ୍ଞ କଟକଣା ଓ ଅନ୍ୟ ପଦକ୍ଷେପ ସବୁ ଚାଇନାର ଏଆଇ ଗବେଷଣାକୁ ରୋକିବାରେ ବିଫଳ ହୋଇଛି କି? ଏହାର ଉତ୍ତର ମଧ ଅସ୍ପଷ୍ଟ। ଡିପ୍‌ସିକ୍ ଏହାର ଟ୍ୟାଲେଣ୍ଟ ମଡେଲ( ଭି୩ ଓ ଆର୍୧ )କୁ ପୁରୁଣା ଓ କମ୍ କ୍ଷମତାସମ୍ପନ୍ନ ଚିପ୍‌ଗୁଡ଼ିକରେ ପ୍ରଶିକ୍ଷିତ ବା ପ୍ରସ୍ତୁତ କରୁଥିବାବେଳେ, ଏହା ଆଗକୁ ସଫଳ ହେବା ପାଇଁ ଅଧିକ ଶକ୍ତିଶାଳୀ ଚିପ୍ସ ଆବଶ୍ୟକ କରିପାରେ। ଏହା ସ୍ପଷ୍ଟ ଯେ, ଏଆଇ କ୍ଷେତ୍ରରେ ଚାଇନା ସଫଳ ହେଉଥିବାବେଳ ଆମେରିକା ବିଫଳ ହେଉଛି। ଆମେରିକାର ଦୃଷ୍ଟିକୋଣ ଦୁର୍ବଳ ଉପଦେଶ ଉପରେ ଆଧାରିତ ଓ ତାହା ଅବ୍ୟବହାରିକ। ଯଦି ତୁମେ ବିଶ୍ୱାସ କରିବ ଯେ, ଆମେ ଆର୍ଟିଫିସିଆଲ ଜେନେରାଲ ଇଣ୍ଟେଲିଜେନ୍ସ (ଏଜିଆଇ, ଏକ ମଡେଲ ଯାହା ମଣିଷର ଯେକୌଣସି ମସ୍ତିଷ୍କ କାର୍ଯ୍ୟ ସହ ସମାନ) ଦିଗରେ ଆଗକୁ ବଢୁଛୁ ଏବଂ ଯିଏ ପ୍ରଥମେ ଏଜିଆଇ ପାଇବ ତାହାର ଏକ ବଡ଼ ଭୂରାଜନୈତିକ ଲାଭ ହେବ, ତେବେ ଏଭଳି ରଣନୀତିର ଗୁରୁତ୍ୱ ରହିଛି ବୋଲି କୁହାଯାଇପାରେ। କିନ୍ତୁ ଏଭଳି ଆକଳନ ଉପରେ କୌଣସି ନିଶ୍ଚିତତା ନାହିଁ। କାରଣ ଆମେ ଅନେକ କ୍ଷେତ୍ରରେ ଚାଇନା ସହ ସଫଳ ଭାଗୀଦାରିକୁ ବିରୋଧ କରିଛୁ।

ଡିପ୍‌ସିକ୍ ମଧ ଆମେରିକୀୟ କମ୍ପାନୀ ଭଳି ଏଜିଆଇ ବିକାଶ କରିବାକୁ ଆଶା ବାନ୍ଧିଛି। ଏହାସହ ପ୍ରଶିକ୍ଷଣ ପାଇଁ ଏକ ଶସ୍ତା ମଡେଲ ସୃଷ୍ଟି କରିବାକୁ ଚାହୁଁଛି, ଯାହା ବିରାଟ ପରିବର୍ତ୍ତନ ଆଣିପାରେ। କିନ୍ତୁ ଜଣାଶୁଣା ପଦ୍ଧିଗୁଡ଼ିକରେ ବିକାଶ ପାଇଁ ଖର୍ଚ୍ଚକାଟ କରିବା ଦ୍ୱାରା ଆମେ ଆଗାମୀ କିଛି ବର୍ଷ ମଧ୍ୟରେ ଏଜିଆଇ ପାଇବାରେ ସକ୍ଷମ ହୋଇପାରିବା ନାହିଁ। ନିକଟରେଏଜିଆଇ ହାସଲ କରିପାରିବା କି ନାହିଁ ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଡିପ୍‌ସିକ୍ କିଭଳି ତାହାର ମଡେଲ ବିକାଶ କରିଛି ତାହା ଯଦି ଆମେ ଜାଣିବା ନାହିଁ କିମ୍ବା ଏଆଇ ଶିଳ୍ପର ଭବିଷ୍ୟତ ଲାଗି ଏହାର ସଫଳତାର ମାନେ କ'ଣ ବୋଲି ଆମେ ବୁଝିବା ନାହିଁ, ତେବେ ଗୋଟିଏ ବିଷୟ ସ୍ପଷ୍ଟ ଯେ,ଏଆଇ କ୍ଷେତ୍ରରେ ହଠାତ୍ ଚାଇନାର ଶକ୍ତିବୃଦ୍ଧି ଆମେରିକୀୟ ଟେକ୍ ଇଣ୍ଡଷ୍ଟ୍ରିର ଗୁରୁତ୍ୱକୁ କମାଇଦେବ। ଏହାସହ ତାହାର ସଫଳତା ଇଣ୍ଡଷ୍ଟ୍ରିକୁ ଦୋହଲାଇ ଦେବାର ସମ୍ଭାବନା ଦେଖାଦେଇଛି।

**ଅର୍ଥନୀତି ନୋବେଲ ବିଜେତା (୨୦୨୪) ତଥା ଇନ୍‌ଷ୍ଟିଚ୍ୟୁଟ୍ ପ୍ରଫେସର ଅଫ୍ ଇକୋନୋମିକ୍ସ (ଏମ୍ଆଇଟି)**

# ରିହାତି ଦୌଡ଼



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜି ଯେତେବେଳେ ଆମେ ଏକ ଦକ୍ଷ ଭାରତ ଗଠନ କରିବାକୁ ଚେଷ୍ଟା କରୁଛନ୍ତି , ସେତେବେଳେ ଏକ ସମୃଦ୍ଧ ଭାରତ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ। ହେଲେ ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳଗୁଡ଼ିକର ଲୋକପ୍ରିୟ ଘୋଷଣା ଦକ୍ଷ ଭାରତର ଛବିକୁ ପଦାରେ ପକାଏ। ପୂର୍ବରୁ ଏପରି ଘୋଷଣା କରାଯାଉଥିଲା, କିନ୍ତୁ ଏହା ମାଗଣା ସାମଗ୍ରୀ କିମ୍ବା ସୁବିଧା ଦେବାରେ ସୀମିତ ରହିଥିଲା। ଏବେ ମାଗଣା ସୁବିଧା ସହ ଟଙ୍କା ଦେବାକୁ ଯୋଜନା କରାଯାଉଛି। ଏଭଳି ଯୋଜନା ମଧ୍ୟରୁ ମୁଖ୍ୟ ହେଉଛି ମହିଳାମାନଙ୍କୁ ମାସକୁ ଏକ ନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରିବା। କେତେକ ରାଜ୍ୟରେ ନିର୍ବାଚନ ବିଜୟରେ ଏଭଳି ଯୋଜନା ବଡ଼ ଭୂମିକା ଗ୍ରହଣ କରିଥିବାରୁ ଦିଲ୍ଲୀରେ ଭାଜପା ଓ କଂଗ୍ରେସ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଲେଖାଏ ଦେବାକୁ ଘୋଷଣା କରିଥିବା ବେଳେ ଆମ୍ ଆଦ୍‌ମୀ ପାର୍ଟି ମାସିକ ୨୧୦୦ ଟଙ୍କା ଦେବାକୁ ଘୋଷଣା କରିଛି। ଦିଲ୍ଲୀରେ ଆହୁରି ଅନେକ କିଛି ଲୋକପ୍ରିୟ ଘୋଷଣା ହୋଇଛି।

ତିନୋଟି ଦଳର ଇସ୍ତାହାର ଲୋକପ୍ରିୟ ଯୋଜନାରେ ପରିପୂର୍ଣ୍ଣ। ଏହା ସତ ଯେ ଦେଶରେ ଏମିତି ଏକ ବର୍ଗ ଅଛନ୍ତି ଯେଉଁମାନଙ୍କୁ ଜୀବିକା ପାଇଁ ସରକାରୀ ସହାୟତାର ଆବଶ୍ୟକତା ରହିଛି। ସେଥିପାଇଁ ସ୍ୱାଧୀନତା ପରଠାରୁ ବିଭିନ୍ନ ଶୀର୍ଷରେ ସବ୍‌ସିଡି ଦିଆଯାଉଛି। କିଛି ଜିନିଷ ଯଥା କୃଷକଙ୍କୁ ଶସ୍ତାରେ ବିହନ, ସାର ଇତ୍ୟାଦି ମିଳିବା ଦରକାର, କାରଣ ବିକଶିତ ଦେଶଗୁଡ଼କ ମଧ ଏହା କରୁଛନ୍ତି। ଖାଦ୍ୟଶସ୍ୟ ଯେପରି ମହଙ୍ଗା ନ ହୁଏ ସେଥିପାଇଁ ଚାଷୀଙ୍କୁ ସବ୍‌ସିଡି ଦେବା ମଧ ଜରୁରୀ। ଭାରତ ଭଳି ବିଶ୍ୱର ଅନେକ ଦେଶ ଶିକ୍ଷା, ସ୍ୱାସ୍ଥ୍ୟ, ସାଧାରଣ ପରିବହନ କ୍ଷେତ୍ରରେ ସବ୍‌ସିଡି ପ୍ରଦାନ କରିଥାନ୍ତି। ଏକ କଲ୍ୟାଣକାରୀ ରାଜ୍ୟ ଏହା କରିବା ଉଚିତ। ଶିକ୍ଷିତ ଓ ସୁସ୍ଥ ସମାଜ ଦେଶର ଅର୍ଥନୈତିକ ପ୍ରଗତିରେ ଅଂଶୀଦାର ହୋଇଥାଏ। ଯେହେତୁ ଭାରତରେ ବହୁ ସଂଖ୍ୟାରେ ଗରିବ ଲୋକ ଅଛନ୍ତି, ତେଣୁ ସେମାନଙ୍କୁ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବା ଉଚିତ। କିନ୍ତୁ ଯେତେବେଳେ ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ଲୋକମାନେ ଲୋକପ୍ରିୟ ଯୋଜନାରେ ପ୍ରଲୋଭିତ ହୁଅନ୍ତି ଏବଂ ଏହି କ୍ରମରେ ବ୍ୟାଙ୍କ ଋଣ ଛାଡ଼ ଭଳି ପଦକ୍ଷେପ ନିଆଯାଏ ସେତେବେଳେ ପରିସ୍ଥିତି ଖରାପ ହେବାକୁ ଲାଗେ। ଏଭଳି ପଦକ୍ଷେପ ଲୋକଙ୍କୁ ଆତ୍ମନିର୍ଭରଶୀଳ ହେବାରୁ ରୋକିଥାଏ।

ଅନେକ ଗବେଷଣାରୁ ଜଣାପଡ଼ିଛି, କୃଷିଋଣ ଛାଡ଼ ଦ୍ୱାରା କୃଷକମାନଙ୍କର କିମ୍ବା କୃଷି କାର୍ଯ୍ୟରେ କିଛି ଲାଭ ହୁଏନାହିଁ , କିନ୍ତୁ ରାଜନୈତିକ ଦଳଗୁଡ଼ିକ କ୍ରମାଗତ ଭାବେ କୃଷି ଋଣ ଛାଡ଼ ଘୋଷଣା କରୁଛନ୍ତି। ମାଗଣା ସାମଗ୍ରୀର ମୂଲ୍ୟ କେଉଁଠି ନା କେଉଁଠି ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଏ, କାରଣ ସରକାରଙ୍କୁ ଯୋଜନା ପୂରଣ କରିବା ପାଇଁ ଅନ୍ୟ ସାମଗ୍ରୀ କିମ୍ବା ସୁବିଧାକୁ ମହଙ୍ଗା କରିବାକୁ ପଡ଼େ। ମାଗଣା ପ୍ଲାନ୍‌ର ଖର୍ଚ୍ଚ ଲୋକମାନେ ପୈଠ କରିଥାନ୍ତି। ଏହା ମଧ ସ୍ପଷ୍ଟ ଯେ ମାଗଣା କିମ୍ବା ରିହାତି ସୁବିଧା ବୃଦ୍ଧି ଦ୍ୱାରା ମୌଳିକ ସୁବିଧାର ଗୁଣବତ୍ତା ପ୍ରଭାବିତ ହେଉଛି। ସରକାରୀ ବିଦ୍ୟାଳୟ, ଡାକ୍ତରଖାନା କିମ୍ବା ସାର୍ବଜନୀନ ପରିବହନ ଲୋକଙ୍କ ଆଶା ପୂରଣ କରୁଛି ବୋଲି କୁହାଯାଇପାରିବ କି? ଏହା ସତ ଯେ ସାଧାରଣତଃ ପୁରୁଷଙ୍କ ଉପରେ ନିର୍ଭରଶୀଳ ମହିଳାମାନେ ଟଙ୍କା ପାଇଲେ ସେମାନଙ୍କର ଆତ୍ମସମ୍ମାନ ଅଧିକ ଥାଏ, କିନ୍ତୁ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏବଂ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଯୋଜନା ଆଣିବା ଠିକ୍ ହେବ ନାହିଁ କି? ଏପରି କରିବା ଦ୍ୱାରା ସମାଜ ସହ ଦେଶର ଅର୍ଥନୈତିକ ସ୍ଥିତିରେ ମଧ ଉନ୍ନତି ଆସିବ। ସିଧାସଳଖ ମାଗଣା ଯୋଜନା ଆଣିଥିବା ଅନେକ ରାଜ୍ୟ ଏହାକୁ ପୂରଣ କରିବା କଷ୍ଟକର ହୋଇଯାଏ। କିଛି ବାଧହୋଇ ଏହାକୁ କାର୍ଯ୍ୟକାରୀ କରୁଛନ୍ତି କିମ୍ବା ବିଳମ୍ବ କରୁଛନ୍ତି। ଖାଲି ସେତିକି ନୁହେଁ, ସେମାନେ ଆର୍ଥିକ ସଙ୍କଟରେ ମଧ ଘେରି ରହିଛନ୍ତି। ଦିଲ୍ଲୀ ଅର୍ଥନୈତିକ ଦୃଷ୍ଟିରୁ ସକ୍ଷମ ରାଜ୍ୟ, ହେଲେ ରାଜଧାନୀ ଅନେକ ମୌଳିକ ସମସ୍ୟା ସହ ସଂଘର୍ଷ କରୁଛି। ଅନେକ ଅଞ୍ଚଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ମଧ ପାଉନାହାନ୍ତି। ଅପେକ୍ଷାକୃତ ସମୃଦ୍ଧ ଦିଲ୍ଲୀର ଲୋକଙ୍କୁ ମାଗଣା ସୁବିଧା ଦେବାର ଆବଶ୍ୟକତା ରହିଛି କି? ଯଦି ରାଜନୈତିକ ଦଳଗୁଡ଼ିକ ସେମାନଙ୍କର ଲୋକପ୍ରିୟ ଘୋଷଣାର ପୁନର୍ବିଚାର କରନ୍ତି ତେବେ ଦେଶ ପାଇଁ ଭଲ, କାରଣ ଆମ ସମ୍ବିଧାନର ନିର୍ମାତାମାନେ କେବେ ବି ଭାବି ନ ଥିବେ ଯେ ସର୍ବବୃହତ୍ ଗଣତନ୍ତ୍ର ଆମ ଦେଶର ନେତାମାନେ ମୌଳିକ ସୁବିଧାର ଗୁଣବତ୍ତା ବୃଦ୍ଧି କରିବା ପରିବର୍ତ୍ତେ ରିହାତି ଉପାୟରେ ଭୋଟ କିଣିବା ପାଇଁ କାର୍ଯ୍ୟ କରିବେ।

**ନୟାଗଡ଼**
**ମୋ: ୯୪୩୭୬୪୨୯୪୭**

## ଏଇ ଭାରତରେ

ବୟସ ୧୯। ହେଲେ ୪୦୦ ଭାଷାରେ ପଢି ଓ ଲେଖି ମହମ୍ମଦ ଆକ୍ରାମ ତାଙ୍କ ଭାଷାଗତ ଦକ୍ଷତା ପ୍ରତିପାଦିତ କରିବା ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। କେବଳ ଏତିକି ନୁହେଁ ସେ ୪୬ଟି ଭାଷା ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ଆକ୍ରାମଙ୍କ ପିତା ଶିଲ୍‌ବି ମୋଝିପ୍ରିୟାନ୍ ମଧ ୧୬ଟି ଭାଷା କହିପାରନ୍ତି। ସେ ବିଭିନ୍ନ ଦେଶ ଭ୍ରମଣ କରି ଏହି ଭାଷାଗତ ଜ୍ଞାନ ହାସଲ କରିଥିଲେ ଓ ସେ ମଧ କଗ୍ନିଟିଭ୍ ସାଇକୋଲାଜିରେ ପିଏଚ୍‌ଡି କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଆକ୍ରାମ ଏତେ ବାଟ ଆଗକୁ ଯାଇଛନ୍ତି ଏବଂ ତାଙ୍କୁ ଯେତେବେଳେ ୪ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଭାଷା ଶିଖିବା ଆରମ୍ଭ କରିଥିଲେ। ୬ରୁ ୮ ବର୍ଷ ବୟସ ମଧ୍ୟରେ ସେ ୫୦ଟି ଭାଷା ଜାଣିସାରିଥିଲେ। ଆକ୍ରାମ ୭୦ ଜଣ ଭାଷା ବିଶେଷଜ୍ଞଙ୍କ ସହ ପ୍ରତିଯୋଗିତା କରି ଜର୍ମାନୀ ୟଙ୍ଗ ଟ୍ୟାଲେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ସେ ମଧ ଟ୍ୟାଲେଣ୍ଟ ଶୋ'ରେ ଭାଗ ନେଇ ବିଭିନ୍ନ ଦେଶରେ ଏକାଧିକ ଡିଗ୍ରୀ କୋର୍ସ କରୁଛନ୍ତି। ତାଙ୍କ ପିତା 'ଆକ୍ରାମ ଗ୍ଲୋବାଲ ଲାଙ୍ଗୁଏଜ ଇନଷ୍ଟିଚ୍ୟୁଟ' ପ୍ରତିଷ୍ଠା କରି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷା ଦେଉଛନ୍ତି। ପ୍ରତିମାସରେ ସେ ଅତିକମ୍‌ରେ ୧୫୦ ପିଲାଙ୍କୁ ଶିକ୍ଷା ଦେଉଛନ୍ତି। ଆକ୍ରାମ ମଧ ପିଲାମାନଙ୍କୁ ପଢାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୭ ଫେବୃଆରୀ ୧୯୭୬**

- କଳକାରଖାନା ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କରେ ଲେ ଅଫ୍ ଛଟେଇ ଓ ଶିଳ୍ପାନୁଷ୍ଠାନ ବନ୍ଦ କରିଦିଆଯିବା ଆଦିକୁ ବିରୋଧ କରି ଲୋକ ସଭାରେ ଆଗତ ହୋଇଥିବା ବିଲ୍‌ଟି ବିପୁଳ ସମର୍ଥନ ଲାଭ କରି ଗୃହୀତ ହୋଇଛି।
- ପାର୍ଲାମେଣ୍ଟର ଉଭୟ ଗୃହରେ ସହରାଞ୍ଚଳ ଜମିର ସୀମା ନିର୍ଦ୍ଧାରଣ ବିଲ୍ ଗୃହୀତ।
- ଶିଳ୍ପ କ୍ଷେତ୍ରରେ ଭାରତ ଓ ହଙ୍ଗେରୀ ପରସ୍ପର ସହିତ ସହଯୋଗ କରିବା ନେଇ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 9 | | | |
| 2 | | | 4 | 6 | | | | |
| | 6 | | | | 1 | 8 | | |
| 3 | | | 7 | | | | | |
| | | | | 8 | | | | 9 |
| | 7 | | | 9 | 2 | | | 5 |
| 7 | | | | | | | | 1 |
| | | 9 | | | | 6 | | 3 |
| | | 6 | | 2 | 4 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 3 | 9 | 4 | 8 | 7 | 5 | 1 |
| 5 | 7 | 8 | 3 | 1 | 6 | 2 | 4 | 9 |
| 1 | 9 | 4 | 5 | 2 | 7 | 3 | 8 | 6 |
| 6 | 1 | 9 | 7 | 8 | 4 | 5 | 3 | 2 |
| 4 | 5 | 7 | 2 | 6 | 3 | 1 | 9 | 8 |
| 3 | 8 | 2 | 1 | 5 | 9 | 4 | 6 | 7 |
| 9 | 2 | 6 | 4 | 3 | 1 | 8 | 7 | 5 |
| 8 | 3 | 1 | 6 | 7 | 5 | 9 | 2 | 4 |
| 7 | 4 | 5 | 8 | 9 | 2 | 6 | 1 | 3 |

ଗତକାଲିର ଉତ୍ତର

# ନକଲି ଆଦର, ଅସଲି ହତାଦର



ଡ. ମନୋରଞ୍ଜନ ପ୍ରଧାନ

ଆଜିକାଲି ଅସଲି ଅପେକ୍ଷା ନକଲିର ଚାହିଦା ଦ୍ରୁତଗତିରେ ବଢ଼ିଚାଲିଛି। ଏଇ ଯେମିତି ବିରାଟ କୋଠା କରି ବଗିଚା ପାଇଁ ଜାଗା ଅଭାବରୁ ପ୍ଲାଷ୍ଟିକ ବା କାଗଜ ଫୁଲର ନିରସ ସମ୍ଭାର ସୃଷ୍ଟି କରନ୍ତି ଆଉ କେଉଁଠି ସତସତିକା ଫୁଲର ସମ୍ଭାର ଦେଖିଲେ ସ୍ୱ-ଚିତ୍ରଟିଏ (ସେଲ୍‌ଫି)ଉଠାଇ ନିଜ ସାମାଜିକ ଗଣମାଧମରେ ପକେଇ ଖୁସି ସାଉଁଟିବାକୁ ଚେଷ୍ଟା କରନ୍ତି। ବେଳେବେଳେ କେହି ନ ଦେଖିବା ବେଳେ ଦୁଇ ଚାରିଟି ଫୁଲ ତୋଳି ନିଜ ମୁଣି (ବ୍ୟାଗ ବା ଭ୍ୟାନିଟି)ରେ ଧରି ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରନ୍ତି। ଦୈନନ୍ଦିନ ଜୀବନରେ ଆପଣମାନେ ମଧ ଏଭଳି ଅନେକ ଘଟଣା ଓ ଆଚରଣର ସାମ୍ନା କରୁଥିବେ। ତଥାପି ଗୋଟିଏ ଦୁଇଟି ବାସ୍ତବ ଘଟଣା ଉପସ୍ଥାପନା କରୁଛି।

ପ୍ରାୟ ପନ୍ଦର ବର୍ଷ ପୂର୍ବେ ଘଟଣାକ୍ରମରେ ଗୋଟିଏ ବଡ଼ ରେଷ୍ଟୁରାଣ୍ଟରେ ଖାଇବା ପାଇଁ ସାଙ୍ଗମାନଙ୍କ ପ୍ରରୋଚନା ଓ ପ୍ରୋତ୍ସାହନରେ ଯିବାର ସୁଯୋଗ ପାଇଥିଲି। ତା'ପୂର୍ବରୁ ବଡ଼ ରେଷ୍ଟୁରାଣ୍ଟରେ ଖାଇବାର ଅନୁଭୂତି ନ ଥିଲା। ରେଷ୍ଟୁରାଣ୍ଟର କର୍ମଚାରୀମାନଙ୍କ ପୋଷାକ, କଥାବାର୍ତ୍ତା ଓ ରଙ୍ଗଢଙ୍ଗ, ହାବଭାବ ମୋ ପାଇଁ ପୂରାପୂରି ନିଆରା ଥିଲା। ତା'ପରେ ଖାଦ୍ୟର ଦରତାଲିକା (ମେନ୍ୟୁ) ଦେଖି ମୁଣ୍ଡବୁଲା ବାହାରି ପଡ଼ିଥିଲା କିନ୍ତୁ ମାଗଣା ଖାଇବାର ଅବସର ଥିବାରୁ ବିଶେଷ ଅସୁବିଧା ହୋଇ ନ ଥିଲା। ସାଙ୍ଗର ବରାତ ଅନୁଯାୟୀ ଖିଆପିଆ ସରିବା ପରେ ଉଷୁମ ପାଣି ସହ ଲେମ୍ବୁ ଦିଆଗଲା। ସାଙ୍ଗମାନେ ଖାଇବାରେ ବ୍ୟସ୍ତ ଥିବା ବେଳେ ଲେମ୍ବୁ ଫାଳଟିକୁ ଚିପୁଡ଼ି ଲୁଣ ପକେଇ ପିଇଦେଲି। ତା'ପର ଦୃଶ୍ୟ ଅତି ଉଦ୍‌ବେଗଜନକ ଥିଲା। ସାଙ୍ଗମାନେ ଦାନ୍ତ ନେଫେଡେଇ ହସିଦେଲେ। ଅନ୍ୟମାନେ ଜୋରରେ ହସି ନ ଥିଲେ ମଧ ପରସ୍ପର ମୋ ଆଡ଼େ ଚାହିଁ ବ୍ୟଙ୍ଗ କରିବା ଆରମ୍ଭ କରିଦେଲେ। କିନ୍ତୁ ପରେ ଜାଣିଲି ଯେ ଉଷୁମପାଣି ଓ ଲେମ୍ବୁ ହାତ ଧୋଇବା ପାଇଁ ଉଦ୍ଦିଷ୍ଟ ଥିଲା। ପରେ ସମ୍ଭ୍ରାନ୍ତ ସାଙ୍ଗମାନେ ଲେମନ ଫ୍ଲେଭରର ମୃଦୁ ପାନୀୟ ମଗେଇ ପିଇଲେ। ମୁଁ ଯେତେବେଳେ ପଚାରିଲି ଅସଲ ଲେମ୍ବୁପାଣିରେ ହାତ ଧୋଇ ନକଲି ଲେମ୍ବୁପାଣି ପିଇବାର ଯଥାର୍ଥତା କ'ଣ ? ସମସ୍ତେ ମୋତେ ବଡ଼ ବଡ଼ ଆଖିରେ ଅନେଇ କହିଲେ ସୁଦ୍ଧୁ ଗାଉଁଲିଟା ! ନକଲି ସ୍ୱାଦରେ ଅସଲିର ଅବସ୍ଥା କ'ଣ ହୋଇଥିବ ଆପଣମାନେ ଜାଣିଥିବେ।

ଆଜିକାଲି ଅସଲି ଉପରେ ନକଲିର ପ୍ରାଦୁର୍ଭାବ ଚାରିଆଡ଼େ। ଜଣକ ଘରକୁ ଯାଇଥିଲି। ଛୋଟ ଛୁଆଟା ଜିଦି କରୁଛି ଫ୍ରେଞ୍ଚ ଫ୍ରାଇ ଖାଇବାକୁ । ବିଚରା ମାଆ ଅସଲି ଆଳୁଛାଣି ସୈନ୍ଧବ ଲବଣ ପକେଇ ଦେଲେ କିନ୍ତୁ ପିଲାଟି ଫିଙ୍ଗିଦେଲା। ବିଚରା ମାଆ ଚାଲାକି କରି ଏକ ଫ୍ରେଞ୍ଚ ଫ୍ରାଇ ଜରିରେ ଘରର ଆଳୁ ଚିପ୍ସ ଭର୍ତ୍ତି କରି ଯେତେବେଳେ ବଢ଼େଇଦେଲେ କି ଖୁସିରେ ଖାଇ ଚାଲିଲା କହିଲେ ନ ସରେ। ମାନେ ପିଲାଠାରୁ ବୃଦ୍ଧ ଯାଏ ଆଜିକାଲି ଅସଲି ଅପେକ୍ଷା ନକଲିର ବଡ଼ ଗରାଖ। ଏହା କେବଳ ଖାଉଟି ଦ୍ରବ୍ୟ ଓ ସେବା ମଧ୍ୟରେ ସୀମାବଦ୍ଧ ନୁହେଁ।

ନକଲି ବ୍ୟବହାର, ନକଲି ତେଲାତେଲି ତଥା ମିଛ ପ୍ରଶଂସାର ପ୍ରଭାବ ଅସଲି ବ୍ୟବହାର ଉପରେ ଭାରି ପଡ଼ିଯାଉଛି। ଏମିତି ହେଉଛି କି ଆତ୍ମ ପ୍ରଶଂସାରେ ବିଭୋର ମଣିଷ ନକଲି ଲୋକଙ୍କ ସୁଆଙ୍ଗିଆ କଥାକୁ ହିଁ ସତ୍ୟ ବୋଲି ଭାବୁଛି ଆଉ ସତ କହୁଥିବା ଅତି ବିଶ୍ୱସ୍ତ ତଥା ଆପଣାର ଲୋକମାନେ ତା'ର ବଇରି ହେଉଛନ୍ତି।




ଗୋଟିଏ ବାସ୍ତବ କଥା। ଦୁଇଜଣ ଝିଅ ଅତି ଅନ୍ତରଙ୍ଗ। ବିଦ୍ୟାଳୟଠାରୁ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଯାଏ ମିଶିକି ପଢ଼ନ୍ତି। ବୁଲାବୁଲି, ଖିଆପିଆ, ପଢ଼ାପଢ଼ି, ପରସ୍ପର ଘରକୁ ଯିବା ଆସିବା ସବୁଥିରେ ଉଭୟଙ୍କ ଅନ୍ତରଙ୍ଗ ବନ୍ଧୁତାର ପରିଚୟ ମିଳେ। ବେଳେବେଳେ ସେମାନଙ୍କ ପରସ୍ପର ସମ୍ବନ୍ଧରେ ଅନେକ ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି। କିଛିଦିନ ତଳେ ଗୋଟିଏ ସାଙ୍ଗ ନିଜ ପୈତୃକ ଘର କୌଣସି କାମରେ ଯିବାର ସୁଯୋଗ ନେଇ ସବୁବେଳେ ଈର୍ଷା କରୁଥିବା ସାଙ୍ଗଟି ଅନ୍ୟ ଝିଅ ସହ ଖୁବ କମ ଦିନରେ ଖୁବ ଅନ୍ତରଙ୍ଗ ହୋଇଗଲେ। କେବଳ ସେତିକି ନୁହେଁ, ନୂଆ ସାଙ୍ଗ କିଛି ଭୁଲ୍ (ପ୍ରେମଜନିତ) କାମରେ ତାକୁ ଭର୍ତ୍ତି କରାଇଦେଲା। ବୟସର ଦୋଷ ହେତୁ ବିଚରା ତା'ର ମଜା ନେବା ଆରମ୍ଭ କରିଦେଲା। ବାଲ୍ୟ ବନ୍ଧୁ ଗାଁରୁ ଫେରିଲା ବେଳକୁ ନେଡ଼ିଗୁଡ଼ କହୁଣିକୁ। ଯେତେ ବୁଝେଇଲା ପରେ ସେ ବୁଝିବାକୁ ନାରାଜ। ଏମିତି ପରିସ୍ଥିତି ହେଲା ବାଲ୍ୟ ବନ୍ଧୁ ସହ ସମ୍ପର୍କ ତୁଟାଇ ନକଲି ସାଙ୍ଗ ଓ ପ୍ରେମରେ ଉବୁଟୁବୁ। କହିବାର ଅର୍ଥ ଦ୍ରବ୍ୟ ହେଉ ସେବା ଅବା ମଣିଷ ଚକଚକ କରୁଥିବା ନକଲିଗୁଡ଼ିକ ଭାରି ମନଲୋଭା ଓ ଆସକ୍ତି ପ୍ରଣୋଦିତ। ଏଇ ଦେଖୁ ନାହାନ୍ତି ଆଜିକାଲି ମିଳୁଥିବା ଇମିଟେସନ ଅଳଙ୍କାର (ମାନେ ଗହଣା/ଅଳଙ୍କାର)। ଚିହ୍ନିବା କଷ୍ଟକର କି କେଉଁଟା ସୁନା ଆଉ କେଉଟା ବେଙ୍ଗି ପିତ୍ତଳ। କିନ୍ତୁ ନକଲିର ପ୍ରାଦୁର୍ଭାବ ଅସଲି ଉପରେ ଭାରି ପଡ଼ିବା ପରିବେଶ ଓ ସାମାଜିକ ସମ୍ପର୍କ ପ୍ରତି ଅତ୍ୟନ୍ତ କ୍ଷତିକାରକ।

ଅସଲି ଖଲିପତ୍ର ବା ଦନା ଛାଡ଼ି ନକଲି ସୁନେଲି ରୂପେଲି ଜରିରେ ଖାଇବା ଶରୀର ପାଇଁ ଯେତିକି ହାନିକାରକ, ପରିବେଶ ପାଇଁ ତା'ଠାରୁ ଅଧିକ ବିପଜ୍ଜନକ। ତଥାପି ଆମକୁ ନକଲି ଆକର୍ଷଣୀୟ ଲାଗୁଛି। ବିନା ପରିଶ୍ରମରେ ସୁଲଭ ଦରରେ ଉପଲବ୍ଧ ତାହା ପୁଣି ଦେଖିବାକୁ ଅତ୍ୟନ୍ତ ମନଲୋଭା। କେହି କେହି ଏହାକୁ ସମ୍ଭ୍ରାନ୍ତ ପଣିଆ ଭାବିଲେଣି। ଜଣେ ବନ୍ଧୁ ସଗର୍ବେ କହନ୍ତି ଆମ ଜଳଖିଆ ମାସର ଅଧିକାଂଶ ଦିନ ହାଇଫାଇ ରେଷ୍ଟୁରାଣ୍ଟରୁ ଆସେ। କ'ଣ ହେବ ସେ ଟଙ୍କା! ରୋଜଗାର କାହା ପାଇଁ କରୁଛୁ! ସତକଥା ଏଭଳି ମହାଜ୍ଞାନୀଙ୍କୁ ବୁଝେଇବ କିଏ ? ତା' ବାଟରେ ଯାଉଥିବା କିଳାକୁ ଗୁଆପାନ ଦେଇ କାହିଁକି ନିମନ୍ତ୍ରଣ କରିବ ଯେ! ଆଜିକାଲି ଏଭଳି ଅବସ୍ଥା ସବୁଠି।

ଏକ ମାସ ଭିତରେ ପ୍ରାୟ ଆଠ ଦଶଟା କଲେଜ ବୁଲିଲିଣି। ସବୁଠି ଗୋଟିଏ କଥା ପଚାରିଲି -ପିଲାମାନେ କେଉଁମାନଙ୍କ ପାଖରେ ବହି ଅଛି ଆଉ କିଏ କିଏ ବହି ପଢୁଛ ହାତ ଉଠାଅ। ପରିସଂଖ୍ୟାନ ଅତି ନଗଣ୍ୟ। ମାନେ ଶହେ ସ୍ନାତକ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ହାରାହାରି ଦୁଇରୁ ଚାରି ମାତ୍ର। ବାକିସବୁ ଗାଇଡ୍ ବୁକ୍ ବା ଟ୍ୟୁଶନ ନୋଟ। ହାତରେ ଦାମୀ ସ୍ମାର୍ଟ ଫୋନ ମାତ୍ର ସ୍ନାତକ ସମ୍ମାନ ପଢୁଥିବା ଦେଶର ଭାଗ୍ୟ ଓ ଭବିଷ୍ୟତଙ୍କ ପାଖରେ ପାଠ୍ୟପୁସ୍ତକ ନାହିଁ। ଏମାନେ ଅଭାବ ପାଇଁ କିଣୁ ନାହାନ୍ତି ତାହା ନୁହେଁ, ଏମାନେ ବାସ୍ତବତା ଠାରୁ ଦୂରରେ। ରିଲ୍ ପଛରେ ଗୁଡ଼େଇ ଗୁଡ଼େଇ ରିୟଲ କଥା ଭୁଲି ଗଲେଣି। ନକଲି ପ୍ରତି ଏମାନଙ୍କ ଆକର୍ଷଣ ହେତୁ ଅସଲି ଅନାଦର ଓ ହତାଦର। ସେମିତି ଆଜିକାଲି ନକଲି ଉତ୍ପାଦ ସବୁଆଡ଼େ। କେବଳ ନକଲି ଔଷଧ, ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ନୁହେଁ ନକଲି ଡାକ୍ତର, ଇଞ୍ଜିନିୟର, ମେକାନିକ, ଭିଜିଲାନ୍ସ ଅଫିସର, ଜିଏସ୍‌ଟି ଅଧିକାରୀ, ନକଲି ଏସ୍‌ପି, ମାଷ୍ଟର, ବାବା, ମାତା, ଏମିତି ଲମ୍ବା ତାଲିକା। ତେଣୁ ନକଲି ପ୍ରତି ସାବଧାନ। ବିଜ୍ଞାନୀ ମଣିଷ ଅସଲି ଓ ନକଲି ଭିତରେ ଫରକ ଜାଣୁ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ଲକ୍ଷ୍ୟରୁ ବିଚ୍ୟୁତ ନ ହେଉ

ମହାଶୟ,

ଖୁସିର ବିଷୟ ଯେ, ବହୁ ପ୍ରତୀକ୍ଷା ପରେ ଓଡ଼ିଶାରେ 'ଆୟୁଷ୍ମାନ୍' ଯୋଜନା ବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ସମ୍ପୂର୍ଣ୍ଣ ଗରିବ ନିର୍ବିଶେଷରେ ୭୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ଓଡ଼ିଶା ତଥା ଓଡ଼ିଶା ବାହାରେ ଭାରତ ସରକାରଙ୍କ ତାଲିକାଭୁକ୍ତ ହୋଇଥିବା ସମସ୍ତ ମେଡିକାଲରେ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ । ରାଜ୍ୟ ସରକାର ଏହି ଦେୟମୁକ୍ତ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବାକୁ ତତ୍ପରତା ପ୍ରଦର୍ଶନ କରିଛନ୍ତି । ଆମେରିକାର ଓବାମା କେୟାର ଭଳି ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟବାସୀ ଉପକୃତ ହେବେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ରୋଗୀମାନେ ଦେଶର ବଛାଯାଇଥିବା ଚିକିତ୍ସାଳୟରେ ଗୁଣାତ୍ମକ ସେବା ପାଇପାରିବେ । ହେଲେ ପୃଥିବୀର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା ଯୋଜନା ତା'ର ଲକ୍ଷ୍ୟରୁ ବିଚ୍ୟୁତ ନ ହେଉ ।

**-ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା, ପୁରୀ**

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୌବାଣିଜ୍ୟର ବାର୍ତ୍ତାବହ ବାଲିଯାତ୍ରା

କଟକ, ୬।୨ (କାର୍ତ୍ତିକ ସାହୁ)



ବିଗତ ଦିନରେ କଳିଙ୍ଗର ନୌବାଣିଜ୍ୟ ଐତିହ୍ୟ ବେଶ୍ ସମୃଦ୍ଧ ଥିଲା। ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୧୩ଶ ଶତାବ୍ଦୀ ମଧ୍ୟରେ ଏହାର ସ୍ୱତନ୍ତ୍ର ଗୌରବମୟ ନୌବାଣିଜ୍ୟ ପରିଚୟ ରହିଛି। ଏଠାରୁ ପ୍ରାଚୀନ ଗ୍ରୀସ୍, ରୋମ୍, ଜାଭା, ସୁମାତ୍ରା, ବାଲି, ବ୍ରହ୍ମଦେଶ, ସିଂହଳ, ମାଲେସିଆକୁ ସମୁଦ୍ର ପଥରେ ବାଣିଜ୍ୟ କାରବାର କରାଯାଉଥିଲା। ବିଶେଷକରି ମହାନଦୀ ଦେଇ କଟକରୁ ବିଦେଶକୁ ବାଣିଜ୍ୟ କାରବାର ହେଉଥିଲା। ପ୍ରଥମେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ମହାନଦୀ ଦେଇ ଛୋଟ ଛୋଟ ଡଙ୍ଗା ମାଧ୍ୟମରେ ବିଭିନ୍ନ ପ୍ରକାରର ସାମଗ୍ରୀ କଟକକୁ ଆସୁଥିଲା। ଏହାପରେ ଏଠାରୁ ଓଡ଼ିଆମାନେ ବଡ଼ ଡଙ୍ଗା ଦ୍ୱାରା ସମୁଦ୍ର ପଥରେ ବାହାର ଦେଶକୁ ଉକ୍ତ ସାମଗ୍ରୀକୁ ନେଇ ବେପାର ଉଦ୍ଦେଶ୍ୟରେ ଯାଉଥିଲେ। ସାଧବପୁଅମାନେ କାର୍ତ୍ତିକ ପୂର୍ଣ୍ଣମୀରେ ଏହି ନୌବାଣିଜ୍ୟ ଯାତ୍ରା ଆରମ୍ଭ କରୁଥିଲେ, ଯାହା ବାଲି ଯାତ୍ରା ନାମରେ ପରିଚିତ ଥିଲା। ନୌବାଣିଜ୍ୟର ବାର୍ତ୍ତାବହ ସାଜିଥିବା ସେହି ଯାତ୍ରାକୁ ମନେ ପକାଇବା ପାଇଁ କଟକ ମହାନଦୀ ପଠାରେ ବିଗତ କେତେ ବର୍ଷ ହେବ କାର୍ତ୍ତିକ ପୂର୍ଣ୍ଣମୀ ସମୟରେ ବାଲିଯାତ୍ରା ପାଳନ କରାଯାଉଛି। ସମୟକ୍ରମେ ଏହାର ସ୍ୱରୂପ ବଦଳାଇ ବାଲିଯାତ୍ରାକୁ ଏକ ବାଣିଜ୍ୟିକ ମେଳାରେ ପରିଣତ କରିଦିଆଗଲାଣି। କିନ୍ତୁ ବାସ୍ତବରେ ଏହା ଏକ ମେଳା ନୁହେଁ, ଓଡ଼ିଆ ଐତିହ୍ୟର ପ୍ରତୀକ। ଏବେ ପାଳିତ ବାଲିଯାତ୍ରାର ବ୍ୟାପକତା ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ଏହାକୁ ଜାତୀୟ ମାନ୍ୟତା ଦେବାକୁ ୨୦୧୯ ମସିହାରୁ ଦାବି ହୋଇଆସୁଥିଲା। ୨୦୨୫ ଫେବୃଆରୀ ୬ରେ ସଂସ୍କୃତି ମନ୍ତ୍ରଣାଳୟ ଏହାକୁ ଜାତୀୟ ମାନ୍ୟତା ଦେଇଛି। ଫଳରେ ଏହାର କଳେବର ବୃଦ୍ଧି ପାଇବା ସହ ଏହାକୁ ପରିଚାଳନା କରିବାରେ କେନ୍ଦ୍ର ସରକାରଙ୍କଠାରୁ ଆର୍ଥିକ ଅନୁଦାନ ମିଳିବ। ଏବେ ଏଠାରେ ପାଳିତ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା ପରେ କଟକବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

## ଏମାନଙ୍କ ମୁହଁରୁ ....

### ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲି



ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲି। ସମସ୍ତଙ୍କ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ତେବେ କ୍ଷୁଦ୍ର ବ୍ୟବସାୟୀମାନେ କିପରି ଲାଭବାନ ହୋଇପାରିବେ ଦୃଷ୍ଟି ଦିଆଯିବା ଦରକାର। ଜାତୀୟସ୍ତରରେ ବାଲିଯାତ୍ରାର ପ୍ରମୋଶନ ଅଧିକ ମାତ୍ରାରେ କରାଯାଉ।

**– ସୋଫିଆ ଫିର୍ଦ୍ଦୋସ, ବିଧାୟିକା, ବାରବାଟୀ–କଟକ**

### କଟକିଆଙ୍କ ଭାବାବେଗ ସହ ଜଡ଼ିତ



ଦେଶରେ ଏଭଳି ବାଣିଜ୍ୟିକ ମେଳା ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ। ବାଲିଯାତ୍ରା ସବୁ କଟକିଆଙ୍କ ଭାବାବେଗ ସହିତ କେଉଁକାଳରୁ ଜଡ଼ିତ। ବହୁ ଆଗରୁ ଜାତୀୟ ମାନ୍ୟତା ପାଇବାର ହକ୍ ରଖିଥିଲା ବାଲିଯାତ୍ରା। ନିଶ୍ଚିତ ଭାବେ ଓଡ଼ିଶାର ଅଭିବୃଦ୍ଧିରେ ଏହା ସହାୟକ ହେବ।

**– ସୁସ୍ମିତା ରଥ, ସାହିତ୍ୟିକା, ଦରଘାବଜାର, କଟକ**

### ପ୍ରଧାନମନ୍ତ୍ରୀଙ୍କ ବଢ଼ିଆ ପଦକ୍ଷେପ



କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ କରି ପ୍ରଧାନମନ୍ତ୍ରୀ ବଢ଼ିଆ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଓଡ଼ିଆ ଭାବରେ ଗର୍ବ ଆଉ ଖୁସି ଅନୁଭବ ହେଉଛି। ଭାରତର ଜାତୀୟ ମାନ୍ୟତା ମାନଚିତ୍ରରେ କଟକ ସାମିଲ ହେଲା। ଓଡ଼ିଶା ଆହୁରି ଆଗକୁ ଯିବ।

**– ଆଭା କାନୁନ୍‌ଗୋ, ସମ୍ପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ**

### ଅତ୍ୟନ୍ତ ଖୁସିର ବିଷୟ



ବହୁତ ଆଗରୁ ମାନ୍ୟତା ପାଇବାର ଥିଲା। ଏହା ଅତ୍ୟନ୍ତ ଖୁସିର ବିଷୟ। ଓଡ଼ିଶା ବିଶ୍ୱମୁଖୀ ହୋଇ ଉନ୍ନତି କରିବ। ପୂର୍ବସୂରୀମାନଙ୍କ ଯୋଗୁଁ ଓଡ଼ିଶା ସମୃଦ୍ଧ ରାଜ୍ୟ ହୋଇପାରିଥିଲା। ଜଗତୀକରଣର କଥା ସେ ସମୟର ନୌବାଣିଜ୍ୟ ହିଁ ସୃଷ୍ଟି କରିଥିଲା। ପୁଣି ଥରେ ଓଡ଼ିଶାର ବାଣିଜ୍ୟିକ ସମ୍ପର୍କ ବିଶ୍ୱକୁ ପରିବ୍ୟାପ୍ତ ହେବ।

**– ମୀରା ବେଉରା, ସ୍ତମ୍ଭକାର, ତୁଳସୀପୁର, କଟକ**

### ମେୟର ଭାବେ ବହୁ ଚିଠି ଦେଇଛି



କଟକବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୨୦୧୯ରୁ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। କଟକର ମେୟର ହିସାବରେ କେନ୍ଦ୍ର ସରକାରଙ୍କ ନିକଟକୁ ବହୁ ଚିଠି ଦେଇଛି। ପାର୍ଲାମେଣ୍ଟରେ ମଧ୍ୟ ପ୍ରସଙ୍ଗ ଉପସ୍ଥାପିତ ହୋଇଛି। ତେବେ ଆଗକୁ ବାଲିଯାତ୍ରାର କଳେବର ଯେ ବହୁ ଭାବେ ପରିବର୍ଦ୍ଧିତ ହେବ ତାହା ନିଃସନ୍ଦେହ।

**– ସୁବାସ ସିଂହ, ମେୟର, କଟକ**

### ବିକାଶର ପ୍ରତିଫଳନ ବାଲିଯାତ୍ରା



କଟକବାସୀ ତଥା ଓଡ଼ିଶାବାସୀଙ୍କ ବହୁ ଦିନର ଆଗ୍ରହ ଥିଲା। ଗୋଟିଏ ଜାତିର ଆକାଂକ୍ଷା, ସ୍ୱାଭିମାନ, ବିକାଶର ପ୍ରତିଫଳନ ହେଉଛି ବାଲିଯାତ୍ରା। ଯାହାହେଉ ପାର୍ଲାମେଣ୍ଟରେ ଓଡ଼ିଶାବାସୀଙ୍କ ସ୍ୱରକୁ ଉପସ୍ଥାପନ କରାଯାଇଥିବାରୁ କେନ୍ଦ୍ର ସରକାର ଏହାକୁ ଜାତୀୟ ମାନ୍ୟତା ପ୍ରଦାନ କରିଛନ୍ତି। ଓଡ଼ିଶାର ପୂର୍ବ ସରକାରଙ୍କ ସମୟରୁ ଏଥିନିମନ୍ତେ ଦାବି ହୋଇଆସୁଥିଲା।

– ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସମ୍ପାଦକ, କଟକ ମହାନଗର ପୂଜା କମିଟି

### ଅର୍ଥନୈତିକ ଅଭିବୃଦ୍ଧି ଘଟିବ



ଏହାଦ୍ୱାରା ସାଧବ ଓ ନୌବାଣିଜ୍ୟର ପରମ୍ପରା ଦେଶ ବିଦେଶରେ ପ୍ରଚାରିତ ହେବ। କଟକ ସହ ଓଡ଼ିଶାର ସାଂସ୍କୃତିକ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ହଜିଯାଉଥିବା ସାଧବ ପରମ୍ପରା ଉଜ୍ଜୀବିତ ହେବ। ରାଜ୍ୟର ପ୍ରଗତିରେ ସାଧବପୁଅଙ୍କ ତ୍ୟାଗ ଆଗାମୀ ପିଢ଼ି ଜ୍ଞାନ ଆହରଣ କରିବେ।

**– ସରୋଜ କୁମାର ସାହୁ, ସମ୍ପାଦକ, କଟକ ମହାନଗର ତୈଳିକ ବୈଶ୍ୟ ସମାଜ**

### ବିଶ୍ୱମୁଖୀ ହେବ



ଜାତୀୟ ଉତ୍ସବର ମାନ୍ୟତା ମିଳିଥିବାରୁ ଏହି ଐତିହାସିକ ଓ ଓଡ଼ିଶାର ପ୍ରାଚୀନ ସଂସ୍କୃତି ଆଧାରିତ ବାଲିଯାତ୍ରା ଏବେ ଅଧିକ ମାତ୍ରାରେ ଦେଶ ବିଦେଶରେ ଓଡ଼ିଆ ପୁଅର ଦୁଃସାହସିକ ସାମୁଦ୍ରିକ ବାଣିଜ୍ୟ ଯାତ୍ରା ଓ ପରମ୍ପରାର ବାର୍ତ୍ତା ପ୍ରଚାର କରିବ। ଫଳରେ ଏହା ବିଶ୍ୱମୁଖୀ ହୋଇପାରିବ।

**– ଡା. ରବି ରଞ୍ଜନ ସାହୁ, ସଭାପତି, କଟକ ମହାନଗର ନାଗରିକ ମହାସଭା**

### ଅତ୍ୟନ୍ତ ସ୍ୱାଗତଯୋଗ୍ୟ



ଓଡ଼ିଆ ଜାତିର ଗୌରବ ଓ ପରମ୍ପରା ବହନ କରୁଥିବା ଐତିହାସିକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଜଣେ କଟକିଆ ଭାବରେ କେନ୍ଦ୍ର ସରକାରଙ୍କ ଘୋଷଣାକୁ ସମ୍ମାନ ଜଣାଇବା ସହ ଅତ୍ୟନ୍ତ ଖୁସି ଓ ଆନନ୍ଦ ଅନୁଭବ କରୁଛି। ଏଥିସହ କେନ୍ଦ୍ର ସରକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

**– ଉତ୍କଳ ଭୂଷଣ ରାଉତରାୟ, ବରିଷ୍ଠ ରେଳ ଶ୍ରମିକ ନେତା, କଟକ**

# ମାଟ୍ରିକ୍: ୨୧ରୁ ପରୀକ୍ଷା, ମାର୍ଚ୍ଚ ୧୯ରୁ ଖାତାଦେଖା

କଟକ, ୬।୨ (କାର୍ତ୍ତିକ ସାହୁ)

**୨୯୭୯ କେନ୍ଦ୍ରରେ ପରୀକ୍ଷା ଦେବେ ୫,୧୦,୭୭୮ ପରୀକ୍ଷାର୍ଥୀ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏଥିସହ ମାର୍ଚ୍ଚ ୧୯ ତାରିଖରୁ ଖାତାଦେଖା ଆରମ୍ଭ ହେବ ବୋଲି କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ମାଟ୍ରିକ୍ ପରୀକ୍ଷା ପାଇଁ ୫,୧୦,୭୭୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ରାଜ୍ୟର ମୋଟ୍ ୨,୯୭୯ କେନ୍ଦ୍ରରେ ପରୀକ୍ଷା ହେବ। ପରୀକ୍ଷା ଶେଷ ହେବା ପରେ ୪୭ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହେବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୭୬୬ ଜଣ ଫର୍ମ ପୂରଣ କରିଥିବାବେଳେ ୧୦୨ଟି କେନ୍ଦ୍ରରେ ପରୀକ୍ଷା ଓ ଦୁଇଟି କେନ୍ଦ୍ରରେ ଖାତାଦେଖା ହେବ। ଏଥିସହ ମଧ୍ୟମା ପରୀକ୍ଷା ପାଇଁ ୩,୭୯୨ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୫୨ଟି କେନ୍ଦ୍ରରେ ପରୀକ୍ଷା ଓ ଦୁଇଟି କେନ୍ଦ୍ରରେ ଖାତାଦେଖା ହେବ। ତେବେ ତିନୋଟିଯାକ ପରୀକ୍ଷାର ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ନିମନ୍ତେ ୩୦ଟି ଜିଲାରେ ୩୧୪ ନୋଡାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରେ ପୋଲିସ ଥାନାରେ ୨୧ଟି ନୋଡାଲ କେନ୍ଦ୍ର ଓ ବିଟ୍ ହାଉସ୍‌ରେ ଗୋଟିଏ କେନ୍ଦ୍ର କରାଯାଇଛି। ପୋଲିସ ଥାନା ନୋଡାଲ କେନ୍ଦ୍ର କନ୍ଧମାଳରେ ୭, କୋରାପୁଟରେ ୪, ମାଲକାନାଗିରିରେ ୧୦ ଓ ଲମତାପୁଟ ବିଟ୍ ହାଉସ୍‌ରେ ଗୋଟିଏ ନୋଡାଲ କେନ୍ଦ୍ର ହୋଇଛି। ତିନୋଟିଯାକ ପରୀକ୍ଷାରେ ମୋଟ୍ ୫,୨୨,୩୩୬ ଜଣ ପରୀକ୍ଷାର୍ଥୀଙ୍କ ନିମନ୍ତେ ୩,୧୩୩ ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି ମୋଟ୍ ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ସମସ୍ତ ପରୀକ୍ଷା ଖାତାଦେଖା ହେବ।

ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ମାଟ୍ରିକ୍ ଓ ମଧ୍ୟମା ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ଆସନ୍ତା ୧୦ ତାରିଖରୁ ଉପଲବ୍ଧ ହେବ। ଏହାବାଦ୍ ଅଫ୍‌ଲାଇନ୍ ମାଧ୍ୟମରେ ମଧ୍ୟ ସେମାନଙ୍କୁ ଆଡ୍‌ମିଟ୍ ପ୍ରଦାନ କରାଯିବ। ମାତ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କୁ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଆଡ୍‌ମିଟ୍ କାର୍ଡ ପ୍ରଦାନ କରାଯିବ। ଭୋକେଶନାଲ ପ୍ରାକ୍ଟିକାଲ ପରୀକ୍ଷା ସମ୍ପୃକ୍ତ ବିଦ୍ୟାଳୟରେ ଫେବୃଆରୀ ୨୫ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିସହ ଜିଲା ଶିକ୍ଷାଧିକାରୀ, ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖରେ ବୋର୍ଡ ମୁଖ୍ୟାଳୟରେ କରାଯିବ। ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବୋର୍ଡ ମୁଖ୍ୟାଳୟକୁ ସିଧାସଳଖ ପରୀକ୍ଷାକେନ୍ଦ୍ର ଓ ନୋଡାଲ କେନ୍ଦ୍ରଗୁଡ଼ିକରୁ ଆସିବ ନିମନ୍ତେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୨ ତାରିଖରୁ ନୋଡାଲ କେନ୍ଦ୍ରଗୁଡ଼ିକୁ ପରୀକ୍ଷାଖାତା ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

### ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା

ଶୃଙ୍ଖଳିତ ପରୀକ୍ଷା ପରିଚାଳନା ତଦାରଖ ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ୭୦ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯିବ। ବୋର୍ଡ ମୁଖ୍ୟାଳୟ ପକ୍ଷରୁ ୪୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ଯାଞ୍ଚ କରିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ଏଥିସହ ପ୍ରତି ଜିଲାରେ ବିଡିଓ, ତହସିଲଦାର ଓ ଜିଲା ପ୍ରଶାସନର ଅଧିକାରୀଙ୍କୁ ନେଇ ଜିଲାପାଳ ସ୍କ୍ୱାଡ୍ ଗଠନ କରିବେ।

### ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବ୍ୟବସ୍ଥା

ଏଥର ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ କେତେକ ପଦକ୍ଷେପ ନିଆଯାଇଛି। ପ୍ରଶ୍ନପତ୍ରରେ କ୍ୟୁଆର୍ କୋଡ୍ ସହ ୱାଟର ମାର୍କ ଓ କୋଡିଂ ସଂଖ୍ୟା ଛପାଯିବ। ଏହାଦ୍ୱାରା କେଉଁ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଛି ତାହା ସହଜରେ ଜଣାପଡ଼ିବ।

### ୱେବ୍‌ସାଇଟ୍‌ରେ ପରୀକ୍ଷା ସୂଚନା

ପରୀକ୍ଷା ସମ୍ପର୍କିତ ସମସ୍ତ ସୂଚନା ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ହାଇସ୍କୁଲଗୁଡ଼ିକ ଗୁରୁବାରଠାରୁ ନିଜର ସମସ୍ତ ସୂଚନା ଜାଣିପାରିବେ। କୌଣସି ହାଇସ୍କୁଲରୁ କେତେ ସଂଖ୍ୟକ ଛାତ୍ରୀଛାତ୍ର କେଉଁ କେନ୍ଦ୍ରରେ ପରୀକ୍ଷା ଦେବେ, ସମ୍ପୃକ୍ତ ହାଇସ୍କୁଲଟି ପରୀକ୍ଷା କେନ୍ଦ୍ର/ନୋଡାଲ କେନ୍ଦ୍ର ଅଥବା ମୂଲ୍ୟାୟନ କେନ୍ଦ୍ର ହୋଇଛି କି ନାହିଁ ଏବଂ ଯଦି ପରୀକ୍ଷା କେନ୍ଦ୍ର ହୋଇଛି କେତେଜଣ ପରୀକ୍ଷାର୍ଥୀ ବିଭିନ୍ନ ବିଷୟରେ ପରୀକ୍ଷା ଦେବେ ସେ ସମ୍ପର୍କିତ ତଥ୍ୟ ୱେବ୍‌ସାଇଟ୍‌ରୁ ମିଳିପାରିବ।

# ଆଜି ଗଣଶିକ୍ଷା ବିଭାଗର ୨୭୬୭ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୨ (ସୁଚିସ୍ମିତା ସାହୁ)

ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ୟୁନିଟ–୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ନିଯୁକ୍ତି ମେଳା ସମାରୋହ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୨୭୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଏମାନଙ୍କ ମଧ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୮୯୪ ଜଣ ଅଧ୍ୟକ୍ଷ ଓ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ସେହିପରି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚ ବିଦ୍ୟାଳୟର ୧୭୯୮ଜଣ ଶିକ୍ଷୟିତ୍ରୀଶିକ୍ଷକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୮ଜଣ କନିଷ୍ଠ ସହାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ୨୭ଜଣ କନିଷ୍ଠ ସହାୟକ, ମାଧ୍ୟମିକ ଶିକ୍ଷା ପରିଷଦର ୧୮ ଜଣ କନିଷ୍ଠ ସହାୟକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ୨ ଜଣ ସମୀକ୍ଷକ ନିଯୁକ୍ତିପତ୍ର ପାଇବେ ବୋଲି ସୂଚନା ଦିଆଯାଇଛି। ନିଯୁକ୍ତି ମେଳା ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ରହିବେ।






# ଆଫଗାନ୍ ମହିଳାଙ୍କ ଏକମାତ୍ର ରେଡିଓ ଷ୍ଟେଶନ ବନ୍ଦ

## ସ୍ୱାଧୀନତା ଛଡ଼ାଇନେଇଛି ତାଲିବାନ୍

**ତାଲିବାନ୍ କାବୁଲ ଦଖଲ ପରଠୁ ଆଫଗାନିସ୍ତାନରେ ସଂସ୍କାର ଓ ରକ୍ଷଣଶୀଳତା ନାମରେ ଗୋଟିଏ ପରେ ଗୋଟିଏ ମହିଳା ବିରୋଧୀ ପଦକ୍ଷେପ ନେଇଚାଲିଛି। ଏହି କ୍ରମରେ ସଶସ୍ତ୍ର ଶାସକ ତାଲିବାନ୍ ମଙ୍ଗଳବାର କାବୁଲରେ ଥିବା ମହିଳା ପରିଚାଳିତ ଏକମାତ୍ର ରେଡିଓ ଷ୍ଟେଶନକୁ ସବୁଦିନ ପାଇଁ ବନ୍ଦ କରିଦେଇଛି। ଉକ୍ତ ରେଡିଓ ଚ୍ୟାନେଲରେ ଅନଧିକୃତ ବିଷୟବସ୍ତୁ ପ୍ରସାର ସହ ଏକ ବିଦେଶୀ ଟିଭି ଚ୍ୟାନେଲକୁ ନିଜ କାର୍ଯ୍ୟକ୍ରମ ଟିଲେ କରାଉଥିବା ଦର୍ଶାଇ କଠୋରପନ୍ଥୀ ଇସ୍‌ଲାମୀୟ ସଙ୍ଗଠନ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା କହିଛି। ତାଲିବାନ୍ ଶାସନରେ ମହିଳାଙ୍କ ସ୍ୱାଧୀନତା ଛଡ଼ାଇନେବାର ଏହା ହେଉଛି ସଦ୍ୟ ଦୃଷ୍ଟାନ୍ତ।**




କାବୁଲ, ୬।୨

୨୦୨୧ରେ ତାଲିବାନ୍ ଆଫଗାନିସ୍ତାନର ନିୟନ୍ତ୍ରଣ ନିଜ ହାତକୁ ନେବାର ୫ ମାସ ପୂର୍ବରୁ ରାଜଧାନୀ କାବୁଲରେ ଖୋଲାଯାଇଥିଲା 'ରେଡିଓ ବେଗମ୍'। ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ ଏହି ବେତାର ପ୍ରସାରଣ କେନ୍ଦ୍ର ସହ ଅନୁବନ୍ଧିତ ଏକ ସାଟେଲାଇଟ୍ ଚ୍ୟାନେଲ 'ବେଗମ୍ ଟିଭି' ଫ୍ରାନ୍ସରୁ ପ୍ରସାରିତ ହୋଇଥାଏ। ଆଫଗାନିସ୍ତାନର ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକୁ 'ବେଗମ୍ ଟିଭି' ପ୍ରସାର କରିଥାଏ। 'ରେଡିଓ ବେଗମ୍' ମଧ୍ୟ ଦୈନିକ ଅନ୍ୟୂନ ୬ ଘଣ୍ଟା ପିଲାଙ୍କ ପାଠପଢ଼ା ସମ୍ପର୍କିତ କାର୍ଯ୍ୟକ୍ରମ ବ୍ରଡ୍‌କାଷ୍ଟ କରିଥାଏ। ସେହିପରି ଆଫ୍‌ଗାନ ମହିଳାଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ, ମନସ୍ତତ୍ତ୍ୱ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରସାର କରାଯାଇଥାଏ। କିନ୍ତୁ ମଙ୍ଗଳବାର ତାଲିବାନ୍ ଏହା ଉପରେ ହଠାତ୍ ଚଢ଼ାଉ କରି ଅଫିସରେ ତାଲା ପକାଇଦେଇଛି। ତାଲିବାନ୍‌ର ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟର ଅଧିକାରୀମାନେ ଚଢ଼ାଉ ବେଳେ ଏହି ରେଡିଓ ଷ୍ଟେଶନରୁ ଅନେକ କମ୍ପ୍ୟୁଟର, ହାର୍ଡ ଡ୍ରାଇଭ୍, ଫାଇଲ, ଫୋନ୍ ଆଦି ଜବତ କରିଛନ୍ତି। ମହିଳା ଖବରଦାତାଙ୍କ ସାମଗ୍ରୀ ଜବତ କରିବା ପରେ କର୍ମଚାରୀମାନଙ୍କୁ ସେଠାକୁ କାର୍ଯ୍ୟ କରିବା ପାଇଁ ଆଉ ନ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ପରିଚାଳନା ଦାୟିତ୍ୱରେ ନ ଥିବା ୨ ଜଣ ପୁରୁଷ କର୍ମଚାରୀଙ୍କୁ ଗିରଫ କରିନେଇଛନ୍ତି। 'ରେଡିଓ ବେଗମ୍' ଆଫଗାନ୍ ସରକାରଙ୍କ ପ୍ରସାରଣ ନୀତିକୁ ଉଲ୍ଲଂଘନ କରିବା ସହ ପ୍ରାପ୍ତ ଲାଇସେନ୍ସର ଦୁରୁପଯୋଗ କରୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ତାଲିବାନ୍ କହିଛି। ତେବେ ଏହି ରେଡିଓ ଷ୍ଟେଶନକୁ କେବେଠୁ ସ୍ୱାଭାବିକ ଭାବେ ପୁନଃ ପ୍ରସାରଣ ଅନୁମତି ଦିଆଯିବ ସେନେଇ ତାଲିବାନ୍ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ। ରେଡିଓ ଷ୍ଟେଶନ୍‌ର ଭବିଷ୍ୟତ ସ୍ଥିର କରିବା ପାଇଁ ସବୁ ଜରୁରୀ ଦସ୍ତାବିଜକୁ ଯାଞ୍ଚ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ଅନ୍ୟପକ୍ଷେ 'ରେଡିଓ ବେଗମ୍' କୌଣସି ରାଜନୈତିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ବିଷୟକୁ ଏହାର କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଆଫ୍‌ଗାନିସ୍ତାନବାସୀ ଓ ବିଶେଷକରି ମହିଳାଙ୍କୁ ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଷ୍ଟେଶନ୍ ପକ୍ଷରୁ କୁହାଯାଇଛି।

ଏକ ବିଦେଶୀ ଗଣମାଧ୍ୟମ ସହ ମିଶି କାର୍ଯ୍ୟ କରିବା ଅଭିଯୋଗରେ ତାଲିବାନ୍ ପକ୍ଷରୁ ଶଟର ବନ୍ଦ କରାଯିବାର ଏହା ହେଉଛି ଦ୍ୱିତୀୟ ଘଟଣା। ଗତବର୍ଷ ମେ'ରେ ତାଲିବାନ୍ ଆଫ୍‌ଗାନିସ୍ତାନର ଖବରଦାତା ଓ ବିଶେଷଜ୍ଞମାନଙ୍କୁ ଆଫ୍‌ଗାନିସ୍ତାନ ଇଣ୍ଟରନ୍ୟାଶନାଲ ଟିଭି ସହ ସମନ୍ୱୟ ରଖି କାର୍ଯ୍ୟ କରିବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଯୁଦ୍ଧ ପ୍ରଭାବିତ ଦେଶରୁ ନିର୍ବାସିତ ଲୋକଙ୍କ ସହ ମିଶି ଏହି ଟିଭି ଚ୍ୟାନେଲ କାର୍ଯ୍ୟ କରିଥାଏ। ମାନବାଧିକାର ସଙ୍ଗଠନଗୁଡ଼ିକ ତାଲିବାନ୍‌କୁ ରେଡିଓ ଷ୍ଟେଶନ ଉପରୁ କଟକଣା ହଟାଇବାକୁ ଦାବି କରିଛନ୍ତି। ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ–୨୦୨୪ରେ ୧୮୦ ଦେଶ ମଧ୍ୟରୁ ଆଫଗାନିସ୍ତାନର ସ୍ଥାନ ୧୭୮ରେ ରହିଥିଲା।

# ବୟଫ୍ରେଣ୍ଡ୍ ହେବା ପାଇଁ ୫ ହଜାର ଆବେଦନ




**ଲଣ୍ଡନ:** ସମ୍ପ୍ରତି ସୋସିଆଲ ମିଡିଆରେ ବିଭିନ୍ନ ଅଦ୍ଭୁତ ଧାରା ଦେଖିବାକୁ ମିଳୁଛି। 'ଦି ସନ୍' ୱେବ୍‌ସାଇଟ୍‌ର ରିପୋର୍ଟ ଅନୁଯାୟୀ, ଇଂଲଣ୍ଡରେ ରହୁଥିବା ମଡେଲ ତଥା କଣ୍ଟେଣ୍ଟ କ୍ରିଏଟର ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଭେରା ଡିଜ୍‌କେମନ୍ସ ଗତବର୍ଷ ତାଙ୍କ ପାଇଁ ବୟଫ୍ରେଣ୍ଡ ଖୋଜୁଥିଲେ। ତେଣୁ ସେ ଏଥିପାଇଁ ଏକ ଭାକାନ୍ସି ବାହାର କରିଥିଲେ। ଫଳରେ ତାଙ୍କର ବୟଫ୍ରେଣ୍ଡ୍ ହେବା ପାଇଁ ୫ ହଜାର ପୁରୁଷ ଆବେଦନ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ମଧ ଭେରା ତାଙ୍କ ପାଇଁ ବୟଫ୍ରେଣ୍ଡ୍ ଚୟନ କରି ନ ଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଛି। ଭେରା ଯେଉଁ ୫ ହଜାର ଆବେଦନ ଗ୍ରହଣ କରିଥିଲେ ସେଥିମଧ୍ୟରୁ ଏବେ ସେ ୩ ଜଣ ଯୁବକଙ୍କୁ ଶର୍ଟଲିଷ୍ଟ କରି ସେମାନଙ୍କ ସହ ଡେଟିଂ କରୁଛନ୍ତି।

ତେବେ ସମ୍ପ୍ରତି ଭେରା ଅନ୍ୟ ଏକ କାରଣ ପାଇଁ ମଧ ଚର୍ଚ୍ଚାରେ ଅଛନ୍ତି। କିପରି ଠିକ୍ ବୟଫ୍ରେଣ୍ଡ୍ ବାଛିବେ, ସେନେଇ ସେ ଏବେ ସୋସିଆଲ ମିଡିଆରେ ଅନ୍ୟ ମହିଳାମାନଙ୍କୁ ଟିପ୍ସ ଦେଉଛନ୍ତି। ଭେରା କହିଛନ୍ତି, ମହିଳାମାନେ ପ୍ରଥମେ ନିଜକୁ ସମ୍ମାନ ଦେବା ଉଚିତ। ପୁରୁଷମାନଙ୍କ ପାଇଁ ସେମାନେ ଏକ ନିର୍ଦ୍ଦିଷ୍ଟ ସୀମା ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ। ସେ ପୁଣି କହିଛନ୍ତି, ଯେତେବେଳେ ବି ମହିଳାମାନେ ତାଙ୍କ ବୟଫ୍ରେଣ୍ଡ୍‌ଙ୍କୁ ଭେଟନ୍ତି ସେମାନେ ନିଶ୍ଚିତ ହେବା ଆବଶ୍ୟକ ଯେ, ତାଙ୍କ ବୟଫ୍ରେଣ୍ଡ୍ ତାଙ୍କୁ ଡେଟ୍‌ରେ ନେଇ ଯାଆନ୍ତୁ। ସେହିପରି ବିଳମ୍ବିତ ରାତିରେ ବୟଫ୍ରେଣ୍ଡ୍‌ଙ୍କ ଘରକୁ ଯିବାକୁ ଭେରା ବାରଣ କରିଛନ୍ତି। ଏହାବ୍ୟତୀତ ମହିଳାମାନଙ୍କୁ ସେମାନଙ୍କ ବୟଫ୍ରେଣ୍ଡ୍‌ଙ୍କଠାରୁ ନିୟମିତ ଭାବେ ଉପହାର ଗ୍ରହଣ କରିବା ଉଚିତ୍ ବୋଲି ସେ କହିଛନ୍ତି। ଭେରା ଆହୁରି କହିଛନ୍ତି, ଯେପରି ବୟଫ୍ରେଣ୍ଡ୍‌ମାନେ ରାତି ୧୦ଟା ପରେ ମେସେଜ୍ ନ ପଠାଇବେ ସେଥିପ୍ରତି ମହିଳାମାନେ ଧ୍ୟାନ ଦେବା ଉଚିତ। ଏପରି କଲେ ତୁରନ୍ତ ମହିଳାମାନଙ୍କୁ ସେମାନଙ୍କ ବୟଫ୍ରେଣ୍ଡ୍‌ଙ୍କ ସହ ସମ୍ପର୍କ ଭାଙ୍ଗିଦେବା ଉଚିତ। ସେହିପରି ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ପୁରୁଷଙ୍କଠାରୁ ଦୂରେଇ ରୁହନ୍ତୁ ବୋଲି ସେ ମହିଳାମାନଙ୍କୁ ଟିପ୍ସ ଦେଇଛନ୍ତି। ମହିଳାମାନେ ସେମାନଙ୍କର ଆବଶ୍ୟକତା ଓ ଇଚ୍ଛା ସହ ସାଲିଶ୍ କରିବା ଉଚିତ ନୁହେଁ ବୋଲି ଭେରା କହିଛନ୍ତି।

# ଜନ୍ମଦିନରେ ଅଭିଷେକଙ୍କୁ ବଡ଼ ସରପ୍ରାଇଜ୍ ଦେଲେ ଐଶ୍ୱର୍ଯ୍ୟା



**ମୁମ୍ବାଇ:** ବଲିଉଡ ଅଭିନେତା ଅଭିଷେକ ବଚ୍ଚନ ନିକଟରେ ୪୯ତମ ଜନ୍ମଦିନ ପାଳନ କରିଛନ୍ତି। ଅଭିନେତାଙ୍କ ଜନ୍ମଦିନରେ ପ୍ରଶଂସକଙ୍କଠାରୁ ଆରମ୍ଭ କରି ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ସବୁଠୁ ନିଆରା ଥିଲା ସ୍ତ୍ରୀ ଐଶ୍ୱର୍ଯ୍ୟାଙ୍କ ସରପ୍ରାଇଜ। ଅଭିଷେକଙ୍କ ଜନ୍ମଦିନରେ ଐଶ୍ୱର୍ଯ୍ୟା ଏକ ସ୍ୱତନ୍ତ୍ର ପୋଷ୍ଟ ଶେୟାର କରି ଟ୍ରୋଲରଙ୍କୁ ଚୁପ କରିଦେଇଛନ୍ତି। ଅଭିଷେକ ଏବଂ ଐଶ୍ୱର୍ଯ୍ୟାଙ୍କ ଛାଡପତ୍ରକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏବେ ସେ ଏହି ପୋଷ୍ଟ ଦ୍ୱାରା ସମସ୍ତଙ୍କୁ ଚୁପ କରିଦେଇଛନ୍ତି। ଅଭିଷେକ ବଚ୍ଚନଙ୍କ ଜନ୍ମଦିନରେ ଐଶ୍ୱର୍ଯ୍ୟା ତାଙ୍କ ପିଲାଦିନର ଏକ ସୁନ୍ଦର ଫଟୋ ଶେୟାର କରିଛନ୍ତି। ଫଟୋ ଶେୟାର କରି ଐଶ୍ୱର୍ଯ୍ୟା ତାଙ୍କୁ ଭଲ ପାଇବା ଦେଇଛନ୍ତି। ଏହି ଫଟୋରେ ଅଭିଷେକ ସାଇକେଲରେ ବସିଥିବାର ନଜର ଆସିଛନ୍ତି। ଫଟୋ ଶେୟାର କରି ଐଶ୍ୱର୍ଯ୍ୟା ଲେଖିଛନ୍ତି, ଜନ୍ମଦିନର ଶୁଭେଚ୍ଛା, ଏହି ଜନ୍ମଦିନ ଆପଣଙ୍କ ଜୀବନରେ ଖୁସି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ପ୍ରେମ ଆଣିଦେଉ, କେବଳ ପ୍ରେମ ନୁହେଁ ବରଂ ବହୁତ ଆଲୋକ ମଧ ଆଣିଦେଉ। ଅଭିଷେକ ଐଶ୍ୱର୍ଯ୍ୟା ଓ ଝିଅ ଆରାଧ୍ୟାଙ୍କ ଜନ୍ମଦିନରେ କୌଣସି ପୋଷ୍ଟ ଶେୟାର କରି ନ ଥିଲେ, କିନ୍ତୁ ଐଶ୍ୱର୍ଯ୍ୟା ଏପରି କରିଥିବାରୁ ଅଭିନେତାଙ୍କୁ ଟ୍ରୋଲ କରାଯାଇଛି।

# ବିମାନ ଇଞ୍ଜିନରେ ପୁଶ୍‌ଅପ୍



**ସିଡ୍‌ନୀ:** ସୋସିଆଲ ମିଡିଆରେ ଲୋକପ୍ରିୟ ହେବା ସହ ଚର୍ଚ୍ଚା ସାଉଣ୍ଟିବା ପାଇଁ ସାଧାରଣତଃ ଅନେକ ଲୋକ କିଛି କିଛି ଅଦ୍ଭୁତ ଭିଡିଓ ଶେୟାର କରିଥାନ୍ତି। ଏବେ ଏହିପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅଷ୍ଟ୍ରେଲିଆର ସିଡ୍‌ନୀ ଏୟାରପୋର୍ଟରେ ଥିବା ଏକ କମର୍ସିଆଲ ଜେଟ୍ ଇଞ୍ଜିନରେ ଫିଟନେସ୍ ଇନଫ୍ଲୁଏନ୍ସର ତଥା ବଡି ବିଲ୍ଡର ପ୍ରେସ୍‌ଲି ଜିନୋସ୍କି (୨୩) ପୁଶ୍‌ଅପ୍ କରୁଥିବାର ନଜରକୁ ଆସିଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏହି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ତେବେ କମ୍ୟୁନିଟି ଗାଇଡ୍‌ଲାଇନକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍ ପକ୍ଷରୁ ଉକ୍ତ ଭିଡିଓକୁ ହଟାଇ ଦିଆଯାଇଛି। ଏହି ଭିଡିଓରେ ଜିନୋସ୍କି କ୍ୟାମେରାକୁ ଦେଖି ପୁଶ୍‌ଅପ୍ କରୁଥିବା ସହ ବଡି ବିଲ୍ଡିଂର ବିଭିନ୍ନ କୌଶଳ ମଧ ଦେଖାଉଥିବା ନଜରକୁ ଆସିଛନ୍ତି। ତେବେ ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ସେ ଏହି ଷ୍ଟଣ୍ଟ କରିଛନ୍ତି କହି ଅନେକ ୟୁଜର୍ସ ଜିନୋସ୍କିଙ୍କୁ ସମାଲୋଚନା କରିଛନ୍ତି। ଜିନୋସ୍କି କହିଛନ୍ତି, ଲୋକମାନଙ୍କୁ ହସାଇବା ପାଇଁ ସେ ଏପରି କରିଥିଲେ। ସେ ପୁଶ୍‌ଅପ୍ କରୁଥିବା ସମୟରେ ବିମାନର ଇଞ୍ଜିନ ଚାଲୁ ନ ଥିଲା। ପବନରେ ଏହା ସାମାନ୍ୟ ହଲୁଥିଲା, ଯାହା ଭିଡିଓରେ ଇଞ୍ଜିନ ଚାଲୁଥିବା ପରି ଦେଖାଯାଉଥିଲା। ଫଟୋ କ୍ଲିକ୍ କରିବା ପାଇଁ ଅନେକ ସମୟରେ ବିମାନ କର୍ମଚାରୀ ଏବଂ ପାଇଲଟ୍ ମଧ ଇଞ୍ଜିନରେ ବସିଥାନ୍ତି, ତେଣୁ ଏହା ସମ୍ପୂର୍ଣ୍ଣ ନିରାପଦ ହୋଇଥିବା ଜିନୋସ୍କି କହିଛନ୍ତି। ଏହି ଭିଡିଓ ଗତବର୍ଷ ଶୁଟ୍ କରାଯାଇଥିବା ବେଳେ କିଛି ଦିନ ତଳେ ଏହାକୁ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ସେ କହିଛନ୍ତି।


**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT, OFFICE OF THE EXECUTIVE ENGINEER (AGRIL), GANJAM DIVISION, BRAHMAPUR, RANGEILUNDA**

Notice No. 208 // Agril. Dt.04.02.2025

**INVITATION FOR BIDS (IFB)**
e procurement notice

**Bid identification number / Tender call notice no. - EE (A), Ganjam-07 of 2024-25**

**No.L-163** : The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the civil construction works under Ganjam Division. The cost of the project is approximately 12.51 lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **06.02.25 at 11.00 hours to 18.02.25 at 17.00 hours**. The bid will be opened on **20.02.25 at 11:00 hours** onwards in the O/o. Executive Engineer (Agril.), Ganjam Division, Berhampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Executive Engineer (Agril)
Ganjam Division, Brahmapur
OIPR-01508/11/0005/2425

**Standard Bidding Document**
**Government of Odisha**
**Forest, Environment & Climate Change Department, Divisional Forest Officer, Athmallik (K.L) Division.**

No. 28 Dated : 05.02.2025

**SHORT RE-TENDER NOTICE FOR HIRING OF PRIVATE VEHICLES**

**No.MM-461** : Sealed tenders are invited from interested Individuals / Registered Travel Agencies for providing diesel run 01(one) Scorpio (Preferably S-12 model or higher) and 9 (nine) Nos. of A.C. Diesel driven Bolero, which shall confirm to the Terms and conditions in Annexure-I for official use in the jurisdiction of the Divisional Forest Officer, Athmallik (K.L) Division. One Scorpio and one Bolero will be used for 1 year and 8 Nos of Bolero will be used for 8 months. Hiring charges will be paid by monthly basis. The last date of submission of Tender is on Dt.11.02.2025 up to 12 Noon. The tender papers are to be opened on Dt.12.02.2025 at 4.00 PM. in the office of the Divisional Forest Officer, Athmallik (KL) Division in presence of applicants.

The application form for tender containing General Bid information & terms and condition etc. for hiring of vehicles will also be available in the office of the undersigned on all working days.

Sd./- Divisional Forest Officer,
Athmallik (KL) Division
OIPR-08066/11/0003/2425

No.CAD-2492

**NOTICE INVITING TENDER**
**OFFICE OF CHIEF CSO/ CSO-CUM-DISTRICT MANAGER ODISHA STATE CIVIL SUPPLIES CORPORATION LTD.**
**District - KALAHANDI (BHAWANIPATNA)**
**TENDER No-322, 323, 324, 325, 326, 327, 328, 329, 330, 331, 332, 333**
**Dated. 05.02.2025**

**Cost of Tender Document is Rs.1000/- inclusive of GST for each BLOCK/ ULB (through online mode).**

Online Tenders are invited from eligible bidders for selection and appointment of transport contractors for transporation of **(i)** Paddy from Paddy Purchase Centers (PPCs)/ Mandis to Rice Mill points (within or outside district) & **(ii)** Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside district).

| | | |
|---|---|---|
| 1 | Availability of tender documents | From Date. 07.02.2025 Downloadable from website www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | On dt.10.02.2025 at 11.00 AM in the office of the Chief CSO-cum-District Manager, OSCSC Ltd., Kalahandi, Bhawanipatna |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in Upto 05.00 PM of dt.24.02.2025 |
| 4 | Date, Time and Venue for opening of Technical bid by the Tender Committee | On dt.25.02.2025 at 11.00 A.M. in the office of the Chief CSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.25.02.2025, at 11.00 A.M. in the office of the Chief CSO-cum-District Manager, OSCSC Ltd., Kalahandi, Bhawanipatna |
| 6 | Date & Time of Financial Bid opening by The Tender Committee (only of Technically Qualified Bidders) | To be announced after technical bid evaluation |
| 7 | Validity Period | Tenders are to remain open for acceptance for 45 days inclusive of date of opening of tender |
| 8 | Language of the Tender | The tender should be prepared by the bidder in English language only. |
| 9 | Help Desk Telephone No. | **(i) OSCSC Ltd.** District Manager: No.- **9438200045** Accounts Head No. **9853772700** **(ii) State Procurement Cell: 0674-2530998/ 18003456765** |

Sd./- Chief CSO/CSO-cum-District Manager, OSCSC Ltd.
OIPR-07068/11/0003/2425

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR**
**DISTRICT PROGRAM MANAGEMENT UNIT, SUNDARGARH**

Letter No: 515 / DPMU-SNG/ 2024-25 Date : 04.02.2025

**Tender Call Notice No. OF/03/2024-25**

**No.E-734** : Sealed tenders are invited from the interested bidder for the civil work under CDM & PHO of Sundargarh district. The detail of **works, eligibility, estimated cost and cost of tender paper** has been uploaded in the district website **www.sundergarh.odisha.gov.in**. The bidder should be **C & D class contractor**. They have to submit the bid document to the undersign in the address of **Office of the CDM & PHO, Sundargarh, PIN-770001, Dist.- Sundargarh (Odisha)** through Registered Post / Speed Post only on or before **28/02/2025, 5:30 P.M.** The sale of tender paper will be available from dated **08/02/2025** to dated **24/02/2025** in the district website **www.sundergarh.odisha.gov.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated **03.03.2025 at 11.00 A.M.** in the office of the undersigned in the presence of the bidders or his/her representatives.

Your faithfully
Sd.- Chief District Medical & Public Health Officer cum District Mission Director, Sundargarh
OIPR-10100/11/0022/2425

**ZILLA SWASTHYA SAMITI, BALASORE**
Office of the CDM&PHO-cum-Dist. Mission Director, Balasore

Advt. No. 1841 Dt : 04.02.2025

**Tender Call Notice**

**No.E-733** : Sealed tenders are invited from authorized Dealers/ Firms/Agency/Suppliers/Company for supply of **Laboratory Chemicals & Consumables under CDM & PHO** of Balasore district. The details are available in the district website. The eligible bidders may submit their tender papers on or before dt. 21.02.2025 by **5 P.M.** through Registered Post / Speed Post only to the undersigned. The tender documents will be opened on dt. 24.02.2025 at **11 A.M.** in the office chamber of the undersigned.

The undersigned reserves the right to accept or reject any or all the bid documents without assigning any reason thereof. Undersigned will not responsible for any postal delay.

Sd./- Chief District Medical & Public Health Officer
Balasore
OIPR-10032/11/0012/2425

**NOTICE INVITING TENDER**
**OFFICE OF THE CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., BOUDH**

No.CAD-2491 (At/PO/Dist-Boudh, PIN-762014)
Dist-Website-www.boudh.nic.in, Mob- 9438200036

Tender No.385/2025 Date:04.02.2025

**Cost of Tender Document: Rs.1000/- inclusive of GST.**
**Online Tenders are invited from eligible bidders for selection and appointment of Transport Contractors for transporation of (i) Paddy from Paddy Purchase Centres (PPC)/ Mandi to Rice Mill points (Within or outside district) & (ii) Custom Miller Rice (CMR) from Rice Mills to Rice Receiving Centres (RRCs)/ Depots within Boudh district.**

| | | |
|---|---|---|
| 1 | Availability of tender documents | From date 05.02.2025, Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, Time and Venue for pre-bid conference | On dt.06.02.2025 at 5.00 P.M. at Conference Hall of Collectorate, Boudh |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tenderodisha.gov.in upto 5.00 PM of dt.14.02.2025 |
| 4 | Date, Time and Venue for opening of Technical bid by the Tender Committee | On dt.15.02.2025 at 11.00 A.M., Place-Conference Hall of Collectorate, Boudh |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.15.02.2025, by 11.30 A.M. Place- Conference Hall of Collectorate, Boudh |
| 6 | Date & Time of Financial Bid opening by the Tender Committee (only of Technically Qualified Tenderers) | To be announced after technical bid evaluation |

N.B.: If the office happens to be closed on the date of opening of tenders, tenders will be opened on the next working day in the same time.

Sd./- CSO-cum-District Manager
OSCSC Ltd., Boudh
OIPR-07042/11/0005/2425

**DISTRICT PROJECT OFFICE, SAMAGRA SHIKSHA, KHORDHA**
Phone No : 06755-223525

No. 403/VII/02/2025 Dated : 04.02.2025

**NOTICE INVITING TENDER (NIT)**

**No.n-213** : Sealed tenders are invited from the reputed & credible printers/ firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2024- 25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2024-25 for Class-I to VIII Students | Rs.500/- | Rs.60,000/- | | |

The detailed BID document is available in the website **www.khordha.nic.in**. & **www.osepa.odisha.gov.in.** Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd./- Collector-Cum-Chairman
SS, Khordha
OIPR-27101/11/0006/2425

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAB-GJP-0001-2022-39386** **R&DM, Dated 13 Nov, 2024**

**No.XVII-5**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଛେଳିଗଡ଼, ଥାନା-ରା.ଉଦୟଗିରି, ତହସିଲ-ରା.ଉଦୟଗିରି, ଜିଲ୍ଲା-ଗଜପତିରେ ନିମ୍ନସୂଚିତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଜପତି ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୮୧, ତା.୦୧.୦୩.୨୦୨୪ ରିଖରେ ପ୍ରକାଶିତ ହୋଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଛେଳିଗଡ଼,** ଥାନା-ରା.ଉଦୟଗିରି, ତହସିଲ-ରା.ଉଦୟଗିରି, ଜିଲ୍ଲା-ଗଜପତିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, ଛେଳିଗଡ଼ ମଧମ ଜଳସେଚନ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ଗଜପତି ତହସିଲ:- ରା.ଉଦୟଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଛେଳିଗଡ଼ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ହେକ୍ଟର ୪.୦୯୦ | ହେକ୍ଟର ୪.୦୬୧ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-ଗଜପତି ତହସିଲ:- ରା.ଉଦୟଗିରି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୬.୦୬.୨୦୨୪ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

**ଜମି ଅଧିଗ୍ରହଣ ପ୍ରସ୍ତାବ, ଛେଳିଗଡ଼ ଜଳସେଚନ ପ୍ରକଳ୍ପ, ମୌଜା-ଛେଳିଗଡ଼**
**ଜମିର ବିବରଣୀ**

| କ୍ର. ନଂ. | ଜିଲ୍ଲାର ନାମ | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଜମିର ମୋଟ ରକବା (ହେକ୍ଟର) | ଆଗରୁ ଅଧିସୂଚିତ ହୋଇଥିବା ରକବା (ହେକ୍ଟର) | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ (ହେକ୍ଟର) | ମୋଟ ରକବା (ହେକ୍ଟର) | କିସମ | ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୩୨ | ୧୪୮୩/ ୨୦୮୩ | ୦.୭୨୦ | - | ୦.୭୨୦ | ୦.୭୨୦ | ପଦର ଦୁଇ | ଏମନ୍ତନ କରାଡ, ପି-ରେଙ୍ଗା କରାଡ, ଜା-ପାଣ ଖ୍ରୀଷ୍ଟିୟାନ, ବା-ନିକଗାଁ | |
| ୨ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୨୫୮ | ୧୭୨୯ | ୦.୦୫୫ | ୦.୦୨୯ | ୦.୦୨୬ | ୦.୦୫୫ | ବିଲ ଦୁଇ | ମୃତ୍ୟୁଞ୍ଜୟ ନାୟକ, ପି-ଖଗା ନାୟକ, ଜା-ପାଣ ଖ୍ରୀଷ୍ଟିୟାନ, ବା-ନିକଗାଁ | |
| ୩ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୩୦୯ | ୧୭୩୦ | ୦.୦୧୫ | - | ୦.୦୧୫ | ୦.୦୧୫ | ବିଲ ଦୁଇ | ଶୁକ୍ରୁ ପାଇକ, ପି-ଗୁରୁବାରିଆ ପାଇକ, ଜା- ଶବର, ବା-ନିକଗାଁ | |
| ୪ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୩୧୯ | ୧୪୮୩/ ୨୦୮୨ | ୦.୭୫୦ | - | ୦.୭୫୦ | ୦.୭୫୦ | ପଦର ଦୁଇ | ସୁରେନ୍ଦ୍ର ଛିଞ୍ଚାଣି, ପି-ଜଳେନ୍ଦ୍ର ଛିଞ୍ଚାଣି, ଜା-ପାଣ ଖ୍ରୀଷ୍ଟିୟାନ, ବା-ନିକଗାଁ | |
| ୫ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୩୨୪ | ୧୪୮୪/ ୨୦୫୦ | ୦.୯୫୦ | - | ୦.୯୫୦ | ୦.୯୫୦ | ପଦର ଦୁଇ | ସୁଫଳା ପାଳ, ପି-ସଲତା ପାଣି, ସୁମତି ପାଣି, ସ୍ୱା-ସଲତା ପାଣି, ଜା-ପାଣ ଖ୍ରୀଷ୍ଟିୟାନ, ବା-ନିକଗାଁ | |
| ୬ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୩୩୨/ ୧୪୦ | ୨୨୦୬/ ୨୨୦୭ | ୦.୮୦୦ | - | ୦.୮୦୦ | ୦.୮୦୦ | ପଦର ଏକ | ତିରତା ରଇତ, ପି-ପୁଟୁରୁ ରଇତ, ଜା-ଶବର, ବା-ନିକଗାଁ (କନ୍ଧଡିହ) | |
| ୭ | ଗଜପତି | ରା.ଉଦୟଗିରି | ଛେଳିଗଡ଼ | ଗ୍ରାମାଞ୍ଚଳ | ୩୩୨/ ୧୪୧ | ୨୨୦୬/ ୨୨୦୮ | ୦.୮୦୦ | - | ୦.୮୦୦ | ୦.୮୦୦ | ପଦର ଏକ | ବୁରୁଡୁଡୁ ରଇତ, ପିତା- ଦୁତିଆ ରଇତ, ଜା- ଶବର, ବା-ନିକଗାଁ (କନ୍ଧଡିହ) | |
| | | | | | | ମୋଟ | ୪.୦୯୦ ହେକ୍ଟର | ୦.୦୨୯ ହେକ୍ଟର | ୪.୦୬୧ ହେକ୍ଟର | ୪.୦୯୦ ହେକ୍ଟର | | | |

OIPR-24001/14/0154/2425
**Spl. LA-cum-R & RO. M.I.P, Mahendragada, Gajapati**

**State Health Assurance Society**
**Health & Family Welfare Department, Govt. of Odisha**
**Bhubaneswar- 751007, District- Khordha (Odisha)**
**Phone No. : 0674-2570500, Email ID : hr.recruitmentshas@gmail.com**

Adv. No.: 02/2025 DATE: 07.02.2025

**CONTRACTUAL APPOINTMENT**

**No.E-738** : Applications are invited from eligible candidates for filling up of the following post under **State Health Assurance Society, Odisha** on contractual basis with monthly remuneration as noted and subject to renewal as per **Society** terms and conditions. The post is purely temporary and co-terminus with the scheme.

| Sl. No. | Name of the Post | No. of Vacancies | Remuneration (in Rs.) & Performance Incentive (P.I.) as admissible |
|---|---|---|---|
| 01 | District Vigilance and Investigation Officer | 05 | Rs. 44,000 + (P.I.) |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, selection procedure etc. Online application form will be available from 07.02.2025 to 20.02.2025 by 11.59 P.M. Last date for receipt of the System Generated Application duly signed by the candidate along with self-attested copies of all supportive documents is 03.03.2025 by (5.30 P.M.)

Sd./- Chief Executive Officer
State Health Assurance Society, Odisha
OIPR-10170/11/0010/2425




୬।୨।୨୦୨୫

| ୪,୨୫,୩୭୦ ଟଙ୍କା | |
|---|---|
| ସୁନା | ୧୮.୯୦୦ ଗ୍ରାମ୍ |
| ରୁପା | ୨୬.୩୦୦ ଗ୍ରାମ୍ |

# ପାରାମୋଟରର ମଜାନେବେ ପର୍ଯ୍ୟଟକ

## ପୁରୀ ବେଳାଭୂମିରେ ଚାଲିଛି ଟ୍ରାଏଲ୍

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏଥିସହ ଏଠାରେ ଶ୍ରୀମନ୍ଦିର ରହିଛି। ତେଣୁ ମହାପ୍ରଭୁଙ୍କ ଦର୍ଶନ ଓ ସ୍ୱର୍ଣ୍ଣାଭ ବେଳାଭୂମି ବୁଲିବାକୁ ଭକ୍ତ ଓ ପର୍ଯ୍ୟଟକମାନେ ଦେଶବିଦେଶରୁ ଏଠାକୁ ଆସିଥାନ୍ତି। ଦେଶର ଅନ୍ୟ ପ୍ରମୁଖ ବେଳାଭୂମିରେ ଅନେକ ୱାଟର ଓ ସ୍କାଏ ସ୍ପୋର୍ଟ୍ସ ହେଉଥିବାବେଳେ ପୁରୀ ବେଳାଭୂମିରେ ସେପରି କିଛି କ୍ରୀଡ଼ା ବା ମନୋରଞ୍ଜନ ଦେଖିବାକୁ ମିଳି ନ ଥାଏ। ତେଣୁ ପର୍ଯ୍ୟଟକ ଅବସୋସ ନେଇ ଫେରିଥାନ୍ତି। ତେବେ ବେଳାଭୂମିରେ ପର୍ଯ୍ୟଟକଙ୍କୁ ସ୍କାଏ ସ୍ପୋର୍ଟସର ମଜା ଦେବାକୁ ପାରାମୋଟର କ୍ରୀଡ଼ା ଆରମ୍ଭ ହେବାକୁ ଯାଉଛି। ପାରାମୋଟରରେ ପର୍ଯ୍ୟଟକ ଓ ପୁରୀ ବାସିନ୍ଦା ବସି ନିଆରା ଅନୁଭୂତି ଲାଭ କରିପାରିବେ। ପର୍ଯ୍ୟଟକମାନେ ସେଥିରେ ବସି ସମୁଦ୍ରକୂଳେ କୂଳେ ୩ରୁ ୪ କିଲୋମିଟର ଉଡାଣ କରିବ। ଏ ନେଇ ଗତ ଦୁଇଦିନ ହେଲା ପୁରୀ ବେଳାଭୂମିରେ ଏକ କମ୍ପାନୀ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ପାରାମୋଟର ଦାୟିତ୍ୱରେ ଥିବା ବିଶ୍ୱଜିତ୍ ଛୁଆଳସିଂହ କହିଛନ୍ତି, ଗତ କିଛି ଦିନ ହେବ ପୁରୀ ବେଳାଭୂମିରେ ପାରାମୋଟର


ପୁରୀ ବେଳାଭୂମିରେ ପାରାମୋଟରର ଟ୍ରାଏଲ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଉଡାଣର ଟ୍ରାଏଲ ଚାଲିଛି। ଏଇ ସପ୍ତାହରେ ଲୋକାର୍ପଣ ହେବ। ପାରାମୋଟର ଲୋକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିବ। ଲୋକଙ୍କ ସୁରକ୍ଷା ଉପରେ ସମ୍ପୂର୍ଣ୍ଣ ଭାବେ ଧ୍ୟାନ ଦିଆଯାଉଛି। ପାରାମୋଟରର ଟିକେଟ୍ ମୂଲ୍ୟ ୨୫୦୦ ଟଙ୍କା ରହିଛି। ସମୁଦ୍ରର କୂଳେ କୂଳେ ୩ରୁ ୪କିଲୋମିଟର ପର୍ଯ୍ୟଟ ଉଡାଣ କରିବ। ୫ ବର୍ଷରୁ ଅଧିକ ବୟସର ବ୍ୟକ୍ତି ପାରାମୋଟରରେ ବସି ମଜା ନେଇପାରିବେ। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ହେଲମେଟ୍, ଲାଇଫ ଜ୍ୟାକେଟ୍ ରହିଛି। ଜଣେ ଅଭିଜ୍ଞ ତଥା ଟ୍ରେନିଂ ନେଇଥିବା ପାଇଲଟ ଏବଂ ଆସିଷ୍ଟାଣ୍ଟ ରହିଛନ୍ତି। ତେବେ ଆଜି ପର୍ଯ୍ୟନ୍ତ ଭାରତର ଯେଉଁ ସ୍ଥାନରେ ପାରାମୋଟର ଉଡୁଛି ସେଠାରେ କୌଣସି ପ୍ରକାର ଅଘଟଣ ଦେଖିବାକୁ ମିଳିନାହିଁ। ଉଡାଣ ସମୟରେ ପାରାମୋଟର ଯଦି ବିଫଳ ହେଲା କିମ୍ବା କିଛି ସମସ୍ୟା ଦେଖାଦେଲା, ତେବେ ପାରାମୋଟରରେ ଲାଗିଥିବା ଛତା ବା ପାରାଶୁଟ ଦ୍ୱାରା ଧୀରେ ଧୀରେ ତଳକୁ ଆସିହେବ। ଅଘଟଣ ଘଟିବା ଆଶା କ୍ଷୀଣ। ଅପରପକ୍ଷରେ ପାରାମୋଟର ଉଡାଉଥିବା ପାଇଲଟଙ୍କ ହାତରେ ମେଶିନକୁ କଣ୍ଟ୍ରୋଲ କରିବା ପାଇଁ ବଟନ ବା ସୁଇଚ୍ ରହିଛି। ସେ ଯେଉଁ ଦିଗକୁ ଚାହିବେ ସେହି ଆଡ଼କୁ ପାରାମୋଟର ଗତି କରିବ। ତେଣୁ ସମୁଦ୍ର ମଧ୍ୟକୁ ଯିବ ନାହିଁ କି କୌଣସି ଅଘଟଣ ଘଟିବ ନାହିଁ। ଆମ କମ୍ପାନୀ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମାନ୍ୟତା ପାଇଛି। ପୁରୀ ପ୍ରଶାସନ ମଧ୍ୟ ଟ୍ରାଏଲ କରିବାକୁ ଅନୁମତି ଦେଇଛି। ଖୁବଶୀଘ୍ର ପର୍ଯ୍ୟଟନ ମନ୍ତ୍ରୀ ଓ ଜିଲାପାଳଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଲୋକଗହଳିକୁ ଦେଖି ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜିତ କରାଯିବ। ଉଡ଼ାଣର ଟାଇମ କିଛି ଦିଆଯାଉନାହିଁ। କିଲୋମିଟର ଅନୁଯାୟୀ ଯାତ୍ରୀଙ୍କୁ ଉଡାଣ କରାଯିବ। ଏହା ଓଡ଼ିଶା ତଥା ପୁରୀରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। ପୂର୍ବରୁ ଗୋଆ, ମୁମ୍ବାଇ, ପଶ୍ଚିମବଙ୍ଗ ଆଦି କେତେକ ସ୍ଥାନରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୁରୀକୁ ଯେପରି ଅଧିକରୁ ଅଧିକ ପର୍ଯ୍ୟଟକ ଆସିପାରିବେ ତାହାକୁ ନଜରରେ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ଆଗାମୀ ଦିନରେ ପୁରୀ ହଟ୍ ବେଲୁନ, ରୋପ୍ ୱେ ଆଦି କରାଯିବାକୁ ଚିନ୍ତା କରାଯାଉଥିବା ଛୁଆଳ ସିଂହ କହିଛନ୍ତି।

## ସଂକ୍ଷେପରେ

### ସମାଜକୁ ଶୃଙ୍ଖଳିତ କରେ ଭାଗବତ

ପୁରୀ, ୬।୨(ଅଜିତ୍ କୁମାର ମହାନ୍ତି)

'ଭାଗବତ' ପ୍ରଭାବରେ ପରିବାର ଓ ସମାଜ ଶୃଙ୍ଖଳିତ ହୁଏ। ଆଜି ଅପସଂସ୍କୃତିର ପ୍ରଭାବରେ ସମାଜ ବିପଥଗାମୀ ହେଉଥିବା ବେଳେ 'ଘରେ ଘରେ ଭାଗବତ' ଏବେ ଏକ ଆବଶ୍ୟକତା ବୋଲି ଭାଗବତ ଭାଷ୍ୟକାର ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି। ରାମଚରିତ ମାନସ ପରେ ଶରଧାବାଲିର ଦଶାବତାର ମଠ ପରିସରରେ ଶରଧାବାଲି ଭାଗବତ ସତ୍‌ସଙ୍ଗ ପରିଷଦ ପକ୍ଷରୁ ଶ୍ରୀମଦ୍ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ଏହାକୁ ବନମାଳୀ ମିଶ୍ର, ସୁଶାନ୍ତ ନାୟକ, ଭୀମସେନ ପଣ୍ଡା, ନିରଞ୍ଜନ ଦାସ, ଜଗବନ୍ଧୁ ପ୍ରହରାଜ, ଶ୍ରୀଧର ପୃଷ୍ଟି, ସୁବାସ ମିଶ୍ର, ବାବୁଲି ମିଶ୍ର, ସୁଦର୍ଶନ ଉପାଧ୍ୟାୟ, ରଜତ ଚୌଧୁରୀ ଓ ଉପେନ୍ଦ୍ର ସାମନ୍ତରାୟ ପ୍ରମୁଖ ପରିଚାଳନା କରୁଛନ୍ତି। ଏହାକୁ ପଣ୍ଡିତ ଲଳିତ ମୋହନ ମହାପାତ୍ର ଓ ପ୍ରବଚକ ସୁଶାନ୍ତ କୁମାର ନାୟକ ସଞ୍ଚାଳନ କରୁଛନ୍ତି। ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିନରେ ଓଡ଼ିଶାର ବିଶିଷ୍ଟ ପ୍ରବଚକ ଯୋଗଦେବେ। ଆସନ୍ତା ମାଘପୂର୍ଣ୍ଣିମାରେ କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ ବୋଲି 'ଘରେ ଘରେ ଭାଗବତ'ର ଭାଷ୍ୟକାର ବଦ୍ରି ମିଶ୍ର ସୂଚନା ଦେଇଛନ୍ତି।

### ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଶିବିର

ନିମାପଡ଼ା,୬।୨(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏକ ପରାମର୍ଶ ଶିବିର ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନସୂୟା ମହାନ୍ତି, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ଓଡ଼ିଶା ଜୀବିକା ମିଶନ (ଓଏଲ୍ଏମ୍)ର ବିପିଏମ୍ ମୋନାଲିଶା ତ୍ରିପାଠୀ, ଦକ୍ଷତା ଓ ବୈଷୟିକ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଅନ୍ୟପକ୍ଷରେ ୬ଟି ସରକାରୀ ଓ ବେସରକାରୀ କମ୍ପାନୀ ସଂସ୍ଥାର ଅଧିକାରୀ ଯୋଗଦେଇ ସେମାନଙ୍କ ସଂସ୍ଥାର ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତରୁ ୧୨୦ ଜଣ ଶିକ୍ଷିତ ବେକାର ଯୁବକ ଯୋଗଦେଇଥିଲେ। ଶିବିରରେ ଓଏଲ୍ଏମ୍ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟ ସଭାରେ ସିଦ୍ଧମହାବୀର ଓଭରବ୍ରିଜ୍ ପ୍ରସଙ୍ଗ ଉଠାଇଲେ ଶୁଭାଶିଷ

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ରାଜ୍ୟସଭାରେ ପୁରୀରେ ନିର୍ମାଣାଧୀନ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ସମ୍ପର୍କରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଆଲୋଚନା କରି କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ସେ ଉଦ୍‌ବେଗ ପ୍ରକାଶ କହିଛନ୍ତି। ପୁରୀ-କୋଣାର୍କ ରାସ୍ତା ମଧ୍ୟରେ ସିଦ୍ଧମହାବୀର ଲେବୁଲ କ୍ରସି ରହିଛି। ତେବେ ପୁରୀକୁ ଯାତାୟାତ କରୁଥିବା ଟ୍ରେନ୍ ଚଳାଚଳ ସମୟରେ ଲେବୁଲ କ୍ରସିଂ ଫାଟକ ପଡ଼ିଥାଏ। ଫଳରେ ଲୋକେ ରାସ୍ତାର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଠିଆ ହେବା ସହ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜେ। ଯାହକୁ ନେଇ ପୁରୀବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଉକ୍ତ ସ୍ଥାନରେ ଏକ ଓଭର ବ୍ରିଜ୍ ନିର୍ମାଣ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେବାରୁ ବ୍ରିଜ୍ ନିର୍ମାଣ ପାଇଁ ଅନୁମତି ମିଳିବା ସହ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ତାହା ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଫଳରେ ଜନ ସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଅନେକ ପର୍ଯ୍ୟଟକ ଏହି ବାଟ ଦେଇ ଆସିଥାନ୍ତି। ବ୍ରିଜ୍ ନିର୍ମାଣରେ ମନ୍ଥର ଗତି ସହ ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ରାସ୍ତା ସଂକୁଚିତ ହେବାରୁ ଯାତାୟାତରେ ସମସ୍ୟା ଦେଖାଯାଉଛି। ଏହି କାର୍ଯ୍ୟ ନେଇ ଜାତୀୟ ରାଜପଥ ମନ୍ତ୍ରଣାଳୟ କ'ଣ ପଦକ୍ଷପ ଗ୍ରହଣ କରିଛି, ତାହାର ସୂଚନା ପ୍ରଦାନ କରିବାକୁ ଖୁଣ୍ଟିଆ ବିଭାଗକୁ ଅବଗତ କରାଯାଇଛନ୍ତି। ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଅନୁରୋଧ କରିଛନ୍ତି।

## ପୀରବାବାଙ୍କ ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦରେ ପୀରବାବାଙ୍କ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମସଜିଦରୁ ବାବାଙ୍କର ଏକ ସୁସଜ୍ଜିତ ଚଦର ମାଲୁଦ ବଜାର ସମେତ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପରେ ପୀରବାବାଙ୍କ ଉପରେ ଉକ୍ତ ଚଦରକୁ ଘୋଡ଼ାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଭାଇଚାରା ପର୍ବରେ ହିନ୍ଦୁ ମୁସଲିମ ଭାଇମାନେ ମିଳିତଭାବେ ସହଯୋଗ କରିଥାନ୍ତି। ମାଲୁଦ ନିକଟ ଉଦୟଗିରି ଗ୍ରାମବାସୀ ପ୍ରତିବର୍ଷ ଏହି ଉତ୍ସବରେ ସହଯୋଗ କରିଥାନ୍ତି।

# କାମରେ ଲାଗୁନି ପିପିଲି ହସ୍ତଶିଳ୍ପ ଗ୍ରାମ

- ଚାନ୍ଦୁଆର ପ୍ରଚାର ପ୍ରସାର ହୋଇଥାନ୍ତା
- ୨୦୦୭ରେ ଶିଳାନ୍ୟାସ ହୋଇଥିଲା

ପିପିଲି,୬।୨(ଦୁର୍ଗା ମାଧବ ମିଶ୍ର)



ପିପିଲି ଚାନ୍ଦୁଆ ବିଶ୍ୱରେ ପରିଚୟ ହାସଲ କରିଥିବାବେଳେ ଏହାର ପ୍ରଚାର ପ୍ରସାର ଦିଗରେ ସରକାରୀ ତତ୍ପରତା ନ ଥିବା ଅଭିଯୋଗ ହେଉଛି। ପିପିଲି ବଜାର ଉପକଣ୍ଠରେ ପ୍ରାୟ ୧୧ ଏକର ଜମିରେ ନିର୍ମିତ ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ଅଦ୍ୟାବଧି ଲୋକଙ୍କ ସେବାରେ ଲାଗୁନାହିଁ। ତତ୍କାଳୀନ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପ୍ରଚେଷ୍ଟାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ବିଭିନ୍ନ ଅଧିକାରୀ ଗସ୍ତ କରି ଏହାର ଲୋକାର୍ପଣ କଥା କହୁଛନ୍ତି ମାତ୍ର ଫଳ ଶୂନ୍ୟ। ତତ୍କାଳୀନ ଜିଲାପାଳ ସମର୍ଥ ବର୍ମା ଏହାର ପରିଦର୍ଶନ କରି ଚାନ୍ଦୁଆ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଏହି ହସ୍ତଶିଳ୍ପ ଗ୍ରାମ କାର୍ଯ୍ୟକ୍ରମ ହେଲେ ଚାନ୍ଦୁଆର ପ୍ରଚାର ପ୍ରସାର ସହ କାରିଗରଙ୍କ ଜୀବିକା ନିର୍ବାହରେ ସହାୟକ ହେବ ଏବଂ ଆର୍ଥିକ ସ୍ଥିତି ବୃଦ୍ଧି ପାଇବ। ପୁରୀ ପର୍ଯ୍ୟଟନ ଶିଳ୍ପରେ ଏହି ହସ୍ତଶିଳ୍ପକୁ ଯୋଡ଼ି ଅଧିକ ଆକର୍ଷଣୀୟ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ରହିଛି। ପିପିଲି ବଜାର ଉପକଣ୍ଠ ଦେଇ ଜାତୀୟ ରାଜପଥ ଯାଇଥିବାବେଳେ ହସ୍ତଶିଳ୍ପ ଗ୍ରାମ ଠିକ୍ ଜାଗାରେ ରହିଥିବା ଯୋଗୁ ଏହି ଚାନ୍ଦୁଆ ଗ୍ରାମକୁ ଆକର୍ଷଣୀୟ କରାଯିବ ବୋଲି ଜିଲାପାଳ ସେ ସମୟରେ କହିଥିଲେ। ତା'ପରେ ଜିଲା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର ଏଠାକୁ ଆସି ପରିଦର୍ଶନ କରି ଚାନ୍ଦୁଆ କାରିଗର ଓ ବ୍ୟବସାୟୀଙ୍କ ସହ ସେ ଆଲୋଚନା କରିଥିଲେ।

ଅନ୍ୟପକ୍ଷେ ଜିଲାପାଳଙ୍କ ଗସ୍ତ ପରେ ଏହାକୁ ଏକ ରାଜ୍ୟ ବାହାର ସଂସ୍ଥା ହାତକୁ ଟେକି ଦିଆଯାଇ ଚାନ୍ଦୁଆ ବଜାର ଚାଲିବ ବୋଲି ସରକାରୀ ମସୁଧା ରହିଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିଲା। ସେଠାରେ ଏକ ମହିଳା ସଶକ୍ତୀକରଣ କାର୍ଯ୍ୟାଳୟ ଖୋଲିବ ବୋଲି ମଧ୍ୟ ଶୁଣାଯାଉଥିଲା। ଜିଲାପାଳଙ୍କ ପୂର୍ବରୁ ଜିଲା ଏବଂ ରାଜ୍ୟସ୍ତରୀୟ ଅନେକ ବରିଷ୍ଠ ଅଧିକାରୀ ଏହି ହସ୍ତଶିଳ୍ପ ଗ୍ରାମ ବୁଲି ସମୀକ୍ଷା କରିଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ହସ୍ତଶିଳ୍ପ ଗ୍ରାମ ଲୋକଙ୍କ କାମରେ ଆସିପାରୁନାହିଁ। ସରକାରୀ ଉଦାସୀନତା କାରଣରୁ ଚାନ୍ଦୁଆ ଶିଳ୍ପ ପ୍ରୋତ୍ସାହନ ପାଇପାରୁନାହିଁ ବୋଲି ଗୁରୁତର ଅଭିଯୋଗ ହେଉଛି। ଫଳରେ କୌଳିକ ବୃତ୍ତିରେ ଥିବା ଚାନ୍ଦୁଆ କାରିଗରମାନେ ନିରାଶ ହେଉଛନ୍ତି। ଅନେକେ ଏହି ଜୀବିକାକୁ ଛାଡ଼ି ଅନ୍ୟ ବ୍ୟବସାୟରେ ମନୋନିବେଶ କଲେଣି। ଅନେକ ଦକ୍ଷ ବୃତ୍ତିଗତ କାରିଗର ବର୍ତ୍ତମାନ ରାଜମିସ୍ତ୍ରିଙ୍କ ସହାୟକ କିମ୍ବା ଦୋକାନ ସେଲ୍ସ ମ୍ୟାନ୍ ଭାବେ କାର୍ଯ୍ୟ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୦୭ ଜୁଲାଇରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପିପିଲି ବଜାର ଉପକଣ୍ଠ ତଥା ଓରକଳ ଗ୍ରାମପଞ୍ଚାୟତ ଗାଁପଡ଼ାଠାରେ ଚାନ୍ଦୁଆ ହସ୍ତଶିଳ୍ପ ଗ୍ରାମ ପାଇଁ ଶିଳାନ୍ୟାସ କରିଥିଲେ। ଚାନ୍ଦୁଆର ପ୍ରଚାର ପ୍ରସାର ଉଦ୍ଦେଶ୍ୟ ରଖି ଏହାର ପରିକଳ୍ପନା କରାଯାଇଥିଲା। ପ୍ରକଳ୍ପ ପାଇଁ ବିଭିନ୍ନ ପର୍ଯ୍ୟାୟରେ ୨୦ କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଇଛି। ଶିଳାନ୍ୟାସ ପରେ ଘରକୁ ଯୁଦ୍ଧକାଳୀନ ଭିତ୍ତିରେ ତିଆରି କରାଯାଇଥିଲା। ଏବେ ଘରଗୁଡ଼ିକ ଭୂତକୋଠିରେ ପରିଣତ ହୋଇଗଲାଣି। ଗଛ ଉଠି ଜଙ୍ଗଲ ହୋଇଗଲାଣି। ସନ୍ଧ୍ୟା ପରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ତେବେ ଏହା କେବେ କାର୍ଯ୍ୟକ୍ଷମ ହେବ ତାହା ଦେଖିବାକୁ ବାକି ଅଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅମାନତ


@ ଶାନ୍ତନ


@ ଶୁଭକାନ୍ତ


@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମାଜରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନିମାପଡ଼ା,୬।୨(ବିଚିତ୍ରାନନ୍ଦ ସାହୁ)

ପୀତବାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ 'ଆଜିର ସମାଜରେ ଶିକ୍ଷକଙ୍କ ଭୂମିକା' ସମ୍ପର୍କିତ ଏକ ଆଲୋଚନାଚକ୍ର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଭାପତି ଆଡ୍‌ଭୋକେଟ ରଞ୍ଜିତ୍ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ନାଚୁଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ଭଞ୍ଜ, ଭାଟବନ୍ଧ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜକିଶୋର ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀମନ୍ତ କୁମାର ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଟ୍ରଷ୍ଟ ପକ୍ଷରୁ ସଭାପତି ରଞ୍ଜିତ ସାହୁ ସମ୍ବର୍ଦ୍ଧିତ କରିଥିଲେ।

# ଲୁଟ୍ ପରେ ଚାଳକଙ୍କ କାନ କାମୁଡ଼ି ଛିଣ୍ଡାଇଦେଲେ ଯୁବକ

ଅସ୍ତରଙ୍ଗ,୬।୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାତିରେ କୌଣସି ଅଚିହ୍ନା ବ୍ୟକ୍ତିଙ୍କୁ ଗାଡ଼ିରେ ଲିଫ୍ଟ ଦେବା ଜଣେ ବାଇକ୍ ଚାଳକଙ୍କ ପାଇଁ ମହଙ୍ଗା ପଡ଼ିଛି। ବାଇକ୍ ପଛରେ ବସିଥିବା ଯୁବକ ଜଣକ ରାସ୍ତାରେ ସମ୍ପୃକ୍ତ ଚାଳକଙ୍କୁ ଲୁଟ୍ କରିବା ପରେ ତାଙ୍କ କାନ କାମୁଡ଼ି ଛିଣ୍ଡାଇ ଦେଇଛନ୍ତି। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଏହି ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସରିପୁର ଆଦର୍ଶ ବିଦ୍ୟାଳୟରେ ରାତ୍ର ଜଗୁଆଳ ଭାବେ ନାଗାର୍ଜୁନ ଦାସ (୨୫) କାର୍ଯ୍ୟ କରନ୍ତି। ସେ ବୁଧବାର ରାତି ପ୍ରାୟ ୯ଟାରେ ନିଜ ଘର ଅସ୍ତରଙ୍ଗରୁ ବିଦ୍ୟାଳୟ ଅଭିମୁଖେ ଏକ ବାଇକ୍‌ରେ ଯାଉଥିଲେ। କେନ୍ଦ୍ରାପଟି ପାତ୍ର ସାହି ନିକଟରେ ଅଂଶୁମାନ୍ ପାତ୍ର ନାମକ ଯୁବକ ଅନ୍ୟ ସ୍ଥାନକୁ ଯିବା ଲାଗି ନାଗାର୍ଜୁନଙ୍କୁ ଅନୁରୋଧ କରିଥିଲେ। ଫଳରେ ଅଂଶୁମାନ୍‌ଙ୍କୁ ନାଗାର୍ଜୁନ ବାଇକ୍‌ରେ ବସାଇ


ନାଗାର୍ଜୁନ ଦାସ

ଆଣୁଥିଲେ। କିଛି ବାଟ ଆସିବା ପରେ ଅନ୍ଧାର ରାତିର ସୁଯୋଗ ନେଇ ପଛରେ ବସିଥିବା ଅଂଶୁମାନ୍ ନାଗାର୍ଜୁନଙ୍କ ବେକରୁ ସୁନାଚେନ ଛିଣ୍ଡାଇବାକୁ ଉଦ୍ୟମ କରିଥିଲେ। ଏଥିରେ ନାଗାର୍ଜୁନ ବାଧା ଦେବାରୁ ଅଂଶୁମାନ୍ ତାଙ୍କୁ ତଳେ ପକାଇ ମାଡ଼ ମାରିବା ସହ ତାଙ୍କ ବାମପଟ କାନ କାମୁଡ଼ି ଛିଣ୍ଡାଇଦେଇ

## ଗାଡ଼ିରେ ଲିଫ୍ଟ ଦେବା ମହଙ୍ଗା ପଡ଼ିଲା

ସୁନାଚେନ୍ ଲୁଟି ଦୌଡ଼ି ପଳାଇଥିଲେ। ପ୍ରବଳ ରକ୍ତସ୍ରାବ ହେବା ସହ ସେଠାରେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ ନାଗାର୍ଜୁନ। ଖବର ପାଇ ସମ୍ପର୍କୀୟ ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାକଟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ନାଗାର୍ଜୁନଙ୍କ ମା' ସଞ୍ଜୁ ଦାସଙ୍କ ଅଭିଯୋଗ କ୍ରମେ କାକଟପୁର ଥାନାରେ ଏକ କେସ୍ (ନଂ. ୨୫/୨୫) ରୁଜୁ କରିଛି ପୋଲିସ। ଏଏସ୍ଆଇ ମନୋରଞ୍ଜନ ପରିଡ଼ା ଘଟଣାର ତଦନ୍ତ କରି କେନ୍ଦ୍ରାପଟି ଗ୍ରାମ ପାତ୍ରସାହିର ଅଭିଯୁକ୍ତ ଅଂଶୁମାନ୍‌ଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଉମେଶ କୁମାର ସାହୁ କହିଛନ୍ତି।

# ଭଗବତୀ ପୀଠରେ ଆବର୍ଜନା, ପର୍ଯ୍ୟଟକଙ୍କ ଅସନ୍ତୋଷ

କୋଣାର୍କ,୬।୨(ଜ୍ୟୋତିରାଜ ମହାନ୍ତି)

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀ ପୀଠରେ ସଫେଇ କାର୍ଯ୍ୟ ହେଉ ନ ଥିବାରୁ କୁଢ କୁଢ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ଭଗବତୀ ଅନ୍ୟତମ। ଏହି ପୀଠ ରାଜ୍ୟ ତଥା ଜାତୀୟସ୍ତରର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଜଣାଶୁଣା। ଉକ୍ତ ପୀଠର ମାହାତ୍ମ୍ୟ ଓ ମହିମା ଅପାର ବୋଲି ପୁରାଣ ତଥା କିମ୍ବଦନ୍ତୀରୁ ଜଣାଯାଏ। ଏହି ପୀଠ ପରିଦର୍ଶନ କରିବା ପାଇଁ ଦେଶବିଦେଶର ବିଭିନ୍ନ ରାଜ୍ୟରୁ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ମା' ଭଗବତୀଙ୍କ ପୀଠରେ ସେମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହିତ ବଣଭୋଜି କରି ଖୁସି ମନାଇଥାନ୍ତି। ଦୀର୍ଘଦିନ ଧରି କୋଣାର୍କ ଏନ୍ଏସି କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ ହୋଇନାହିଁ।



ମା' ଭଗବତୀ ପୀଠରେ ଆବର୍ଜନା ପଡିରହିଛି ।

ଫଳରେ ଏହି ପର୍ଯ୍ୟଟନ ସ୍ଥଳୀ ତଥା ଶକ୍ତିପୀଠ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାକାର ସୌନ୍ଦର୍ଯ୍ୟକରଣ ସହ ସଫେଇ କରିବା ପାଇଁ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଏବଂ ପୁରୀ ଜିଲାପାଳଙ୍କୁ ଭଗବତୀଙ୍କ ସେବକ, ସ୍ଥାନୀୟ ଅଞ୍ଚଳବାସୀ ଓ ସଂସ୍କୃତି ବିଶାରଦମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଏନ୍ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ କହିଛନ୍ତି, ଉକ୍ତ ସ୍ଥାନକୁ ସଫେଇ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। କ'ଣ ପାଇଁ ସଫା କରାଯାଉନାହିଁ ସେ ନେଇ ଶୁକ୍ରବାର ମୁଁ ସମ୍ପୃକ୍ତ କର୍ମଚାରୀମାନଙ୍କ ସହିତ ଆଲୋଚନା କରି ବିହୀତ ପଦକ୍ଷେପ ନେବି ବୋଲି ସେ ପ୍ରକାଶ କରିଥିଲେ।

# ଯାତ୍ରା ମହାମୁକାବିଲା ଆରମ୍ଭ

## ଦୁଲୁକିଲା ଯାତ୍ରା ପେଣ୍ଡାଲ୍

ଭୁବନେଶ୍ୱର,୬।୨ (ସୌମ୍ୟରଞ୍ଜନ ରାଉତ)

ଆରମ୍ଭ ହେଲା ଖଣ୍ଡଗିରିରେ ଯାତ୍ରାର ମହାପର୍ବ। ଅପେରା ପେଣ୍ଡାଲରେ ଜଲିଉଡ୍ ଦୁନିଆର ବଡ଼ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନରେ ମଞ୍ଚ ଦୁଲୁକାଇ ଦେଖାଇଛନ୍ତି। ଏନେଇ ଯାତ୍ରା ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଗୁରୁବାର ୪ଟି ପେଣ୍ଡାଲରେ ଯାତ୍ରା ପରିବେଷିତ ହେବାକୁ ଥିବାବେଳେ ସୂର୍ଯ୍ୟମନ୍ଦିର ଅପେରା ପାର୍ଟିର 'ହାଇଦର' ଓ ଶିବାନୀ ଗଣନାଟ୍ୟର 'ହା କୃଷ୍ଣ ବୋଲି ଯାଉ ଜୀବ' ଭିତରେ କଡ଼ା ଟକ୍କର ହୋଇଛି। ଶୁକ୍ରବାର ଅନ୍ୟ ୨ଟି ପେଣ୍ଡାଲରେ ନାଟକ ପରିବେଷଣ ହେବ।

### ଇନ୍ଦିରା ସାଂସ୍କୃତିକ ପରିଷଦ, ଜାଗମରା

ଇନ୍ଦିରା ସାଂସ୍କୃତିକ ପରିଷଦ, ଜାଗମରା ଯାତ୍ରା ଟକ୍କର ଭିତରେ ପଛରେ ପଡ଼ିନାହିଁ। ଏଠାରେ ୬ ରୁ ୧୧ ତାରିଖ ପର୍ଯ୍ୟନ୍ତ ଲଗାତର ଶିବାନୀ ଗଣନାଟ୍ୟ ସୁପର୍ ହିଟ୍ ଯାତ୍ରା 'ହା କୃଷ୍ଣ ବୋଲି ଯାଉ ଜୀବ' ନାଟକ ପରିବେଷଣ ହେବ। ଏଥିରେ ମୁଖ୍ୟ କଳାକାର ଗୌର, କାବେରୀ, ଟାହିଆ, ମାମା, କାଳିଆ, ବ୍ରଜ ପାଣି ଓ ଅନ୍ୟାନ୍ୟ ସାଥୀ କଳାକାର ନିଜର କଳା ପ୍ରଦର୍ଶନ କରୁଛନ୍ତି।



### ସନାତନ ସେବା ସମିତି, ଘାଟିକିଆ

ସୂର୍ଯ୍ୟ ମନ୍ଦିର ଅପେରାର 'ହାଇଦର' ନାଟକ ମଧ୍ୟ ଦର୍ଶକଙ୍କୁ ଆକର୍ଷିତ କରିଛି। ଯାତ୍ରା ହିରୋ ପୀୟୂଷଙ୍କ ସୁପର୍ ଡାଇଲଗ୍‌ରେ କରତାଳି, ହୁଇସିଲ୍‌ରେ ପେଣ୍ଡାଲ କମ୍ପିଥିଲା। ଏଥିରେ ପୀୟୂଷ, ମାମା, ହୃଷୀକେଶ, କ୍ଷିତିଶ, ବବୁଲ, ପିଙ୍କି, କାଳି, ଭିକାରି, ନିରୁଆ ଓ ଅନ୍ୟାନ୍ୟ ପ୍ରମୁଖ ଅଭିନୟ ପ୍ରଦର୍ଶନ କରିଥିଲେ।

### ହରେକୃଷ୍ଣ ମହତାବ ପେଣ୍ଡାଲ, ଆଇଗିଣିଆ

ଆଇଗିଣିଆ ହରେକୃଷ୍ଣ ମହତାବ ପେଣ୍ଡାଲରେ ରାଣୀ ପଣ୍ଡାଙ୍କ ଜବରଦସ୍ତ ଅଭିନୟକୁ ଦର୍ଶକ ବହୁତ ପସନ୍ଦ କରିଛନ୍ତି। ନାଟ୍ୟ ସମ୍ରାଟ ପୃଥ୍ୱୀରାଜ ତା'ର ନାଟକ 'ରାଜଧାନୀର ରଜନୀ ଗନ୍ଧା' ପରିବେଷଣ କରିଛି। ଏଥିରେ ମୁଖ୍ୟ କଳାକାର ରାଣୀ ପଣ୍ଡା, ଶଶୀ, ଦିନା, ତାରିଣୀ, ପାୟଲ ଓ ବିଶ୍ୱଜିତ ପ୍ରମୁଖ ଅଭିନୟ ପ୍ରଦର୍ଶନ କରୁଛନ୍ତି।



ଖଣ୍ଡଗିରି ପାନ୍ଥିକାଠାରେ ଚାଲିଥିବା ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ପାଇକ ଆଖଡ଼ା।

# ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, ୬।୨(ସୌମ୍ୟରଞ୍ଜନ ରାଉତ)

ଖଣ୍ଡଗିରି କୁମ୍ଭମେଳା ଅବସରରେ ଗୁରୁବାର ସ୍ଥାନୀୟ ପାନ୍ଥିକାଠାରେ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଐର ଖାରବେଳ ମହୋତ୍ସବ କମିଟି ଓ ଅନୁଚିନ୍ତମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦେଶ ବିଦେଶର ବହୁ ସୁନାମଧନ୍ୟ ସିନେତାରକା ଓ କଣ୍ଠଶିଳ୍ପୀମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରୁଛନ୍ତି। ସୋର ମନ୍ଦିର ଦ୍ୱାରା ଓଡ଼ିଶୀ, ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ଦ୍ୱାରା କଣ୍ଢେଇ ନାଚ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ନେତୃତ୍ୱ ସୁରେନ୍ଦ୍ର ପ୍ରଧାନ, ଇତିଶ ଭୂୟାଁ, ତାପସ ଦଳାଇ, ସୂର୍ଯ୍ୟ ପ୍ରସାଦ ରାଉତରାୟ, ଅକ୍ଷୟ ଜେନା, ଆଲୋକ ସାହୁ, ଚନ୍ଦନ ମଲ୍ଲିକ ଓ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ପ୍ରମାଣ ଦେଲେ ସନ୍ନ୍ୟାସୀ ହେବି: ରାନୀ ପ୍ରିୟଦର୍ଶିନୀ

## ଦୟାନଦୀରେ ବୁଡ଼ ପକାଇ ସାଧୁସନ୍ଥଙ୍କୁ ଭେଟିଲେ

ଭୁବନେଶ୍ୱର,୬।୨ (ସୌମ୍ୟରଞ୍ଜନ ରାଉତ)

ଖଣ୍ଡଗିରି ଯାତ୍ରା ଗୁରୁବାରଠାରୁ ଆରମ୍ଭ ହୋଇଛି। ତେବେ ଏଥିରେ ଅଶ୍ଳୀଳତାକୁ ବାରଣ କରାଯାଇଛି। ଏପରିକି ଅଶ୍ଳୀଳ ପ୍ରଦର୍ଶନ ରୋକିବାକୁ ଠେଙ୍ଗା ବାହିନୀ ଗଠନ କରାଯାଇଛି। ସେହିପରି ଏହି ଯାତ୍ରା ମହାକୁମ୍ଭରେ ପେଣ୍ଡାଲ୍ ଚଢ଼ିବାକୁ ରାନୀ ପ୍ରିୟଦର୍ଶନୀଙ୍କୁ ବାରଣ କରାଯାଇଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ରାନୀ ଉତ୍ତ୍ୟକ୍ତ ହୋଇ ଦୟା ନଦୀରେ ବୁଡ଼ ପକାଇ ଗୁରୁବାର ଖଣ୍ଡଗିରିରେ ସମସ୍ତ ସାଧୁସନ୍ଥଙ୍କୁ ଭେଟିଥିଲେ। ସେ କହିଥିଲେ, ତାଙ୍କ ଅଶ୍ଳୀଳ ନୃତ୍ୟର ପ୍ରମାଣ ଦେଲେ ସେ ଡ୍ୟାନ୍ସ ଛାଡ଼ି ସବୁଦିନ ପାଇଁ ସନ୍ନ୍ୟାସୀ ହୋଇଯିବେ। ଏଥର ଘୋଷଣା ହୋଇଛି ଷ୍ଟେଜ୍‌ରେ ଅଶ୍ଳୀଳ ଡ୍ୟାନ୍ସ ହେବନି କି ଆଧୁନିକ ଗୀତ ବାଜିବନି। ରେକର୍ଡ ଡ୍ୟାନ୍ସ ବା ମେଲୋଡ଼ି ହେବନି। ଏପରିକି ଆଧୁନିକ ନାଟକ ମଧ୍ୟ ହେବନି। କେବଳ ଭଜନ ସନ୍ଧ୍ୟା ହେବ। ରାମାୟଣ ଓ ମହାଭାରତ ପରି ପୌରାଣିକ ନାଟକ ପରିବେଷଣ କରାଯିବ। ଯଦି ଆଧୁନିକ ନାଟକ ବା ଅଶ୍ଳୀଳ ନୃତ୍ୟ ହେଲା, ତାହାହେଲେ ରାନୀ ଡମ୍ବରୁ ଧରି ସବୁ



ଷ୍ଟେଜ୍‌ରେ ତାଣ୍ଡବ ନୃତ୍ୟ କରିବେ ବୋଲି ଖୋଲାଖାଲି ଚ୍ୟାଲେଞ୍ଜ କରିଛନ୍ତି।

# ଆଜି ରୋଜ୍ ଡେ'



## ଆରମ୍ଭ ହେଲା ପ୍ରେମ ସପ୍ତାହ

ଭୁବନେଶ୍ୱର,୬।୨(ସୁଚିସ୍ମିତା ସାହୁ): ପ୍ରେମ ସତ୍ୟ.. ପ୍ରେମ ଚିରନ୍ତନ... ପ୍ରେମ ଶାଶ୍ୱତ। ପ୍ରେମ ପାଇଁ ରୋମ୍‌ର ସେଣ୍ଟ ଭାଲେଣ୍ଟାଇନ୍‌ଙ୍କ ବଳିଦାନର ସ୍ମୃତି ସ୍ୱରୂପ ଫେବୃଆରୀ ୧୪କୁ ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ' ଭାବେ ପାଳନ କରାଯାଉଥିବାବେଳେ ପ୍ରେମ ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ରାଜଧାନୀରେ ଯୁବପିଢ଼ିମାନେ ବେଶ ଧୁମଧାମରେ ଏହି ଦିବସକୁ ପାଳନ କରିବାକୁ ପ୍ରସ୍ତୁତ ରହିଛନ୍ତି। ସପ୍ତାହର ପ୍ରଥମ ଦିନ ହେଉଛି ରୋଜ୍ ଡେ'। ଗୋଲାପ ହେଉଛି ପ୍ରେମର ପ୍ରତୀକ। ବିଭିନ୍ନ ରଙ୍ଗର ଗୋଲାପ ମଧ୍ୟରୁ ଲାଲ ଗୋଲାପ ସ୍ୱତନ୍ତ୍ର। ଲାଲ ଗୋଲାପ ଦେଇ ପ୍ରେମୀଯୁଗଳମାନେ ନିଜ ମନର ଭାବନା ପରିପ୍ରକାଶ କରିଥାଆନ୍ତି। ଏଥିପାଇଁ ପାର୍କରେ ଭିଡ଼ ଜମିବ। ହୋଟେଲରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିବାବେଳେ ଭଲ ବ୍ୟବସାୟ ଲାଗି ଫୁଲ ଦୋକାନୀ ଚାହିଦାମୁତାବକ ଫୁଲ ରଖିଛନ୍ତି। କୋଲକାତା ଓ ବାଙ୍ଗାଲୋରରୁ ଆସିଥିବା ଗୋଲାପରେ ବିଭିନ୍ନ ପ୍ରକାରର ତୋଡ଼ା ଓ ବୁକେ ପ୍ରସ୍ତୁତ ହୋଇଥିଲେ ମଧ୍ୟ ସିଙ୍ଗଲ ଗୋଲାପକୁ ମଧ୍ୟ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରାଯାଇଛି। ୩୦ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ପର୍ଯ୍ୟନ୍ତ ଦାମ୍ ରଖାଯାଇଛି।

**ପ୍ରେମ ସପ୍ତାହ-୨୦୨୫**

- ୭ ତାରିଖ: ରୋଜ ଡେ
- ୮ ତାରିଖ : ପ୍ରପୋଜ ଡେ
- ୯ ତାରିଖ : ଚକୋଲେଟ ଡେ
- ୧୦ ତାରିଖ: ଟେଡି ଡେ
- ୧୧ ତାରିଖ: ପ୍ରୋମିଜ ଡେ
- ୧୨ ତାରିଖ: ହଗ୍ ଡେ
- ୧୩ ତାରିଖ : କିସ୍ ଡେ
- ୧୪ ତାରିଖ : ଭାଲେଣ୍ଟାଇନ୍ସ ଡେ

### ଭିନ୍ନ ରଙ୍ଗ ଗୋଲାପର ମହତ୍ତ୍ୱ

**ଲାଲ/ଗୋଲାପୀ ଗୋଲାପ:** ନିଜ ପ୍ରେମିକା କିମ୍ବା ପ୍ରେମିକ ପ୍ରତି ଥିବା ଭଲ ପାଇବା, କୃତଜ୍ଞ ଭାବନା ଓ ସମ୍ପର୍କର ମହତ୍ତ୍ୱ ପାଇଁ ଗୋଲାପୀ ରଙ୍ଗର ଗୋଲାପ ଦିଆଯାଏ।

**ହଳଦିଆ ଗୋଲାପ:** ହଳଦିଆ ରଙ୍ଗର ଗୋଲାପ ଫୁଲକୁ ବନ୍ଧୁତ୍ୱର ପ୍ରତୀକ ଭାବରେ ବ୍ୟବହାର କରାଯାଏ। ଏହି ଗୋଲାପ ଜରିଆରେ ବନ୍ଧୁତ୍ୱର ସମ୍ପର୍କକୁ ଆହୁରି ମଜଭୁତ କରିବା ସହିତ ରୋଗୀର ଆରୋଗ୍ୟ କାମନା କରିବା ପାଇଁ ହଳଦିଆ ରଙ୍ଗର ଗୋଲାପ ଫୁଲ ଦିଆଯାଏ।

**ଧଳା ଗୋଲାପ:** ଧଳା ରଙ୍ଗର ଗୋଲାପକୁ କୌଣସି ନୂତନ ସମ୍ପର୍କର ଆରମ୍ଭ ବେଳେ ଦିଆଯାଏ। ସରଳତା ଓ ଶୁଦ୍ଧତାର ପ୍ରତୀକ ଭାବରେ ଧଳା ଗୋଲାପକୁ ବ୍ୟବହାର କରାଯାଏ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମାନତ



@ ଶୀତନ



@ ଶୁଭକାନ୍ତ



@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠୁ ଖଣ୍ଡଗିରି-ଉଦୟଗିରି ମହୋତ୍ସବ

ଭୁବନେଶ୍ୱର,୬।୨(ସୌମ୍ୟରଞ୍ଜନ ରାଉତ)- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ କୋଳଥିଆସ୍ଥିତ ବିଜୁ ଏନର୍ଜି ପାର୍କସ୍ଥିତ ସାଇ ଗାର୍ଡେନ୍‌ଠାରେ ଶୁକ୍ରବାର ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ ହେବ। ଉତ୍ସବରେ ରାଜ୍ୟ ଓ ବାହାରୁ ବହୁ ପ୍ରତିଷ୍ଠିତ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ। ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂସ୍କୃତିପ୍ରେମୀ ଯୋଗଦେବେ।

# ମହୋତ୍ସବ ପାଇଁ ସ୍ଥାନ ବାରଣକୁ ବିରୋଧ

ଭୁବନେଶ୍ୱର,୬।୨(ସୌମ୍ୟରଞ୍ଜନ ରାଉତ)- ଖଣ୍ଡିଗିରି ପାନ୍ଥିକା ପରିସରରେ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ପାଇଁ ସ୍ଥାନ ଦେବାକୁ ମନା କରି ଖାରବେଳ ନାମକ ଅନୁଷ୍ଠାନକୁ ଦିଆଯିବା ଘଟଣାକୁ ବିରୋଧ କରାଯାଇଛି। ଏନେଇ ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟି ଆପତ୍ତି ଜଣାଇଛି। ପ୍ରତିନିଧିଦଳରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମେତ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅନ୍ୟ ଦଳୀୟନେତା ସାମିଲ ଥିଲେ।

# 'ନଦୀ ଜଳ ପ୍ରଦୂଷଣ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯିବ'

## ନ୍ୟାୟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ଦୟାନଦୀ କୂଳ କଣାସ ଅଞ୍ଚଳରେ ବ୍ୟାପିଥିବା ଝାଡ଼ାବାନ୍ତିରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ଏହା କେବଳ ନଦୀ ଜଳ ପ୍ରଦୂଷଣ ପାଇଁ ହୋଇଛି। ତେଣୁ ନଦୀ ଜଳ ପ୍ରଦୂଷଣର ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ହସ୍ତକ୍ଷେପ ଲାଗି ପଦକ୍ଷେପ ନେବାକୁ ଅନୁରୋଧ କରାଯିବ। ସମାଧାନ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣ ସତ୍ୟାଗ୍ରହ ହେବ ବୋଲି ଗଙ୍ଗୁଆ, ଦୟା ଓ ଚିଲିକା ବଞ୍ଚାଅ ଗଣସମ୍ମିଳନୀରେ ନିଷ୍ପତ୍ତି ହୋଇଛି। ଗୁରୁବାର ବୁଦ୍ଧ ମନ୍ଦିରଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ଚିଲିକା ବଞ୍ଚାଅ ଅଭିଯାନ, ଦୟା ସୁରକ୍ଷା ଅଭିଯାନ ଓ



ଗଣସମ୍ମିଳନୀରେ ଉପସ୍ଥିତ ୩ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଅନ୍ୟମାନେ।

ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଗଣସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ନଦୀ ଓ ଚିଲିକା ତଟରେ ଥିବା ପ୍ରଭାବିତ ଅଞ୍ଚଳର ବାସିନ୍ଦା, ବିଶେଷଜ୍ଞ ତଥା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଗଙ୍ଗୁଆ, ଦୟା ଓ ଚିଲିକାର ମାତ୍ରାଧିକ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସର୍ବସମ୍ମତି କ୍ରମେ ଦୟା, ଗଙ୍ଗୁଆ ଓ ଚିଲିକାର ସୁରକ୍ଷା ପାଇଁ ବ୍ୟାପକ ଜନଆନ୍ଦୋଳନ ସହିତ ନ୍ୟାୟିକ ଲଢେଇ ପାଇଁ ଡାକରା ଦିଆଯାଇଥିଲା। ଗଙ୍ଗୁଆ ନାଳ ପାଣିକୁ ଦୟା ନଦୀରେ ମିଶିବାକୁ ଦିଆଯିବ ନାହିଁ। ସରକାର ଏନେଇ କର୍ଣ୍ଣପାତ ନ କଲେ ଦୟାନଦୀ କୂଳିଆ ଲୋକେ ବାଧ୍ୟହୋଇ କଣ୍ଟି ନିକଟରେ ଗଙ୍ଗୁଆରେ ବନ୍ଧ ବାନ୍ଧି ଦୂଷିତ ପାଣିକୁ ଅଟକାଇବେ। ସେହିପରି ଚିଲିକା ସୁରକ୍ଷା ପାଇଁ ସରକାର ବିହିତ ପଦକ୍ଷେପ ନେବା ପାଇଁ ମଧ୍ୟ ସମ୍ମିଳନୀରେ ସ୍ୱର ଉଠିଥିଲା। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଏହି ଅବସରରେ ୮ଟି ପ୍ରସ୍ତାବ ପାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, କଂଗ୍ରେସ ନେତା ଶିବାନନ୍ଦ ରାୟ, ବରିଷ୍ଠ ଭାଜପା ନେତା କୃଷ୍ଣ ଜଗଦେବ, ସିପିଆଇର ପ୍ରଦୀପ୍ତ ନାୟକ, ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଦୟା ସୁରକ୍ଷା ଅଭିଯାନ ଆବାହକ ସଚ୍ଚିକାନ୍ତ ପ୍ରଧାନ, ଦୟା ବଞ୍ଚାଅ ଆନ୍ଦୋଳନର ଅଶୋକ ପ୍ରଧାନ ଓ ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନର ପ୍ରଦୀପ ତରାଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଆୟୁଷ ନିର୍ଦ୍ଦେଶକଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

- ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ନେଇ ଅଧକ୍ଷଙ୍କୁ ଚିଠି
- ପ୍ରତିବାଦ କଲା ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ

ଭୁବନେଶ୍ୱର, ୬।୨(ବନ୍ଦନା ସେଠୀ)

ଡାଇନାମିକ୍ ଷ୍ଟାଇପେଣ୍ଡ କାର୍ଯ୍ୟକାରୀ କରିବାକୁ ଦାବିକରି ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା ଘଟଣାରେ ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟ ଅଧକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ନିର୍ଦ୍ଦେଶକ। ଏହାକୁ ନେଇ ଆୟୁଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ସହ ଅଯଥାରେ ଚାପ ପ୍ରୟୋଗ କରି ଆନ୍ଦୋଳନ ଭଣ୍ଡୁର କରୁଥିବାରୁ ଆୟୁଷ ନିର୍ଦ୍ଦେଶକଙ୍କ ବିରୋଧରେ ସ୍ୱର ଉଠିଛି। ଡାଇନାମିକ୍ ଷ୍ଟାଇପେଣ୍ଡ କାର୍ଯ୍ୟକାରୀ କରିବା ସହ ନିର୍ଦ୍ଦେଶକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖାଯାଇଛି। ଏଥିସହ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜଣେ ଲେଖାଏ ଅଧିକାରୀ ବର୍ଷବର୍ଷ ଧରି ଗୋଟିଏ ସ୍ଥାନରେ କିଭଳି ନିଯୁକ୍ତି ପାଇ ରହିଛନ୍ତି ସେ ନେଇ ସଂଗଠନ ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ, ସମ୍ପାଦକ ଡା. ସୁବ୍ରତ ସାମଲ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ, ସଂଗଠନର ସଦସ୍ୟମାନେ ଡାଇନାମିକ ଷ୍ଟାଇପେଣ୍ଡର କାର୍ଯ୍ୟକାରିତା ନେଇ ବୁଧବାର ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ୍ ନାୟକଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ମାତ୍ର ନିର୍ଦ୍ଦେଶକ ଉପେକ୍ଷା କରିବାରୁ ଛାତ୍ରୀଛାତ୍ର ଭୋକଉପାସରେ ଦିନ ତମାମ କାର୍ଯ୍ୟାଳୟ ବାହାରେ ଅପେକ୍ଷା କରି ରହିଥିଲେ। ଅପରାହ୍ନରେ ନିର୍ଦ୍ଦେଶକ ପୋଲିସ ଉପସ୍ଥିତିରେ ଆସି ଆୟୁଷ ଛାତ୍ରୀଛାତ୍ରଙ୍କ ଦାବିପତ୍ରକୁ ଗ୍ରହଣ କରିଥିଲେ। ଏଥିସହ ଡାଇନାମିକ ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ୨୪ଘଣ୍ଟା ମଧ୍ୟରେ ଲେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଭତ୍ତା ବୃଦ୍ଧି ପାଇଁ ଲେଖିବା ବଦଳରେ ମହାବିଦ୍ୟାଳୟ ଅଧକ୍ଷଙ୍କୁ ଛାତ୍ରୀଛାତ୍ରଙ୍କ ଆସିବାର କାରଣ ନେଇ ନୋଟିସ ଜାରି କରି ୨୪ଘଣ୍ଟା ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିବାରୁ ଛାତ୍ରୀଛାତ୍ର ନାନା ପ୍ରଶ୍ନ ଉଠାଇଛନ୍ତି।

# କଟ୍‌ନିଛଟ୍‌ନିକୁ ବିରୋଧ, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ମିଲର୍ସଙ୍କ ମନମାନିରେ ଚାଲିଛି ମଣ୍ଡି
- ସିଏସ୍‌ଓଙ୍କ ବଦଳି ଦାବି, ଅନିୟମିତତା ତଦନ୍ତ ନିର୍ଦ୍ଦେଶ

ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଧାନ ଏଫ୍‌ଏକ୍ୟୁ ମାନ ନ ଥିବା ଦର୍ଶାଇ କଟ୍‌ନିଛଟ୍‌ନି କରାଯାଉଛି। ଏହାର ତୀବ୍ର ବିରୋଧ କରିଛି ନବ ନିର୍ମାଣ କୃଷକ ସଙ୍ଗଠନ। ବାଟମଙ୍ଗଳା ମନ୍ଦିର ପରିସରରେ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ, ବାଣପୁର ଏବଂ ଜଟଣୀ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ଏକାଠି ହୋଇଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ସେଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ସହ ଘେରାଉ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପହଞ୍ଚି ଚାଷୀଙ୍କ ସହ ଆଲୋଚନା ଏବଂ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଜିଲାପାଳଙ୍କ ଉଦ୍ଦେଶ୍ୟରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ନବ ନିର୍ମାଣ କୃଷକ ସଙ୍ଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ଯୁବଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ ପ୍ରମୁଖ କଟ୍‌ନିଛଟ୍‌ନିକୁ ବିରୋଧ କରିଥିଲେ। ରାଜ୍ୟ ସରକାର ଚଳିତ ବର୍ଷ କଟ୍‌ନିଛଟ୍‌ନି ହେବନି ଘୋଷଣା କରିଥିବା ବେଳେ ଖୋର୍ଦ୍ଧା ଜିଲାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧାନ ଏଫ୍‌ଏକ୍ୟୁ ମାନ ନ ଥିବା ଦର୍ଶାଇ କୁଇଣ୍ଟାଲ ପିଛା ୫ରୁ ୧୦ କେଜି, ଏପରିକି କେତେକ ସ୍ଥାନରେ ୨୪କେଜି ପର୍ଯ୍ୟନ୍ତ ଧାନ କଟାଯାଇଛି। ମିଲର୍ସଙ୍କ ମନମାନୀରେ ଧାନକିଣା ଚାଲିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କଟ୍‌ନିଛଟ୍‌ନିକୁ ବିରୋଧ କଲେ ମିଲର୍ସ ଧାନ ନ ଉଠାଇବାକୁ ଧମକ ଦେଉଛି। କେତେକ ସମିତିରେ ପୂର୍ବ ଟୋକନ ଲାପ୍ସ କରିବାକୁ ଆସିଲାଣି, ହେଲେ ଧାନ କିଣାଯାଉନାହିଁ। ବଳକା ଟୋକନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ମଣ୍ଡିରେ ବ୍ୟାପକ କେଳଙ୍କାରୀ ଚାଲିଥିବା ନେଇ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ସୁଗୁଡା ମୁର୍ମୁଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନେଉନାହାନ୍ତି। ତୁରନ୍ତ ସିଏସ୍‌ଓଙ୍କୁ ଏଠାରୁ ବଦଳି କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ରାଜ୍ୟ ଯୁବଛାତ୍ର ସଂଯୋଜକ ଅଲ୍ଲୀ କହିଥିଲେ, ମିଲର୍ସଙ୍କ ଏଜେଣ୍ଟ ଧାନ କିଣୁଛନ୍ତି। ଚାଷୀଙ୍କୁ ଯାତାୟତ ଖର୍ଚ୍ଚ ଏବଂ ଖୋଟଅଖା ଦିଆଯିବ ବୋଲି ସରକାରଙ୍କ ଘୋଷଣା ସତ୍ତ୍ୱେ କୌଣସି ମିଲର୍ସ ଖୋଟଅଖା ଚାଷୀଙ୍କୁ ଦେଉ ନାହାନ୍ତି। ଗଡ଼ହଳଦିଆ ଚାଷୀନେତା ଶ୍ରୀକାନ୍ତ ନାରାୟଣ ଭଞ୍ଜ କୁହନ୍ତି, ତାଙ୍କର ୬୧କୁଇଣ୍ଟାଲ ଉପରେ କୁଇଣ୍ଟାଲ ପିଛା ୧୦କେଜି ଧାନ କଟାଯାଇଛି। ଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗ ନୀରବ। ସେହିଭଳି ପୁରୁସାହି ଚାଷୀ ଆଦିକନ୍ଦ ବେହେରା ଅନ୍ତର୍ଯ୍ୟାମୀ ବେହେରା, ଜୟନ୍ତ ଦୋରା କୁହନ୍ତି, ଏଯାବତ ସେମାନଙ୍କୁ ଟୋକନ ଦିଆଯାଇନାହିଁ। କେବେ ଧାନ ଉଠିବ, ସେହି ଚିନ୍ତାରେ ରହିଥିବା ବେଳେ ମଣ୍ଡିରେ ଧାନ ପଡି ରହିଥିବା କହିଛନ୍ତି। ଜଟଣୀ ବ୍ଲକ ପଦନପୁର ଚାଷୀ ରାଜେନ୍ଦ୍ର ନାଥ ମହାରଣା କୁହନ୍ତି, ୪୪ କଇଣ୍ଟାଲ ଧାନ ବିକ୍ରି ଲାଗି ଟୋକନ ପାଇଥିବା ବେଳେ ବସ୍ତା ପିଛା ୮କେଜି କଟାଯାଇଛି। ସେହିପରି ରଘୁନାଥ ମାର୍ଥା କୁହନ୍ତି, ଧାନର ମାନ ଥିବା ସତ୍ତ୍ୱେ ୫କେଜି ଲେଖାଏ କଟାଗଲା। ଖୋର୍ଦ୍ଧା ବ୍ଲକ କୁଆପୁଟ ଚାଷୀ ଧ୍ରୁବରାଜ ଜେନା ଓ ହଳଦିଆର ବିଶ୍ୱରଞ୍ଜନ ପୃଷ୍ଟି ବର୍ତ୍ତମାନ ସୁଦ୍ଧା ଟୋକନ ପାଇ ନ ଥିବା କହିଛନ୍ତି। ବୋଲଗଡ ବ୍ଲକ ଗେଡିଆପଲ୍ଲୀ ଚାଷୀ ଜୟନ୍ତ ତ୍ରିପାଠୀ କୁହନ୍ତି, ଧାନର ମାନ ଠିକ୍ ରହିଥିବା ସତ୍ତ୍ୱେ କେଜି ପିଛା ୭ରୁ ୮ କେଜି ପର୍ଯ୍ୟନ୍ତ କଟାଯାଇଛି। ପ୍ରଫୁଲ୍ଲ ବେହେରାଙ୍କ ସମେତ ଏକାଧିକ ଚାଷୀ ବର୍ତ୍ତମାନ ସୁଦ୍ଧା ଟୋକନ ପାଇନଥିବା କହିଛନ୍ତି। ବାଣପୁରର ଚାଷୀ ପଦ୍ମ ଚରଣ ସ୍ୱାଇଁ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ତେବେ ପୁରୁ ସାହି ସେବା ସମବାୟ ସମିତିରେ ବର୍ତ୍ତମାନ ସୁଦ୍ଧା ୧୫୦ଚାଷୀଙ୍କ ୩ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣାଯାଇ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଦେଉଳି ଗ୍ରାମର ଯୁବଚାଷୀ ଜ୍ୟୋତି ପ୍ରସାଦ ମହାରଣାଙ୍କ କୁଇଣ୍ଟାଲ ପିଛା ୧୦ରୁ ୨୪ କେଜି ଧାନ କଟାଯାଇଥିବା ଅଭିଯୋଗ କରିଛନ୍ତି।

ଏନେଇ ଅତିରିକ୍ତ ଜିଲାପାଳ ବେଉରା କହିଛନ୍ତି, ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛି। ସେମାନେ ଆଣିଥିବା ଅଭିଯୋଗ ଉପରେ ତଦନ୍ତ ଲାଗି ଡିଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନକିଣାରେ ସ୍ୱଚ୍ଛତା ପାଇଁ ପ୍ରଶାସନ ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। କୌଣସି ସମିତିରେ ତଦନ୍ତରେ ଅନିୟମିତା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସରକାର ଧାର୍ଯ୍ୟ କରିଥିବା ଧାନର ସହାୟକ ମୂଲ୍ୟ ଚାଷୀ ପାଇବେ। ଧାନ ଏଫ୍‌ଏକ୍ୟୁ ଥିଲେ ମିଲର୍ସ ଧାନ ଉଠାଇବାକୁ ତାଗିଦ କରାଯାଇଛି। ପ୍ରଶାସନ ପକ୍ଷରୁ ସହଯୋଗ କରାଯିବ। ଅନ୍ୟପଟେ ଚାଷୀଙ୍କ ଅଭିଯୋଗକୁ ସିଏସ୍‌ଓ ସୁଗୁଡ଼ା ମୁର୍ମୁ ଖଣ୍ଡନ କରିଛନ୍ତି। ଚାଷୀଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

## ମାର୍ଚ୍ଚ ୫ରୁ ଆମ ଗାଁ ମହୋତ୍ସବ

ବେଗୁନିଆ,୬।୨(ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ମଲ୍ଲିପଦର ଗ୍ରାମରେ ଆସନ୍ତା ମାର୍ଚ୍ଚ ୫ରୁ ଆମ ଗାଁ ମହୋତ୍ସବ ଅନୁଷ୍ଠିତ ହେବ। ୪ଦିନ ଧରି ଦୈନିକ ସନ୍ଧ୍ୟାରେ ମହୋତ୍ସବ ପଡିଆରେ ବିଭିନ୍ନ ପାରମ୍ପରିକ ଏବଂ ଐତିହ୍ୟର ନୃତ୍ୟ ସଙ୍ଗୀତର ତାଳେତାଳେ ଦର୍ଶକମାନେ ବିଭୋର ହେବେ। ଏନେଇ ଗୁରୁବାର କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କଣ୍ଟାବାଡ଼ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବସିଥିବା ବୈଠକରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ଆମ ଗାଁ ମହୋତ୍ସବର କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହୋତ୍ସବର ପ୍ରମୁଖ ଉପଦେଷ୍ଟା ସୁବାସ ମହାନ୍ତି, ସମ୍ପାଦକ ଶିଶିର ଆଚାର୍ଯ୍ୟ, ବସନ୍ତ ପଞ୍ଚମୀ ମହୋତ୍ସବର ଉପଦେଷ୍ଟା ପ୍ରଶାନ୍ତ ବେହେରା ଏବଂ ସଭାପତି କୁଞ୍ଜ ବିହାରୀ ମହାପାତ୍ର, ସମ୍ପାଦକ ଦିବାକର ପଣ୍ଡାଙ୍କ ସମେତ ଉଭୟ ମହୋତ୍ସବର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ନୂତନ କମିଟି ଗଠନ କରାଯାଇଛି। ଆମ ଗାଁ ମହୋତ୍ସବ କମିଟିର ସଭାପତିଭାବେ ବିଧାୟକ ପ୍ରଦୀପ ସାହୁ, କାର୍ଯକାରୀ ସଭାପତି ଡ. ବିଦ୍ୟାଧର ମହାରଣା ଏବଂ କୁଞ୍ଜ ବିହାରୀ ମହାପାତ୍ର, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ସ୍ୱାଧୀନ ପଣ୍ଡା, ଯୁଗ୍ମ କୋଷାଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା, ଅମୀୟ ଭୂଷଣ ପଣ୍ଡା ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।

## 'ପୁରସ୍କାର ଆଗକୁ ବଢ଼ିବାକୁ ପ୍ରେରଣା ଦିଏ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜଟଣୀ,୬।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେଡଙ୍ଗ କଲୋନୀସ୍ଥିତ ଏନ୍.ଡି.ଆର୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଡ.ସ୍ନିଗ୍ଧାରାଣୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ପୁରସ୍କାର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହ ଓ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ବଡ଼ତୋଟା ବେଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଗ୍ରସେନ ସୁନ୍ଦରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜ କୁମାର ସରକାର, ଆଲୁମ୍‌ନି ସମ୍ପାଦକ ଶିବପ୍ରସାଦ ମହାପାତ୍ର, ଆୟୋଜକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ପୂର୍ବତନ ଶିକ୍ଷକ ଅଦେୟିତ୍ୱ ପ୍ରସାଦ ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗର ୧୭୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସାଧନା କୁମାରୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଲୀଳାବତି ନାୟକ ଧନ୍ୟବାଦ ଦେଇଥିଲେ।

## ପୀରବାବାଙ୍କ ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୬।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦରେ ପୀରବାବାଙ୍କ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମସଜିଦରୁ ବାବାଙ୍କର ଏକ ସୁସଜ୍ଜିତ ଚଦର ମାଲୁଦ ବଜାର ସମେତ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପରେ ପୀରବାବାଙ୍କ ଉପରେ ଉକ୍ତ ଚଦରକୁ ଘୋଡ଼ାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଭାଇଚାରା ପର୍ବରେ ହିନ୍ଦୁ ମୁସଲିମ ଭାଇମାନେ ମିଳିତଭାବେ ସହଯୋଗ କରିଥାନ୍ତି। ମାଲୁଦ ନିକଟ ଉଦୟଗିରି ଗ୍ରାମବାସୀ ପ୍ରତିବର୍ଷ ଏହି ଉତ୍ସବରେ ସହଯୋଗ କରିଥାନ୍ତି। ଉଦୟଗିରି ଗ୍ରାମର ଶିକ୍ଷାବିତ୍ ଗୋଲଖ ବିହାରୀ ଦଳବେହେରା ଏବଂ ବ୍ରଜ କିଶୋର ଗୌଡ଼ କୁହନ୍ତି, ୧୬ବର୍ଷ ଧରି ଗ୍ରାମବାସୀ ଏହି ଉତ୍ସବରେ ସହଯୋଗ କରିଆସୁଛନ୍ତି। ସେହିପରି ମାଲୁଦର ସେକ ନବୀ କୁହନ୍ତି, ଏହି ଭାଇଚାରା ପର୍ବରେ ହିନ୍ଦୁ ମୁସଲିମ ଭାଇମାନେ ମିଳିତଭାବେ ସହଯୋଗ କରିଥାନ୍ତି।

## ୨୮,୨୬୪ ଚାଷୀଙ୍କଠାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣାଯାଇଛି

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଧାନ ସଂଗ୍ରହ ଆରମ୍ଭରୁ ସମସ୍ୟା ଦେଖିବାକୁ ମିଳିଥିଲା। ମିଲର୍ସଙ୍କ ପଞ୍ଜୀକରଣ ବିଳମ୍ବରୁ ଧାନକିଣା ବିଳମ୍ବିତ ହୋଇଥିଲା। ଚଳିତ ବର୍ଷ ଜିଲାରେ ୧୨ଲକ୍ଷ ୧୦ହଜାର ୩ଶହ କୁଇଣ୍ଟାଲ ଧାନକିଣା ଯିବାକୁ ଟାର୍ଗେଟ ରହିଛି। ବୁଧବାର ସୁଦ୍ଧା ୧୫୪ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଜରିଆରେ ୨୮,୨୬୪ ଚାଷୀଙ୍କଠାରୁ ୧୦ଲକ୍ଷ ୧୯୫୩. ୬୧ କୁଇଣ୍ଟାଲ ଧାନ କିଣାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଗତ ନଭେମ୍ବର ୧୧ ତାରିଖରେ ଚଳିତ ବର୍ଷ ଖରିଫ ଋତୁ ଧାନ ସଂଗ୍ରହ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୨୪ ଡିସେମ୍ବର ୩୧ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ କିଣାଯିବାକୁ ସ୍ଥିର ହୋଇଥିଲା। ଜିଲାର ୧୦ଟି ବ୍ଲକର ୧୩୯ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଏବଂ ୧୫ଟି ଉପକେନ୍ଦ୍ର ମୋଟ୍ ୧୫୪ଟି ସମିତି ମାଧ୍ୟମରେ ଧାନକ୍ରୟ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ୫୧ହଜାର ୧୫୧ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୪୯ହଜାର ୦୦୯ ଚାଷୀ ଧାନ ବିକ୍ରିରେ ସାମିଲ ହୋଇଛନ୍ତି। ଜିଲାର ୧୩ଜଣ ମିଲର ଧାନ ସଂଗ୍ରହରେ ଅଂଶଗ୍ରହଣ କରିଛନ୍ତି।

### ଜିଲାପାଳଙ୍କ ତାଗିଦ୍ ସତ୍ତ୍ୱେ ଫରକ ପଡୁନି

ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ ସହ ଚାଷୀ ଯେପରି ଉପଯୁକ୍ତ ପ୍ରାପ୍ୟ ପାଇବେ ଜିଲାପାଳ ଚଞ୍ଚଳ ରାଣା ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ ପାଇଁ ବ୍ୟବସ୍ଥା କରାଯିବ। ରେଜିଷ୍ଟ୍ରାରରେ ମାନ ଯାଞ୍ଚ ତଥ୍ୟ ଏବଂ ଚାଷୀଙ୍କ ନାମ ଉଲ୍ଲେଖ ରହିବ। ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାକୁ ବ୍ୟବସ୍ଥିତ ଏବଂ ଅସାଧୁ ବ୍ୟକ୍ତି ଧାନ ସଂଗ୍ରହରେ ହସ୍ତକ୍ଷେପ ନ କରନ୍ତି ତଥା ମଣ୍ଡିକୁ ଦଲାଲ ମୁକ୍ତ, ଚାଷୀଙ୍କୁ ଖୋଟ ଅଖା ଯୋଗାଇବା ଲାଗି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ତେବେ ଜିଲାପାଳଙ୍କ ତାଗିଦ୍ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଧାନର ମାନ ଗୁଣାବତାଯୁକ୍ତ ନ ଥିବା ଦର୍ଶାଇ ମିଲର୍ସ ମନଇଚ୍ଛା କଟ୍‌ନିଛଟ୍‌ନି ଚଳାଇଥିବା ବେଳେ ଚାଷୀଙ୍କୁ ଖୋଟ ଅଖା ଦିଆଯାଉନାହିଁ। ଜରି ଅଖାରେ ଧାନକିଣା ଚାଲିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।


@ ଅମାନତ


@ ଶୀତଳ


@ ଶୁଭକାନ୍ତ


@ ସୁକାନ୍ତି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

କୃଷ୍ଣପ୍ରସାଦ,୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଭିନ୍ନ ନୂତନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନାଙ୍କ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ନୂଆପଡ଼ା ସରପଞ୍ଚ କବିତା ଜେନା, ମୁଖ୍ୟ ବକ୍ତା ସମିତିସଭ୍ୟା ମମତାମୟୀ ପ୍ରଧାନ, ଅତିଥିଭାବେ ସିଆରସିସି ସୁନୀଲ ଜେନା, ପ୍ରଶାନ୍ତ ପ୍ରଧାନ, ରମାକାନ୍ତ ଜେନା, ପ୍ରଶାନ୍ତ ନାୟକ, ସତ୍ୟବାଦୀ ବିଶ୍ୱାଳ, ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ପ୍ରଦୀପ ପଲେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅକ୍ଷୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଫାଇନାଲରେ ବାଙ୍କୀ ଟାଉନ କ୍ଲବ୍

ବାଘମାରୀ,୬।୨ (ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ କଣ୍ଟାମଲିମ ଖେଳପଡ଼ିଆରେ ଜୟଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାଙ୍କୀ ଟାଉନ କ୍ଲବ ଏବଂ ତଳଖେତା ଶବର ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ବାଙ୍କୀ ଟାଉନ କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଶବର ସ୍ପୋର୍ଟିଂ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ବାଙ୍କୀ ଟାଉନ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ, ଗିରିଶ ଚନ୍ଦ୍ର ଯାନୀ, ପ୍ରଫୁଲ୍ଲ କୁମାର ବେହେରା, ସାଗିର ଅହମ୍ମଦ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ କମିଶନରଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିବା ବେଳେ ମିହିର ରଞ୍ଜନ ମହାପାତ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ମାନସ ବେହେରା, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ନୀଳମଣି ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅରୁଗୁଳ ଗୋଲ୍ଡେନ କ୍ଲବ ଏବଂ ଘାଟିକିଆ ବଜରଙ୍ଗ ସ୍ପୋର୍ଟିଂ କ୍ଲବ ମଧ୍ୟରେ ହେବ ବୋଲି ମୁଖ୍ୟ ପରିଚାଳକ କୃପାସିନ୍ଧୁ ମାର୍ଥା କହିଛନ୍ତି।

## ଶରୀର, ମନକୁ ସୁସ୍ଥ ରଖେ କ୍ରୀଡ଼ା

ବେଗୁନିଆ,୬।୨ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ରମାମଣି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ।ପ୍ରାଧ୍ୟାପକ ନାରାୟଣ ବନ୍ଧୁ ପଟ୍ଟନାୟକ ଅତିଥିଭାବେ ଉପସ୍ଥିତ ଥିଲେ। ଶରୀର, ମନକୁ ସୁସ୍ଥ ରଖେ କ୍ରୀଡ଼ା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡା ସଂସଦର ଉପସଭାପତି ପ୍ରାଧ୍ୟାପକ ଇନ୍ଦୁ ଭୂଷଣ ହରିଚନ୍ଦନ ଅତିଥି ପରିଚୟ ଏବଂ କ୍ରୀଡ଼ା ଶିକ୍ଷକ ବିଜୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଲିପ୍ସାମୟୀ ଦାସ, ଶିବାନୀ ବାଘେଲ, ଅଧ୍ୟାପକ ବାଉରିବନ୍ଧୁ ଦଳେଇ, ବରିଷ୍ଠ କିରାଣୀ ରାଧାଶ୍ୟାମ ସାହୁ, ଅଜୟ ସାହୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ପ୍ରାଧ୍ୟାପକ ବିନ୍ଦୁଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

## ଖୋର୍ଦ୍ଧା କ୍ରିକେଟ କ୍ଲବ ଚାମ୍ପିୟନ

### ଖୋର୍ଦ୍ଧା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ

ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)


ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳି ଏବଂ ଅନ୍ୟମାନେ।

କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜିଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପଏଣ୍ଟ ଟେବୁଲ ଶୀର୍ଷରେ ରହି ଖୋର୍ଦ୍ଧା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ସେହିପରି ଦ୍ୱିତୀୟ ସ୍ଥାନରେ କେଟି ଗ୍ଲୋବାଲ କ୍ଲବ୍ ରହି ଉପବିଜେତା ହୋଇଛି। ଗୁରୁବାର ଅନ୍ତିମ ଲିଗ୍ ମ୍ୟାଚ୍ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଏବଂ ବ୍ଲୁ ବାର୍ଡ କ୍ଲବ ଗୁରୁଜଙ୍ଗ ମଧ୍ୟରେ ହୋଇଥିଲା।

ଟସ୍ ଜିତି ବ୍ଲୁ ବାର୍ଡ କ୍ଲବ ପ୍ରଥମେ ବ୍ୟାଟିଂ କରି ୩୮.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୦୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରୁଦ୍ର ପ୍ରାସାଦ ମଲ୍ଲିକ ୧୧୭ ରନ କରିଥିବା ବେଳେ ଖୋର୍ଦ୍ଧା କ୍ଲବ ପକ୍ଷରୁ ଅଭିଜିତ ମହାନ୍ତି ୪ଟି ଉଇକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା କ୍ଲବ ୨୨ ଓଭରରେ କୌଣସି ଉଇକେଟ ନ ହରାଇ ୨୦୧ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଖୋର୍ଦ୍ଧା କ୍ଲବ ପକ୍ଷରୁ ପ୍ରତ୍ୟୁଷ ମହାନ୍ତି ୧୫୩ ଓ ଦେବାଂସୁ ଜେନା ୩୭ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ ଚନ୍ଦ୍ର ମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ସେନାପତି ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ ରେଫରି, ସୁଧୀର ସାହୁ ଏବଂ ବ୍ରିଜେଶ ପ୍ରଧାନ ମ୍ୟାଚର ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। ଖୋର୍ଦ୍ଧା ଜିଲା କ୍ରିକେଟ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡି ପ୍ରସାଦ ଆଚାର୍ଯ୍ୟ, କୋଚ୍ ରୋହିତ ରଞ୍ଜନ ରୟ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ଭାଜପାର ମଣ୍ଡଳସ୍ତରୀୟ ବୈଠକ

**କଟକ ସଦର, ୬।୨ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ ଭାଜପାର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ଅଭୟ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଗୋକୁଳ ଚନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ବେହେରା, ଯୋଗେନ୍ଦ୍ର ନାଥ ଭୋଇ, ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂତନ ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ଦିନରେ ଦଳୀୟ କର୍ମୀମାନେ ଲୋକଙ୍କ ଘରକୁ ଯାଇ ଦଳର ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଜଣାଇବା ପାଇଁ ବିଧାୟକ ଆହ୍ୱାନ ଦେଇଥିଲେ। ପ୍ରଦୀପ୍ତ ମାହାଳି, ନିମାଇଁ ମହାପାତ୍ର, ଲକ୍ଷ୍ମୀଧର ଜେନା, ସଞ୍ଜୟ ସେଠୀ, ସନାତନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାର୍‌ହା ଶିକାର ଘଟଣା, ଆଉ ଜଣେ ଗିରଫ

**ଖୁଣ୍ଟୁଣୀ, ୬।୨ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ବନାଞ୍ଚଳରେ ବାର୍‌ହା ଶିକାର କରି ଏହାର ମାଂସକୁ ବିକ୍ରି କରିବା ପାଇଁ ଜରି ପ୍ୟାକେଟ୍ କରିବା ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅଧୀନ ନୂଆଡିହି ଗ୍ରାମର ଦୀପକ ପ୍ରଧାନ। ଏହି ଘଟଣାରେ ସମ୍ପୃକ୍ତ ଆଉ ୨ ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଗତ ୨୬ ତାରିଖରେ ଅଭିଯୁକ୍ତମାନେ ଏକ ବାର୍‌ହାକୁ ମାରି ଏହାର ମାଂସ ବିକ୍ରି କରିବା ପାଇଁ ଜରି ପ୍ୟାକେଟ୍ କରିବାବେଳେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କର୍ମଚାରୀଙ୍କ ସହିତ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ବାର୍‌ହା ମାଂସ ଜବତ କରାଯାଇଥିଲା। ଏନେଇ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଏକ ମାମଲା (ନଂ.୪୭/୨୫) ରୁଜୁ ହୋଇଛି।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଚୌଦ୍ୱାର, ୬।୨ (ଆଶୁତୋଷ ଦାସ)**

ଚୌଦ୍ୱାର କଲେଜରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରୀମାନେ ଶିକ୍ଷା ଅର୍ଜନ କରିବା ସହ ଆତ୍ମରକ୍ଷା ପାଇଁ ତାଲିମ ନେବା ଆବଶ୍ୟକ। ପ୍ରାଧ୍ୟାପକ କ୍ଷୀରାବ୍ଧି ଚୌଧୁରୀ, ପ୍ରଭାକର ମିଶ୍ର, ଅଧ୍ୟାପକ ବସନ୍ତ କୁମାର ବିଶ୍ୱାଳ, ଯୁକ୍ତେଶ୍ୱର ଦାସ, ଅନୁପମା ତ୍ରିପାଠୀ, ସୁଚିତ୍ରା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ବିସ୍ମିତା ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ୮ ଦିନିଆ ଶିବିରରେ ପ୍ରଶିକ୍ଷିକା ଲତିକା ସ୍ୱାଇଁ ଓ ହରପ୍ରିୟା ବାରିକ ତାଲିମ ପ୍ରଦାନ କରୁଛନ୍ତି। ଛାତ୍ରୀ ଶ୍ରୀୟାସ୍ମିତା ବାରିକ ଧନ୍ୟବାଦ ଦେଇଥିଲେ।

## ଭାଲେଣ୍ଟାଇନ୍ସ ସପ୍ତାହ ଆରମ୍ଭ

# ଆଜି ରୋଜ୍ ଡେ'

**କଟକ, ୬।୨ (ଶିଳ୍ପା ପ୍ରିୟଦର୍ଶିନୀ)**

ଚଳିତବର୍ଷ ଭାଲେଣ୍ଟାଇନ୍ସ ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହି ସପ୍ତାହ ପ୍ରେମୀଯୁଗଳଙ୍କ ପାଇଁ ସ୍ୱତନ୍ତ୍ର। ସେମାନେ ପରସ୍ପରକୁ କ'ଣ ଉପହାର ଦେବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତି। ଉପହାର ଏଭଳି ହୋଇଥିବା ଦରକାର ଯାହା ସବୁ ସମୟରେ ତାଙ୍କ ଉପସ୍ଥିତିକୁ ମନେ ପକାଉଥିବ। ତେଣୁ ଏଭଳି ଜିନିଷ କିଣିବା ପାଇଁ ସେମାନେ ଦୋକାନକୁ ଯାଇଥାନ୍ତି। ଅପରପକ୍ଷରେ ଏହି ଦିବସ ପାଳନ ପାଇଁ ନବଦମ୍ପତିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥାଏ। ସେମାନେ ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ପରସ୍ପରକୁ ଉପହାର ଦେଇ ସମ୍ପର୍କକୁ ଆହୁରି ମଜଭୁତ କରିଥାନ୍ତି। ଭାଲେଣ୍ଟାଇନ୍ସ ସପ୍ତାହର ପ୍ରଥମ ଦିନ ରୋଜ୍ ଡେ, ଦ୍ୱିତୀୟ ଦିନ ପ୍ରପୋଜ ଡେ, ତୃତୀୟ ଦିନ ଚକୋଲେଟ ଡେ, ଚତୁର୍ଥ ଦିନ ଟେଡି ଡେ, ପଞ୍ଚମ ଦିନ ପ୍ରମିଜ୍ ଡେ, ଷଷ୍ଠ ଦିନ ହଗ୍ ଡେ, ସପ୍ତମ ଦିନ କିସ୍ ଡେ ଓ ଅଷ୍ଟମ ଦିନ ଭାଲେଣ୍ଟାଇନ୍ସ ଡେ'



ପାଳନ କରାଯାଇଥାଏ। ତେବେ ଏହି ଦିନଗୁଡିକରେ ପ୍ରେମୀଯୁଗଳ ପରସ୍ପରକୁ ବିଭିନ୍ନ ଉପହାର ଦେଇଥାନ୍ତି। ଭାଲେଣ୍ଟାଇନ୍ସ ସପ୍ତାହର ପ୍ରଥମ ଦିନ ରୋଜ୍ ଡେ' ଥିବାରୁ ବ୍ୟବସାୟୀମାନେ ଦୋକାନରେ ବିଭିନ୍ନ ପ୍ରକାର ଫୁଲ ସଜେଇ ରଖିଛନ୍ତି। ଏଥିମଧ୍ୟରେ ରାୟପୁର ଓ ବାଙ୍ଗାଲୋର ଗୋଲାପର ଚାହିଦା ଅଧିକ ରହିଛି। ଗୋଟିଏ ନାଲି ଗୋଲାପ ଦର ୩୦ ଟଙ୍କା ଏବଂ ଗୋଲାପି, ହଳଦିଆ, ଧଳା ଗୋଲାପ ଦର ୪୦ ଟଙ୍କା ଲେଖାଏ ରହିଛି। ରୋଜ୍ ଡେ' ପାଇଁ ଖାସ୍‌କରି ଷ୍ଟିକ୍ ଗୋଲାପ ଓ ବଞ୍ଚ୍ ଗୋଲାପ ବ୍ୟବସାୟୀ ତିଆରି କରିଛନ୍ତି। ବଞ୍ଚ୍ ଗୋଲାପରେ ଗୋଲାପ ସଂଖ୍ୟା ଅନୁଯାୟୀ ଦର ୨୦୦ରୁ ୮୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

### ଏମାନେ କୁହନ୍ତି...



"ପ୍ରତିବର୍ଷ ରୋଜ୍‌ଡେ'ରେ ଭଲ ବ୍ୟବସାୟ ହୋଇଥାଏ। ଅନ୍ୟ ଫୁଲ ଅପେକ୍ଷା ବାଙ୍ଗାଲୋର ଗୋଲାପର ଚାହିଦା ଅଧିକ ରହିଥାଏ। ଚଳିତବର୍ଷ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ଗୋଲାପ ଅର୍ଡର କରି ରଖିଛୁ। ଷ୍ଟିକ୍ ଓ ବଞ୍ଚ୍ ଗୋଲାପ ତିଆରି କରିଛୁ। ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**ବସନ୍ତ ବେହେରା, ଫୁଲ ବ୍ୟବସାୟୀ**



"ରୋଜ୍‌ଡେ'ରେ ଫୁଲ ଦେଇ ପ୍ରେମୀଯୁଗଳ ଆଉ ଟିକେ ନିକଟତର ହେବାକୁ ଚାହିଁଥାନ୍ତି। ସେହିପରି ଆତ୍ମୀୟସ୍ୱଜନମାନେ ପରସ୍ପରକୁ ଫୁଲ ଦେଇ ଏହି ଦିବସକୁ ପାଳନ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଦୋକାନରେ ବିଭିନ୍ନ ପ୍ରକାର ଫୁଲ ରଖିଛୁ। ସେଥିମଧ୍ୟରୁ ଗୋଲାପ ଫୁଲ କିଣିବା ପାଇଁ ଗ୍ରାହକ ବେଶ୍ ପସନ୍ଦ କରିଥାନ୍ତି।

**ଜୟ ପରମାଣିକ, ଫୁଲ ବ୍ୟବସାୟୀ**

## ୩୩୫୨ ହିତାଧିକାରୀଙ୍କୁ ମିଳିଲା ସହାୟତା ରାଶି



ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରୁଛନ୍ତି।

**କଟକ, ୬।୨ (କାର୍ତ୍ତିକ ସାହୁ)**

କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱରଠାରେ ଜିଲାସ୍ତରୀୟ ସ୍ୱତନ୍ତ୍ର ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ କଟକ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତଙ୍କ ସମେତ ବଡ଼ମ୍ବା ଓ ନରସିଂହପୁର ବ୍ଲକ ଚେୟାରମ୍ୟାନ୍ ଯୋଗଦେଇଥିଲେ। ଏହି ସମାରୋହରେ ମୋଟ୍ ୩୩୫୨ ଜଣ ହିତାଧିକାରୀଙ୍କୁ ସହାୟତା ରାଶି ବାବଦକୁ ୨୧, ୮୨, ୦୭, ୪୦୦ ଟଙ୍କା ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୨୧୩୭ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ବାବଦକୁ ୧୦, ୬୨, ୫୦,୦୦୦ ଟଙ୍କା, ୧୨୬ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ୧୪, ୩୭, ୪୦୦ ଟଙ୍କା, ୫୧୮ ଜଣ ହିତାଧିକାରୀଙ୍କ ମୃତ୍ୟୁକାଳୀନ ସହାୟତା ବାବଦକୁ ୧୦, ୭୪, ୦୦, ୦୦୦ ଟଙ୍କା, ୫୧୮ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦକୁ ୨୫, ୯୦, ୦୦୦ ଟଙ୍କା ଓ ୫୩ ଜଣଙ୍କୁ ପ୍ରସୂତିକାଳୀନ ସହାୟତା ବାବଦକୁ ୫, ୩୦, ୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ କଳ୍ପନା ମିଶ୍ର, ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ହଳଧର ବରାଳ, ରଶ୍ମିରଞ୍ଜନ ବରାଳ, ଚିରଞ୍ଜୀବ ରାଉତରାଏଙ୍କ ସମେତ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ

**ଖୁଣ୍ଟୁଣୀ, ୬।୨ (ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ବ୍ଲକ ଅଧୀନ ଧୁରୁଷିଆ ପାହାଡ଼ ଉପରେ ଥିବା ସଙ୍କଟମୋଚନ ହନୁମାନଙ୍କ ଅଷ୍ଟାଦଶ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ୯ମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧୁରୁଷିଆ, ଘଣ୍ଟିଖାଲ, ଅନନ୍ତପୁର ଓ କଟିକିଆସାହି ପଞ୍ଚାୟତର ମହିଳାମାନେ ମହାନଦୀରୁ ୩୦୮ କଳସ ଜଳ ଆଣି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ଆସନ୍ତା ୯ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ପୁରୋହିତ ଭାଗବତ ପତି ଓ ମନ୍ଦିର ପ୍ରତିଷ୍ଠାତା ବ୍ରଜବନ୍ଧୁ ଲେଙ୍କା ସୂଚନା ଦେଇଛନ୍ତି। ୪ଦିନ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ହେବାକୁ ଥିବା ଭଜନ ସମାରୋହରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିବେ। ଅନ୍ୟ ଦିନଗୁଡ଼ିକରେ ପୂଜ୍ୟପୂଜାମାନଙ୍କୁ ସମ୍ମାନିତ କରାଯିବ ବୋଲି ପରିଚାଳନା କମିଟି ସଭାପତି ନିରାକାର ଲେଙ୍କା, ସନ୍ତୋଷ ରଥ, ଜୟନ୍ତ ରାଉତ, ପୁରସ୍ତମ ବେହେରା, ସଞ୍ଜୟ ରାଉତ ଓ ସତ୍ୟଜିତ୍ ସ୍ୱାଇଁ ସୂଚନା ଦେଇଛନ୍ତି।

## ୧୦ ଟନ୍ କୋଇଲା ଜବତ, ୧୪ ଗିରଫ

**ଖୁଣ୍ଟୁଣୀ, ୬।୨ (ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଥାନା ଅଞ୍ଚଳର କେତେକ ବେଆଇନ କୋଇଲା ଡିପୋରେ ବୁଧବାର ବିଳମ୍ବିତ ରାତିରେ କଟକ ଜିଲା ସ୍ୱତନ୍ତ୍ର ପୋଲିସ ଟିମ୍ ଓ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ୨ଟି ମିନିଟ୍ରକ୍‌ରୁ ୧୦ ଟନ୍ କୋଇଲା ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ୨ଟି ଗାଡ଼ିର ମାଲିକ ଓ ଅନ୍ୟ ୧୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ତୋଟାପଡା ଗ୍ରାମର ଗଙ୍ଗାଧର ପଲେଇ, ଖଗେଶ୍ୱର ସାହୁ, ସଦନ ସାହୁ, ପ୍ରଶାନ୍ତ ବାରିକ, ରବି ବେହେରା, ପ୍ରକାଶ ସାହୁ, ସୁରେଶ ରାଉତ, ବ୍ରହ୍ମପୁର ଗ୍ରାମର ମନୋରଞ୍ଜନ ରାଉତ, ରାଧାଶରଣପୁର ଗ୍ରାମର ପ୍ରଦୀପ ବେହେରା, ଭାସ୍କର ଖଟୁଆ, ମଥୁରାପୁର ଗ୍ରାମର ବିକାଶ ବେହେରା, ଆଠଗଡ଼ ଥାନା ତଇଳାମାଳ ଗ୍ରାମର ବିଭୁତି ସ୍ୱାଇଁ, ଢେଙ୍କାନାଳ ଜିଲା କଷିଆପଡା ଗ୍ରାମର ଭାଗ୍ୟଧର ନାଏକ ଓ ଚୌଦ୍ୱାର ଥାନା ଅନ୍ତର୍ଗତ ମହିଷାଲଣ୍ଡା ଗ୍ରାମର ଶଙ୍କର୍ଷଣ ବେହେରା। ଏମାନେ ଦୀର୍ଘବର୍ଷ ଧରି ଏହି କାରବାରରେ ସମ୍ପୃକ୍ତ ଥିବା ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମାନତ




@ ଶୀତନ



@ ଶୁଭକାନ୍ତ



@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ'

**କଟକ ସଦର, ୬।୨ (ସୁଶାନ୍ତ କୁମାର ଜେନା)**

**ସୁଦର୍ଶନ ଡିଗ୍ରୀ କଲେଜ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ସୁଦର୍ଶନ ଡିଗ୍ରୀ କଲେଜ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଦୁଷ୍ମନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଯାତ୍ରା କଳାକାର ପୀୟୂଷ ତ୍ରିପାଠୀ ଓ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସାଧୁ ଚରଣ ଜେନା ଯୋଗଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଭବିଷ୍ୟତରେ ଉତ୍ତମ ନାଗରିକ ହୁଅନ୍ତୁ। ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଗଣେଶ୍ୱର ଦାଶ ଅତିଥି ପରିଚୟ, ଅଧ୍ୟାପିକା ରୂପନନ୍ଦା କାନୁନ୍‌ଗୋ ଓ ଅଧ୍ୟାପକ ବିଚିତ୍ରାନନ୍ଦ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂଆଦିଲ୍ଲୀଠାରେ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେଇଥିବା ଶୁଭମ୍ ପରିମିତା ଜେନା, ଗତବର୍ଷର ସୁସ୍ମିତା ରଥ, ପ୍ରାଧ୍ୟାପକ ସେକ୍ କଲିମୁଲ୍ଲା, ସମବାୟବିତ୍ ବିଜୟ କୁମାର ରାଉତରାୟଙ୍କ ସମେତ କ୍ରୀଡ଼ା ଓ ସାଂସ୍କୃତିକ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବିରଞ୍ଚି ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




ବାର୍ଷିକ ଉତ୍ସବରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ଅନ୍ୟମାନେ ଉପସ୍ଥିତ।

## ସରକାର ପେନ୍‌ସନ୍ ରାଶି ବୃଦ୍ଧି କରନ୍ତୁ

**କଟକ, ୬।୨ (କାର୍ତ୍ତିକ ସାହୁ)**

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ, ଖୋର୍ଦ୍ଧା, କେନ୍ଦୁଝର, ଜଗତ୍‌ସିଂହପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର କର୍ମକର୍ତ୍ତା ଯୋଗଦେଇଥିଲେ। କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନ୍‌ଭୋଗୀ ବରିଷ୍ଠ ନାଗରିକମାନଙ୍କୁ ୨୦୧୪ ସେପ୍ଟେମ୍ବରରୁ ସର୍ବନିମ୍ନ ପେନ୍‌ସନ୍ ମାତ୍ର ଏକହଜାର ଟଙ୍କା ପ୍ରଦାନ କରୁଛନ୍ତି। ଏହି ପେନ୍‌ସନ୍ ରାଶିକୁ ବୃଦ୍ଧି କରିବା ପାଇଁ ଭାରତର ୮୦ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ୍ ପେନସନଭୋଗୀ ସଙ୍ଗଠନ ଦାବି କରି ଆସୁଛନ୍ତି। ହେଲେ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତ ବଜେଟରେ ଏହି ପେନ୍‌ସନ୍ ବୃଦ୍ଧି ପାଇଁ ବ୍ୟୟ ବରାଦ




ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବିଭିନ୍ନ ଜିଲାର କର୍ମକର୍ତ୍ତା।

ହୋଇ ନ ଥିବାରୁ କେନ୍ଦ୍ର ସରକାରଙ୍କ ଏତାଦୃଶ ମନୋଭାବକୁ ବୈଠକରେ ନିନ୍ଦା କରାଯାଇଥିଲା। ଏଥିପାଇଁ ଆସନ୍ତା ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ଭବିଷ୍ୟନିଧି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ଓ ପ୍ରତିବାଦ ସଭା କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ଲାଗି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି, ଅଗାଧୁ ପ୍ରଧାନ, କୃଷ୍ଣଚନ୍ଦ୍ର ମହାନ୍ତି, ବସନ୍ତ ଦାସ, ନିରଞ୍ଜନ ପରିଡ଼ା ପ୍ରମୁଖ କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ। ଅଲେଖ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ସରକାର

# ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

**File No. PT3-COLKHD-LA-MISC-0076-2023/1789** **Dated: 27.12.2024**

No.XXXIII-35: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧା ଜିଲ୍ଲାର ଗାଡ଼କଣ, ପଟିଆ ଓ ଚନ୍ଦ୍ରଶେଖରପୁର ମୌଜାରେ ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ୟୁନିଟ ୪୧, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୧.୯୦୯ ଡିସିମିଲ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩, ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ:** ଭୁବନେଶ୍ୱର ସହର ୟୁନିଟ ୪୧ ଚନ୍ଦ୍ରଶେଖରପୁର ମୌଜାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ।

**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ:** ସମ୍ପାଦକ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର, ଓଡ଼ିଶା।

**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:** ସାର୍ବଜନୀନ ଉଦ୍ଦେଶ୍ୟରେ ଭୁବନେଶ୍ୱର ସହର ୟୁନିଟ ୪୧ ଚନ୍ଦ୍ରଶେଖରପୁର ମୌଜାରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।

**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:** ଓଡ଼ିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୨୬୩୨୬/୦୫।୦୮।୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।

**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:** ଉପଜିଲ୍ଲାପାଳ, ଭୁବନେଶ୍ୱର।

**୬. ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିସୂଚିତ ଜମିର ରକବା (ଏକର) | ରୟତଙ୍କ ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଭୁବନେଶ୍ୱର | ଚନ୍ଦ୍ରଶେଖରପୁର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୫.୪୯୪ | ୧୧.୯୦୯ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା**

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

### (ଗାଡ଼କଣ, ଚନ୍ଦ୍ରଶେଖରପୁର, ପଟିଆ, ମୌଜାର ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)

### ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଚନ୍ଦ୍ରଶେଖରପୁର

| କ୍ରମିକ ନମ୍ବର | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪୧୫ | ୬୮୭ | ଶାରଦ-୨ | ଏ୦.୬୩୦ଡି | ଏ୦.୦୫୫ଡି | ଭୋଳାନାଥ ପରିଡ଼ା, ପି.: ଲକ୍ଷ୍ମଣ ପରିଡ଼ା, ଜା: ଖଣ୍ଡାୟତ, ବା: ପଟିଆ |
| ୨ | ୮୧ | ୬୯୨ | ଶାରଦ-୨ | ଏ୦.୧୪୦ଡି | ଏ୦.୦୨୫ଡି | କାଶି ନାଏକ, ପି.: ଚିନ୍ତା ନାଏକ, ହରି ନାଏକ, ପି.: କାଳନ୍ଦୀ ନାଏକ, ଜା: ମେହେନ୍ତର, ବା: ପଟିଆ |
| ୩ | ୬୧୧/୧୯୧୫ | ୬୯୩ | ଶାରଦ-୨ | ଏ୦.୦୫୦ଡି | ଏ୦.୦୮୫ଡି | ଶିବରାମ ନାୟକ, ଦୁଷ୍ମନ୍ତ ନାୟକ, ପି.: ବିଶି ନାୟକ, ଜା: ମେହେନ୍ତର, ବା: ପଟିଆ |
| ୪ | ୬୧୧/୩୮୨୮ | ୬୯୩/୧୦୯୫୫ | ଶାରଦ-୨ | ଏ୦.୦୫୦ଡି | | ପ୍ରମିଳା କୁମାରୀ ପଲାଉ, ସ୍ୱା.: ରଞ୍ଜନ କୁମାର ପଲାଉ, ଜା: ଖଣ୍ଡାୟତ, ବା: ଏଚ.ଆଇ.ଜି.-ବି/୧୨୮, ବିଡ଼ିଏ ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା |
| ୫ | ୬୧୧/୩୪୭୧ | ୬୯୩/୧୬୫୧ | ଶାରଦ-୨ | ଏ୦.୦୭୦ଡି | ଏ୦.୦୭୦ଡି | ରଞ୍ଜନ କୁମାର ପଲାଉ, ପି.: ମୋହନ ଚରଣ ପଲାଉ, ଜା: ଖଣ୍ଡାୟତ, ବା: ପତରପୁର, ଥା: ରାଜକନିକା, ଜି: କେନ୍ଦ୍ରାପଡ଼ା |
| ୬ | ୩୯୦ | ୬୯୫ | ଶାରଦ-୨ | ଏ୦.୧୫୦ଡି | ଏ୦.୧୫୦ଡି | ବୈକୁଣ୍ଠ ବାରିକ, ପରମାନନ୍ଦ ବାରିକ, ପି.: ସୁଦାମ ବାରିକ, ଜା: ଭଣ୍ଡାରି, ବା: ପଟିଆ |
| ୭ | ୧୧୬ | ୬୯୬ | ଶାରଦ-୨ | ଏ୦.୦୯୦ଡି | ଏ୦.୦୪୫ଡି | କୈଳାଶ ବାରିକ, ଜଗବନ୍ଧୁ ବାରିକ, ପି.: ଦାମ ବାରିକ, ଜା: ଭଣ୍ଡାରି, ବା: ପଟିଆ |
| ୮ | ୬୧୧/୭୬ | ୬୯୬/୨୧୦୨ | ଶାରଦ-୨ | ଏ୦.୦୯୦ଡି | | ଭୋଳାନାଥ ପରିଡ଼ା, ପି.: ଲକ୍ଷ୍ମଣ ପରିଡ଼ା, ବା: ପଟିଆ, ଥାନା: ଶହୀଦ ନଗର, ଜିଲ୍ଲା: ପୁରୀ |
| ୯ | ୧୬୫ | ୬୯୭ | ଶାରଦ-୨ | ଏ୦.୧୨୦ଡି | ଏ୦.୦୧୫ଡି | ଜୟାନନ୍ଦ ମହାନ୍ତି, ପି.: ଦାମ ମହାନ୍ତି, ପ୍ରବୋଧ କୁମାର ମହାନ୍ତି, ସୁବୋଧ କୁମାର ମହାନ୍ତି, କ୍ଷୀରୋଦ କୁମାର ମହାନ୍ତି, ପି.: ଶ୍ୟାମ ମହାନ୍ତି, ଜା: କରଣ, ବା: ପଟିଆ |
| ୧୦ | ୧୬୫ | ୬୯୮ | ଶାରଦ-୨ | ଏ୦.୧୦୦ଡି | ଏ୦.୦୧୦ଡି | ଜୟାନନ୍ଦ ମହାନ୍ତି, ପି.: ଦାମ ମହାନ୍ତି, ପ୍ରବୋଧ କୁମାର ମହାନ୍ତି, ସୁବୋଧ କୁମାର ମହାନ୍ତି, କ୍ଷୀରୋଦ କୁମାର ମହାନ୍ତି, ପି.: ଶ୍ୟାମ ମହାନ୍ତି, ଜା: କରଣ, ବା: ପଟିଆ |
| ୧୧ | ୬୧୧/୧୯୯୪ | ୬୯୯/୬୧୮୯ | ଶାରଦ-୨ | ଏ୦.୦୩୦ଡି | ଏ୦.୦୩୦ଡି | ଗଣେଶ୍ୱର ଷଡ଼ଙ୍ଗୀ, ପି.: ବାସୁଦେବ ଷଡ଼ଙ୍ଗୀ, ଜା: ବ୍ରାହ୍ମଣ, ବା: କୋଲରମଦୁରାଇ, ଥା/ଜି.: ଜଗତ୍‌ସିଂହପୁର |
| ୧୨ | ୬୧୯/୨୨୨୭ | ୭୯୯/୭୪୪୮ | ଶାରଦ-୨ | ଏ୦.୧୦୦ଡି | ଏ୦.୧୦୦ଡି | ବିଜୁ ନରଭେନ, ସ୍ୱା.: ସିଦ୍ଧାର୍ଥ ନରଭେନ, ବା: ପ୍ଲଟ ନଂ. B୬/୧୧, ୟୁନିଟ୍-୯, ଥା: ଶହୀଦନଗର, ଜିଲ୍ଲା: ଖୋର୍ଦ୍ଧା |
| ୧୩ | ୬୧୧/୧୯୧୫ | ୭୦୦ | ଶାରଦ-୨ | ଏ୦.୦୮୦ଡି | ଏ୦.୦୮୦ଡି | ଶିବରାମ ନାୟକ, ଦୁଷ୍ମନ୍ତ ନାୟକ, ପି.: ବିଶି ନାୟକ, ଜା: ମେହେନ୍ତର, ବା: ପଟିଆ |
| ୧୪ | ୬୧୧/୪୪୭୭ | ୭୦୧/୧୨୧୩୩ | ଶାରଦ-୨ | ଏ୦.୦୭୫ଡି | ଏ୦.୦୦୫ଡି | ସବିତା ମହାନ୍ତି, ସ୍ୱା.: ସନ୍ତୋଷ କୁମାର ମହାନ୍ତି, ଜା: କରଣ, ବା: ପ୍ଲଟ ୮୭୪, ୮୭୫, ରଥଗଡ଼ ସାହି, ପିଟଆ, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଶାଶ୍ୱତୀ ରାୟ, ସ୍ୱା.: ସୁଜିତ କୁମାର ରାୟ, ଜା: ରାଜପୁତ, ବା: ପ୍ଲଟ- ୭୭୧, ୭୭୨, ବ୍ରାହ୍ମଣ ସାହି, ଜଗନ୍ନାଥ ମନ୍ଦିର ପାଖ, ପଟିଆ, ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା |
| ୧୫ | ୩୨୨ | ୭୦୭ | ଶାରଦ-୨ | ୦.୪୧୦ | ଏ୦.୨୯୦ଡି | ପ୍ରଶାନ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଭବାନୀ ଶଙ୍କର ମହାନ୍ତି, ପି.: ବଂଶୀଧର ମହାନ୍ତି, ଜା: କରଣ, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୧୬ | ୩୪୩ | ୭୦୮ | ଶାରଦ-୨ | ୦.୧୨୦ | ଏ୦.୧୦୦ଡି | ପ୍ରଶାନ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଭବାନୀ ଶଙ୍କର ମହାନ୍ତି, ପି.: ବଂଶୀଧର ମହାନ୍ତି, ଜା: କରଣ, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୧୭ | | ୭୦୯ | ଶାରଦ-୨ | ୦.୧୦୦ | ଏ୦.୧୦୦ଡି | ପ୍ରଶାନ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଭବାନୀ ଶଙ୍କର ମହାନ୍ତି, ପି.: ବଂଶୀଧର ମହାନ୍ତି, ଜା: କରଣ, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୧୮ | ୫୮୬ | ୭୧୦ | ଶାରଦ-୨ | ୦.୨୩୦ | ଏ୦.୧୧୫ଡି | ସୁରେନ୍ଦ୍ର ମହାନ୍ତି, ପି.: ଦଇତାରି ମହାନ୍ତି, ଜା: କରଣ, ବା: ପଟିଆ |
| ୧୯ | ୩୪୩ | ୭୧୧ | ଶାରଦ-୨ | ୦.୧୭୦ | ଏ୦.୧୭୦ଡି | ପ୍ରଶାନ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଭବାନୀ ଶଙ୍କର ମହାନ୍ତି, ପି.: ବଂଶୀଧର ମହାନ୍ତି, ଜା: କରଣ, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୨୦ | ୫୧୧ | ୭୧୨ | ଶାରଦ-୧ | ୦.୨୩୧ | ଏ୦.୩୫୦ଡି | ଲୋକନାଥ ନାଏକ, ଦୁଃଖିଶ୍ୟାମ ନାଏକ, କଣ୍ଢୁରି ନାଏକ, କାଙ୍ଗାଳି ନାଏକ, ପି.: କୁଞ୍ଜ ନାଏକ, ରାହାସ ନାଏକ, ଦାସ ନାଏକ, ପି.: ମଦନ ନାଏକ, ଜା: ମେହେନ୍ତର, ବା: ପଟିଆ |
| ୨୧ | ୬୧୧/୩୪୫୮ | ୭୧୨/୯୫୨୬ | ଶାରଦ-୧ | ୦.୧୬୨ | | ଶୁଭମ ଇଷ୍ଟକନ୍ ପ୍ରା.ଲିଃ. HIG-B/128, ବିଡିଏ ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ମାର୍ଫତ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି.: ଜୟହରି ପଣ୍ଡା, ଜା: ବ୍ରାହ୍ମଣ, ବା: |
| ୨୨ | ୬୧୧/୪୪୬୦ | ୭୧୨/୧୨୦୭୯ | ଶାରଦ-୧ | ୦.୧୭୮ | | ଧଡ଼ି ନାୟକ, ପି.: ଲୋକନାଥ ନାୟକ, ବା/ପୋ.: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୨୩ | ୬୧୧/୪୪୬୧ | ୭୧୨/୧୨୦୮୦ | ଶାରଦ-୧ | ୦.୦୮୯ | | କେଶବ ନାୟକ, ପି.: ଦୁଃଖିଶ୍ୟାମ ନାୟକ, ବା/ପୋ.: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୨୪ | ୬୧୧/୨୪୩ | ୭୧୨/୧୬୭୦ | ଶାରଦ-୧ | ୦.୦୮୨ | ଏ୦.୦୧୦ଡି | ଭୋଳି ଜେନା, ପି.: ବନମାଳି ଜେନା, ଜା: ଖଣ୍ଡାୟତ, ବା: ପଟିଆ, ଥାନା: ସହିଦନଗର, ଜିଲ୍ଲା: ପୁରୀ |
| ୨୫ | ୪୧୫ | ୭୧୩ | ଶାରଦ-୨ | ୦.୧୨୦ | ଏ୦.୨୩୦ଡି | ଭୋଳାନାଥ ପରିଡ଼ା, ପି.: ଲକ୍ଷ୍ମଣ ପରିଡ଼ା, ଜା: ଖଣ୍ଡାୟତ, ବା: ପଟିଆ |
| ୨୬ | ୬୧୧/୩୧୬୮ | ୭୧୩/୯୨୦୪ | ଶାରଦ-୨ | ୦.୧୪୦ | | ଧୁଳେଶ୍ୱର ପରିଡ଼ା, ପି.: ପୂର୍ଣ୍ଣ ପରିଡ଼ା, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୨୭ | ୨୩୦ | ୭୧୪ | ଶାରଦ-୨ | ୦.୨୧୦ | ଏ୦.୧୮୦ଡି | ଧୁଳେଶ୍ୱର ପରିଡ଼ା, ପି.: ପୂର୍ଣ୍ଣ ପରିଡ଼ା, ଜା: ଖଣ୍ଡାୟତ, ବା: ପଟିଆ |
| ୨୮ | ୬୧୧/୩୫୦୩ | ୭୧୧ | ଶାରଦ-୧ | ୦.୧୨୦ | ଏ୦.୦୬୫ଡି | ଶୁଭମ୍ ଇଷ୍ଟକନ୍ ପ୍ରା. ଲିଃ., C/5, ବିଜେବି ନଗର, ଭୁବନେଶ୍ୱର ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି.: ଜୟହରି ପଣ୍ଡା, ଜା: ବ୍ରାହ୍ମଣ, ବା: ପ୍ଲଟ ନଂ. 1344, ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର, ଥା: ଲିଙ୍ଗରାଜ, ଜି.: ଖୋର୍ଦ୍ଧା |
| ୨୯ | ୬୧୧/୨୦୫୧ | ୭୨୧/୬୨୭୫ | ଶାରଦା-୧ | ୦.୧୨୦ | | ଅନ୍ତର୍ଯ୍ୟାମି ସାହୁ, ସାନ୍ତନୁ କୁମାର ସାହୁ, କ୍ଷେତ୍ରବାସୀ ସାହୁ, ଶୂନ୍ୟବାସୀ ସାହୁ, ପଞ୍ଚାନନ ସାହୁ, ପାଣ୍ଡବ କୁମାର ସାହୁ, ସବିତା ସାହୁ, ଶତ୍ରୁଘ୍ନ ସାହୁ, ପି.: ବିମ୍ବାଧର ସାହୁ, ଅଶୋକା ସାହୁ, ସ୍ୱା.: ବଳରାମ ନାୟକ, ରମା ସାହୁ, ସ୍ୱା.: ବିମ୍ବାଧର ସାହୁ, ଜା: ଥୋରିଆ, ବା: ଡମଣା, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୩୦ | ୨୧୭ | ୭୨୫ | ଶାରଦ-୧ | ୦.୭୩୦ | ଏ୦.୬୪୫ଡି | ଦେବକି ସାହୁ, ସ୍ୱା.: ଧଡ଼ି ସାହୁ, ପ୍ରମୋଦ କୁମାର ସାହୁ, ଜ୍ୟୋତି ରଞ୍ଜନ ସାହୁ, ପିତାମ୍ବର ସାହୁ, କବିତା ସାହୁ, ପି.: ଧଡ଼ି ସାହୁ, ଜା: ଥୋରିଆ, ବା: ଡମଣା |
| ୩୧ | ୩୪୫ | ୭୨୬ | ଶାରଦ-୧ | ୦.୧୯୦ | ଏ୦.୦୬୫ଡି | ବାନାମ୍ବର ସାହୁ, ପି.: ବାଞ୍ଛାନିଧି ସାହୁ, ଜା: ଥୋରିଆ, ବା: ଡମଣା |
| ୩୨ | ୨୧୭ | ୭୨୭ | ଶାରଦ-୧ | ୦.୪୫୦ | ଏ୦.୩୪୦ଡି | ଦେବକି ସାହୁ, ସ୍ୱା.: ଧଡ଼ି ସାହୁ, ପ୍ରମୋଦ କୁମାର ସାହୁ, ଜ୍ୟୋତି ରଞ୍ଜନ ସାହୁ, ପିତାମ୍ବର ସାହୁ, କବିତା ସାହୁ, ପି.: ଧଡ଼ି ସାହୁ, ଜା: ଥୋରିଆ, ବା: ଡମଣା |
| ୩୩ | ୬୧୧/୪୦୨୫ | ୭୨୮ | ଶାରଦ-୧ | ୦.୫୦୦ | ଏ୦.୨୯୦ଡି | ଧ୍ରୁବ ସାହୁ, ପି.: ବାଞ୍ଛାନିଧି ସାହୁ, ବା: ଡମଣା, ପୋ./ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୩୪ | ୩୫୯ | ୭୨୯ | ଶାରଦ-୧ | ୦.୩୧୦ | ଏ୦.୨୫୦ଡି | ବାସୁ ସାହୁ, ପି.: ଆନନ୍ଦ ସାହୁ, ଜା: ଥୋରିଆ, ବା: ଡମଣା |
| ୩୫ | ୬୧୧/୪୫୩୩ | ୭୨୯/୪୩୧୫/ ୧୨୩୨୪ | ଶାରଦ-୧ | ୦.୦୯୮ | ଏ୦.୦୬୮ଡି | ଅନ୍ନପୂର୍ଣ୍ଣା ସାହୁ, ସ୍ୱା.: ଉପେନ୍ଦ୍ର ନାଥ ସାହୁ, ଅରୁଣ କୁମାର ସାହୁ, ମନୋଜ କୁମାର ସାହୁ, ତୁଷାର ସାହୁ, ପି.: ଉପେନ୍ଦ୍ରନାଥ ସାହୁ, ଜା: ଥୋରିଆ, ବା/ପୋ.: ଡମଣା, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି.: ଖୋର୍ଦ୍ଧା |
| ୩୬ | ୬୧୧/୪୫୩୪ | ୭୨୯/୪୩୧୫/ ୧୨୩୨୮ | ଶାରଦ-୧ | ୦.୦୯୭ | ଏ୦.୦୫୭ଡି | ଶାନ୍ତିଲତା ସାହୁ, ସ୍ୱା.: ବିଜୟ କୁମାର ସାହୁ, ରଞ୍ଜନ କୁମାର ସାହୁ, ପି.: ବିଜୟ କୁମାର ସାହୁ, ଜା: ଥୋରିଆ, ବା/ପୋ.: ଡମଣା, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୩୭ | ୬୧୧/୪୫୩୫ | ୭୨୯/୪୩୧୫/ ୧୨୩୩୨ | ଶାରଦ-୧ | ୦.୦୯୭ | ଏ୦.୦୫୧ଡି | ଅଜୟ କୁମାର ସାହୁ, ପି.: ଭାସ୍କର ସାହୁ, ଜା: ଥୋରିଆ, ବା/ପୋ.: ଡମଣା, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |
| ୩୮ | ୬୧୧/୪୫୩୬ | ୭୨୯/୪୩୧୫/ ୧୨୩୩୬ | ଶାରଦ-୧ | ୦.୦୯୮ | ଏ୦.୦୫୨ଡି | ରାମକୃଷ୍ଣ ସାହୁ, ପି.: ଭାସ୍କର ସାହୁ, ଜା: ଥୋରିଆ, ବା/ପୋ.: ଡମଣା, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି.: ଖୋର୍ଦ୍ଧା |
| ୩୯ | ୫୮୦ | ୭୫୭ | ଶାରଦ-୧ | ୦.୩୪୦ | ଏ୦.୦୪୦ଡି | ସୁରଥ ଭୂୟାଁ, ପି.: ମଦନ ଭୂୟାଁ, ଜା: ଗୋଲା, ବା: ଡମଣା |
| ୪୦ | ୮୫ | ୭୬୨ | ଶାରଦ-୧ | ୦.୨୧୦ | ଏ୦.୦୪୦ଡି | ଶ୍ରୀ ଭାଗବତ ଗୋସାଇଁ ବିଜେ ନିଜଗାଁ ମାର୍ଫତ ଜଗନ୍ନାଥ ପ୍ରସାଦ ମହାନ୍ତି, ପି.: କିଶୋର ମୋହନ ମହାନ୍ତି, ଜା: କରଣ, ବା: N-6/63, IRC Village, ନୟାପଲ୍ଲୀ, ଥା: ନୟାପଲ୍ଲୀ, ଭୁବନେଶ୍ୱର, ଜି.: ଖୋର୍ଦ୍ଧା |
| ୪୧ | ୫୮ | ୭୬୪ | ଶାରଦ-୧ | ୦.୧୬୦ | ଏ୦.୦୬୦ଡି | ଉଚ୍ଛବ ସାହୁ, ପି.: ବାସୁ ସାହୁ, ଜା: ଥୋରିଆ, ବା: ଡମଣା |
| ୪୨ | ୬୧୧/୧୨୪୦ | ୭୬୪/୪୬୨୫ | ଶାରଦ-୧ | ୦.୧୬୦ | | ଧୀରେନ୍ଦ୍ର କୁମାର ସାହୁ, ପି.: ଉଚ୍ଛବ ସାହୁ, ବା: ଡମଣା, ଥା: ଚନ୍ଦ୍ରଶେଖରପୁର |
| ୪୩ | ୬୧୧/୧୨୪୧ | ୭୬୪/୪୬୨୯ | ଶାରଦ-୧ | ୦.୧୬୦ | | ଦେବେନ୍ଦ୍ରନାଥ ସାହୁ, ପି.: ଉଚ୍ଛବ ସାହୁ, ବା: ଡମଣା, ଥା: ଚନ୍ଦ୍ରଶେଖରପୁର |
| ୪୪ | ୬୧୧/୧୨୭୩ | ୭୬୪/୪୬୭୨ | ଶାରଦ-୧ | ୦.୧୬୦ | | କ୍ଷୀରୋଦ କୁମାର ସାହୁ, ପି.: ଉଚ୍ଛବ ସାହୁ, ବା: ଡମଣା, ଥା: ଚନ୍ଦ୍ରଶେଖରପୁର |
| ୪୫ | ୨୮ | ୭୬୫ | ଶାରଦ-୧ | ୧.୫୪୦ | ଏ୦.୭୬୫ଡି | ଅଲେଖ ସାହୁ, ଅନାଦି ସାହୁ, ଗୋଲେଖ ସାହୁ, ଗୋବିନ୍ଦ ସାହୁ, ପି.: ବାଞ୍ଛାନିଧି ସାହୁ, ଜା: ଥୋରିଆ, ବା: ଡମଣା |
| ୪୬ | ୬୧୧/୩୭୨୬ | ୭୬୫/୯୮୮୫ | ଶାରଦ-୧ | ୦.୧୧୨ | ଏ୦.୧୧୨ଡି | ନିଲମ ଅଗ୍ରୱାଲା, ସ୍ୱା.: ନବୀନ ଅଗ୍ରୱାଲ, ଜା: ମାରବାଡ଼ି, ବା/ପୋ.: ଜୁନାଗଡ଼, ଥା/ଜି.: କଳାହାଣ୍ଡି |
| ୪୭ | ୬୧୧/୩୭୨୬ | ୭୬୫/୯୮୮୫/ ୧୦୯୨୮ | ଘରବାରି | ୦.୨୪୮ | ଏ୦.୦୮୫ଡି | ନିଲମ ଅଗ୍ରୱାଲା, ସ୍ୱା.: ନବୀନ ଅଗ୍ରୱାଲା, ଜା: ମାରବାଡ଼ି, ବା/ପୋ.: ଜୁନାଗଡ଼, ଥା/ଜି.: କଳାହାଣ୍ଡି |
| ୪୮ | ୧୭୩ | ୭୭୧ | ଶାରଦ-୧ | ୦.୨୬୦ | ଏ୦.୦୪୦ଡି | ଯୁଗଳ କିଶୋର ବେହେରା, ପି.: ଜୟକୃଷ୍ଣ ବେହେରା, ଜା: ଗୋପାଳ, ବା: ଡମଣା |
| ୪୯ | ୬୧୧/୩୭୨୪ | ୭୭୧/୯୮୮୩ | ଶାରଦ-୧ | ୦.୨୧୦ | ଏ୦.୦୨୦ଡି | ଯତିନ କୁମାର ବେହେରା, ପି.: ଜୟକୃଷ୍ଣ ବେହେରା, ଜା: ଗୋପାଳ, ବା: ଡମଣା, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା |

# ମେଡିକାଲ ଛାତରୁ ଡେଇଁ ପଡ଼ିଲେ କିଡ୍‌ନୀ ରୋଗୀ

## ଅସହ୍ୟ ହେଲା ଯନ୍ତ୍ରଣା

ଆନନ୍ଦପୁର,୬।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୁରୁବାର ସକାଳ ୮ଟାରେ ଜଣେ କିଡ୍‌ନୀ ରୋଗୀ ରୋଗ ଯନ୍ତ୍ରଣା ସହ୍ୟ କରି ନ ପାରି ମେଡ଼ିକାଲ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କଣ୍ଟିପାଳ ମଠସାହି ଗାଁର ବିଜୟ ବାରିକ। ସୂଚନା ଅନୁଯାୟୀ, ବିଜୟ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାଏଲିସିସ୍ କରୁଥିଲେ। ଦିନକୁ ଦିନ ପରିବାର ପରିସ୍ଥିତି ସହିତ ତାଙ୍କ ରୋଗର କଷ୍ଟ ଅସହ୍ୟ ହେଉଥିଲା। ଗୁରୁବାର ସକାଳୁ ସେ ମେଡିକାଲକୁ ଡାଏଲିସିସ କରିବା ପାଇଁ ଆସିଥିଲେ। ସେହି ସମୟରେ ମେଡିକାଲ କର୍ମଚାରୀ କେହି ଆସି ନ ଥିବା ବେଳେ ସ୍ତ୍ରୀଙ୍କୁ ଜଳଖିଆ ଆଣିବାକୁ ପଠାଇଥିଲେ। ଏହାର ସୁଯୋଗ ନେଇ ଛାତ ଉପରକୁ ଚଢି ତଳକୁ ଡେଇଁ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଶାନ୍ତିଲତା ବାରିକ କହିଛନ୍ତି। ଡାକ୍ତରଖାନା କର୍ମଚାରୀ ଉଦ୍ଧାର କରି ଚିକିତ୍ସା କରିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଘସିପୁରା ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

# ୩ ଦିନରେ ୪ଡିଗ୍ରୀ ବଢ଼ିବ ତାତି

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ରାଜ୍ୟରେ ଖରା ଓ ଗୁଳୁଗୁଳି ଜାରି ରହିଥିବାବେଳେ ଗୁରୁବାର ୪ ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ କରାଯାଉଛି। ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୫.ର ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀ ଓ ଦାରିଙ୍ଗିବାଡ଼ିରେ ୧୬ ଡିଗ୍ରୀ ରହିଥିଲା। ତେବେ ଶୁକ୍ରବାରଠାରୁ ରାଜ୍ୟରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଆସନ୍ତା ୩ ଦିନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଲଗାତର ଭାବେ ଗତ ୧୮ଦିନ ଧରି ଓଡିଶା ଉପକୂଳସ୍ଥ ବଙ୍ଗୋପସାଗର ଅଞ୍ଚଳରେ ଏକ ଗୁରୁଚାପ ବଳୟ ସକ୍ରିୟ ରହୁଥିବାରୁ ଉପକୂଳ ଓଡ଼ିଶାରେ କ୍ରମାଗତ ଭାବେ ଘନ କୁହୁଡି ଦୃଶ୍ୟମାନ ହେଉଛି। ଆସନ୍ତା ୨ଦିନ ମଧ୍ୟ ବିଭିନ୍ନ ଜିଲାରେ କୁହୁଡ଼ିର ସମ୍ଭାବନା ରହିଛି । ଘନ କୁହୁଡ଼ି ପାଇଁ କଟକ, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

| କ୍ରମିକ ନମ୍ବର | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୦ | ୩୪୨ | ୭୯୯ | ଶାରଦ-୨ | ୧.୪୦୦ | ଏ୦.୯୬୦ଡି | ବାଳେଣୀ ରାଉତ, ସ୍ୱା.: ବାନାମ୍ବର ରାଉତ, ରତ୍ନାକର ରାଉତ, ରାଧୁ ରାଉତ, ମଧୁ ରାଉତ, ପି.: ନିତେଇ ରାଉତ, ଜା: ଖଣ୍ଡାୟତ, ବା: ପଟିଆ। |
| ୫୧ | ୪୦୩ | ୮୦୦ | ଶାରଦ-୨ | ୦.୨୩୦ | ଏ୦.୦୭୫ଡି | ଭାସ୍କର ବେହେରା, ପି.: ଫଗୁ ବେହେରା, ଜା: ଗୋପାଳ, ବା: ଡମଣା। |
| ୫୨ | ୧୨୩ | ୮୦୧ | ଶାରଦ-୨ | ୦.୨୨୦ | ଏ୦.୧୨୦ଡି | କ୍ଷେତ୍ରବାସୀ ସାହୁ, ପି.: କୁଳମଣି ସାହୁ, ଜା: ଗୁଡ଼ିଆ, ବା: ପଟିଆ। |
| ୫୩ | ୪୦୩ | ୮୦୨ | ଶାରଦ-୧ | ୦.୨୦୦ | ଏ୦.୦୯୫ଡି | ଭାସ୍କର ବେହେରା, ପି.: ଫଗୁ ବେହେରା, ଜା: ଗୋପାଳ, ବା: ଡମଣା। |
| ୫୪ | ୫୧୩ | ୮୦୫ | ଶାରଦ-୨ | ୦.୧୪୦ | ଏ୦.୧୧୦ଡି | ଲୋକନାଥ ତ୍ରିପାଠୀ, ପି.: କୃଷ୍ଣଚନ୍ଦ୍ର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ପଟିଆ। |
| ୫୫ | ୪୫୨ | ୮୦୬ | ଶାରଦ-୨ | ୦.୧୭୦ | ଏ୦.୦୮୦ଡି | ମାଳତୀ ବେହେରା, ସ୍ୱା.: ବଂଶୀଧର ବେହେରା, ଜା: ଗୋପାଳ, ବା: ପଟିଆ। |
| ୫୬ | ୪୫୨ | ୮୦୭ | ଶାରଦ-୨ | ୦.୫୯୦ | ଏ୦.୨୩୫ଡି | ମାଳତୀ ବେହେରା, ସ୍ୱା.: ବଂଶୀଧର ବେହେରା, ଜା: ଗୋପାଳ, ବା: ପଟିଆ। |
| ୫୭ | ୨୮ | ୮୦୮ | ଶାରଦ-୨ | ୦.୪୧୦ | ଏ୦.୨୧୫ଡି | ଅଲେଖ ସାହୁ, ଅନାଦି ସାହୁ, ଗୋଲେଖ ସାହୁ, ଗୋବିନ୍ଦ ସାହୁ, ପି.: ବାଞ୍ଛାନିଧି ସାହୁ, ଜା: ଥୋରିଆ, ବା: ଡମଣା। |
| ୫୮ | ୫୧୨ | ୮୦୯ | ଶାରଦ-୧ | ୦.୩୩୦ | ଏ୦.୨୧୦ଡି | ଲୋକନାଥ ନାଏକ, ଦୁଃଖି ନାଏକ, କସ୍ତୁରୀ ନାଏକ, କାଙ୍ଗାଳି ନାଏକ, ପି.: କୁଞ୍ଜ ନାଏକ, ଜା: ମେହେନ୍ତର, ବା: ପଟିଆ। |
| ୫୯ | ୫୮୬ | ୮୧୧ | ଶାରଦ-୧ | ୦.୪୮୦ | ଏ୦.୨୧୦ଡି | ସୁରେନ୍ଦ୍ର ମହାନ୍ତି, ପି.: ଦଇତାରି ମହାନ୍ତି, ଜା: କରଣ, ବା: ପଟିଆ। |
| ୬୦ | ୧୮୮ | ୮୧୨ | ଶାରଦ-୧ | ୦.୧୭୦ | ଏ୦.୧୧୫ଡି | ଯୋଗେନ୍ଦ୍ର ବାରିକ, ପି.: ଅନନ୍ତ ବାରିକ, ଜା: ଭଣ୍ଡାରି, ବା: ପଟିଆ। |
| ୬୧ | ୩୯୦ | ୮୧୩ | ଶାରଦ-୧ | ୦.୧୨୦ | ଏ୦.୧୨୦ଡି | ବୈକୁଣ୍ଠ ବାରିକ, ପରମାନନ୍ଦ ବାରିକ, ପି.: ସୁଦାମ ବାରିକ, ଜା: ଭଣ୍ଡାରି, ବା: ପଟିଆ। |
| ୬୨ | ୨୨୮ | ୮୧୪ | ଶାରଦ-୧ | ୦.୨୪୦ | ଏ୦.୦୬୦ଡି | ଧୂଳି ଜେନା, ପି.: କଣ୍ଠ ଜେନା, ଜା: ଖଣ୍ଡାୟତ, ବା: ପଟିଆ, କିସ୍ମତ: ତିନିଅଣା ଚାରି ପାହୁଲା, ବା: ଗଣେଶ ଜେନା, ଶିବ ଜେନା, ପି.: ଶଙ୍କର ଜେନା, ଚକ୍ରଧର ଜେନା, ପି.: ରଘୁ ଜେନା, ଜା: ଖଣ୍ଡାୟତ, ବା: ପଟିଆ, କିସ୍ମତ: ତିନିଅଣା ଚାରି ପାହୁଲା, ବା: କ୍ଷେତ୍ରବାସୀ ଜେନା, ପି.: ଫଗୁ ଜେନା, ଜା: ଖଣ୍ଡାୟତ, ବା: ପଟିଆ, କିସ୍ମତ: ତିନିଅଣା ଚାରି ପାହୁଲା, ବା: ଅଲେଖ ଜେନା, ପି.: ଶ୍ୟାମ ଜେନା, ଜା: ଖଣ୍ଡାୟତ, ବା: ପଟିଆ, କିସ୍ମତ: ଛଅଅଣା, ବା: |
| ୬୩ | ୯ | ୮୧୬ | ଶାରଦ-୧ | ୦.୨୦୦ | ଏ୦.୦୩୦ଡି | ବୈଷ୍ଣବ ସାହୁ, କୈଳାଶ ସାହୁ, ପି.: ଅନାଦି ସାହୁ, ଜା: ଥୋରିଆ, ବା: ଡମଣା। |
| ୬୪ | ୬୧୧/୧୯୯୧ | ୮୧୭ | ଶାରଦ-୧ | ୦.୧୫୦ | ଏ୦.୧୫୦ଡି | ପୃଥ୍ୱିରାଜ ଜେନା, ବିଜୟ ରାଜ ଜେନା, ଅଧିରାଜ ଜେନା, ପି.: ସୀତାନାଥ ଜେନା, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| ୬୫ | ୬୧୧/୧୯୯୧ | ୮୧୮ | ଶାରଦ-୧ | ୦.୧୧୦ | ଏ୦.୬୫ଡି | ପୃଥ୍ୱିରାଜ ଜେନା, ବିଜୟ ରାଜ ଜେନା, ଅଧିରାଜ ଜେନା, ପି.: ସୀତାନାଥ ଜେନା, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| ୬୬ | ୬୧୧/୨୩୮୧ | ୮୧୯ | ଶାରଦ-୧ | ୦.୦୬୦ | ଏ୦.୦୨୦ଡି | ଭଗବାନ ଦାରାଡୁଜି ତ୍ରିମୁଖୀ, ପି.: ଦାରାଡୁଜି ଦେଓବରାଓ ତ୍ରିମୁଖୀ, ବା: ଗଙ୍ଗାଧର ପ୍ଲଟ, ଆରତୀ ଆପାର୍ଟମେଣ୍ଟ, ଜି-1, ଆକୋଲା, ଥା: ରାମଦାସପେଠ, ଜି.: ଆକୋଲା, ମହାରାଷ୍ଟ୍ର |
| ୬୭ | ୪୧୩ | ୮୨୦ | ଶାରଦ-୧ | ୦.୧୩୦ | ଏ୦.୧୨୦ଡି | ଭୋବନୀ ଭୂୟାଁ, ପି.: ମଦନ ଭୂୟାଁ, ଜା: ଗୋଲା, ବା: ଡମଣା। |
| ୬୮ | ୧୦ | ୮୨୧ | ଶାରଦ-୧ | ୦.୩୨୦ | ଏ୦.୨୯୫ଡି | ଅନାଦୀ ନାୟକ, ପି.: ମହନି ନାୟକ, ଜା: ମେହେନ୍ତର, ବା: ପଟିଆ। |
| ୬୯ | ୧୦ | ୮୨୨ | ଶାରଦ-୧ | ୦.୨୪୦ | ଏ୦.୦୨୦ଡି | ଅନାଦୀ ନାୟକ, ପି.: ମହନି ନାୟକ, ଜା: ମେହେନ୍ତର, ବା: ପଟିଆ। |
| ୭୦ | ୩୭୪ | ୮୭୬ | ଶାରଦ-୧ | ୦.୧୨୦ | ଏ୦.୦୨୦ଡି | ବିଶି ବେହେରା, ପି.: ଚନ୍ଦ୍ର ବେହେରା, ଜା: ଗୋପାଳ, ବା: ପଟିଆ। |
| ୭୧ | ୧୨୬ | ୮୭୭ | ଶାରଦ-୧ | ୦.୩୨୦ | ଏ୦.୨୪୦ଡି | ଗଙ୍ଗାଧର ମହାରଣା, ପି.: ନାରଣ ମହାରଣା, ଜା: ବଢ଼େଇ, ବା: ପଟିଆ। |
| ୭୨ | ୬୧୧/୩୪୫୦ | ୮୭୮ | ଶାରଦ-୨ | ୦.୪୨୦ | ଏ୦.୦୪୦ଡି | ମେସର୍ସ ଶୁଭମ ଇଷ୍ଟକନ ପ୍ରା. ଲିଃ., ପ୍ଲଟ ନଂ. 4387/4819, ଅପୋଜିଟ ରାଧିକା ଟାୱାର, ଟଙ୍କପାଣି ରୋଡ, ପି.: ବା: ଭୁବନେଶ୍ୱର, ଜି.: ଖୋର୍ଦ୍ଧା ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି.: ଜୟହରି ପଣ୍ଡା, ଜା: ବ୍ରାହ୍ମଣ, ବା: ପ୍ଲଟ ନଂ. 1344, ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର, ଥା: ଲିଙ୍ଗରାଜ, ଜି.: ଖୋର୍ଦ୍ଧା। |
| ୭୩ | ୬୯ | ୮୭୯ | ଶାରଦ-୨ | ୦.୨୬୦ | ଏ୦.୨୩୦ଡି | କସ୍ତୁରୀ ମହାରଣା, ପି.: କୃଷ୍ଣ ମହାରଣା, ଜା: ବଢ଼େଇ, ବା: ପଟିଆ, କିସ୍ମତ ଦଶ ଅଣା, ବା: ସେରନ୍ତି ମହାରଣା, ସ୍ୱା.: ରାମ ମହାରଣା, ଜା: ବଢ଼େଇ, ବା: ପଟିଆ, କିସ୍ମତ ଛଅ ଅଣା, ବା: |
| ୭୪ | ୬୧୧/୪୫୨୦ | ୮୮୦ | ଶାରଦ-୧ | ୦.୦୬୦ | ଏ୦.୦୬୦ଡି | ସୁକାନ୍ତ ବେହେରା, ପି.: ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା: ପ୍ଲଟ ନଂ. 818, ବ୍ରାହ୍ମଣସାହି, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ, କିଟ୍, ଥା: ଇନ୍‌ଫୋସିଟି, ଜି.: ଖୋର୍ଦ୍ଧା। |
| ୭୫ | ୬୧୧/୪୫୧୪ | ୮୮୦/୧୨୨୬୫ | ଶାରଦ-୧ | ୦.୦୬୦ | ଏ୦.୦୪୦ଡି | କାଳନ୍ଦି ସାହୁ ଓରଫ୍ କାଳନ୍ଦି ବେହେରା, ପି.: ଗୋପୀନାଥ ସାହୁ, ଜା: କେଉଟ, ବା: ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା: ଇନ୍‌ଫୋସିଟି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା। |
| ୭୬ | ୬୧୧/୪୫୨୦ | ୮୮୧ | ଶାରଦ-୧ | ୦.୦୬୫ | ଏ୦.୦୬୫ଡି | ସୁକାନ୍ତ ବେହେରା, ପି.: ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା: ପ୍ଲଟ ନଂ. 818, ବ୍ରାହ୍ମଣସାହି, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ, କିଟ୍, ଥା: ଇନ୍‌ଫୋସିଟି, ଜି.: ଖୋର୍ଦ୍ଧା। |
| ୭୭ | ୬୧୧/୪୫୧୪ | ୮୮୧/୧୨୨୬୬ | ଶାରଦ-୧ | ୦.୦୬୫ | ଏ୦.୦୬୫ଡି | କାଳନ୍ଦି ସାହୁ ଓରଫ୍ କାଳନ୍ଦି ବେହେରା, ପି.: ଗୋପୀନାଥ ସାହୁ, ଜା: କେଉଟ, ବା: ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା: ଇନ୍‌ଫୋସିଟି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା। |
| ୭୮ | ୬୧୧/୪୫୨୦ | ୮୮୨ | ଶାରଦ-୧ | ୦.୦୭୫ | ଏ୦.୦୭୫ଡି | ସୁକାନ୍ତ ବେହେରା, ପି.: ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା: ପ୍ଲଟ ନଂ. 818, ବ୍ରାହ୍ମଣସାହି, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ, କିଟ୍, ଥା: ଇନ୍‌ଫୋସିଟି, ଜି.: ଖୋର୍ଦ୍ଧା। |
| ୭୯ | ୬୧୧/୪୫୧୪ | ୮୮୨/୧୨୨୬୭ | ଶାରଦ-୧ | ୦.୦୭୫ | ଏ୦.୦୭୫ଡି | କାଳନ୍ଦି ସାହୁ ଓରଫ୍ କାଳନ୍ଦି ବେହେରା, ପି.: ଗୋପୀନାଥ ସାହୁ, ଜା: କେଉଟ, ବା: ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା: ଇନ୍‌ଫୋସିଟି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା। |
| ୮୦ | ୫୦୩ | ୮୮୩ | ଶାରଦ-୧ | ୦.୩୧୦ | ଏ୦.୧୨୫ଡି | ଦେବାଶିଷ ରାୟ, ପି.: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ମଞ୍ଜୁବାଳା ରାୟ, ସ୍ୱା.: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ଗୌରଚନ୍ଦ୍ର ରାଏ ସାମନ୍ତ, ପି.: କୃପାସିନ୍ଧୁ ରାଏ ସାମନ୍ତ, ଜା: କ୍ଷତ୍ରିୟ, ଉପେନ୍ଦ୍ର ରାଏ ସାମନ୍ତ, ପି.: କୃପାସିନ୍ଧୁ ରାଏ ସାମନ୍ତ, ବା: ପଟିଆ। |
| ୮୧ | ୫୦୩ | ୮୮୪ | ଶାରଦ-୧ | ୦.୩୬୦ | ଏ୦.୧୧୦ଡି | ଦେବାଶିଷ ରାୟ, ପି.: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ମଞ୍ଜୁବାଳା ରାୟ, ସ୍ୱା.: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ଗୌରଚନ୍ଦ୍ର ରାଏ ସାମନ୍ତ, ପି.: କୃପାସିନ୍ଧୁ ରାଏ ସାମନ୍ତ, ଜା: କ୍ଷତ୍ରିୟ, ଉପେନ୍ଦ୍ର ରାଏ ସାମନ୍ତ, ପି.: କୃପାସିନ୍ଧୁ ରାଏ ସାମନ୍ତ, ବା: ପଟିଆ। |
| ୮୨ | ୬୧୧/୩୪୫୦ | ୮୮୫ | ଶାରଦ-୨ | ୦.୪୫୦ | ଏ୦.୧୬୫ଡି | ମେସର୍ସ ଶୁଭମ ଇଷ୍ଟକନ ପ୍ରା. ଲିଃ., ପ୍ଲଟ ନଂ. 4387/4819, ଅପୋଜିଟ ରାଧିକା ଟାୱାର, ଟଙ୍କପାଣି ରୋଡ, ପି.: ବା: ଭୁବନେଶ୍ୱର, ଜି.: ଖୋର୍ଦ୍ଧା ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି.: ଜୟହରି ପଣ୍ଡା, ଜା: ବ୍ରାହ୍ମଣ, ବା: ପ୍ଲଟ ନଂ. 1344, ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର, ଥା: ଲିଙ୍ଗରାଜ, ଜି.: ଖୋର୍ଦ୍ଧା। |
| ୮୩ | ୬୧୧/୨୧୫୮ | ୮୮୬ | ଶାରଦ-୧ | ୦.୩୨୦ | ଏ୦.୦୧୦ଡି | ପଦ୍ମାଳୟା ପଣ୍ଡା, ସ୍ୱା.: ରବିନ୍ଦ୍ରନାଥ ପଣ୍ଡା, ସୌଭାଗ୍ୟ କୁମାର ପଣ୍ଡା, ପି.: ରବିନ୍ଦ୍ରନାଥ ପଣ୍ଡା, ବା: ଦକ୍ଷବ୍ରହ୍ମପୁର, ଥା/ଜି.: କେନ୍ଦ୍ରାପଡ଼ା |
| ୮୪ | ୩୦୯ | ୮୮୮ | ଡାଲୁଅ-୧ | ୧.୦୬୦ | ଏ୦.୪୬୫ଡି | ବନମାଳି ଜେନା, ପି.: ଧରମୁ ଜେନା, ଜା: ଖଣ୍ଡାୟତ, ବା: ପଟିଆ। |
| ୮୫ | ୨୧୬ | ୯୧୧ | ଡାଲୁଅ-୧ | ୦.୪୮୦ | ଏ୦.୦୧୦ଡି | ବନମାଳି ଜେନା, ପି.: ଧର୍ମୁ ଜେନା, ପରମାନନ୍ଦ ଜେନା, ପି.: ଗୋବିନ୍ଦ ଜେନା, ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି.: ଦୈତାରି ଜେନା, ଜା: ଖଣ୍ଡାୟତ, ବା: ପଟିଆ। |
| ୮୬ | ୨୬୮ | ୯୧୨ | ଶାରଦ-୧ | ୦.୬୧୦ | ଏ୦.୩୮୫ଡି | ପରମାନନ୍ଦ ଜେନା, ପି.: ଗୋବିନ୍ଦ ଜେନା, ବନମାଳି ଜେନା, ପି. ଧର୍ମୁ ଜେନା, ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି.: ଦୈତାରି ଜେନା, ଜା: ଖଣ୍ଡାୟତ, ବା: ପଟିଆ। |
| ୮୭ | ୨୬୮ | ୯୧୩ | ଶାରଦ-୧ | ୦.୬୦୦ | ଏ୦.୧୦୫ଡି | ପରମାନନ୍ଦ ଜେନା, ପି.: ଗୋବିନ୍ଦ ଜେନା, ବନମାଳି ଜେନା, ପି. ଧର୍ମୁ ଜେନା, ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି.: ଦୈତାରି ଜେନା, ଜା: ଖଣ୍ଡାୟତ, ବା: ପଟିଆ। |
| ୮୮ | ୬୧୯/୪୬୨୩ | ୯୨୩ | ଶାରଦ-୨ | ୦.୧୪୦ | ଏ୦.୦୨୦ଡି | ମମତା ମହାନ୍ତି, ସ୍ୱା.: ଅମୀୟ କୁମାର ମହାନ୍ତି, ଜା: କରଣ, ବା: ସା: ରଥଗଡ଼ା ସାହି, ନିୟର: ଜଗନ୍ନାଥ ଟେମ୍ପଲ, ପୋଷ୍ଟ: ପଟିଆ, ଥା: ଚନ୍ଦ୍ରଶେଖରପୁର, ବିବିଏସ୍ଆର୍ |
| ୮୯ | ୫୭୯ | ୯୨୫ | ଶାରଦ-୨ | ୦.୦୬୦ | ଏ୦.୦୧୫ଡି | ଶ୍ରୀ ଭାଗବତ ଗୋସାଇଁ ବିଜେ - ନିଜଗାଁ ମାର୍ଫତ, ବା: ସୁରଥ ଭୂୟାଁ, ପି.: ମଦନ ଭୂୟାଁ, ଜା: ଗୋଲା, ବା: ଡମଣା। |
| ୯୦ | ୪୭୪/୬୪୦୯ | ୯୨୬ | ଶାରଦ-୨ | ୦.୦୯୦ | ଏ୦.୦୯୦ଡି | ଉପେନ୍ଦ୍ର କୁମାର ମହାନ୍ତି, ପି.: ମଧୁସୂଦନ ମହାନ୍ତି, ବା: ପ୍ଲଟ ନଂ., ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜି.: ଖୋର୍ଦ୍ଧା। |
| ୯୧ | ୩୯୭ | ୧୨୭ | ଶାରଦ-୨ | ୦.୨୦୫ | ଏ୦.୦୨୫ଡି | ଭ୍ରମର ମହାରଣା, ପି.: ଆନନ୍ଦ ମହାରଣା, ଫକୀର ମହାରଣା, ପି.: ଫଗୁ ମହାରଣା, ଜା: ବଢ଼େଇ, ବା: ପଟିଆ, ଦଖଲ: ପୁନ ସାହୁ ଓଗେର ସିକିମ୍ ଖାତା ନମ୍ବର - 3 |
| ୯୨ | ୬୧୧/୨୭୬୦ | ୯୨୮ | ଶାରଦ-୨ | ୦.୨୧୦ | ଏ୦.୦୦୫ଡି | ପ୍ରଶାନ୍ତ କୁମାର ମହାନ୍ତି, ପ୍ରସନ୍ନ କୁମାର ମହାନ୍ତି, ଭବାନୀ ଶଙ୍କର ମହାନ୍ତି, ପି.: ବଂଶୀଧର ମହାନ୍ତି, ଜା: କରଣ, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| ୯୩ | ୬୧୧/୩୫୩୭ | ୧୧୮୧ | ଶାରଦ-୧ | ୦.୨୦୯ | ଏ୦.୨୦୯ଡି | କନକ ମଞ୍ଜରୀ ମହାନ୍ତି, ସ୍ୱା.: ପ୍ୟାରିମୋହନ ମହାନ୍ତି, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି.: ପ୍ୟାରିମୋହନ ମହାନ୍ତି, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| ୯୪ | ୬୧୧/୩୫୩୭ | ୧୧୮୧/ ୧୧୫୦୭ | ଘରବାରି | ୧.୪୯୧ | ଏ୦.୦୩୦ଡି | କନକ ମଞ୍ଜରୀ ମହାନ୍ତି, ସ୍ୱା.: ପ୍ୟାରିମୋହନ ମହାନ୍ତି, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି.: ପ୍ୟାରିମୋହନ ମହାନ୍ତି, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| ୯୫ | ୬୧୧/୩୫୩୬ | ୧୧୮୨ | ଶାରଦ-୨ | ୦.୫୪୧ | ଏ୦.୫୩୯ଡି | କନକ ମଞ୍ଜରୀ ମହାନ୍ତି, ସ୍ୱା.: ପ୍ୟାରିମୋହନ ମହାନ୍ତି, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି.: ପ୍ୟାରିମୋହନ ମହାନ୍ତି, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| ୯୬ | | ୧୧୮୨/ ୧୧୫୦୯ | ଘରବାରି | ୦.୫୪୧ | ଏ୦.୧୨୬ଡି | କନକ ମଞ୍ଜରୀ ମହାନ୍ତି, ସ୍ୱା.: ପ୍ୟାରିମୋହନ ମହାନ୍ତି, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି.: ପ୍ୟାରିମୋହନ ମହାନ୍ତି, ବା: ପଟିଆ, ଥା: ଚନ୍ଦ୍ରଶେଖରପୁର, ଜି.: ଖୋର୍ଦ୍ଧା। |
| | | | ମୋଟ ଅଧିଗୃହୀତ ରକବା | | ଏ୧୧.୯୦୯ ଡିସିମିଲ | |

OIPR-24013/14/0002/2425

ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

# ପୁରୀ, କୋଣାର୍କ, ରଘୁରାଜପୁର ବୁଲିଲା ଏନ୍‌ଡିସି ଟିମ୍

## ପ୍ରଶାସନଠାରୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହେଲା

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ନ୍ୟାଶନାଲ ଡିଫେନ୍ସ କଲେଜ (ଏନ୍‌ଡିସି) ବା ଜାତୀୟ ସୁରକ୍ଷା ମହାବିଦ୍ୟାଳୟର ଏକ ପ୍ରତିନିଧି ଦଳ ମେଜର ଜେନେରାଲ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଗୁରୁବାର ପୁରୀ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସର୍କିଟ ହାଉସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା, ପି.ଏମ୍. ବିଶ୍ୱକର୍ମା ଯୋଜନା, ପି.ଏମ୍. ଉଜ୍ଜ୍ୱଳା ଯୋଜନା, ପି.ଏମ୍. ମୁଦ୍ରା ଯୋଜନା, ପି.ଏମ୍. ମତ୍ସ୍ୟ ସମ୍ପଦ ଯୋଜନା, ପି.ଏମ୍. ଆବାସ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା, ପର୍ଯ୍ୟଟନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମିଶନ ଶକ୍ତି, ଚିଲିକା ଉନ୍ନୟନ, ମୃତ୍ତିକା ସଂରକ୍ଷଣ, କୃଷି, ପଶୁ ସମ୍ପଦ ବିଭାଗ, ବ୍ଲୁ ଫ୍ଲାଗ୍ ବିଚ୍, ଉଦ୍ୟାନ ବିଭାଗ ଇତ୍ୟାଦି ସମ୍ପର୍କରେ ଜିଲାପାଳ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ଯୋଜନା ସମ୍ପର୍କରେ ସଦସ୍ୟମାନଙ୍କ ଜିଜ୍ଞାସାକୁ ମଧ୍ୟ ଜିଲାପାଳ ସମାଧାନ କରିଥିଲେ। ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରିବା ସହ ଏନ୍‌ଡିସି ଟିମ୍ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଟିମ୍ ବାଙ୍ଗରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିବା ପରେ କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇଥିଲେ। ଏହି ଟିମ୍ ପୂର୍ବାହ୍ନରେ ଭୁବନେଶ୍ୱରରୁ ବାହାରି ପ୍ରଥମେ ଐତିହ୍ୟ ଗ୍ରାମ ରଘୁରାଜପୁରରେ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳ ରାଜକିଶୋର ଜେନା ତାଙ୍କୁ ସ୍ୱାଗତ କରିଥିଲେ। ଐତିହ୍ୟ ଗ୍ରାମର କଳାକୃତି ଦେଖି ପ୍ରତିନିଧିମାନେ ବିଭୋର ହେବା ସହ ଶିଳ୍ପୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। କଞ୍ଚାମାଲ ସଂଗ୍ରହ, ଉପକରଣ ପ୍ରସ୍ତୁତି ପ୍ରଣାଳୀ, ଉପଯୋଗ, ବିପଣୀ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସେମାନେ ପଚାରି ବୁଝିଥିଲେ। ପରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଳବଣିଆ ଶ୍ରୀକ୍ଷେତ୍ର କଲୋନୀ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପରିଚାଳନା ସମ୍ପର୍କରେ ବୁଝିବା ସହ ପିଲାଙ୍କ ସହିତ କିଛି ସମୟ ବିତାଇଥିଲେ। ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି, ଦୈନନ୍ଦିନ ବ୍ୟବସ୍ଥା, ପିଲାଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା, ଖାଦ୍ୟ, ସ୍ୱଚ୍ଛତା ଇତ୍ୟାଦି ସମ୍ବନ୍ଧରେ ସେମାନେ ପଚାରି ବୁଝିଥିଲେ। ଏହି ଟିମ୍‌ରେ ବାଂଲାଦେଶ, ଭୁଟାନ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ପ୍ରଭୃତି ରାଷ୍ଟ୍ରର ପ୍ରତିନିଧିମାନେ ଯୋଗଦେଇଥିଲେ। ସଦସ୍ୟ ବ୍ରିଗେଡିୟର ଅମ୍ରିତ ସାନ୍ଧୁ, ଏୟାର କମୋଡର ଶିବେନ୍ଦ୍ର ଚନ୍ଦ୍ର, କଲୋନେଲ ମୋହନ ଚନ୍ଦ୍ର ଗୁରୁଙ୍ଗ, କ୍ୟାପଟେନ ଏସ୍.ଏ. ଏନ୍. ଜାମୋକୱାଖେ ଖ୍ରୀଷ୍ଟୋପର ଖୁମାଲୋ, କମୋଡର ବିକାଶ ଚାୱଲା, ବ୍ରିଗେଡିୟର ଆଶିଷ ଜୋହର, କମୋଡର ଶେଖ୍ ଜସିମୁଜାମନ, ଏୟାର କମୋଡର ବି.ଏସ୍. ବିଜୟରାଓ, ବ୍ରିଗେଡିୟର ସୌରଭ ଭଟ୍ଟନାଗର, କଲୋନେଲ ଥିନ୍‌ଲେ ଡୋର୍ଜି, ବ୍ରିଗେଡିୟର ରଞ୍ଜୁ କୁରେନ୍ସ, ମିସ୍ ସୌମ୍ୟା ସି, ବ୍ରିଗେଡିୟର ଏସ୍.ଏନ୍.ଏସ୍. ଚୌହାନ, ସିଏମ୍‌ଜି ଆଣ୍ଡ୍ରେ ଟେଇଜେରିଆ ବୋର୍ଜ୍ଜେ ଏବଂ ପ୍ରଣୟ କୁମାର ସୋନି ଏହି ଦଳରେ ସାମିଲ ଥିଲେ। ଟୁର୍ କୋଅର୍ଡିନେଟର ଭାବେ ଆଶିଷ ଚୌଧୁରୀ ସହଯୋଗ କରିଥିଲେ। ବୈଠକରେ ଡିଏଫ୍‌ଓ ବିବେକ କୁମାର, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀଙ୍କ ସହ ଏନ୍‌ଡିସି ଟିମ୍ ସଦସ୍ୟ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

କଣାସ,୬।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ସିରେଇ ସଂଯୁକ୍ତ ଉପ୍ରା ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଲତାମଣି ଜଗଦ୍ଦେବ, ମୁଖ୍ୟବକ୍ତା ଭାବେ ସିରେଇ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ପରିଡ଼ା, ସମିତି ସଭ୍ୟଙ୍କ ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ମାର୍ଥା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନାରାୟଣ ପ୍ରଧାନ, ସହ ଶିକ୍ଷାଧିକାରୀ ବିନୋଦ ବିହାରୀ ସେଠୀ, ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା, ସିଆର୍‌ସିସି ସନ୍ତୋଷ ବେହେରା ଓ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ସୁରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ବ୍ୟବସ୍ଥାରେ ପ୍ରଥମ ଥର ମୌଳିକ ସ୍ତରର ବିଦ୍ୟାର୍ଥୀଙ୍କ ପାଇଁ ଆକର୍ଷଣୀୟ ଶିକ୍ଷଣ କାର୍ଯ୍ୟକ୍ରମ ନିପୁଣ ଓଡ଼ିଶା ମେଳାରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଏକାଠି କରିବା ଏକ ଅଭିନବ ଶିକ୍ଷଣୀୟ ପଦ୍ଧତି ବୋଲି ଅତିଥିମାନେ କହିଥିଲେ। ୫ଟି ଶିକ୍ଷଣ କେନ୍ଦ୍ରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ଅଭିଭାବକ, ୧୭ଟି ସାଧନକେନ୍ଦ୍ରର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ପେଣ୍ଡୋଇ ସଂଯୋଜନା କରିଥିଲେ।

### ୧୯୭୯ ମାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ

ଅସ୍ତରଙ୍ଗ,୬।୨(ମମତା ଜେନା)

କାକଟପୁର ବ୍ଲକ ବାଜପୁର ଭଗବତୀ ବିଦ୍ୟାପୀଠର ୧୯୭୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ପୀର ଜାହାନିଆ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବାରଜନଙ୍କ ସହ ୩୦ ଜଣ ସମ୍ମିଳିତ ହୋଇଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରାମ ସ୍ୱାଇଁ ସଞ୍ଚାଳନ କରିଥିଲେ। ସର୍ବପ୍ରଥମେ ଇହଲୀଳା ସମ୍ବରଣ କରିଥିବା ବନ୍ଧୁମାନଙ୍କ ସମ୍ମାନରେ ନୀରବ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ୱାଗତ ବନ୍ଦନା ପରେ ଉପସ୍ଥିତ ବନ୍ଧୁମାନେ ବ୍ୟକ୍ତିଗତ ଜୀବନ ଯାତ୍ରାର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ ଏବଂ ସାଥିରେ ଆସିଥିବା ପରିବାରର ଅନ୍ୟ ସଦସ୍ୟଙ୍କୁ ପରିଚୟ କରାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସମୂହ ନାଚରେ ସାଙ୍ଗମାନେ ନିଜକୁ ହଜାଇ ଦେଇଥିଲେ। ନିୟମିତ ବ୍ୟବଧାନରେ ଏହିପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା, ଅସମୟରେ ସବୁ ବନ୍ଧୁଙ୍କୁ ସାହାଯ୍ୟର ହାତ ବଢ଼େଇବା, ସମ୍ପର୍କ ଦୃଢ଼ କରିବା ପାଇଁ ପରସ୍ପର ସାମାଜିକ କାର୍ଯ୍ୟକ୍ରମରେ ମିଳିତ ହେବା, ଏ ଗ୍ରୁପର କାର୍ଯ୍ୟକଳାପକୁ ପରିଚାଳିତ କରିବା ପାଇଁ ଗଠିତ କମିଟିର ଆବାହକ ଭାବରେ ରମେଶ ସାହୁଙ୍କୁ ମନୋନୟନ କରାଗଲା। ଅନ୍ୟ ସଦସ୍ୟ ଭାବରେ ବିଚିତ୍ରା ନନ୍ଦ ପୃଷ୍ଟି, ଭିକାରୀ ମିଶ୍ର, ସୁବାସ ଦାସ, ମନମୋହନ ଦାସ, ବିନୋଦ ବିହାରୀ ଗିରି, ପୂର୍ଣ୍ଣ ସାହୁ, ରମାମଣୀ ସୁବୁଦ୍ଧି, ନୀରଦ ବରନ ସାହୁ, ରମେଶ ଚନ୍ଦ୍ର ସାହୁ, ପଦ୍ମଚରଣ ସାହୁ, ସଂଗ୍ରାମ ସିଂ ସ୍ୱାଇଁ, ପ୍ରଫୁଲ କୁମାର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ସୁବୁଦ୍ଧି, ପ୍ରଶାନ୍ତ ତ୍ରିପାଠୀ, ପ୍ରସନ୍ନ ପାତ୍ର, ଈଶ୍ୱର ଚନ୍ଦ୍ର ସାହୁ, ପ୍ରମୋଦ କିଶୋର ଦାସ, ରମେଶ ଚନ୍ଦ୍ର ମଲ୍ଲିକଙ୍କୁ ମନୋନୀତ କରାଯାଇଛି। ଶେଷରେ ରମେଶ ସାହୁ ଧନ୍ୟବାଦ ଦେଇଥିଲେ।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ବିଶ୍ୱନାଥ ସେନାପତିଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକ ସ୍ମୃତିରେ ବଳିଆପଣ୍ଡାସ୍ଥିତ ବିଜୟନଗର ଜନମଙ୍ଗଳ ସମିତି ପରିସରରେ ସାମାଜିକ ସଙ୍ଗଠନ 'ଉର୍ଜାବାନ ଓଡ଼ିଶା' ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ସୁନୀଲ କୁମାର ପ୍ରଧାନ, ବଳିଆପଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ବିଦିତା ନାୟକ, ଶ୍ରୀମନ୍ଦିର ସେବାୟତ ମଧୁସୂଦନ ସିଂହାରୀ ଓ ଭଗବାନ ସୁଆର, ଉର୍ଜାବାନ ଓଡ଼ିଶା ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର, ଭିଜନ କେୟାରର ପ୍ରିୟବ୍ରତ ଛୁଆଳସିଂ, ମନୋଜ ମଣ୍ଡଳଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଶିବିରରେ ୭୨ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୧ଜଣ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲେ। ପରବର୍ତ୍ତୀ ଚିକିତ୍ସା ପାଇଁ ସେମାନଙ୍କୁ ପଠାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ସମ୍ପାଦିକା ସୁଶ୍ରୀ ନିହାରିକା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭାପତି ସନ୍ତୋଷ ସେନାପତି ଧନ୍ୟବାଦ ଦେଇଥିଲେ।

# ପୂର୍ବ ଶତ୍ରୁତାରୁ କୋଦାଳରେ ସଂଘବଦ୍ଧ ଆକ୍ରମଣ, ୨ ଆହତ

ନିମାପଡ଼ା,୬।୨(ବିଚିତ୍ରାନନ୍ଦ ସାହୁ)

ପୂର୍ବ ବିବାଦକୁ କେନ୍ଦ୍ର କରି କେତେଜଣ ସଂଘବଦ୍ଧ ଭାବେ ୨ ଜଣଙ୍କୁ ଏକ କୋଦାଳରେ ହାଣି ମରଣାନ୍ତକ ଆକ୍ରମଣ କରିଛନ୍ତି। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲକୁ ପଠାଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପୋଲିସ ୪ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (କେସ୍ ୩୬/୨୫) ରୁଜୁ କରି ତଦନ୍ତ ଚଳାଇଛି।

ନିମାପଡ଼ା ଥାନା ଅଧୀନ ଶ୍ରୀମୁଖ କଲ୍ୟାଣ ମଣ୍ଡପଠାରେ ବିବାହ ଭୋଜି ଚାଲିଥିବାବେଳେ ମଣିଜଙ୍ଗ ଗ୍ରାମର ଆକ୍ରମଣକାରୀ ମୀନକେତନ ରାୟ, ପ୍ରେମାନନ୍ଦ ରାୟ, ପବିତ୍ର ରାୟ, ନବକିଶୋର ରାୟ ସଂଘବଦ୍ଧ ଭାବେ ପପୁରଞ୍ଜନ ଓ ମନୋରଞ୍ଜନଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇ କୋଦାଳରେ ଆକ୍ରମଣ କରିଥିଲେ। ଏ ନେଇ ଆହତ ପପୁରଞ୍ଜନଙ୍କ ସ୍ତ୍ରୀ ଚାନ୍ଦିନୀ ଦାସ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମର ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ମଙ୍ଗଳାନଦୀ ପୁନରୁଦ୍ଧାର ନେଇ ଆଲୋଚନା

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ମଙ୍ଗଳା ନଦୀ ପୁନରୁଦ୍ଧାର ପାଇଁ ଗଠିତ ଟେକ୍ନୋଲୋଜି କମିଟିର ଦ୍ୱିତୀୟ ବୈଠକ ଗୁରୁବାର ୱାଟ୍‌କୋ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଇଂ. ଅରବିନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋ-ଚେୟାରମ୍ୟାନ ଭାବେ ଇଂ. ରାଜେଶ କୁମାର ମହାନ୍ତିଙ୍କ ସମେତ ଅମୀୟ ସେଠ, ଇଂ. ବିକ୍ରମ ରାଉତ, ଇଂ. ସୂର୍ଯ୍ୟବ୍ରତ ମାଝି, ଇଂ. ରମାକାନ୍ତ ମଲ୍ଲିକ, ଗିରିଜା ଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଥିଲେ। ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ ଓ ପୁନରୁଦ୍ଧାର କମିଟି ଅଧ୍ୟକ୍ଷ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଏହି କମିଟିକୁ ମଙ୍ଗଳା ନଦୀକୁ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟରେ ସାମିଲ କରିବା ପାଇଁ ପ୍ରସ୍ତାବ ରଖିଥିଲେ। କଣ୍ଟପୁର ଜଳ ପ୍ରକଳ୍ପରେ ଏକ ସ୍ଲୁଇସ ଗେଟ୍, କୃପାଳୁ ମହାରାଜଙ୍କ ଆଶ୍ରମ ପାଖରେ ଏକ ଛୋଟ ସ୍ଲୁଇସ୍ ଗେଟ୍‌ର ଲୁଣି ଜଳ ରୋକିବା ସହ ଦ୍ୱିତୀୟ ଏସ୍‌ଟିପି, ମୂଷାନଈରୁ ଆସୁଥିବା ଦୂଷିତ ଜଳକୁ ବିଶୋଧନ କରିବା ଏବଂ ଅକ୍ଷୟ ପାତ୍ର ସଂସ୍ଥାଠାରୁ ନିର୍ଗତ ହେଉଥିବା ଦୂଷିତ ଜଳକୁ ଯଥାଶୀଘ୍ର ବିଶୋଧନ କରିବା ପାଇଁ ୱାଟ୍‌କୋକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ପ୍ରଦ୍ୟୁମ୍ନ ଖୁଣ୍ଟିଆ, ବିଶ୍ୱନାଥ ଖଟେଇ, ଚନ୍ଦନ ବାରିକ, ବିଶ୍ୱମ୍ଭର ସାମନ୍ତରାୟ, ଦୀପକ ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପୁରୀ ସମସ୍ୟା ଦୂର ଉପରେ ବିଧାୟକଙ୍କ ଗୁରୁତ୍ୱ

ପୁରୀ, ୬।୨(ଅଜିତ୍ କୁମାର ମହାନ୍ତି)

ବିଧାନସଭାର ସ୍ୱତନ୍ତ୍ର ଗୃହରେ ଡିପାର୍ଟମେଣ୍ଟାଲ ଷ୍ଟାଣ୍ଡିଂ କମିଟି (ବିଭାଗୀୟ ସ୍ଥାୟୀ କମିଟି)ର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହନିର୍ମାଣ, ପୂର୍ତ୍ତ ଓ ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ପୁରୀ ସହରର ଅନେକ ବିଷୟରେ ଆଲୋଚନା କରାଯାଇଥିଲା। ପୂର୍ବରୁ ବିଧାନସଭାରେ ପୁରୀର ଅନେକ ସମସ୍ୟା ଉପରେ ପୁରୀ ସଦର ବିଧାୟକ ସୁନିଲ ମହାନ୍ତି ଦାବି ରଖିଥିଲେ। କମିଟିରେ ପୂର୍ବ ପ୍ରସ୍ତାବ ଦିଗରେ ସମ୍ପୂର୍ଣ୍ଣ ବିବରଣୀ ନେଇ ଆଲୋଚନା ହୋଇଥିଲା। ବିଶେଷକରି ପୁରୀ ପୌରପାଳିକା ଅନ୍ତର୍ଗତ ବିଭିନ୍ନ ରାସ୍ତା, ନାଳନର୍ଦ୍ଦମା ସମସ୍ୟା ଦୂର ଓ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରିଥିଲେ ଯାହା ମଧ୍ୟରୁ କେତେକ ମଞ୍ଜୁର ହୋଇଛି। ଯାଗା ମିଶନ ଅନ୍ତର୍ଗତ ଅନେକ ବସ୍ତିବାସିନ୍ଦା ପଟ୍ଟା ପାଇଛନ୍ତି ଓ ଯେଉଁମାନେ ପାଇ ନ ଥିଲେ ବାରମ୍ବାର ଦାବି କରିବା ପରେ ବିଭାଗ ଦ୍ୱାରା କିଛି ପଟ୍ଟା ବଣ୍ଟନ କରାଯାଇଛି। ବାକି ରହିଯାଇଥିବା ପଟ୍ଟା ଖୁବ ଶୀଘ୍ର ପ୍ରଶାସନ ସହ ଆଲୋଚନା କରି ବଣ୍ଟନ କରାଯିବ। ବଡ଼ଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ଥଇଥାନ ହୋଇଥିବା ଶ୍ରୀସେତୁ ନିକଟରେ ଭିତ୍ତିଭୂମିର ବିକାଶ ଓ ଆବଶ୍ୟକ ବ୍ୟବସ୍ଥା ଦିଗରେ ନଗର ଉନ୍ନୟନ ସଚିବ, ପୂର୍ତ୍ତ ବିଭାଗ ସଚିବ ଏବଂ ଓବିସିସି ଅଧିକାରୀମାନଙ୍କ ସହ ମହାନ୍ତି ଆଲୋଚନା କରିଛନ୍ତି। ସ୍ଥାନାନ୍ତର ହୋଇ ନ ଥିବା ଉଠାଦୋକାନୀଙ୍କ ସମସ୍ୟା ଓ ପୁରୀ ବେଳାଭୂମିରେ ବସୁଥିବା ଉଠାଦୋକାନୀଙ୍କ ଅସୁବିଧା ସମ୍ପର୍କରେ ସେ ଆଲୋଚନା କରିଛନ୍ତି।



ବଳଙ୍ଗା ଶମ୍ଭୁଭାରତୀପାଟଣା ଗ୍ରାମର ସୟଦ ସୁଲତାନ ଶାହା ପୀର ବାବାଙ୍କ ୨୮ତମ ସାଲାନା ଜଲମ ଉତ୍ସବ ଅବସରରେ ବାହାରିଥିବା ଶୋଭାଯାତ୍ରା ।

# ୨୮ତମ ସାଲାନ ଜଲମ ଉତ୍ସବ

ବଳଙ୍ଗା,୬।୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଶମ୍ଭୁଭାରତୀପାଟଣା ଗ୍ରାମରେ ଥିବା ସୟଦ ସୁଲତାନ ଶାହା ପୀର ବାବାଙ୍କ ପୀଠରେ ଗୁରୁବାର ୨୮ତମ ସାଲାନା ଜଲମ ଉତ୍ସବ ଅନୁଷ୍ଠିତ ହୋଇଛି। ବାୟାବର ବସ୍ତିରୁ ଶତାଧିକ ମୁସଲମାନ ସଂପ୍ରଦାୟର ପୁରୁଷ ଓ ମହିଳା ଏକ ବିରାଟ ପଟୁଆରରେ ଆସି ପୀରବାବାଙ୍କ ଉପରେ ଚଦର ଲାଗି କରିଥିଲେ। ଯେଉଁମାନଙ୍କର ସନ୍ତାନ ସନ୍ତତି ହେଉ ନ ଥାଏ, ସେମାନେ ପୀରବାବାଙ୍କ ନିକଟରେ ଚଦର ଲାଗି କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସୟଦ ଆଲମ ଅଲ୍ଲୀ, ଏମ୍‌ଡି ନଜିମ, ଶେଖ୍ ମୁସ୍ତାକ ପ୍ରମୁଖଙ୍କ ନେତୃତ୍ୱରେ ବାୟାବରଠାରୁ ଆରମ୍ଭ କରି ବଳଙ୍ଗା ବଜାର ପରିକ୍ରମା କରି ଶମ୍ଭୁଭାରତୀପାଟଣା ଗ୍ରାମରେ ପହଞ୍ଚିଥିଲେ।

# ୫୦ ବୋତଲ ଦେଶୀମଦ ଜବତ, ବେପାରୀ ଗିରଫ

ନିମାପଡ଼ା,୬।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧୀନ ପାଟପୁର ମୁସ୍‌ଲିମ ବସ୍ତିର ଏସ୍‌କେ ହାରୁନଙ୍କ ଘରେ ବୁଧବାର ରାତିରେ ନିମାପଡ଼ା ପୋଲିସ ଚଢ଼ାଉ କରି ୫୦ ବୋତଲ ଦେଶୀମଦ ଜବତ କରିଛି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ପୋଲିସ ୩୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜବତ ଚୋରା ମଦର ମୂଲ୍ୟ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ନିମାପଡ଼ା ମଲ୍ଲିକ ସାହି ଛକ, ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ନିକଟରେ ଅବାଧରେ ଚାଲିଥିବା ଚୋରା ଦେଶୀମଦ କାରବାରକୁ ବନ୍ଦ କରାଯିବାକୁ ସ୍ଥାନୀୟ ଅଧିବାସୀ ପୋଲିସ ଓ ଅବକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

# 'ଆମ ଜନଜୀବନରେ ପର୍ବପର୍ବାଣିର ଭୂମିକା ମହତ୍ତ୍ୱପୂର୍ଣ୍ଣ'

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ସ୍ୱାମୀ ବିବେକାନନ୍ଦ ବିଦ୍ୟା ନିକେତନ ପକ୍ଷରୁ 'ଜନଜୀବନରେ ପର୍ବପର୍ବାଣିର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର କୁମ୍ଭାରପଡ଼ା ନନ୍ଦିଘୋଷଲେନ୍‌ସ୍ଥିତ ଶିକ୍ଷାନୁଷ୍ଠାନରେ ଆୟୋଜିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ ଓଡ଼ିଶାର ସଭାପତି ବିମଳ ପ୍ରଭାତ ଦାଶ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବେହେରା, ଶିକ୍ଷାବିତ୍ ସୁଧୀର କୁମାର ପେଣ୍ଡେଇ, ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇଥିଲେ। କର୍ମବହୁଳ ଜୀବନରେ ଆନନ୍ଦ ଉପଭୋଗ ପାଇଁ ପର୍ବପର୍ବାଣିର ଆବଶ୍ୟକତା ରହିଛି। ଏହି ପରମ୍ପରା ସାଂସ୍କୃତିକ, ଆଧୁନିକ ଓ ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ, ଯାହା ଆମ ଜନଜୀବନକୁ ବହୁଳ ଭାବେ ପ୍ରଭାବିତ କରେ। ବିଦ୍ୟାଳୟଗୁଡ଼ିକରେ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣି ମାଧ୍ୟମରେ ଆମର ଆଧ୍ୟାତ୍ମିକ ଚେତନା, ବିଶ୍ୱପ୍ରୀତି, ଭକ୍ତିଭାବ ଉଦ୍ରେକ ହେଲେ ଆମ ସାମାଜିକ ଜୀବନ ଶୃଙ୍ଖଳିତ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଦ୍ୟା ନିକେତନର ପରିଚାଳନା କମିଟି ସଭାପତି କମଳେଶ କୁମାର ନରେନ୍ଦ୍ର ଓ ସମ୍ପାଦକ କବିରାଜ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌଦାମିନୀ ସାହୁ, ଅଖିଳ ରଞ୍ଜନ ଆଚାର୍ଯ୍ୟ, ଦୁର୍ଗାପ୍ରସାଦ ଦାସ, ମାହେସ୍ମିତା ମହାନ୍ତି, ଶୁଭଶ୍ରୀ ଦାଶ, ଜ୍ୟୋତିର୍ମୟୀ ଦାସ, ରାଜଶ୍ରୀ ପ୍ରଧାନ ଏବଂ ସୁକାନ୍ତି ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଚନ୍ଦ୍ରଭାଗା କାବ୍ୟ ସମ୍ପର୍କରେ ଆଲୋଚନା



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

ପୁରୀ,୬।୨(ଅଜିତ୍ କୁମାର ମହାନ୍ତି)

ବାନାମ୍ବର ପାଠାଗାର ପକ୍ଷରୁ କବିବର ରାଧାନାଥ ରାୟଙ୍କ ଚନ୍ଦ୍ରଭାଗା କାବ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠାଗାର ପ୍ରତିଷ୍ଠାତା ଜ୍ୟୋତିର୍ବିଦ୍ ଡ. ମୀନକେତନ ପଟ୍ଟଯୋଶୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅତିଥି ଭାବେ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ କହିଥିଲେ, ଚନ୍ଦ୍ରଭାଗା କାବ୍ୟ ରଚନା କରି କବିବର ରାଧାନାଥ ରାୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ସମୟରେ ବଙ୍ଗାଳୀମାନେ ଓଡ଼ିଆ ଏକ ଭାଷା ନୁହେଁ ବୋଲି କହୁଥିଲେ। କିନ୍ତୁ ରାଧାନାଥ ରାୟ ଜଣେ ବଙ୍ଗାଳୀ ହୋଇ ମଧ୍ୟ ଓଡ଼ିଆ ଭାଷାରେ ଚିଲିକା, କେଦାରଗୌରୀ, ଦରବାର ଓ ଚନ୍ଦ୍ରଭାଗା କାବ୍ୟ ଲେଖି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲେ। କବି ଦାମୋଦର ମହାନ୍ତି, ପଣ୍ଡିତ ବିଶ୍ୱଜିତ ମିଶ୍ର ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ବାରିକ, ସଚ୍ଚିଦାନନ୍ଦ ଷଡ଼ଙ୍ଗୀ, ତୃପ୍ତିମୟୀ ପଟ୍ଟଯୋଶୀ, ଶ୍ରେୟାଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲ ପୋଲ ଭୁଶୁଡ଼ିବା ଆଶଙ୍କା

ଯୋଗେଶ୍ୱରପୁର,୬।୨(ରଶ୍ମିରଞ୍ଜନ ସାହୁ)

କୁଣ୍ଡେଇ କେନାଲ ଉପରେ ବରଗଡ଼ାଠାରେ ହୋଇଥିବା ନୟାହାଟ-ନାଗପୁର ରାସ୍ତା ପୋଲ ଦୀର୍ଘ ୩୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। କାକଟପୁର ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୫ ବର୍ଷ ପୂର୍ବେ ୨୬ କୋଟି ଟଙ୍କା ବ୍ୟୟରେ ନୟାହାଟ-ନାଗପୁର ରାସ୍ତାର ୧୮ କିଲୋମିଟର ପିଚୁ ଓ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତାରେ ଥିବା ସାଇଫନ ପୋଲକୁ ଭାଙ୍ଗି ନୂତନ ନିର୍ମାଣ ପାଇଁ ଟେଣ୍ଡର ହୋଇଥିବାବେଳେ ଠିକାଦାର କେତେକ ପୋଲକୁ ଭାଙ୍ଗି ନୂତନ ଭାବେ ତିଆରି କରିଥିଲେ। ହେଲେ କୁଣ୍ଡେଇ କେନାଲ ଉପରେ ଥିବା ପୋଲକୁ ନୂତନ ଭାବେ ନିର୍ମାଣ କରି ନ ଥିଲେ। ଫଳରେ ଉକ୍ତ ପୋଲର ତଳ ଅଂଶ ସିମେଣ୍ଟ ଛାଡ଼ି ଲୁହାରଡ଼ ଦେଖାଯିବା ସହ ଫାଟ ସୃଷ୍ଟି ହୋଇଛି। ଏହି ବିପଦପୂର୍ଣ୍ଣ ପୋଲ ଉପରେ ଦୈନିକ ସ୍କୁଲ ଓ କଲେଜ ପିଲା, ଯାତ୍ରୀବାହୀ ବସ୍ ଓ ମାଲ ବୋଝେଇ ଟ୍ରକ ଯାତାୟାତ କରୁଛି। ଉକ୍ତ ପୋଲଟି କେଉଁ ମୁହୂର୍ତ୍ତରେ ଭାଙ୍ଗିପଡ଼ିବ ବୋଲି ବରଗଡ଼ା ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ଦିଗରେ କାକଟପୁର ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ନୂତନ ପୋଲ ନିର୍ମାଣ ପାଇଁ ଦାବି ହେଉଛି। ପୂର୍ତ୍ତ ବିଭାଗ ଜେଇଙ୍କୁ ଯୋଗାଯୋଗ କରିବାରେ ତାଙ୍କ ଫୋନ ବନ୍ଦଥିବାରୁ ତାଙ୍କ ସହ ଏନେଇ କୌଣସି ଆଲୋଚନା ହୋଇପାରି ନାହିଁ।



ରାସ୍ତାରେ ଥିବା ସାଇଫନ ପୋଲ ।

# ଫର୍ଟିଫାଇଡ୍ ଚାଉଳର ଗୁଣବତ୍ତା ପରଖିଲେ ଅନୁଧ୍ୟାନକାରୀ ଦଳ

ସାକ୍ଷୀଗୋପାଳ, ୬।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ବିଶ୍ୱ ଖାଦ୍ୟ ସଞ୍ଚାଳନ ପରିଷଦର ଏକ ଅନୁଧ୍ୟାନକାରୀ ଦଳ ଗୁରୁବାର ପୂର୍ବାହ୍ନରେ ସତ୍ୟବାଦୀ ବ୍ଲକ୍ ଗସ୍ତ କରିଥିଲେ। ଏହି ଟିମ୍‌ରେ ପରିଷଦର ମୁଖ୍ୟ ଭାବେ ବରିଷ୍ଠ ଅଧିକାରୀ ମୋନା ଜେଠୁଆ ରହିଥିବା ବେଳେ ତାଙ୍କ ସହ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ, ସତ୍ୟବାଦୀ ଯୋଗାଣ ଅଧିକାରୀ ଦେବଜ୍ୟୋତି ଦାସ, ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ଦାସ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁମିତା ଆଚାର୍ଯ୍ୟ ପ୍ରମୁଖ ଥିଲେ।

ପ୍ରଥମେ ଏହି ଦଳ ଦୁଗଲ ପଞ୍ଚାୟତର ବୀରଗୋବିନ୍ଦପୁର ନିକଟରେ ଥିବା ଦକ୍ଷିଣକାଳୀ ରାଇସ୍ ମିଲ୍ ଓ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଫର୍ଟିଫାଇଡ୍ ଚାଉଳର ସଂରକ୍ଷଣ ଓ ଗୁଣବତ୍ତା ପରଖିଥିଲେ। ପରେ ଅନ୍ଥରପନ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସେଠାରେ ପିଲାମାନଙ୍କୁ ଏହି ଚାଉଳରେ ଭାତ କିଭଳି ପ୍ରସ୍ତୁତ ହେଉଛି ଓ ତାହା କିଭଳି ପିଲାମାନଙ୍କୁ ଖାଇବା ପାଇଁ ଦିଆଯାଉଛି ତାହାର ଅନୁଧ୍ୟାନ କରିଥିଲେ। ଏହି ଫୋର୍ଟିଫାଇଡ୍ ଚାଉଳର ରୋଷେଇ କରିବା ପ୍ରଣାଳୀ କିଭଳି ହେବା ଆବଶ୍ୟକ ଓ ଏଥିରେ ପ୍ରଚୁର ପରିମାଣରେ ଥିବା ଆଇରନ୍, ଫଲିକ୍ ଏସିଡ୍ ଓ ବି-୧୨ର ପୋଷକ ତତ୍ତ୍ୱ କିଭଳି ରକ୍ତର ଅଭାବ, ଭ୍ରୁଣ ଗଠନ ଓ ରକ୍ତ ସଞ୍ଚାଳନରେ ବିଶେଷ ସହାୟକ ହୋଇଥାଏ ସେ ବିଷୟରେ ଏକ ଭିଡିଓ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏହି ଚାଉଳ ମୁଖ୍ୟତଃ ରାଶନ ଦୋକାନ, ଅଙ୍ଗନୱାଡି କେନ୍ଦ୍ର ଓ ସରକାରୀ ବିଦ୍ୟାଳୟକୁ ଯୋଗାଇ ଦିଆଯାଉଛି। ଅନ୍ୟ ଚାଉଳଠାରୁ ସାମାନ୍ୟ ଅଲଗା ହୋଇଥିଲେ ମଧ୍ୟ ସ୍ୱାଦରେ ସମାନ ହୋଇଥାଏ। ଏହା ମଧ୍ୟ ମହିଳା ଓ ଶିଶୁମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ସ୍ୱାସ୍ଥ୍ୟବର୍ଦ୍ଧକ ହୋଇଥାଏ ବୋଲି ପରିଷଦର ବରିଷ୍ଠ ଅଧିକାରୀ ଜେଠୁଆ ପ୍ରକାଶ କରିଥିଲେ। ମିଶନ ଶକ୍ତି ପକ୍ଷରୁ ସୁପ୍ରିୟା ସୁବୁଦ୍ଧି ଓ ଅଙ୍ଗନୱାଡି ସୁପରଭାଇଜର ରାଧାରାଣୀ ଦାଶ ବିଭିନ୍ନ ସୂଚନା ପ୍ରଦାନରେ ସହାୟତା କରିଥିଲେ।



ବୀରଗୋବିନ୍ଦପୁର ଅଙ୍ଗନୱାଡି କେନ୍ଦ୍ରରେ ବିଶ୍ୱ ଖାଦ୍ୟ ସଞ୍ଚାଳନ ପରିଷଦର ଅନୁଧ୍ୟାନକାରୀ ଦଳର ଅଧିକାରୀମାନେ ।

## ୩୫ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର

ବାରଙ୍ଗ,(ଲିଙ୍ଗରାଜ ରାଉତ): ରାଜଧାନୀ ଉପକଣ୍ଠ ଜରିପାଟଣା ନିକଟରୁ ଏକ ବଜ୍ରକାପ୍ତାକୁ ଗୁରୁବାର ବନ ବିଭାଗ ଉଦ୍ଧାର କରିଛି। ବଜ୍ରକାପ୍ତାଟି ରାସ୍ତା ଉପରେ ବୁଲୁଥିବା ସମୟରେ ଏକ ଅଟୋ ସହ ଧକ୍କା ହୋଇ କେନାଲ କଡ଼ରେ ଥିବା ଗାତ ମଧ୍ୟରେ ପଶି ଯାଇଥିଲା। ଖବର ମଞ୍ଚେଶ୍ୱର ବନାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବଜ୍ରକାପ୍ତାକୁ ଗାତରୁ ସୁରକ୍ଷିତ ଭାବେ ଉଦ୍ଧାର କର କାର୍ଯ୍ୟାଳୟକୁ ନେଇ ପ୍ରାଥମିକ ଚିକିତ୍ସା କରିବା ସହ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ବଜ୍ରକାପ୍ତାଟି ଅଣ୍ଡିରା ଓ ଏହାର ଓଜନ ପ୍ରାୟ ୩୫ କିଲୋ ହେବ।



**ସଂକ୍ଷେପରେ**

## ବେଆଇନ ବାଲି ଚାଲାଣରେ ୬ ଗିରଫ

### ୪ ହାଇୱା, ୧ ଜେସିବି ଜବତ

ବାଲିଅନ୍ତା,୬।୨ (ନୀଳମାଧବ ସାହୁ)

ପାଟ୍ରୋଲିଂ ସମୟରେ ବୁଧବାର ବିଳମ୍ବିତ ରାତିରେ ବାଲିଅନ୍ତା ପୋଲିସର ଏକ ଟିମ୍ ୪ ବାଲି ବୋଝେଇ ହାଇୱା ଓ ଗୋଟିଏ ଜେସିବି ମେଶିନ ଜବତ କରିଛି। ଅନୁମତି ନ ଥାଇ ବାଲି ଚାଲାଣ କରୁଥିବା ଅଭିଯୋଗରେ ପୋଲିସ ପୃଥକ୍ ଭାବେ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ପୋଲିସ ଡେଲ୍‌ଟା ଛକରେ ନାଇଟ୍ ବ୍ଲକିଂ କରିଥିବାବେଳେ ପୃଥକ୍ ଭାବେ ୨ଟି ହାଇୱା ବେପରୁଆ ଭାବେ ଆସୁଥିବାରୁ ତାକୁ ଅଟକାଇ ଛାନ୍‌ଭିନ କରିଥିଲା। ଗାଡ଼ି ଚାଳକ ଦ୍ୱୟ ବାଲି ଚାଲାଣର ଠିକ୍ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ବେଆଇନ ବାଲି ଚାଲାଣ ଅଭିଯୋଗରେ ଚାଳକ ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳର ବୈକୁଣ୍ଠ ନାୟକ (୨୯) ଓ ମହେଶ ଭୋଇ (୨୮) ଙ୍କୁ ଗିରଫ କରିଥିଲା। ଏନେଇ ବାଲିଅନ୍ତା ଥାନା ପୋଲିସ ଏକ ମାମଲା (ନଂ. ୪୪/୨୫) ରୁଜୁ କରି ତଦନ୍ତ ଚଳାଇଛି।

ସେହିପରି ଭିଙ୍ଗାରପୁର ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଦୀପୁ ଦାସ (୨୫), କୃଷ୍ଣଚନ୍ଦ୍ର ଭୋଇ (୩୪), ଚନ୍ଦନପୁରର ପାର୍ଥ ପ୍ରିୟ ପ୍ରଧାନ (୨୮) ଓ କଟକ ସଦର ଅଞ୍ଚଳର ବବୁଲ ପ୍ରଧାନ (୨୬)। ପୋଲିସ ସେମାନଙ୍କ ପାଖରୁ ୨ ହାଇୱା ଓ ଗୋଟିଏ ଜେସିବି ଜବତ କରିଥିଲା। ଏନେଇ ପୋଲିସ ୪୫/୨୫ରେ ଏକ ମାମଲା ରୁଜୁ କରିଛି। ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଗତ ଜାନୁଆରୀରେ ପୃଥକ୍ ଭାବେ ୨ଟି ଘଟଣାରେ ପୋଲିସ ବେଆଇନ ବାଲି ଚାଲାଣ ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଥିବା ବେଳେ ୪ ଗାଡ଼ି ଜବତ କରିଥିଲା।

# ନିଜ ଷଡ଼ଯନ୍ତ୍ରରେ ନିଜେ ଫସିଲେ

ଭୁବନେଶ୍ୱର,୬।୨(ସୂର୍ଯ୍ୟକାନ୍ତ ବେହେରା)



ଅଭିଯୁକ୍ତ ମିଟୁ ପରିଡ଼ା

**ନଦୀପଠାରୁ ମହିଳାଙ୍କ ମୃତଦେହ ଜବତ ଘଟଣାରେ ଯୁବକ ଗିରଫ**

- ■ମୃତଦେହ ମିଳିବା ସ୍ଥାନରେ ପକାଇଥିଲେ ଅନ୍ୟଜଣେ ବ୍ୟକ୍ତିଙ୍କ ପରିଚୟପତ୍ର
- ■ମୃତା ମହିଳାଙ୍କ ସ୍ୱାମୀଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରିଥିଲେ

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ସ୍ଥିତ ଦୟାନଦୀ ପଠାରୁ ଜାନୁୟାରୀ ୨୮ରେ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ଏଯାବତ ପରିଚୟ ଖୋଜିପାରି ନାହିଁ। ଫଳରେ ମହିଳାଙ୍କ ମୃତ୍ୟୁକୁ ନେଇ ଏବେବି ରହସ୍ୟ ଲାଗି ରହିଛି। ଏହାରି ଭିତରେ ଜଣେ ଯୁବକ ଏହି ମାମଲାରେ ଜଣେ ମହିଳାଙ୍କ ସ୍ୱାମୀଙ୍କୁ ଫସାଇବାକୁ ଉଦ୍ୟମ କରିଥିବା ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ସ୍ୱାମୀଙ୍କ ପରିଚୟପତ୍ର ମୃତଦେହ ମିଳିଥିବା ସ୍ଥାନରେ ପକାଇବା ଅଭିଯୋଗରେ ଧଉଳି ପୋଲିସ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଅଞ୍ଚଳର ମିଟୁ ପରିଡ଼ା (୩୪)। ମିଟୁଙ୍କଠାରୁ କିଛି ପରିଚୟପତ୍ର, ଗୋଟିଏ ମୋବାଇଲ୍ ଓ ଗୋଟିଏ ବାଇକ୍ ଜବତ ହୋଇଛି।

ପୋଲିସ ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ସୁମିତ୍ରା ସାହୁ ଗତ ୬ବର୍ଷ ପୂର୍ବେ ନିଜ ସମ୍ପର୍କୀୟଙ୍କ ଜରିଆରେ ଅଭିଯୁକ୍ତ ମିଟୁଙ୍କ ସଂସ୍ପର୍ଶରେ ଆସିବାରୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ଏହି ବନ୍ଧୁତା ମଧ୍ୟରେ ମିଟୁ ମହିଳାଙ୍କୁ ଏକପାଖିଆ ଭଲପାଇ ବସିଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କର ଅନ୍ୟଜଣେ ଯୁବକଙ୍କ ସହ ବିବାହ ହୋଇଥିଲା। ବିବାହ ପରେ ଆର୍ଥିକ ସଙ୍କଟ ଦେଖାଦେବାରୁ ମହିଳା ଜଣଙ୍କ ମିଟୁଙ୍କୁ ଯୋଗାଯୋଗ କରି ଏକ ଲୋନ୍ କରାଇ ଦେବାଲାଗି ଅନୁରୋଧ କରିଥିଲେ। ମହିଳାଙ୍କ ଅନୁରୋଧକ୍ରମେ ମିଟୁ କମ୍ ସୁଧରେ ଲୋନ୍ କରାଇଦେବାର ପ୍ରତିଶ୍ରୁତି ଦେଇ ମହିଳାଙ୍କ ନିକଟରୁ ତାଙ୍କ ସ୍ୱାମୀଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ ଏବଂ ଆର୍‌ସି ବୁକ୍ ନେଇଯାଇଥିଲେ। ମାତ୍ର ଲୋନ୍ ନ କରାଇବା ଓ ମହିଳାଙ୍କ ସହ କୌଣସି ଯୋଗାଯୋଗ ରଖି ନ ଥିଲେ। ଏହି ସମୟ ମଧ୍ୟରେ ଧଉଳି ଥାନା ଅଞ୍ଚଳରେ ଏକ ଅଜଣା ମହିଳାଙ୍କ ମୃତଦେହ ମିଳିଥିବା ନେଇ ଅଭିଯୁକ୍ତ ଜଣଙ୍କ ଟିଭିରୁ ଜାଣିବାକୁ ପାଇଥିଲେ। ଏହି ମୃତ ମହିଳାଙ୍କୁ ଆଧାର କରି ସୁମିତ୍ରାଙ୍କ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରାଇବା ଲାଗି ଅଭିଯୁକ୍ତ ଜଣକ ସୁମିତ୍ରାଙ୍କ ନିକଟରୁ ନେଇଥିବା ତାଙ୍କ ସ୍ୱାମୀଙ୍କ କାଗଜପତ୍ର ସବୁକୁ ଉକ୍ତ ମହିଳାଙ୍କ ମୃତଦେହ ନିକଟରେ ପକାଇ ଦେଇଆସିଥିଲେ। ମୃତ ମହିଳାଙ୍କ ମାମଲାର ତଦନ୍ତ ଚାଲିଥିବା ବେଳେ ପୋଲିସ ସେଠାରୁ ଜବତ କରିଥିବା କାଗଜପତ୍ର ଆଧାରରେ ପ୍ରଥମେ ସୁମିତ୍ରାଙ୍କ ସ୍ୱାମୀଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପଚରାଉଚରା କରିବା ସମୟରେ ତାଙ୍କଠାରୁ ମିଳିଥିବା ତଥ୍ୟ ଏବଂ ତାଙ୍କ ପତ୍ନୀଙ୍କ ନିକଟକୁ ଯାଇଥିବା ଏକ ଫୋନ୍ କଲକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ମିଳିଥିବା ଏହି ତଥ୍ୟ ଆଧାରରେ ପୋଲିସ ତଦନ୍ତ କରିବା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚଢ଼ାଉ ଜରିଆରେ ଅଭିଯୁକ୍ତ ମିଟୁଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣଙ୍କ ପୂର୍ବରୁ ଥିବା ରାଗ ଶୁଝାଇବା ତଥା ସୁମିତ୍ରାଙ୍କ ସ୍ୱାମୀଙ୍କୁ ବଦ୍‌ନାମ କରିବା ଲାଗି ଏଭଳି ପ୍ରୟାସ କରିଥିବା ସ୍ୱୀକାର କରିଥିଲେ।



ସ୍ୱର ସାମ୍ରାଜ୍ଞୀ ଭାରତ ରତ୍ନ ଲତା ମଙ୍ଗେସ୍‌କରଙ୍କ ତୃତୀୟ ଶ୍ରାଦ୍ଧାବାର୍ଷିକୀ ଅବସରରେ ଗୁରୁବାର ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ, ସସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ 'ଲତା ନାଇଟ୍'।

## ମୋ ବସ୍ ଧକ୍କାରେ ୨ ଯୁବତୀ ଆହତ

ଭୁବନେଶ୍ୱର,୬।୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ମୋ ବସ୍ ପୁଣି ଦୁର୍ଘଟଣା ଘଟାଇଛି। ଚନ୍ଦ୍ରଶେଖରପୁର ଅଶ୍ୱିନୀ ହସ୍ପିଟାଲ ଛକରେ ଗୁରୁବାର ସନ୍ଧ୍ୟାରେ ଏକ ମୋ ବସ୍ ଧକ୍କାରେ ୨ ଜଣ ଯୁବତୀ ଆହତ ହୋଇଛନ୍ତି। ଆହତ ଯୁବତୀଦ୍ୱୟଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ସେମାନେ ଶିଖରଚଣ୍ଡୀ ଅଞ୍ଚଳର ବୋଲି ସୂଚନା ମିଳିଛି। ଏପଟେ ଘଟଣାସ୍ଥଳରେ ଚନ୍ଦ୍ରଶେଖରପୁର ପୋଲିସ ପହଞ୍ଚି ଛାନ୍‌ଭିନ କରିଥିଲେ ମଧ୍ୟ କୌଣସି ତଥ୍ୟ ମିଳିପାରି ନାହିଁ। ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ ଡମଣା ପଟୁ ଏକ ସ୍କୁଟିରେ ୨ ଯୁବତୀ ନାଲ୍‌କୋ ଆଡ଼କୁ ଯାଉଥିଲେ। ସେହି ସମୟରେ ଏକ ମୋ ବସ୍‌କୁ ବାମ ପାଖରେ ଓଭରଟେକ କରୁଥିବା ବେଳେ ମୋ ବସ୍ ଧକ୍କା ଦେବାରୁ ଉଭୟ ତଳେ ପଡ଼ି ଆହତ ହୋଇଥିବା ଅଭିଯୋଗ ହୋଇଛି।



କୁମାର ଥିଏଟର ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ତା କଥାରେ'ର ଏକ ଦୃଶ୍ୟ।

## ଖେଳାଳିଙ୍କ ପାଇଁ କାର୍‌କେଡ୍ ରିହର୍ସାଲ ଆଜି ସନ୍ଧ୍ୟାରେ ପହଞ୍ଚିବେ ୨ ଦଳ

ଭୁବନେଶ୍ୱର,୬।୨(ସୂର୍ଯ୍ୟକାନ୍ତ ବେହେରା)

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯିବ। ଉଭୟ ଦଳ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ମେ'ଫେୟାର ହୋଟେଲ୍‌ରେ ରହିବେ। କମିଶନରେଟ ପୋଲିସ ପକ୍ଷରୁ ଖେଳାଳିଙ୍କ ସୁରକ୍ଷା ପାଇଁ ୫୦ ପ୍ଲାଟୁନ୍ ଫୋର୍ସ ସହ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାପୂର୍ବରୁ ବିମାନବନ୍ଦରରୁ ହୋଟେଲ୍ ଏବଂ ସେଠାରୁ ବାରବାଟୀରେ କିଭଳି ସୁରକ୍ଷିତ ଭାବେ ଉଭୟ ଦଳର ଖେଳାଳିମାନେ ପହଞ୍ଚିବେ ସେନେଇ କମିଶନରେଟ ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ କାର୍‌କେଡ୍ ରିହର୍ସାଲ କରାଯାଇଛି। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଓ ଡିସିପି ପିନାକ୍ ମିଶ୍ର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଶନିବାର ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଇଂଲଣ୍ଡ ଦଳ ଓ ଭାରତୀୟ ଦଳ ଅପରାହ୍ନ ୪ଟାରୁ ରାତି ୮ ପର୍ଯ୍ୟନ୍ତ ବାରବାଟୀରେ ଅଭ୍ୟାସ କରିବେ। ଉଭୟ ଦଳର ଖେଳାଳି ମେ' ଫେୟାରରୁ ବାହାରି ଜାତୀୟ ରାଜପଥ-୧୬ ରସୁଲଗଡ଼ ଦେଇ କଟକ ଯିବାକୁ ଥିବା ରୁଟ୍ ଲାଇନ ପ୍ରସ୍ତୁତି ହୋଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ)

ବାରସିଂହା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଡ଼ିସାହି ବିଦ୍ୟୁତ୍ ବିଭାଗର ୨ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଡ଼ିସାହି ଫାଣ୍ଡି ଅଧୀନ ବାରସିଂହା ଗ୍ରାମର ସମୀର ରାଉତ, ପ୍ରଶାନ୍ତ ରାଉତ ଏବଂ ପିଣ୍ଟୁ ବେହେରା। ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ମାର୍ଥାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (କେସ ନଂ. ୬୭/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ପୂର୍ବତନ ଆୟକର ମୁଖ୍ୟ କମିଶନର ଗୋପାଳ ନନ୍ଦଙ୍କ ପରଲୋକ

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

୧୯୬୬ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ତଥା ଓଡ଼ିଶା ଏବଂ ଛତିଶଗଡ଼ର ପୂର୍ବତନ ଆୟକର ମୁଖ୍ୟ କମିଶନର ଗୋପାଳ ପ୍ରସାଦ ନନ୍ଦଙ୍କ କଟକ ନିମସାହିସ୍ଥିତ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ୨୦୦୩ରେ ଅବସର ପରେ କଟକରେ ରହୁଥିଲେ। ସେ ଜଣେ ସଚ୍ଚୋଟ, ଦକ୍ଷ ଏବଂ ନୀତିବାନ୍ ଅଧିକାରୀ ଥିଲେ। ଐତିହାସିକ ଓ ପ୍ରତ୍ନତତ୍ତ୍ୱ ସାମଗ୍ରୀ ସଂଗ୍ରହ କରିବାରେ ତାଙ୍କର ବିଶେଷ ରୁଚି ଥିଲା। କନ୍ଦରପୁର ସିଦ୍ଧେଶ୍ୱରପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କେଶବ ନନ୍ଦଙ୍କ ପୁଅ ଗୋପାଳ ପ୍ରସାଦ ୩୭ ବର୍ଷର କର୍ମମୟ ଜୀବନରେ ସେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟରେ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଆୟକର ବିଭାଗର ବହୁ ଅଧିକାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି। ପୂର୍ବତନ ପ୍ରତ୍ୟକ୍ଷ ରାଜସ୍ୱ ବୋର୍ଡର ସଦସ୍ୟ ସେକ୍ ନଇମୁଦ୍ଦିନ୍, ମୁଖ୍ୟ ଆୟକର କମିଶନର ସ୍ୱରାଜ ମହାନ୍ତି, ଚନ୍ଦ୍ରଶେଖର ଦାଶ, ଅଶ୍ୱିନୀ କୁମାର ବେହେରା, କବି ଶରତ ଦାଶ, ହର୍ଷ ମହାପାତ୍ର, କିଶୋର ମହାନ୍ତି, ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଏବଂ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଖାନ୍‌ନଗର ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଆଡ୍‌ଭୋକେଟ୍ ଗୌରବ ନନ୍ଦ ମୁଖାଗ୍ନି ଦେଇଥିଲେ।

## ଟାଏକୋଣ୍ଡୋ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ଦେବ ଓମ୍‌ଫେଡ୍

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ଓପନ୍ ଇଣ୍ଟରନାଶନାଲ ଫୁଜୈରାହ ଜି-୨ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଯୋଗଦେବାକୁ ଭାରତୀୟ ଦଳରେ ଓଡ଼ିଶାର ୫ ଜଣିଆ ଟିମ୍ ଗୁରୁବାର ୟୁଏଇ ଅଭିମୁଖେ ଯାତ୍ରା କରିଛି। ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗର ୫୮ କେଜିରୁ କମ୍ ବର୍ଗରେ ଜଗନ୍ନାଥ ବେହେରା, ୫୪ କେଜିରୁ କମ୍ ବର୍ଗରେ ସାହିଲ ସୌରଭ ସିଂ, ୫୭ କେଜିରୁ କମ୍ ବର୍ଗରେ ଆହନ ୱାଶିମ ନାୟାର ଓ ୪୯ କେଜିରୁ କମ୍ ବାଳକ ବର୍ଗରେ ବଲରାଜ ସିଂ ଅଂଶଗ୍ରହଣ କରିବେ। ଏହି ଅବସରରେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଓଡ଼ିଶା ଟାଏକୋଣ୍ଡୋ ଟିମ୍‌ର ଆନ୍ତର୍ଜାତିକ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଛନ୍ତି। ଆଗକୁ କିପରି ଓଡ଼ିଶାରେ ଟାଏକୋଣ୍ଡୋ କ୍ରୀଡ଼ାରୁ ଅଧିକରୁ ଅଧିକ କ୍ରୀଡ଼ାବିତ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶ ଲାଗି ଗୌରବ ଆଣିବେ ସେଥିପାଇଁ ଓମ୍‌ଫେଡ୍ ପକ୍ଷରୁ ସହଯୋଗ ଯୋଗାଇଦେବାକୁ କୁଲାଙ୍ଗେ ପ୍ରତିଶ୍ରୁତି ଦେଇଛନ୍ତି। ଓମ୍‌ଫେଡ୍ ପକ୍ଷରୁ ରାଜ୍ୟର କ୍ରୀଡ଼ାବିତ୍‌ଙ୍କ ଉନ୍ନତି ଲାଗି ପଦକ୍ଷେପ ନିଆଯିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଟାଏକୋଣ୍ଡୋ ସଂଘ ଜରିଆରେ କ୍ରୀଡ଼ାବିତ୍‌ମାନେ ଏସିଆନ ଗେମ୍ସ, ଏସିଆନ ଚାମ୍ପିୟନଶିପ୍‌ସ, ଅଲିମ୍ପିକ୍ସ ଏବଂ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଉଛନ୍ତି ବୋଲି ଏହାର ସମ୍ପାଦକ ଚିନ୍ମୟ ବେହେରା କହିଛନ୍ତି।

## ଅଭୁଲା ସ୍ମୃତି ମନେପକାଇଲେ

ତ୍ରିଶୂଳିଆ,୬।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ସୀତାରାମ ବଜାରସ୍ଥିତ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠର ୧୯୯୬ ମସିହା ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଗୁରୁବାର ମା' ସାରଙ୍ଗେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫୦ ଜଣ ପୁରାତନ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ନିଜ ଅନୁଭୂତି ସମ୍ପର୍କରେ କହିଥିଲେ। ଏହି ଅବସରରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ପୁଣି ଆସନ୍ତା ବର୍ଷ ସମସ୍ତେ ସାକ୍ଷାତ୍ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇ ଅଭୁଲା ସ୍ମୃତିକୁ ମନେପକାଇଥିଲେ। ଏଥିରେ ମଳୟ କୁମାର ଦାସ, ପ୍ରଦୀପ୍ତ କୁମାର ବେହେରା, ପ୍ରଭାତ କୁମାର ବେହେରା, ଆଶୁତୋଷ ଷଡ଼ଙ୍ଗୀ, ବିକାଶ କୁମାର ମହାରଣା, ଏସ୍. କେ. ମହୁରାମଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଅର୍ଥ କମିଶନଙ୍କୁ ଭେଟି ବିଭିନ୍ନ ଦାବି ରଖିଲେ ମେୟର

ଭୁବନେଶ୍ୱର,୬।୨(ବନ୍ଦନା ସେଠୀ)

ଭୁବନେଶ୍ୱର ମେୟର ସୁଲୋଚନା ଦାସ ଗୁରୁବାର ଷୋଡ଼ଶ ଅର୍ଥ କମିଶନଙ୍କୁ ଭେଟିବା ସହ ସହରାଞ୍ଚଳର ବିକାଶ ପାଇଁ ବିଭିନ୍ନ ଦାବି ରଖିଥିଲେ। ଯେଉଁଠି ସହର ବଢ଼ୁଛି, ସେଠି ଲୋକଙ୍କ ଆବଶ୍ୟକତା ମଧ୍ୟ ବଢ଼ୁଛି। ସେଥିପାଇଁ ଭିତ୍ତିଭୂମି ବଢ଼ାଇବା ଉପରେ ଗୁରୁତ୍ୱ ଦେବାକୁ ମେୟର ଦାବି କରିଥିଲେ। ଏଥିସହ ପବ୍ଲିକ୍ ଡେଲିଭରି ସିଷ୍ଟମ୍‌କୁ ବଢ଼ାଇବା ସହ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ଉପରେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣଙ୍କୁ ଅଧିକ ତଥା ସୁଦୃଢ଼ ସୁବିଧା ପ୍ରଦାନ କରିବା ପାଇଁ ଟାଏଡ୍ ଓ ଅନ୍‌ଟାଏଡ୍ ଫଣ୍ଡ ବଢ଼ାଇବା ପାଇଁ ଦାବି ରଖିଥିଲେ। ବିଏମ୍‌ସି ଏଯାଏ ୨୦୨୪-୨୫ର ସିଏଫ୍‌ସି ଅର୍ଥ ପାଇନାହିଁ। ଏନେଇ ଅର୍ଥ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମେୟର ଦାବି କରିଥିଲେ। ସେହିପରି ଠିକ୍ ସମୟରେ କେମିତି ସରକାରୀ ଅର୍ଥ ପହଞ୍ଚିବ ତା' ଉପରେ ଗୁରୁତ୍ୱ ଦେବା ନେଇ ଅର୍ଥ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଏମ୍‌ସି ସମେତ ଅନ୍ୟ ଅର୍ବାନ ଲୋକାଲ ବଡି ଅଧିକାରୀମାନେ ମଧ୍ୟ ଅର୍ଥ କମିଶନଙ୍କ ନିକଟରେ ନିଜ ଦାବି ରଖିଥିଲେ।

## ଓୟୁଟିଆର୍‌ରେ ଇଞ୍ଜିନିୟର୍ସ କପ୍ ଉଦ୍‌ଘାଟିତ



ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟର୍ସ କପ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ବିଭୂତି ଭୂଷଣ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଜୀବିତେଶ ମିଶ୍ର, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ବିଭାଗର ସଭାପତି ପ୍ରଫେସର ଅଶ୍ୱିନୀ କୁମାର ଦାଶ, ଉପାଧ୍ୟକ୍ଷ ପ୍ରଫେସର ଜିତେନ୍ଦ୍ର ନାୟକ, ସହ ଉପସଭାପତି ପ୍ରଫେସର ଜଗନ୍ନାଥ ସେଠୀ ଏବଂ ପ୍ରଫେସର ଫାଲ୍‌ଗୁନି ବଳିୟାରସିଂହ ଯୋଗଦେଇଥିଲେ। ଫେବୃଆରୀ ଶେଷ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଆଇଆଇଟି ଭୁବନେଶ୍ୱର, ଏମ୍‌ସ ଭୁବନେଶ୍ୱର, କିଟ୍, ସୋଆ, ଏକ୍ସଆଇଏମ୍‌ବି, ରେଭେନ୍‌ଶା ଆଦି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ରିକେଟ, ଫୁଟ୍‌ବଲ, ଭଲିବଲ, ବାସ୍କେଟ୍‌ବଲ, କବାଡ଼ି, ଚେସ୍ ଏବଂ ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ। କ୍ରୀଡ଼ା ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ସ୍ଥିରତା ଭଳି ଅତ୍ୟାବଶ୍ୟକ ଗୁଣଗୁଡ଼ିକୁ ମଧ୍ୟ ପୋଷଣ କରେ। ଇଞ୍ଜିନିୟର୍ସ କପ୍ ୨୦୨୫ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକତା ଏବଂ ଗର୍ବର ଏକ ଉତ୍ସବ ଭାବେ ଉଭା ହେବ। ଏହା ପ୍ରତିଯୋଗୀଙ୍କ ଉପରେ କ୍ରୀଡ଼ା ଉତ୍କର୍ଷତାର ଏକ ଛାପ ଛାଡ଼ିବାର ଲକ୍ଷ୍ୟ ରଖିଥିବା ଅତିଥିମାନେ ମତ ରଖିଛନ୍ତି।

## 'କଳା, ସୌନ୍ଦର୍ଯ୍ୟ ବିଜ୍ଞାନର ପ୍ରତିଫଳନ'

ତ୍ରିଶୂଳିଆ,୬।୨(ତୁଷାରକାନ୍ତ ବେହେରା)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ ବିଭାଗ ପକ୍ଷରୁ 'କଳା ଓ ସୌନ୍ଦର୍ଯ୍ୟ ବିଜ୍ଞାନର ପ୍ରତିଫଳନ' ଶୀର୍ଷକ ବକ୍ତୃତାମାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂଲିଶ ସାହିତ୍ୟ ଓ ସୌନ୍ଦର୍ଯ୍ୟ ବିଦ୍ୟାକ୍ଷେତ୍ରର ସ୍ୱନାମଧନ୍ୟ ବିଶେଷଜ୍ଞ ତଥା ନୂଆଦିଲ୍ଲୀର ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଣ୍ଡିତ ପ୍ରଫେସର ଡ. ଆଶୁତୋଷ ମୋହନ ଉପସ୍ଥିତ ରହି ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ମୋହନ କଳା ଓ ସୌନ୍ଦର୍ଯ୍ୟ କିପରି ପରସ୍ପର ସହ ଗଭୀର ତଥା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ, 'କଳା' ବିଭିନ୍ନ ସୃଜନଶୀଳ ଅଭ୍ୟାସ। ଯାହା ମାଧ୍ୟମରେ ଜଣେ ବ୍ୟକ୍ତି ଭାବନା ଏବଂ ଧାରଣାକୁ ପ୍ରାୟତଃ ଦୃଶ୍ୟ, ଶ୍ରାବ୍ୟ କିମ୍ବା ପ୍ରଦର୍ଶନ ଭିତ୍ତିକ ମାଧ୍ୟମରେ ପରିପ୍ରକାଶ କରନ୍ତି। ସୌନ୍ଦର୍ଯ୍ୟ, ସ୍ୱାଦ ଓ କଳାତ୍ମକ ଅନୁଭୂତିର ପ୍ରକୃତିର ଦାର୍ଶନିକ ଅଧ୍ୟୟନ ହେଉଛି 'ସୌନ୍ଦର୍ଯ୍ୟ'। ଏହା କଳାକୁ କିପରି ଅନୁଭବ ଏବଂ ମୂଲ୍ୟାଙ୍କନ କରିଥାଏ ଏବଂ ଏଥି ସହିତ ଆମର ବିଚାରକୁ ଗଭୀର ଭାବେ ପ୍ରଭାବିତ କରେ, ସେ କଥାକୁ ସୁନ୍ଦର ଭାବେ ବୁଝାଇଥିଲେ।




ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ନୂଆଦିଲ୍ଲୀ ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଣ୍ଡିତ ପ୍ରଫେସର ଡ. ଆଶୁତୋଷ ମୋହନ ବକ୍ତବ୍ୟ ରଖୁଛନ୍ତି।

## 'ଆର୍ଦ୍ରଭୂମି ପ୍ରକୃତିର ମୂଲ୍ୟବାନ୍ ଉପହାର'

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)




ପୃଥିବୀର ପରିବେଶ ସନ୍ତୁଳନ ବଜାୟ ରଖିବା ନିମନ୍ତେ ଆର୍ଦ୍ରଭୂମି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଦ୍ରଭୂମି ଜଳଚକ୍ରକୁ ନିୟନ୍ତ୍ରଣ କରିବା ସହ ଭୌତିକ, ରାସାୟନିକ ଏବଂ ଜୈବିକ ପ୍ରକ୍ରିୟା ମାଧ୍ୟମରେ ପ୍ରଦୂଷକକୁ ନିଷ୍କ୍ରିୟ କରି ପ୍ରାକୃତିକ ଜଳ ଫିଲ୍ଟର୍ ଭାବରେ କାର୍ଯ୍ୟ କରନ୍ତି। ତେଣୁ ଆର୍ଦ୍ରଭୂମି ହେଉଛି ପ୍ରକୃତିର ମୂଲ୍ୟବାନ୍ ଉପହାର। ମାତ୍ର ଏପରି ଗୁରୁତ୍ୱ ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଛି। ସେହିପରି ଜଳବାୟୁ ପରିବର୍ତ୍ତନ, ସହରୀକରଣ, ପ୍ରଦୂଷଣ ଏବଂ ବିଭିନ୍ନ ମାନବୀୟ କାର୍ଯ୍ୟକଳାପରୁ ଏଗୁଡିକ ଅଧିକ ବିପଦଗ୍ରସ୍ତ ହେଉଛନ୍ତି। ତେବେ ଉଭୟ ପରିବେଶୀୟ ସ୍ଥିରତା ଏବଂ ମାନବ ସମୃଦ୍ଧି ନିମନ୍ତେ ଏହି ପରିସଂସ୍ଥାଗୁଡିକର ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ଜଗତ୍‌ସିଂହପୁର ଏରସମାସ୍ଥିତ ସରବନ୍ତ ଗ୍ରାମରେ ଆର୍ଦ୍ରଭୂମି ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, ବନ୍ୟଜନ୍ତୁ ବୈଜ୍ଞାନିକ ଡ. ଲାଲା ଏକେ ସିଂହ, କୁଜଙ୍ଗ ରେଞ୍ଜ ଅଫିସର କାର୍ତ୍ତିକେଶ୍ୱର ଖଣ୍ଡାଇ, ପ୍ରକୃତିବନ୍ଧୁ ଉତ୍କଳ ରଞ୍ଜନ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଏବଂ ଦୋଳଗୋବିନ୍ଦ ଯୁବ କ୍ଲବ ସମ୍ପାଦକ ସୁକାନ୍ତ ସାମନ୍ତ ଯୋଗଦେଇ 'ଆମର ସାଧାରଣ ଭବିଷ୍ୟତ ନିମନ୍ତେ ଆର୍ଦ୍ରଭୂମିକୁ ସୁରକ୍ଷିତ ରଖ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଓଇଏସ୍ ସଦସ୍ୟ, ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଗ୍ରାମବାସୀମାନେ ନୋଳିଆ ସାହି ନିକଟ ସମୁଦ୍ର କୂଳରେ ହେନ୍ତାଳ ଚାରା ରୋପଣ କରିଥିଲେ।

## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ, ୬ ଗିରଫ
#### ୪ ହାଇୱା, ୧ ଜେସିବି ଜବତ

ବାଲିଅନ୍ତା ୬।୨ (ନୀଳମାଧବ ସାହୁ)

ପାଟ୍ରୋଲିଂ ସମୟରେ ବୁଧବାର ବିଳମ୍ବିତ ରାତିରେ ବାଲିଅନ୍ତା ପୋଲିସର ଏକ ଟିମ୍ ୪ ବାଲି ବୋଝେଇ ହାଇୱା ଓ ଗୋଟିଏ ଜେସିବି ମେଶିନ ଜବତ କରିଛି। ଅନୁମତି ନ ଥାଇ ବାଲି ଚାଲାଣ କରୁଥିବା ଅଭିଯୋଗରେ ପୋଲିସ ପୃଥକ୍ ଭାବେ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପୋଲିସ ଡେଲ୍‌ଟା ଛକରେ ନାଇଟ୍ ବ୍ଲକିଂ କରିଥିବାବେଳେ ପୃଥକ୍ ଭାବେ ୨ଟି ହାଇୱା ବେପରୁଆ ଭାବେ ଆସୁଥିବାରୁ ତାକୁ ଅଟକାଇ ଛାନଭିନ କରିଥିଲା। ଗାଡ଼ି ଚାଳକ ଦ୍ୱୟ ବାଲି ଚାଲାଣର ଠିକ୍‌କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ବାଲି ଚାଲାଣ ଅଭିଯୋଗରେ ଚାଳକ ବାଲି ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳର ବୈକୁଣ୍ଠ ନାୟକ (୨୯) ଓ ମହେଶ ଭୋଇ (୨୮)ଙ୍କୁ ଗିରଫ କରିଥିଲା। ଏନେଇ ବାଲିଅନ୍ତା ଥାନା ପୋଲିସ ଏକ ମାମଲା (ନଂ. ୪୪/୨୫) ରୁଜୁ କରିଛି। ସେହିପରି ଭିଙ୍ଗାରପୁର ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ଅଭିଯୋଗରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ଦୀପୁ ଦାସ (୨୫), କୃଷ୍ଣଚନ୍ଦ୍ର ଭୋଇ (୩୪), ଚନ୍ଦନପୁରର ପାର୍ଥ ପ୍ରିୟ ପ୍ରଧାନ (୨୮) ଓ କଟକ ସଦର ଅଞ୍ଚଳର ବବୁଲ ପ୍ରଧାନ (୨୬)। ପୋଲିସ ସେମାନଙ୍କ ପାଖରୁ ୨ ହାଇୱା ଓ ଗୋଟିଏ ଜେସିବି ଜବତ କରିଥିଲା। ଏନେଇ ପୋଲିସ ୪୫/୨୫ରେ ଏକ ମାମଲା ରୁଜୁ କରିଛି।

### ଅଭୁଲା ସ୍ମୃତି ମନେପକାଇଲେ

ତ୍ରିଶୂଳିଆ,୬।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ସୀତାରାମ ବଜାରସ୍ଥିତ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠର ୧୯୯୬ ମସିହା ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଗୁରୁବାର ମା' ସାରଙ୍ଗେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫୦ ଜଣ ପୁରାତନ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ନିଜ ଅନୁଭୂତି ସମ୍ପର୍କରେ କହିଥିଲେ। ଏହି ଅବସରରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ପୁଣି ଆସନ୍ତା ବର୍ଷ ସମସ୍ତେ ସାକ୍ଷାତ୍ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇ ଅଭୁଲା ସ୍ମୃତିକୁ ମନେପକାଇଥିଲେ। ଏଥିରେ ମଳୟ ଦାସ, ପ୍ରଦୀପ୍ତ ବେହେରା, ପ୍ରଭାତ ବେହେରା, ଆଶୁତୋଷ ଷଡ଼ଙ୍ଗୀ, ବିକାଶ ମହାରଣା, ଏସ୍. କେ. ମହୁରାମଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମୁଖଗହ୍ୱର ପରୀକ୍ଷା ଶିବିର

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ)

ଭୁବନପୁର ମା' ମଙ୍ଗଳା ଯୁବ ପରିଷଦ ପକ୍ଷରୁ ଗ୍ରାମର ତ୍ରିନାଥ ମନ୍ଦିର ପଡ଼ିଆ ନିକଟରେ ମାଗଣାରେ ମୁଖଗହ୍ୱର ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିମ୍ସର ଡାକ୍ତର ଡ. ଗୁଞ୍ଜନ କୁମାର ଓ ଡ. ସ୍ୱନ୍ଦିତା ଦାସଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ୍ ଯୋଗ ଦେଇଥିଲେ। ଏଥିରେ ଭୁବନପୁର ଗ୍ରାମବାସୀଙ୍କ ସହ ଆଖପାଖ ଗ୍ରାମରୁ ଶତାଧିକ ଲୋକେ ଯୋଗଦେଇ ସେମାନଙ୍କ ମୁଖଗହ୍ୱର ପରୀକ୍ଷା କରାଇ ମାଗଣା ଔଷଧ ନେଇଥିଲେ। ମା' ମଙ୍ଗଳା ଯୁବ ପରିଷଦ ସଭାପତି ରଞ୍ଜନ କୁମାର ଭଟଙ୍କ ନେତୃତ୍ୱରେ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

# 'ନଦୀ ଜଳ ପ୍ରଦୂଷଣ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡାଯିବ'

#### ନ୍ୟାୟ ନ ମିଳିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ):

ଦୟାନଦୀ କୂଳ କଣାସ ଅଞ୍ଚଳରେ ବ୍ୟାପିଥିବା ଝାଡ଼ାବାନ୍ତିରେ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ଏହା କେବଳ ନଦୀ ଜଳ ପ୍ରଦୂଷଣ ପାଇଁ ହୋଇଛି। ତେଣୁ ନଦୀ ଜଳ ପ୍ରଦୂଷଣର ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ହସ୍ତକ୍ଷେପ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯିବ। ସମାଧାନ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳପାଇଁ ଗଣ ସତ୍ୟାଗ୍ରହ ହେବ ବୋଲି ଗଙ୍ଗୁଆ, ଦୟା ଓ ଚିଲିକା ବଞ୍ଚାଅ ଗଣସମ୍ମିଳନୀରେ ନିଷ୍ପତ୍ତି ହୋଇଛି।

ଗୁରୁବାର ବୁଦ୍ଧ ମନ୍ଦିରଠାରେ ମହାନଦୀ ବଞ୍ଚାଅ ଆନ୍ଦୋଳନ, ଚିଲିକା ବଞ୍ଚାଅ ଅଭିଯାନ, ଦୟା ସୁରକ୍ଷା ଅଭିଯାନ ଓ ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଗଣସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



ସମ୍ମିଳନୀରେ ୩ ସଂଗଠନର କର୍ମକର୍ତ୍ତାଙ୍କ ସହ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଅନ୍ୟମାନେ।

ଏଥିରେ ନଦୀ ଓ ଚିଲିକା ତଟରେ ଥିବା ପ୍ରଭାବିତ ଅଞ୍ଚଳର ବାସିନ୍ଦା, ବିଶେଷଜ୍ଞ ତଥା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଗଙ୍ଗୁଆ, ଦୟା ଓ ଚିଲିକାର ମାତ୍ରାଧିକ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସର୍ବସମ୍ମତି କ୍ରମେ ଦୟା, ଗଙ୍ଗୁଆ ଓ ଚିଲିକାର ସୁରକ୍ଷା ପାଇଁ ବ୍ୟାପକ ଜନଆନ୍ଦୋଳନ ସହିତ ନ୍ୟାୟିକ ଲଢେଇ ପାଇଁ ଡାକରା ଦିଆଯାଇଥିଲା। ଗଙ୍ଗୁଆ ନାଳ ପାଣିକୁ ଦୟା ନଦୀରେ ମିଶିବାକୁ ଦିଆଯିବ ନାହିଁ। ସରକାର ଏନେଇ କର୍ଣ୍ଣପାତ ନ କଲେ ଦୟାନଦୀ କୂଳିଆ ଲୋକେ ବାଧହୋଇ କଣ୍ଟି ନିକଟରେ ଗଙ୍ଗୁଆରେ ବନ୍ଧବାନ୍ଧି ଦୂଷିତ ପାଣିକୁ ଅଟକାଇବେ। ସେହିପରି ଚିଲିକା ସୁରକ୍ଷା ପାଇଁ ସରକାର ବିହିତ ପଦକ୍ଷେପ ନେବା ପାଇଁ ମଧ ସମ୍ମିଳନୀରେ ସ୍ୱର ଉଠିଥିଲା। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଏହି ଅବସରରେ ୮ଟି ପ୍ରସ୍ତାବ ପାରିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ, କଂଗ୍ରେସ ନେତା ଶିବାନନ୍ଦ ରାୟ, ବରିଷ୍ଠ ଭାଜପା ନେତା କୃଷ୍ଣ ଜଗଦେବ, ସିପିଆଇର ପ୍ରଦୀପ୍ତ ନାୟକ, ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଦୟା ସୁରକ୍ଷା ଅଭିଯାନ ଆବାହକ ସଚିକାନ୍ତ ପ୍ରଧାନ, ଦୟା ବଞ୍ଚାଅ ଆନ୍ଦୋଳନ ଅଶୋକ ପ୍ରଧାନ ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନ ପ୍ରଦୀପ ତରାଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# 'କଳା, ସୌନ୍ଦର୍ଯ୍ୟ ବିଜ୍ଞାନର ପ୍ରତିଫଳନ'

ତ୍ରିଶୂଳିଆ,୬।୨(ତୁଷାରକାନ୍ତ ବେହେରା)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ ବିଭାଗ ପକ୍ଷରୁ 'କଳା ଓ ସୌନ୍ଦର୍ଯ୍ୟ ବିଜ୍ଞାନର ପ୍ରତିଫଳନ' ଶୀର୍ଷକ ବକ୍ତୃତାମାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂଲିଶ ସାହିତ୍ୟ ଓ ସୌନ୍ଦର୍ଯ୍ୟ ବିଦ୍ୟାକ୍ଷେତ୍ରର ସ୍ୱନାମଧନ୍ୟ ବିଶେଷଜ୍ଞ ତଥା ନୂଆଦିଲ୍ଲୀର ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଣ୍ଡିତ ପ୍ରଫେସର ଡ. ଆଶୁତୋଷ ମୋହନ ଉପସ୍ଥିତ ରହି ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ମୋହନ କଳା ଓ ସୌନ୍ଦର୍ଯ୍ୟ କିପରି ପରସ୍ପର ସହ ଗଭୀର ତଥା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ, 'କଳା' ବିଭିନ୍ନ ସୃଜନଶୀଳ ଅଭ୍ୟାସ। ଯାହା ମାଧ୍ୟମରେ




ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ନୂଆଦିଲ୍ଲୀ ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଣ୍ଡିତ ପ୍ରଫେସର ଡ. ଆଶୁତୋଷ ମୋହନ ବକ୍ତବ୍ୟ ରଖୁଛନ୍ତି।

ଜଣେ ବ୍ୟକ୍ତି ଭାବନା ଏବଂ ଧାରଣାକୁ ପ୍ରାୟତଃ ଦୃଶ୍ୟ, ଶ୍ରାବ୍ୟ କିମ୍ବା ପ୍ରଦର୍ଶନ ଭିତ୍ତିକ ମାଧ୍ୟମରେ ପରିପ୍ରକାଶ କରନ୍ତି। ସୌନ୍ଦର୍ଯ୍ୟ, ସ୍ୱାଦ ଓ କଳାତ୍ମକ ଅନୁଭୂତିର ପ୍ରକୃତିର ଦାର୍ଶନିକ ଅଧ୍ୟୟନ ହେଉଛି 'ସୌନ୍ଦର୍ଯ୍ୟ'। ଏହା କଳାକୁ କିପରି ଅନୁଭବ ଏବଂ ମୂଲ୍ୟାଙ୍କନ କରିଥାଏ ଏବଂ ଏଥି ସହିତ ଆମର ବିଚାରକୁ ଗଭୀର ଭାବେ ପ୍ରଭାବିତ କରେ, ସେ କଥାକୁ ସୁନ୍ଦର ଭାବେ ବୁଝାଇଥିଲେ।

# ଖେଳାଳିଙ୍କ ପାଇଁ କାର୍‌କେଡ୍ ରିହର୍ସାଲ

#### ସନ୍ଧ୍ୟାରେ ପହଞ୍ଚିବେ ୨ ଦଳ

ଭୁବନେଶ୍ୱର,୬।୨(ସୂର୍ଯ୍ୟକାନ୍ତ ବେହେରା):

କଟକ ବାରବାଟୀ ଷ୍ଟାଡିୟମରେ ଜାନୁୟାରୀ ୯ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ୍ ଖେଳାଯିବ। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଥିବା ବେଳେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ଏପଟେ ଉଭୟ ଦଳ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ଏହାପରେ ମେ'ଫେୟାର ହୋଟେଲ୍‌ରେ ରହିବେ। ତେଣୁ କମିଶନରେଟ ପୋଲିସ ପକ୍ଷରୁ ଖେଳାଳିଙ୍କ ସୁରକ୍ଷା ପାଇଁ ୫୦ ପ୍ଲାଟୁନ୍ ଫୋର୍ସ ସହ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାପୂର୍ବରୁ ବିମାନବନ୍ଦରରୁ ହୋଟେଲ୍ ଏବଂ ସେଠାରୁ



ବାରବାଟୀକୁ କିଭଳି ସୁରକ୍ଷିତ ଭାବେ ଉଭୟ ଦଳର ଖେଳାଳିମାନେ ପହଞ୍ଚିବେ ସେନେଇ କମିଶନରେଟ ପୋଲିସ ଗୁରୁବାର ସନ୍ଧ୍ୟାରେ କାର୍‌କେଡ୍ ରିହର୍ସାଲ କରାଯାଇଛି। ଏପରିକି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଡିସିପି ପିନାକ୍ ମିଶ୍ର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଅପରପକ୍ଷେ ଶନିବାର ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଇଂଲଣ୍ଡ ଦଳ ପ୍ରଥମେ ବାରବାଟୀ ଯାଇ ଅଭ୍ୟାସ ଆରମ୍ଭ କରିବେ। ଏହାପରେ ଭାରତ ଦଳ ଅପରାହ୍ନ ୪ଟାରୁ ରାତି ୮ ପର୍ଯ୍ୟନ୍ତ ଅଭ୍ୟାସ କରିବେ ବୋଲି ପ୍ରାଥମିକ ସୂଚନା ମିଳିଛି। ଉଭୟ ଦଳର ଖେଳାଳି ମେ'ଫେୟାରରୁ ବାହାରି ଜାତୀୟ ରାଜପଥ-୧୬ ରସୁଲଗଡ଼ ଦେଇ କଟକ ବାରବାଟୀ ଯିବାକୁ ଥିବା ରୁଟ୍ ଲାଇନ ପ୍ରସ୍ତୁତି ହୋଇଛି।

### ଗ୍ରାମାଞ୍ଚଳ ଜିଲା ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆଠଗଡ.୬।୨( ସତ୍ୟ ପ୍ରସାଦ ରଥ)

ଆଠଗଡ ପୁରୁଣା ବସଷ୍ଟାଣ୍ଡ ସ୍ୱପ୍ନେଶ୍ୱର ବଜାରରେ କଟକ ଗ୍ରାମାଞ୍ଚଳ ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତିଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରୁ ଏକ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ପୁରୁଣା କଟକ-ସମ୍ବଲପୁର ରାସ୍ତା ଦେଇ ଆଠଗଡ଼ ସହରରେ ପହଞ୍ଚିଥିଲା। ପରେ ଆଠଗଡ଼ର ବରିଷ୍ଠ ଭାଜପା ନେତା ବଜେନ୍ଦ୍ର ରାୟ, ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା, ଜିଲା ସମ୍ପାଦିକା ସ୍ୱାଗତ ପଟ୍ଟନାୟକ, ହେମ ମଞ୍ଜରୀ ଭଞ୍ଜଦେଓଙ୍କ ଗହଣରେ ରାମନାରାୟଣଙ୍କୁ ଆଠଗଡର ଆରାଧ୍ୟ ଅଟ୍ଟାଳୀ ଜଗନ୍ନାଥ ଓ ମା ବାଉତୀଙ୍କ ଦର୍ଶନ କରି ସଭାସ୍ଥଳକୁ ନିଆଯାଇଥିଲା। ପରେ ବିଭିନ୍ନ ସଙ୍ଗଠନ, ବ୍ୟକ୍ତି ବିଶେଷ ଅନୁଷ୍ଠାନ ଓ ଆଠଗଡ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନେଇ ଆୟୋଜିତ ସଭାରେ ଭାଜପା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ସତ୍ୟଜିତ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରମେଶ ରାଉତ, ଜିଲା ଭାଜପା ସମ୍ପାଦକ ଆଲୋକ ମହାନ୍ତି,ଯୁବମୋର୍ଚ୍ଚା ସଭାପତି ନଳିନୀ ରାୟ, ପ୍ରଫୁଲ୍ଲ ପରିଡ଼ା, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆଠଗଡ ଭାଜପା ଏନ୍‌ଏସି ଅଧକ୍ଷା ପ୍ରାର୍ଥିନୀ ଇଲା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାତ୍ର ଉକ୍ତ କାର୍ଯ୍ୟକ୍ରମରେ ଭାଜପା ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଓ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ମଣ୍ଡଳର ସଭାପତିମାନେ ଯୋଗ ଦେଇ ନ ଥିଲେ।

# ୩୫ କିଲୋ ଓଜନର ବଜ୍ରକାପ୍ତା ଉଦ୍ଧାର

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ଜରିପାଟଣା ନିକଟରୁ ଏକ ବଜ୍ରକାପ୍ତାକୁ ଗୁରୁବାର ବନ ବିଭାଗ ଉଦ୍ଧାର କରିଛି। ସକାଳୁ ପ୍ରାତଃଭ୍ରମଣ କରୁଥିବା ସ୍ଥାନୀୟ ଲୋକେ ଉକ୍ତ ବଜ୍ରକାପ୍ତାଟି ରାସ୍ତା ଉପରେ ବୁଲୁଥିବା ସମୟରେ ଏକ ଅଟୋ ସହ ଧକ୍କା ହୋଇଥିବା ଦେଖିବାକୁ ପାଇଥିଲେ। ବଜ୍ରକାପ୍ତାଟି ସଙ୍ଗେ ସଙ୍ଗେ ରାସ୍ତା ଉପରୁ ଚାଲିଯାଇ କେନାଲ କଡ଼ରେ ଥିବା ଗାତ ମଧ୍ୟରେ ପଶି ଯାଇଥିଲା। ଉପସ୍ଥିତ ଲୋକେ ବନ ବିଭାଗକୁ ଖବର ଦେବାରୁ ମଞ୍ଚେଶ୍ୱର ବନାଞ୍ଚଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ବଜ୍ରକାପ୍ତାକୁ ଗାତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ବନ ବିଭାଗ କର୍ମଚାରୀ ତାକୁ ଏକ ଯନ୍ତାରେ ଭର୍ତ୍ତି କରି କାର୍ଯ୍ୟାଳୟକୁ ନେଇ ପ୍ରାଥମିକ ଚିକିତ୍ସା କରିବା ସହ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଏବେ ଅଣ୍ଡିରା ବଜ୍ରକାପ୍ତାଟି ସୁସ୍ଥ ଥିବାବେଳେ ତାହା ପ୍ରାୟ ୩୫ କିଲୋ ଓଜନର ବୋଲି ଜଣାପଡ଼ିଛି। ତାକୁ ଜଙ୍ଗଲରେ ଛଡ଼ାଯିବ କି ନନ୍ଦନକାନନ ପଠାଯିବ ସେନେଇ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଆସିଲେ ଜଣାପଡ଼ିବ ବୋଲି ସିଟି ଫରେଷ୍ଟ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ୩ ଗିରଫ

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ)

ବାରସିଂହା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଡ଼ିସାହି ବିଦ୍ୟୁତ୍ ବିଭାଗର ୨ କର୍ମଚାରୀଙ୍କୁ ଆକ୍ରମଣ କରାଯିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋଡ଼ିସାହି ଫାଣ୍ଡି ଅଧୀନ ବାରସିଂହା ଗ୍ରାମର ସମୀର ରାଉତ, ପ୍ରଶାନ୍ତ ରାଉତ ଏବଂ ପିଣ୍ଟୁ ବେହେରା। ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ମାର୍ଥାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (କେସ ନଂ. ୬୭/୨୫) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ବାରସିଂହା ଗ୍ରାମର ଜଣଙ୍କ ଘରେ ବିଦ୍ୟୁତ୍ ସଂଯୋଗ ମରାମତି କରି ୨ ବିଦ୍ୟୁତ୍ କର୍ମଚାରୀ ଫେରୁଥିଲେ। ସେହି ସମୟରେ ୩ ଜଣ ଯୁବକ ତାଙ୍କୁ ଅନ୍ୟ ଏକ ବିଦ୍ୟୁତ୍ ଖୁଣ୍ଟରେ ଥିବା ତ୍ରୁଟି ମରାମତି ପାଇଁ କହିଥିଲେ। ହେଲେ ବିନା କୌଣସି କାର୍ଯ୍ୟାଳୟ ସୂଚନା କିମ୍ବା ନିର୍ଦ୍ଦେଶାନୁସାରେ ସେମାନେ ମରାମତି କରିପାରିବେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ୨ ବିଦ୍ୟୁତ୍ କର୍ମଚାରୀଙ୍କୁ ୩ ଯୁବକ ଏକ ଠେଙ୍ଗାରେ ଆକ୍ରମଣ କରିବାରୁ ଉଭୟଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିଲା।



ଡମପଡ଼ା ବ୍ଲକ କୁଶୁପଙ୍ଗିସ୍ଥିତ ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି।

# ପୂର୍ବତନ ଆୟକର ମୁଖ୍ୟ କମିଶନର ଗୋପାଳ ନନ୍ଦଙ୍କ ପରଲୋକ

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା):

୧୯୬୬ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ତଥା ଓଡ଼ିଶା ଏବଂ ଛତିଶଗଡ଼ର ପୂର୍ବତନ ଆୟକର ମୁଖ୍ୟ କମିଶନର ଗୋପାଳ ପ୍ରସାଦ ନନ୍ଦଙ୍କ କଟକ ନିମସାହିସ୍ଥିତ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ୨୦୦୩ରେ ଅବସର ପରେ କଟକରେ ରହୁଥିଲେ। ସେ ଜଣେ ସଚ୍ଚୋଟ, ଦକ୍ଷ ଏବଂ ନୀତିବାନ୍ ଅଧିକାରୀ ଥିଲେ। ଐତିହାସିକ ଓ ପ୍ରତ୍ନତତ୍ତ୍ୱ ସାମଗ୍ରୀ ସଂଗ୍ରହ କରିବାରେ ତାଙ୍କର ବିଶେଷ ରୁଚି ଥିଲା। କନ୍ଦରପୁର ସିଦ୍ଧେଶ୍ୱରପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ କେଶବ ନନ୍ଦଙ୍କ ପୁଅ ଗୋପାଳ ପ୍ରସାଦ ୩୭ ବର୍ଷର କର୍ମମୟ ଜୀବନରେ ସେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟରେ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଆୟକର ବିଭାଗର ବହୁ ଅଧିକାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ



କରିଛନ୍ତି। ପୂର୍ବତନ ପ୍ରତ୍ୟକ୍ଷ ରାଜସ୍ୱ ବୋର୍ଡର ସଦସ୍ୟ ସେକ୍ ନଇମୁଦ୍ଦିନ୍, ମୁଖ୍ୟ ଆୟକର କମିଶନର ସ୍ୱରାଜ ମହାନ୍ତି, ଚନ୍ଦ୍ରଶେଖର ଦାଶ, ଅଶ୍ୱିନୀ କୁମାର ବେହେରା, କବି ଶରତ ଦାଶ, ହର୍ଷ ମହାପାତ୍ର, କିଶୋର ମହାନ୍ତି, ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ପୂର୍ବତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଏବଂ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଖାନ୍‌ନଗର ଶ୍ମଶାନଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଆଡ୍‌ଭୋକେଟ୍ ଗୌରବ ନନ୍ଦ ମୁଖାଗ୍ନି ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ସେମିଫାଇନାଲରେ ୟୁନାଇଟେଡ୍ କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଟିଗିରିଆ, ୬।୨(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ଆୟୋଜିତ ୯ମ ପାଞ୍ଚଗାଁ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫ୍ରେଣ୍ଡସ ପାରାଡାଇଜ ଜଟଣୀକୁ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର (ଭୁବନେଶ୍ୱର)ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲସ୍କୋର କରିବାକୁ ସକ୍ଷମ ନ ହେବାରୁ ଟାଇବ୍ରେକର ଜରିଆରେ ୟୁନାଇଟେଡ୍ କ୍ଲବ ୭-୬ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ତଥା ସାମାଜିକ କର୍ମୀ ସରୋଜ ଦାଶ, ସମ୍ମାନିତ ଅତିଥିଭାବେ କ୍ରୀଡା ଶିକ୍ଷକ ରଜତ କୁମାର ଦାଶ, ଆଇନଜୀବୀ ଆଶୁତୋଷ ମିଶ୍ର ଓ ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରିଭାବେ ବ୍ରହ୍ମାନନ୍ଦ ଭୋଇ ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସେକ୍ ମୁକିମ ଓ ଅମୂଲ୍ୟ ସାମଲ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ସୁବାସ ମୁଦୁଲି ଦାୟିତ୍ୱ ସମ୍ପାଦନ କରିଥିଲେ।

# ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ମୂଳ ଲକ୍ଷ୍ୟ

ବାଙ୍କୀ,୬।୨( ଶୁଭେନ୍ଦୁ ମହାପାତ୍ର )

ବାଙ୍କୀର ଅଗ୍ରଣୀ ଯୁବ ସଂଗଠନ ତାଳବସ୍ତ ପଞ୍ଚାୟତ ଶ୍ରୀରାମ କମିଟି ଏବଂ ଡମପଡା ସମ୍ବାଦ ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏହାର ମୂଳ ଲକ୍ଷ୍ୟ ବୋଲି ଶ୍ରୀରାମ କମିଟିର ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁ ପରିପ୍ରକାଶ କରିଥିଲେ। ୩ ଦିନ ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ବକ୍ତୃତା, ରଚନା, ସାଧାରଣ ଜ୍ଞାନ, ନୃତ୍ୟ, ସଙ୍ଗୀତ, ଝୋଟି, ମେହେନ୍ଦି, ପିଠା, ବିଜ୍ଞାନ ମେଳା, ଚିତ୍ରାଙ୍କନ, କବିତା ଆବୃତ୍ତି,କବାଡି, ଦୌଡ଼ ଓ ବିଜ୍ଞାନ ମେଳା ଆଦି ପ୍ରତିଯୋଗିତ ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୧୫ ପଞ୍ଚାୟତରୁ ପାଖାପାଖି



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଯୁବତୀ, ଯୁବକ ଓ ମହିଳା ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମ୍ପାଦକ କୁମାର ଅମୀୟ (ବୁଲୁ ବାବା), ଯୁବ ସଙ୍ଗଠକ ଅବିନାଶ ପଟ୍ଟନାୟକ, ରାଜ୍ୟ ସାମ୍ବାଦିକ ସଂଘ ଜିଲା ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର, ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ବରିଷ୍ଠ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ମନୋଜ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କ କଳା ଓ କୌଶଳ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବାଙ୍କୀ ଅଞ୍ଚଳର ବହୁ ସାମାଜିକ ସଂଗଠନକୁ ସମ୍ମାନିତ କରାଯାଇଥିଲା। ମା'ବାଉତି ସେବା ସଙ୍ଗଠନ ସବୁଜ ବାହିନୀକୁ ଶ୍ରେଷ୍ଠ ସଂଗଠନ ସମ୍ମାନ, ତାଳବସ୍ତର ରୁଦ୍ର ନାରାୟଣ ଦାସଙ୍କୁ ଶ୍ରେଷ୍ଠ ସାମାଜିକ କର୍ମୀ ଆଶୁତୋଷ ମହାପାତ୍ରଙ୍କୁ ସେବା ରତ୍ନ, ପ୍ରଫୁଲ୍ଲ ପ୍ରଧାନଙ୍କୁ ଆଦର୍ଶ କୃଷକ ଖବରଦାତା ଶୁଭେନ୍ଦୁ କୁମାର ମହାପାତ୍ର, ସୁଶାନ୍ତ କୁମାର ନାୟକ, ମାନସ ରଞ୍ଜନ ସାହୁ, ପୂର୍ଣ୍ଣେନ୍ଦୁ ବେଉରା ଏବଂ କାହ୍ନୁ ଚରଣ ବେହେରାଙ୍କୁ ସମ୍ମାନ ସନନ୍ଦ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଦ୍ୟୁମ୍ନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଆଜିଠୁ ଖଣ୍ଡଗିରି ଉଦୟଗିରି ମହୋତ୍ସବ

ଭୁବନେଶ୍ୱର,୬।୨ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ କୋଲଥିଆସ୍ଥିତ ବିଜୁ ଏନର୍ଜି ପାର୍କସ୍ଥିତ ସାଇ ଗାର୍ଡେନ୍‌ଠାରେ ଶୁକ୍ରବାର ଖଣ୍ଡଗିରି-ଉଦୟଗିରି ମହୋତ୍ସବ ଆରମ୍ଭ ହେବ। ଉତ୍ସବରେ ରାଜ୍ୟ ଓ ବାହାରୁ ବହୁ ପ୍ରତିଷ୍ଠିତ କଳାକାର ସେମାନଙ୍କ କଳା ପ୍ରଦର୍ଶନ କରିବେ। ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂସ୍କୃତିପ୍ରେମୀ ଯୋଗଦେବେ।

### କେଶ ଦାନ ଶିବିର

ଜଟଣୀ,୬।୨ (ରବୀନ୍ଦ୍ରନାଥ ମହାକୁଡ଼)

ସୋପଭା ଟ୍ରଷ୍ଟ ପକ୍ଷରୁ କେଶ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ୟାନ୍ସର ପୀଡ଼ିତଙ୍କ ଉଦ୍ଦେଶ୍ୟରେ 'କେଶ ଥିଲେ ଦିଅନ୍ତୁ, କେଶ ନ ଥିଲେ କେଶୀ ନିଅନ୍ତୁ' ଅଭିଯାନରେ କ୍ୟାନ୍ସର ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି ଶିବିରରେ ଗୀତା ବିଶ୍ୱାସ, ସୁସ୍ମିତା ପାତ୍ର, ବିସ୍ମିତା ଜେନା, ଲମ୍ବୋଦର ମଲ୍ଲିକ, ଦିବ୍ୟପ୍ରଭା ନନ୍ଦ, ଅନ୍ୟା ଶର୍ମା, ହରପ୍ରିୟା ନାୟକ ପ୍ରମୁଖ କେଶ ଦାନ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ଜଣେ କ୍ୟାନ୍ସର ପୀଡ଼ିତାଙ୍କୁ ବିଗ୍ ତଥା କେଶୀ ବିନାମୂଲ୍ୟରେ ଉପହାରସ୍ୱରୂପ ପ୍ରଦାନ କରାଯାଉଛି।

### ଟାଏକୋଣ୍ଡୋ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ଦେବ ଓମ୍‌ଫେଡ୍

ଭୁବନେଶ୍ୱର,୬।୨ (ଅନୁରାଧା ମହାରଣା)

ଓପନ୍ ଇଣ୍ଟରନାଶନାଲ ଫୁଜେଇରାହ ଜି-୨ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଯୋଗଦେବାକୁ ଭାରତୀୟ ଦଳରେ ଓଡ଼ିଶାର ୫ ଜଣିଆ ଟିମ୍ ଗୁରୁବାର ୟୁଏଇ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗର ୫୮ କେଜିରୁ କମ୍ ବର୍ଗରେ ଜଗନ୍ନାଥ ବେହେରା, ୫୪ କେଜିରୁ କମ୍ ବର୍ଗରେ ସାହିଲ ସୌରଭ ସିଂ, ୫୭ କେଜିରୁ କମ୍ ବର୍ଗରେ ଆହନ ୱାଶିମ ନାୟାର ଓ ୪୯ କେଜିରୁ କମ୍ ବାଳକ ବର୍ଗରେ ବଳରାଜ ସିଂ ଅଂଶଗ୍ରହଣ କରିବେ। ଏହି ଅବସରରେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଓଡ଼ିଶା ଟାଏକୋଣ୍ଡୋ ଟିମ୍‌ର ଆନ୍ତର୍ଜାତିକ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଛନ୍ତି। ଆଗକୁ କିପରି ଓଡ଼ିଶାରେ ଟାଏକୋଣ୍ଡୋ କ୍ରୀଡ଼ାରୁ ଅଧିକରୁ ଅଧିକ କ୍ରୀଡ଼ାବିତ୍ ବିଶ୍ୱ ର୍‍ୟାଙ୍କିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶ ଲାଗି ଗୌରବ ଆଣିବେ ସେଥିପାଇଁ ଓମ୍‌ଫେଡ୍ ପକ୍ଷରୁ ସହଯୋଗ ଯୋଗାଇଦେବାକୁ କୁଲାଙ୍ଗେ ପ୍ରତିଶ୍ରୁତି ଦେଇଛନ୍ତି। ଓମ୍‌ଫେଡ୍ ପକ୍ଷରୁ ରାଜ୍ୟର କ୍ରୀଡ଼ାବିତ୍‌ଙ୍କ ଉନ୍ନତି ଲାଗି ପଦକ୍ଷେପ ନିଆଯିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଟାଏକୋଣ୍ଡୋ ସଂଘ ଜରିଆରେ କ୍ରୀଡ଼ାବିତ୍‌ମାନେ ଏସିଆନ ଗେମ୍ସ, ଏସିଆନ ଚାମ୍ପିୟନଶିପ୍ସ, ଅଲିମ୍ପିକ୍ସ ଏବଂ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଉଛନ୍ତି ବୋଲି ଏହାର ସମ୍ପାଦକ ଚିନ୍ମୟ ବେହେରା କହିଛନ୍ତି।

# ପ୍ଲାଷ୍ଟିକ ବଟଲିଂ କ୍ୟାପ୍ ଯୋଗାଇବା ନାଁରେ ୯ଲକ୍ଷ ଠକେଇ, ୨ ଗିରଫ

ଖୋର୍ଦ୍ଧା,୬।୨ (ପ୍ରଭାତ ପାଣିଗ୍ରାହୀ)


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ହୋଇଥିବା ସାମଗ୍ରୀ।

ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ ଖୋଲି ନିଜକୁ ଏକ ବ୍ରାଣ୍ଡ କମ୍ପାନୀର ପରିଚୟ ଦେଇ ୯.୭୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଗ୍ରାର ଅରସଦ ସିଦ୍ଦିକ(୨୫) ଏବଂ ଉତ୍ତରପ୍ରଦେଶ ଗାଜିଆବାଦ ଜିଲା ଖୋଡ଼ା ଥାନା ଅଧୀନ ନବନିତବିହାର ଅଞ୍ଚଳର ଆଦିତ୍ୟ ଗୋଏଲ(୩୯)। ଅଭିଯୁକ୍ତଙ୍କଠାରୁ ୧୧ମୋବାଇଲ ଫୋନ, ୭ ବ୍ୟାଙ୍କ ପାସବୁକ, ୬ଟି ଚେକ୍‌ବୁକ, ୧୨ ଏଟିଏମ୍ କାର୍ଡ, ୮ଟି ସିମକାର୍ଡ, ନକଲି ଜିଏସ୍‌ଟି ଡକ୍ୟୁମେଣ୍ଟ, ଗୋଟିଏ ହାର୍ଡଡିସ୍କ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୮/୨୪) ରୁଜୁ ହୋଇଛି।

ସୂଚନା ମୁତାବକ, ଅଭିଯୋଗକାରୀ ମୁକୁନ୍ଦପ୍ରସାଦର ଗୌତମ ସାମନ୍ତରାୟ ଶିଳ୍ପାଞ୍ଚଳରେ ଏକ ପ୍ଲାଷ୍ଟିକ ବଟଲିଂ କ୍ୟାପ୍ ପ୍ଲାଣ୍ଟ କରିଛନ୍ତି। ସେ ଇଣ୍ଡିଆମାର୍ଟ ୱେବସାଇଟ ଯାଞ୍ଚ କରୁଥିଲେ। ଏହି ସମୟରେ ନିଜକୁ ନିଶାନ୍ତ ମୋଲଡିଂ ପ୍ରା.ଲିମିଟେଡ ବାଙ୍ଗାଲୋର କର୍ମଚାରୀ ବୋଲି ପରିଚୟ ଦେଇ କିଛି ନକଲି ପରିଚୟପତ୍ର ପଠାଇ ଅଭିଯୁକ୍ତ ଉକ୍ତ କମ୍ପାନୀର ମାର୍କେଟିଂ ହେଡ କହି କିଛି ସାମ୍ପଲ ପଠାଇଥିଲେ। ଅଭିଯୋଗକାରୀ ସାମନ୍ତରାୟ ସେମାନଙ୍କ କଥାରେ ରାଜି ହୋଇ ଏଗ୍ରିମେଣ୍ଟ ମୁତାବକ ୧୩ଟି କିସ୍ତିରେ ୯,୭୪,୪୪୮ ଟଙ୍କା ପଠାଇଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କ ନିକଟରେ ସାମଗ୍ରୀ ନ ପହଞ୍ଚିବାରୁ ସେ ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ କୌଣସି ଉତ୍ତର ପାଇ ନ ଥିଲେ। ଅଭିଯୋଗକାରୀ ଯୋଗାଯୋଗ ପରେ ଅଭିଯୁକ୍ତ ଅଗ୍ରାହ୍ୟ କରିଥିଲେ। ଅଭିଯୁକ୍ତ ବ୍ୟବହାର କରୁଥିବା ସିମକାର୍ଡ ନମ୍ବର ଏକାଧିକଙ୍କ ନାମ, ଠିକଣାରେ ଥିବା ଜଣାପଡିଥିଲା। ଏନେଇ ଅଭିଯୋଗକାରୀ ଶିଳ୍ପାଞ୍ଚଳ ଥାନାରେ ୨୦୨୪ ନଭେମ୍ବର ୧୧ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଅଭିଯୋଗକାରୀଙ୍କ ତଥ୍ୟ ପ୍ରକାରେ ମୋବାଇଲ ସିମକାର୍ଡ ଟ୍ରାକ କରିଥିଲେ। ଏହି ସମୟରେ ଗାଜିଆବାଦରୁ ଟ୍ରାକ୍ କରିବାରେ ସକ୍ଷମ ହୋଇଥିଲେ। ଆଇଆଇସି ଗାୟତ୍ରୀ ମିଶ୍ର ଏହାର ତଦନ୍ତ ଦାୟିତ୍ୱ ନେଇଥିଲେ। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଅଭିଯୁକ୍ତଙ୍କୁ ଗାଜିଆବାଦରୁ ଧରିଥିଲା। ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲେ। ସେମାନଙ୍କୁ ଥାନକୁ ଆଣି ପଚରାଉଚୁରା ବେଳେ ଅଭିଯୁକ୍ତ ଆଦିତ୍ୟ ଜଣେ ଠକ ଏବଂ ଏ ଦିଗରେ ସେ ୭ବର୍ଷ ହେବ କାର୍ଯ୍ୟ କରୁଥିବା ଏବଂ ବ୍ୟବହାର କରୁଥିବା ମୋବାଇଲ, ସିମକାର୍ଡ ନକଲି ବୋଲି ଜଣାପଡିଥିଲା। ଆଦିତ୍ୟ ଅନ୍ୟତମ ଅଭିଯୁକ୍ତ ଅରସଦଙ୍କ ସହ ମିଶି ନକଲି କମ୍ପାନୀ, ଆକାଉଣ୍ଟ ଖୋଲି ଲୋକଙ୍କୁ ଠକୁଥିଲେ ବୋଲି ପୋଲିସ କହିଛି।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା


ନିପୁଣ ଓଡ଼ିଶା ମେଳାରେ ଯୋଗଦେଇଥିବା ଅତିଥିମାନେ।

ଖୋର୍ଦ୍ଧା,୬।୨ (ପ୍ରଭାତ ପାଣିଗ୍ରାହୀ)

ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂ ମୁଖ୍ୟ ଅତିଥି, ସମିତିସଭ୍ୟ ଇଂ. ଦ୍ୱାରିକାନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଜପୁର କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୨୫୦ଜଣ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନାତ୍ମକ କାର୍ଯ୍ୟକଳାପ ସହ ଷ୍କୁଲ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପିଲାମାନେ ନୃତ୍ୟାଭିନୟରେ ନିପୁଣ ଓଡ଼ିଶା ପରିବେଷଣ କରିବା ସହିତ କୁଇଜ୍ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ହେମନ୍ତ କୁମାର ସାହୁ, ନବ କିଶୋର ଦାସ, ବିଶ୍ୱରଞ୍ଜନ ସେଠୀ, ପ୍ରହ୍ଲାଦ ମହାରଣା, ବାମଦେବ ପାଇକରାୟ, ମଙ୍ଗୁଳି ଚରଣ ନିଶଙ୍କ, ପ୍ରଦ୍ୟୁମ୍ନ ମିଶ୍ର, ସୁଜାତା ପ୍ରିୟମ୍ବଦା ପ୍ରମୁଖ ସହଯୋଗ କରିଥିଲେ। ଅଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ ଧନ୍ୟବାଦ ଦେଇଥିଲେ।

କାଇପଦର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା କାଇପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜୟ କୁମାର ଅରିସଲ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଜନୀ ରାଉତରାୟ, ଭିକାରୀ ଚରଣ ବଳିୟାରସିଂ, ଶିକ୍ଷକ ବେଣୁଧର ମହାପାତ୍ର, ଅଗାଧୁ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ୭ଟି ବିଦ୍ୟାଳୟରୁ ୧୨୦ ଛାତ୍ରୀଛାତ୍ରଙ୍କ ସମେତ ୭୦ଜଣ ଅଭିଭାବକ ଏବଂ ୪ଜଣ ପଞ୍ଚାୟତିରାଜ ସଭ୍ୟାସଭ୍ୟ ଉପସ୍ଥିତ ରହି ପିଲାଙ୍କ ନିମନ୍ତେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ସମସ୍ତ ଦକ୍ଷତା ୨୦୨୬-୨୭ ମସିହା ଭିତରେ କିପରି ହାସଲ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ମେଳା ସଫଳ କରିବାରେ ଶିକ୍ଷକ ଓ ମାତାପିତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଛି। ପ୍ରଧାନ ଶିକ୍ଷକ ନବ କିଶୋର ମଲ୍ଲିକ ସଭା ପରିଚାଳନା କରିଥିବାବେଳେ ସିଆର୍‌ସିସି ବାଗେଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ


ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟା

ଟାଙ୍ଗୀ,୬।୨ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଟାଙ୍ଗୀ ବାଇପାସ୍ ନିକଟ ରାଧାକ୍ରିଷ୍ଣ ଭିଲ୍ଲା ପରିସରରେ ଅନୁଷ୍ଠିତ ତୃତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ଗଞ୍ଜାମର ଓଡ଼ିଶୀ ନୃତ୍ୟମ, କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ଟାଙ୍ଗୀର ହିଲଟପ୍ ଗ୍ଲୋବାଲ ସ୍କୁଲ, ଚାନ୍ଦପୁର ଅଞ୍ଚଳର ରିଦିମ ଡ୍ୟାନ୍ସ ଏକାଡେମୀ ଓ ମଦରଷ୍ଟାର ସ୍କୁଲ, ବାଲୁଗାଁ-ବାଣପୁରର ମା' ଭଗବତୀ କଳା ନିକେତନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରଣପୁର ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବେହେରା, ଟାଙ୍ଗୀ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ରିସ୍ନା ମାନ୍ଧାତା ଅତିଥିଭାବେ ଯୋଗଦେଇଥିଲେ। ସଂଘର ସହ ସମ୍ପାଦକ ବିକ୍ରମ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏହି ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କୋଷାଧକ୍ଷ ଦାମୋଦର ସାହୁ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଫାର୍ମାଶିଷ୍ଟ ଶକ୍ତିନାଥ ତରେଇ, ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ବିଶିଷ୍ଟ ବ୍ୟବସାୟୀ ଦେବ ପ୍ରସାଦ ସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ରାଜ୍ୟ, କେନ୍ଦ୍ରସ୍ତରରେ ଉଦ୍ୟମିତା ଆୟୋଗ ଗଠନ ହେଉ'

ଭୁବନେଶ୍ୱର,୬।୨ (ସୌମ୍ୟରଞ୍ଜନ ରାଉତ)

ସ୍ୱଦେଶୀ ଜାଗରଣ ମଞ୍ଚ ଓଡ଼ିଶା ପକ୍ଷରୁ ଦୀର୍ଘ ତିନିବର୍ଷ ହେବ ସ୍ୱାବଲମ୍ବୀ ଭାରତ ଅଭିଯାନ ମାଧ୍ୟମରେ ବିଭିନ୍ନ ସ୍କୁଲ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ୧ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଉଦ୍ୟମିତା ପ୍ରୋତ୍ସାହନ ଦିଆଯିବା ସହ ୫ଶହରୁ ଅଧିକ ଉଦ୍ୟମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ ସ୍ୱଦେଶୀ ଜାଗରଣ ମଞ୍ଚର ଡିଜିଟାଲ ହସ୍ତାକ୍ଷର ମାଧ୍ୟମରେ ୩ଟି ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ପ୍ରଥମରେ ଯୁବକଙ୍କ ପାଇଁ ଗୁଣବତ୍ତାପୂର୍ଣ୍ଣ ରୋଜଗାର ପ୍ରଦାନ, ଦ୍ୱିତୀୟରେ ସବୁ ଘରେ ସ୍ୱଦେଶୀକୁ ଗୁରୁତ୍ୱ ଏବଂ ତୃତୀୟରେ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମିତା ଆୟୋଗ ଗଠନ କରନ୍ତୁ ବୋଲି ମଞ୍ଚର ରାଷ୍ଟ୍ରୀୟ ସହସଂଗଠକ ସତୀଶ୍ ଜୀ କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ରାଜ୍ୟରେ ଯୁବକମାନଙ୍କୁ ଗୁଣବତ୍ତାପୂର୍ଣ୍ଣ ରୋଜଗାର ନେଇ ଆଲୋଚନା କରିଥିଲେ। ଓଡ଼ିଶାରେ ଉଦ୍ୟମିତା ଆୟୋଗ ଗଠନ ପାଇଁ ପ୍ରସ୍ତାବ ଦିଆଯିବ। ଯୁବଗୋଷ୍ଠୀଙ୍କୁ ଉଦ୍ୟମୀ କରିବା ପାଇଁ ସରକାରଙ୍କ ପକ୍ଷରୁ ୧୫ ବର୍ଷରୁ ବିଦ୍ୟାର୍ଥୀଙ୍କ ପାଇଁ ବାଧ୍ୟତାମୂଳକ ହେବ। ଏଥିସହ ୩୦ ଦିନର ପ୍ରଶିକ୍ଷଣ ବ୍ୟବସ୍ଥା ରହିବ। ବିଦ୍ୟାର୍ଥୀଙ୍କ ପାଠ ସରିବା ପରେ ସେମାନେ ଆଉ ଚାକିରି ପଛରେ ନ ଦୌଡ଼ି ବ୍ୟବସାୟ କିମ୍ବା ଷ୍ଟାର୍ଟଅପ୍ ଜରିଆରେ ସ୍ୱାବଲମ୍ବୀ ହୋଇପାରିବେ।

# ସରକାରୀ ଜାଗାରୁ ଜବରଦଖଲ ହଟାଇବାକୁ ଦାବି

## ସିକୋ ପଞ୍ଚାୟତ

ବେଗୁନିଆ,୬।୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ପଞ୍ଚାୟତର ବିଭିନ୍ନ ଗ୍ରାମରେ କେତେକ ସରକାରୀ ଜମି ଜବରଦଖଲରେ ରହିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଞ୍ଚାୟତର ସିକୋ, ବେଲପଡା, ଚନ୍ଦ୍ରଶେଖରପୁର ଏବଂ ଏକଡାଳିଆ ମୌଜାରେ ଥିବା ସରକାରୀ, ଗୋଚର, ଅନାବାଦି ଏବଂ ଶ୍ମଶାନ ଜାଗାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଥିବାରୁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପଞ୍ଚାୟତର କେଉଁ ଗ୍ରାମରେ କେତେ ସରକାରୀ ଜାଗା ଜବରଦଖଲରେ ରହିଛି ଏବଂ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି, ସେ ସଂକ୍ରାନ୍ତରେ ତଥ୍ୟ ପାଇବା ପାଇଁ ସିକୋ ଗ୍ରାମର ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ଅନ୍ୟପଟେ ସରକାରୀ ଜାଗାରୁ ପ୍ରଶାସନ ତୁରନ୍ତ ଜବରଦଖଲ ହଟାଇବା ପାଇଁ ଯୋଗେଶ୍ୱର ଛୋଟରାୟ, ଉଦ୍ୟନାଥ ସାମନ୍ତରାୟ, ଭରତ ବରାଡ଼, ସନ୍ତୋଷ ପ୍ରଧାନ, ମାନସ ସୁବୁଦ୍ଧି, ସାଧୁଚରଣ ଚମ୍ପତି, ଅଜୟ ସାମନ୍ତରାୟ, ଟୁକୁନା ଛୋଟରାୟ, ଅଜୟ ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ୧୦ରେ ଆନ୍ଦୋଳନକୁ ଓହ୍ଲାଇବେ ୬୬୨ବର୍ଗ ଅଣଶିକ୍ଷକ କର୍ମଚାରୀ ସଂଘ

ଭୁବନେଶ୍ୱର,୬।୨ (ସୁଚିସ୍ମିତା ସାହୁ)

ଓଡିଶାର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ (୬୬୨ବର୍ଗ)କୁ ସରକାରୀ ଅନୁଦାନ ପ୍ରଦାନ କରାଯାଉ। ୧୯୯୪ ଶିକ୍ଷାନୀତିକୁ ରଦ୍ଦ କରି ୧୯୭୭ ଶିକ୍ଷାନୀତି ଲାଗୁ କରାଯାଉ। ସେହିପରି ୦୧.୦୬.୧୯୯୮ ପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଏହି ଅନୁଦାନରେ ଅନ୍ତର୍ଭୁକ୍ତ କରା ନ ଗଲେ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ଗାନ୍ଧିମାର୍ଗରେ ଆନ୍ଦୋଳନ ହେବ। ବେସରକାର ଅନୁଦାନ ଓ ଅଣଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ +୨, +୩ ଓଡ଼ିଶା ପକ୍ଷରୁ ବୁଧବାର ଅନୁଷ୍ଠିତ ବୈଠକରେ ସଂଘ ସଭାପତି ବନମାଳି ପଟ୍ଟନାୟକ ଏହି ଚେତାବନୀ ଦେଇଛନ୍ତି। ଏଥିଓହ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ, ପୂର୍ବତନ ଉଚ୍ଚଶିକ୍ଷା କମିଶନ ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦିଆଯାଇଛି। ୧୯୯୪ ଶିକ୍ଷାନୀତିକୁ ରଦ୍ଦ କରି ଶିକ୍ଷାନୀତି ୧୯୭୭ର ଧାରା ୧୯୮୨କୁ ଲାଗି କରି ଏ ସମସ୍ତ ପଦବୀକୁ ଅନୁଦାନ ଦେବା ପାଇଁ ଦାବି ଉପସ୍ଥାପନ କରାଯାଇଛି। କିରାଣୀ, ପିଅନ, ଲେଡି ଆଟେଣ୍ଡାଣ୍ଟ, ରାତ୍ର ଜଗୁଆଳ ଓ ଝାଡୁଦାରଙ୍କ ସମ୍ପର୍କରେ ପୂର୍ବ ସରକାର ଓ ବର୍ତ୍ତମାନର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସହିତ ଏସମ୍ପର୍କରେ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବାରୁ ସଂଘ କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ମା'ବାପା ହେଉଛନ୍ତି ଶିକ୍ଷାର୍ଥୀଙ୍କ ପ୍ରଥମ ଶିକ୍ଷକ

ବାଘମାରୀ,୬।୨ (ମିହିର ରଞ୍ଜନ ମହାପାତ୍ର)

କଞ୍ଚା ମାଟିକୁ ଯେପରି ଗଢ଼ିବା ସେମିତି ହେବ। କୁନି ପିଲାମାନଙ୍କୁ ଠିକ୍ ମାର୍ଗଦର୍ଶନ ଦେବା ଦାୟିତ୍ୱ କେବଳ ଶିକ୍ଷକଙ୍କର ନୁହେଁ, ପିତାମାତା ଏବଂ ଅଭିଭାବକଙ୍କର ଅମଧ ଦାୟିତ୍ୱ ରହିଛି ବୋଲି ବେଗୁନିଆ ବ୍ଲକ ଅନ୍ତର୍ଗତ କୋଟପଲ୍ଲା-ଓସ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଏହା କହିଛନ୍ତି। ଉତ୍ସବରେ ପ୍ରଧାନ ଶିକ୍ଷକ ବୁଧେଶ୍ୱର ବେହେରା ପୌରୋହିତ୍ୟ କରିଥିଲେ। ସରପଞ୍ଚ ଲତା ସେଠୀ, ସମିତିସଭ୍ୟ ଅଲେଖ ବେହେରା, ପରିଚାଳନା କମିଟି ଅଧକ୍ଷ ଚକ୍ରଧର ପଣ୍ଡା, ଶିକ୍ଷକ ଅଖିଳେଶ ମହାପାତ୍ର, ଭାଗବତ ନାୟକ, ପ୍ରମୋଦ ଲେଙ୍କା, କରୁଣାକର ଭୋଇ, ପ୍ରହ୍ଲାଦ ଲେଙ୍କା, ସନ୍ତୋଷ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଲୀଳାବତି ମହାପାତ୍ର, ସଞ୍ଜୁକ୍ତା ପଣ୍ଡା, ସସ୍ମିତା ସାହୁ, ସୁମିତ୍ରା ମହାରଣା, ସୁପ୍ରଭା ମହାରଣା, ଅନିରୁଦ୍ଧ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# 'କଠିନ ପରିଶ୍ରମ ସଫଳତାର ଚାବିକାଠି'

କୃଷ୍ଣପ୍ରସାଦ,୬।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ପଞ୍ଚାୟତ ପାରିକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାବିଂଶତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦୀପକ କୁମାର ଜେନା ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ବବି ସିଂହଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ଅତିଥିଭାବେ ପ୍ରସନ୍ନ କୁମାର ମହାନ୍ତି, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ସିଆର୍‌ସିସି ଦିଲୀପ କୁମାର ବିଶ୍ୱାଳ, ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ, କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଅମିୟ କୁମାର ନାୟକ, ଲକ୍ଷ୍ମଣ ଚନ୍ଦ୍ର ପ୍ରଧାନ, ଖୁକୁନୁ ଦଣ୍ଡସେଣା ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜ କିଶୋର ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସୁକାନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ଖେଳକୁଦ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଚିକିତ୍ସକ ଶ୍ୟାମ ସୁନ୍ଦର ନାୟକଙ୍କ ଦ୍ୱାରା ରଚିତ ଏବଂ ମାଷ୍ଟର ବିଜୟ କୁମାର ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଏକାଙ୍କିକା 'ସମୟ ନଇର ସୁଅ' ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମକଦ୍ଦମ ସିଂହ, ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପ୍ରଧାନ, ପ୍ରଦୀପ କୁମାର ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଏଏଚ୍‌ଏଲ୍ ସମ୍ପାଦକଙ୍କ ବିରୋଧରେ ଟଙ୍କା ହଡ଼ପ ଅଭିଯୋଗ

## ରେଜିଷ୍ଟ୍ରି ଡାକ ଯୋଗେ ଅଭିଯୋଗ କଲେ ୩୯ କର୍ମଚାରୀ

ଖୋର୍ଦ୍ଧା,୬।୨ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରାଣୀ ଚିକିତ୍ସା ସେବା(୧୯୬୨) ଯୋଜନାରେ ଅସୁସ୍ଥ ବୁଲା ପ୍ରାଣୀମାନଙ୍କ ଆପାତକାଳୀନ ସେବା କାର୍ଯ୍ୟ ଯୋଗାଉଥିବା ଆନିମଲ ହେଲ୍ପ ଲାଇନ(ଏଏଚ୍‌ଏଲ୍)ରେ ଟଙ୍କା ହଡ଼ପ୍ ଅଭିଯୋଗ ହୋଇଛି। ଏଠାରେ କାର୍ଯ୍ୟରତ ୩୯ଜଣ କର୍ମଚାରୀଙ୍କଠାରୁ ବେଆଇନ ଭାବେ ପ୍ରତି ମାସରେ ଦରମାର ୧୦ପ୍ରତିଶତ ଅର୍ଥ ଏଏଚ୍‌ଏଲ୍ ସମ୍ପାଦକ ନେଇ ଯାଉଛନ୍ତି। ତେଣୁ ସମ୍ପାଦକ ଜୀବନ ବଲ୍ଲଭ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ(ସିଭିଡିଓ) ଦେବୀଦତ୍ତ ମାଝୀଙ୍କୁ ରେଜିଷ୍ଟ୍ରି ଡାକରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ଏହାର ନକଲ କଟକସ୍ଥିତ ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ଓ ସେବା ନିର୍ଦ୍ଦେଶକ, ରାଜ୍ୟ ସରକାରଙ୍କ ପ୍ରାଣୀ କଲ୍ୟାଣ ବିଭାଗ ସଚିବଙ୍କ ସମେତ ଖୋର୍ଦ୍ଧା ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରେରଣ କରାଯାଇଛି। ୨୦୨୪ ଡିସେମ୍ବର ୨୪ରେ ଏହି ଅଭିଯୋଗ କରାଯାଇଥିବା ବେଳେ ଏଯାବତ୍ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଏଏଚ୍‌ଏଲ ସମ୍ପାଦକ ଦାସ ଅସୁସ୍ଥ ଓ ବୁଲା ଗୋରୁ, କୁକୁର ଆଦି ପ୍ରାଣୀଙ୍କୁ ଆପାତକାଳୀନ ପରିସ୍ଥିତିରେ ଚିକିତ୍ସା ସହିତ ଆନୁଷଙ୍ଗିକ ସେବା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରାଣୀ କଲ୍ୟାଣ ବିଭାଗ ସ୍ଥିତ ଖୋର୍ଦ୍ଧା ଜିଲା ସିଭିଡିଓ ଏବଂ ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କ ସହ ବୁଝାମଣା ସ୍ୱାକ୍ଷର କରିଛନ୍ତି। ଏହା ଅଧୀନରେ ଖୋର୍ଦ୍ଧା ଜିଲାର କଳାରାହାଙ୍ଗ, ଭୁବନେଶ୍ୱରସ୍ଥିତ ପାତ୍ରପଡ଼ା ଏବଂ ନୟାପଲ୍ଲୀରେ କାର୍ଯ୍ୟ କରୁଛି। ଏଥିରେ ୩୯ଜଣ ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି। ତେବେ ୨୦୨୨ ଏପ୍ରିଲ ୧ରୁ ୨୦୨୪ ନଭେମ୍ବର ୩୦ ପର୍ଯ୍ୟନ୍ତ ପ୍ରତି ମାସରେ ଦରମାରୁ ୧୦ପ୍ରତିଶତ ଟଙ୍କା କାଟି ଆକାଉଣ୍ଟ ପେ' କରାଯାଉଥିବା ନେଇ ଅଭିଯୋଗ ହୋଇଛି। ପିପୁଲ ଫର୍ ଆନିମଲ ସମ୍ପାଦକ ଏବଂ ତାଙ୍କ ଦ୍ୱାରା ପରିଚାଳିତ ସଙ୍ଗଠନ ବେଆଇନ ଭାବେ ଏହି ସରକାରୀ ଅର୍ଥ ତୋସାରପାତ କରୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଏହାକୁ କଳା ତାଲିକା ଭୁକ୍ତ କରାଯିବାକୁ ଦାବି ହୋଇଛି। ତେବେ ଏଭଳି ଅଭିଯୋଗକୁ ଏଏଚ୍‌ଏଲ୍ ସମ୍ପାଦକ ଦାସ ଖଣ୍ଡନ କରିଛନ୍ତି। ବେଆଇନ ଭାବେ ନୁହଁ ବରଂ ସାମାଜିକ ଅନୁଷ୍ଠାନ ୮୦ଜି ଆକ୍ଟରେ ସେମାନଙ୍କଠାରୁ କାର୍ଯ୍ୟରେ ଯୋଗଦାନ ଦିନଠାରୁ ଏକ ଚୁକ୍ତିନାମା କରାଯାଇ ଦରମାର ୧୦ପ୍ରତିଶତ ଅନୁଷ୍ଠାନ ସହଯୋଗ ପାଇଁ ନିଆଯାଉଛି। ଅଭିଯୋଗ ଆଣିଥିବା କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି। ଆହତ ପ୍ରାଣୀଙ୍କ ଠିକ୍ ଭାବେ ସେବା ଚିକିତ୍ସା କରୁ ନାହାନ୍ତି। ଏସମ୍ପର୍କରେ ସେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ଦାସ କହିଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ସିଭିଡିଓ ଦେବୀଦତ୍ତ ମାଝୀ କହିଛନ୍ତି, ଏଭଳି କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ। ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ। ଅନ୍ୟପଟେ ଅଭିଯୋଗକାରୀ ନାମ ଗୋପନ ରଖି କହିଛନ୍ତି, ଡାକ ଯୋଗେ ରେଜିଷ୍ଟ୍ରି ପୋଷ୍ଟରେ ଅଭିଯୋଗପତ୍ର ଦାଖଲ କରାଯାଇଛି। ଇତିମଧ୍ୟରେ ସମସ୍ତ ଅଭିଯୋଗ କପି ସମ୍ପୃକ୍ତ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚିଥିବା ଡାକର ରେଜିଷ୍ଟ୍ରି ଟ୍ରାକିଂରୁ ଜଣାପଡ଼ିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ୟୁଜିସି ଚିଠା ନିୟମାବଳୀ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ କରୁଛି: ବିଜେଡି

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଚିଠା ଅଧିନିୟମ-୨୦୨୫କୁ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବିରୋଧ କରାଯାଇଛି। ପ୍ରସ୍ତାବିତ ନିୟମାବଳୀ ସଂଘୀୟ, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଏବଂ ଭାରତରେ ଉଚ୍ଚଶିକ୍ଷାର ଗୁଣବତ୍ତା ପ୍ରତି ସିଧାସଳଖ ବିପଦ ସୃଷ୍ଟି କରୁଛି ବୋଲି ବିଜେଡି କହିଛି। ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର ଓ ଜାତୀୟ ମୁଖପାତ୍ର ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ ୟୁଜିସି ଚିଠା ନିୟମାବଳୀ ସମ୍ପର୍କରେ ଏଭଳି ମତ ରଖିଛନ୍ତି। ଏହି ସଂଶୋଧିତ ନିୟମ ଲାଗୁ ହେଲେ ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ କେନ୍ଦ୍ର ନିୟନ୍ତ୍ରଣକୁ ଆସିଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ କିମ୍ବା ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକା ସଙ୍କୁଚିତ ହେବ। ଏହି ଅଧିନିୟମ ଲାଗୁ ହେବା ପରେ ସମସ୍ତ କ୍ଷମତା କୁଳାଧିପତି ଅର୍ଥାତ୍ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳ କେନ୍ଦ୍ରିତ ହେବ। ଯାହା ସଂଘୀୟ ନୀତିକୁ କ୍ଷୁଣ୍ଣ କରୁଛି ବୋଲି ଦେବୀ କହିଛନ୍ତି। ଅନ୍ୟପଟେ ଅମର କହିଛନ୍ତି, କୁଳପତି ନିଯୁକ୍ତି ପ୍ରକ୍ରିୟାରେ ଯଦି କୌଣସି ରାଜ୍ୟ ସରକାରଙ୍କ ପ୍ରତିନିଧି ନରହିବେ, କେବଳ ବିଜ୍ଞାପନ ବାହାରିବ ଏବଂ ସେମାନେ ଶିକ୍ଷା ବ୍ୟତୀତ ଅନ୍ୟ କ୍ଷେତ୍ରରୁ ଆସିବେ। ତାହେଲେ ସଂଘୀୟ ସ୍ୱୟଂଶାସନ କେଉଁଠି ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଏହାକୁ ବିରୋଧ କରିଛନ୍ତି। ଏହି ଚିଠା ନିୟମାବଳୀକୁ ସଂଶୋଧନ କରା ନଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## ବିଜେଡି ଔଷଧ ବିକଳରେ ତାଟିଆ କାମୁଡୁଛି: ଭାଜପା

ୟୁଜିସିର ଚିଠା ଅଧିନିୟମ-୨୦୨୫କୁ ବିଜେଡି ପକ୍ଷରୁ ବିରୋଧ କରାଯାଇଥିବାବେଳେ ଭାଜପା ଏହାର ପାଲଟା ଜବାବ ଦେଇଛି। ରାଜ୍ୟରେ ପୂର୍ବ ବିଜେଡି ସରକାର ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ପ୍ରଣୟନ କରି ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତାକୁ ନଷ୍ଟ କରିବା ପାଇଁ ବଡ଼ ଷଡଯନ୍ତ୍ର କରିଥିଲେ ଏବଂ ଏହାକୁ ଶିକ୍ଷା ଜଗତ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ମହଲରୁ ତୀବ୍ର ବିରୋଧ କରାଯାଇଥିଲା। କିନ୍ତୁ ଏବେ ୟୁଜିସି ଡ୍ରାଫ୍ଟ -୨୦୨୫ ଉପରେ ବିଜେଡି ରାଜନୈତିକ ଫାଇଦା ଉଠାଇବା ପାଇଁ ଯେଉଁ ଅମୂଳକ ଯୁକ୍ତି ବାଢୁଛି ତାହା ନିନ୍ଦନୀୟ ବୋଲି ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି, ବିଜେଡି ପକ୍ଷରୁ ୟୁଜିସି ଗ୍ରାଣ୍ଟ କମିଶନ୍‌ର ଅଧ୍ୟକ୍ଷଙ୍କୁ ଯେଉଁ ଚିଠି ଲେଖାଯାଇଛି, ସେଥିରୁ ଲାଗୁଛି ବିଜେଡି ନେତା ୟୁଜିସିର ଉକ୍ତ ଡ୍ରାଫ୍ଟ ନିୟମାବଳୀକୁ ପଢିନାହାନ୍ତି। ରାଜ୍ୟପାଳଙ୍କୁ ଏକ ନିର୍ଦ୍ଦିଷ୍ଟ ଆଇନ ଅଧୀନରେ କୁଳାଧିପତି କରାଯାଇଥାଏ ଏବଂ ସେ ହିଁ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତି କରିବାର ନିୟମ ରହିଛି। ତେବେ ବିଜେଡି ପାଇଁ ଔଷଧ ବିକଳରେ ତାଟିଆ କାମୁଡି ଏଭଳି ତର୍କହୀନ ଯୁକ୍ତି ବାଢୁଛି ବୋଲି ସତ୍ୟବ୍ରତ କହିଛନ୍ତି।




ନିର୍ବାଚନ କମିଶନ(ଇସି)ଙ୍କ ମୃତ୍ୟୁ ଘଟିଛି, ତାଙ୍କ କଫିନ୍ ପାଇଁ ଧଳା କନା ପଠାଯିବା ଉଚିତ୍ ବୋଲି ସମାଜବାଦୀ ପାର୍ଟି(ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି। ଏହି ଅବସରରେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ଅଖିଳେଶଙ୍କ ସହ ସ୍ତ୍ରୀ ତଥା ଏମ୍‌ପି ଡିମ୍ପଲ ଯାଦବ ଏବଂ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ର.ନଂ. | ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧୮୯ | ୪୬୧ | ୫୯୫ | ଶାରଦ ଏକ | ହୃଷିକେଶ ମହାନ୍ତ, ପି: ବିଦୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୪୮୦ | ୦.୨୩୦ |
| ୧୯୦ | ୪୬୧ | ୧୧୪୭ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ପି: ବିଦୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୪୧୦ | ୦.୪୧୦ |
| ୧୯୧ | ୪୬୧ | ୧୧୬୭ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ପି: ବିଦୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୩୨୦ | ୦.୧୪୦ |
| ୧୯୨ | ୪୬୧ | ୧୧୬୯ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ପି: ବିଦୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୦୪୦ | ୦.୦୭୦ |
| ୧୯୩ | ୪୬୧ | ୧୧୬୫ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ପି: ବିଦୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୩୩୦ | ୦.୨୫୦ |
| ୧୯୪ | ୪୬୧ | ୫୪୪ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ପି: ବିଦୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୨୪୦ | ୦.୨୪୦ |
| ୧୯୫ | ୪୬୨ | ୧୪୬ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି: ରଘୁନାଥ ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ସ୍ୱା: ରଘୁନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୧୧୦ | ୦.୦୫୦ |
| ୧୯୬ | ୪୬୨ | ୧୬୯୦ | ଶାରଦ ତିନି | ହୃଷିକେଶ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି: ରଘୁନାଥ ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ସ୍ୱା: ରଘୁନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୧.୨୫୦ | ୦.୩୪୦ |
| ୧୯୭ | ୪୬୨ | ୧୬୯୩ | ଶାରଦ ଦୁଇ | ହୃଷିକେଶ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି: ରଘୁନାଥ ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ସ୍ୱା: ରଘୁନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୬୦୦ | ୦.୨୩୦ |
| ୧୯୮ | ୪୬୩/୧୫୪ | ୧୧୪୬ | ଶାରଦ ଦୁଇ | ଶଶଧର ମହାନ୍ତ, ପି: ଜଗବନ୍ଧୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ୦.୪୫୦ | ୦.୧୪୦ |
| ୧୯୯ | ୪୬୩/୩୨୧ | ୨୧୬୪/୪୦୩୯ | ଶାରଦ ତିନି | ଇନ୍ଦ୍ରମଣି ପାତ୍ର, ପି: ବିରଞ୍ଚି ପାତ୍ର, ଜା: ପାଣ, ବା: ସଂସାଇଲୋ | ୦.୦୮୦ | ୦.୦୮୦ |
| ୨୦୦ | ୪୬୩/୩୨୪ | ୧୩୩୧/୪୦୪୧ | ଶାରଦ ଦୁଇ | ପଙ୍କଜ କୁମାର ସେଠି, ପି: ଗୌରାଙ୍ଗ ଚରଣ ସେଠି, ଜା: ଧୋବା, ବା: ଦାନଗଦି, ଥା: ଯାଜପୁର ରୋଡ | ୦.୨୮୦ | ୦.୧୪୦ |
| ୨୦୧ | ୪୬୩/୩୫୭ | ୧୩୧୩/୪୧୭୬ | ଶାରଦ ଦୁଇ | ଜ୍ୟୋତ୍ସ୍ନାରାଣୀ ନାୟକ, ସ୍ୱା: ବସନ୍ତ କୁମାର ନାୟକ, ଜା: ଜ୍ୟୋତିଷ, ବା: କୁଆଁରମୁଣ୍ଡା, ପୋଷ୍ଟ- କୁଆଁରମୁଣ୍ଡା, ଥା- ବୀରମିତ୍ରପୁର, ଜି- ସୁନ୍ଦରଗଡ଼ | ୦.୦୬୦ | ୦.୦୬୦ |
| ୨୦୨ | ୪୬୩/୫୨ | ୫୯୦ | ଶାରଦ ଏକ | ଯୁଧିଷ୍ଠିର ମହାନ୍ତ, ପି: ଆନନ୍ଦ ମହାନ୍ତ, ଜା: କୁଡୁମି, ବା: ସଂସାଇଲୋ, ସାମିଲ ପାତ୍ରମରା | ୦.୨୪୦ | ୦.୦୮୦ |
| ୨୦୩ | ୪୬୩/୫୨ | ୫୪୫ | ଶାରଦ ଦୁଇ | ଯୁଧିଷ୍ଠିର ମହାନ୍ତ, ପି: ଆନନ୍ଦ ମହାନ୍ତ, ଜା: କୁଡୁମି, ବା: ସଂସାଇଲୋ, ସାମିଲ ପାତ୍ରମରା | ୦.୧୬୦ | ୦.୦୭୦ |
| ୨୦୪ | ୪୬୩/୭୦ | ୨୧୬୩ | ଶାରଦ ତିନି | ଭାଗିରଥି ପାତ୍ର, ପି: ଗୋପାଳ ପାତ୍ର, ଜା: ପାଣ, ବା: ନିଜଗାଁ | ୦.୧୮୦ | ୦.୧୮୦ |
| TOTAL | | | | | 134.080 | 59.590 |

ସ୍ୱା./- ଭୂ-ଅର୍ଜନ ଅଧିକାରୀ,
ଅନୁଗୋଳ-ଡୁବୁରି-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ, ଯାଜପୁର

OIPR-24163/14/0050/2425

# ମୁଖ୍ୟମନ୍ତ୍ରୀଙ୍କ ଭାଷଣବେଳେ ଲୋକଙ୍କୁ ଡାକିନେଲେ



ସଭା ଆରମ୍ଭ ସମୟର ଦୃଶ୍ୟ।



ମୁଖ୍ୟମନ୍ତ୍ରୀଙ୍କ ଭାଷଣ ସମୟର ଦୃଶ୍ୟ।

ହାଟଡ଼ିହୀ, ୬।୨(ଶୁଭକାନ୍ତ ନାୟକ)

ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଡିଓ ରଞ୍ଜନ କୁମାର ପରିଡ଼ା, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏମ୍‌ପି ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ବିପିଏମ ମଧୁସ୍ମିତା ଦାସ, ସୁଶାନ୍ତ ଜେନା, ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାସିନୀ ଏବଂ ଅନ୍ୟ ବ୍ଲକ୍ କର୍ମଚାରୀ, ଲୋକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ମାତ୍ର କାର୍ଯ୍ୟକ୍ରମରେ ଅଧିକାଂଶ ସରପଞ୍ଚ, ସମିତି ସଭ୍ୟ, ଅନ୍ୟ ଲୋକ ପ୍ରତିନିଧିମାନେ ଅନୁପସ୍ଥିତ ଥିଲେ। ଆନନ୍ଦପୁର ବିଜେଡି ବିଧାୟକ ଅଭିମନ୍ୟୁ ସେଠୀ ଅଳ୍ପ କିଛି ସମୟ ପାଇଁ ବୈଠକରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଭାଷଣ ଆରମ୍ଭ କରିବା ମାତ୍ରେ ବ୍ଲକ୍‌ର କିଛି କର୍ମଚାରୀ ଉପସ୍ଥିତ ମହିଳା ଏବଂ ପୁରୁଷ ଲୋକଙ୍କୁ ଭୋଜନ ନିମନ୍ତେ ଡାକିଥିଲେ। ଫଳରେ ଲୋକେ ଭୋଜନ କରିବାକୁ ଚାଲି ଯାଇଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ଅଧିକାଂଶ ନ ଥିଲେ। ଚେୟାର ଫାଙ୍କା ପଡିଥିଲା। କେବଳ ବିଡିଓ, ହାତ ଗଣତି ଲୋକ ପ୍ରତିନିଧି ଏବଂ ବ୍ଲକ୍ କର୍ମଚାରୀ ଆଗ ଧାଡିରେ ବସିଥିଲେ। ଲୋକମାନଙ୍କୁ ବିଡିଓ ବାରମ୍ବାର ବସିବାକୁ ଅନୁରୋଧ କରିଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ଏମ୍‌ପିଙ୍କ ପ୍ରତିନିଧି, ବିଡିଓ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ଏପରି ଦୃଶ୍ୟ ରାଜନୈତିକ ବାତାବରଣକୁ ଉଷ୍ମ କରିଛି। ନିଜ ଜିଲାରେ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ଜାଣିଶୁଣି କିଛି ବ୍ଲକ୍ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରରୋଚନାରେ ଚକ୍ରାନ୍ତ କରି ଏପରି କରିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଏଠାକୁ ନୂଆ ଭାବେ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ସମୟରେ କାହିଁକି ଲୋକମାନେ ଉଠିକି ପଳାଇଲେ ଠିକ ଭାବେ କହି ପାରିବିନି। ଘଟଣା ସମ୍ପର୍କରେ ବୁଝିଲେ ଯାହା କିଛି କହିହେବ।

# ଭାଜପାରେ ମିଶିଲେ ୨ ସରପଞ୍ଚଙ୍କ ସମେତ ବିଜେଡି ନେତା, କର୍ମୀ

ପୁରୁଣା ଭୁବନେଶ୍ୱର,୬।୨
(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ଅଧୀନ ଲିଙ୍ଗିପୁର ପଞ୍ଚାୟତର ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ବାଗୁଆଘାଇର ନାଏବ ସରପଞ୍ଚ ଗାୟତ୍ରୀ ବରାଳ, ସମିତିସଭ୍ୟା ରିଲା ଭଞ୍ଜ, ୱାର୍ଡମେମ୍ବର ପ୍ରଦୀପ୍ତ ସ୍ୱାଇଁ, ଶରତ ଭୋଇ, ବନ୍ଦନା ସାମନ୍ତରାୟଙ୍କ ସମେତ ବହୁ ବିଜେଡି କର୍ମୀ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ବାବୁ ସିଂ ଯୋଗଦେଇ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏକାମ୍ର ନିର୍ବାଚନମଣ୍ଡଳୀର ସାମଗ୍ରୀକ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ଏହି ମିଶ୍ରଣ ପର୍ବରେ ଗ୍ରାମୀଣ ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ସାହୁ, କବିରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




ବିଧାୟକ ବାବୁ ସିଂଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
## (ଭୂ-ଅର୍ଜନ ଉପ ବିଭାଗ)
## ଘୋଷଣା

ବିଜ୍ଞପ୍ତି ସଂଖ୍ୟା: **1808** ତାରିଖ: **16.11.2024** ଜିଲ୍ଲା: ସୁନ୍ଦରଗଡ଼

No.VII-12: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R, Act- 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ରାଇବେର୍ଣ୍ଣା, ଥାନା: ରାଜଗାଙ୍ଗପୁର, ତହସିଲ-ରାଜଗାଙ୍ଗପୁର, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ସୂଚୀତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଓସିଏଲ୍ ଇଣ୍ଡିଆ ଲିମିଟେଡ୍) ଖଣି ପ୍ରକଳ୍ପ ସମ୍ପ୍ରସାରଣ ନିମନ୍ତେ ଭୂମି-ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act- 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା - ୧୦୫୦, ତା୨୧।୧୨।୨୦୨୧ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା: ରାଇବେର୍ଣ୍ଣା, ଥାନା: ରାଜଗାଙ୍ଗପୁର, ତହସିଲ: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ସୁନ୍ଦରଗଡ଼ ତହସିଲ-ରାଜଗାଙ୍ଗପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରାଇବେର୍ଣ୍ଣା | ଗ୍ରାମାଞ୍ଚଳ | | | | | | |

**Full Land Schedule (Village- Raiberna)**

ମୌଜା-ରାଇବେର୍ଣ୍ଣା,ଥାନା-ରାଜଗାଙ୍ଗପୁର, ତହସିଲ- ରାଜଗାଙ୍ଗପୁର, ଜିଲ୍ଲା-ସୁନ୍ଦରଗଡ଼, ଓଡ଼ିଶା

| କ୍ର.ନଂ. | ଖତିୟାନର କ୍ରମିକ ନମ୍ବର | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ୍‌ର ନମ୍ବର | କିସମ | ପ୍ଲଟ୍‌ର ମୋଟ ରକବା (ଏ.ଡି) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏ.ଡି.) |
|---|---|---|---|---|---|---|
| ୦୧ | ୧୭ | ଆଗାପିତ ଖଡ଼ିଆ, ଏଡଓ୍ୱାର୍ଡ ଖଡ଼ିଆ, ଫ୍ରାନସିସ୍ ଖଡ଼ିଆ, ବେର୍ଣ୍ଣାଟ ଖଡ଼ିଆ, ହିଲିମିନା ଖଡ଼ିଆ, ପି:କାର୍ଲୁସ ଖଡ଼ିଆ, କ୍ଲେମେଣ୍ଟ ଖଡ଼ିଆ, ପି:ବାଣ୍ଟୁ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୁଙ୍ଗୁରୀଟୋଲା | ୧୯୦୧ ସ୍ଥ | ବାହାଲ ଅଣ ଜଳସେଚିତ | ୧.୧୪ | ୦.୭୧ |
| ୦୨ | ୨୨ | ଆନ୍ଦ୍ରିଆସ ଓରାମ, ଆଲବେଟ ଓରାମ, ପି:ଫ୍ରାନ୍‌ସିସ ଓରାମ, ଜା: ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ରମାବାହାଲ | ୧୯୩୩ ସ୍ଥ | ମାଳ ଅଣ ଜଳସେଚିତ | ୧.୩୭ | ୧.୧୩ |
| ୦୩ | ୨୬ | ଆଲରିସ ଲାକଡା, ପି:ସାମେଲ ଓରାମ, ଜା:ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ଥପାବେର୍ଣ୍ଣା | ୧୯୩୧ | ମାଳ ଅଣ ଜଳସେଚିତ | ୦.୨୭ | ୦.୨୭ |
| ୦୪ | ୨୮ | ଆଲଫନସ୍ ଖଡ଼ିଆ, ବେଞ୍ଜାମିନ ଖଡ଼ିଆ, ଲିବନୁସ ଖଡ଼ିଆ, ପି:ସିମନ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ରମାବାହାଲ | ୧୮୮୩ | ବାହାଲ ଅଣ ଜଳସେଚିତ | ୦.୯୦ | ୦.୯୦ |
| | | | ୧୯୧୩ | ମାଳ ଅଣ ଜଳସେଚିତ | ୦.୪୮ | ୦.୪୮ |
| | | | ୧୯୧୪ | ମାଳ ଅଣ ଜଳସେଚିତ | ୦.୨୨ | ୦.୨୨ |
| | | | ୧୯୧୬ | ମାଳ ଅଣ ଜଳସେଚିତ | ୦.୪୫ | ୦.୪୫ |
| | | | ୧୯୧୮ | ମାଳ ଅଣ ଜଳସେଚିତ | ୦.୭୫ | ୦.୭୫ |
| | | | ୧୯୧୯ | ମାଳ ଅଣ ଜଳସେଚିତ | ୦.୪୧ | ୦.୪୧ |
| ୦୫ | ୩୪ | ଆଲବିଶ ଖଡ଼ିଆ, ପି:ମିଖେଲ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ରମାବାହାଲ | ୧୯୦୦ ସ୍ଥ | ଗୋଡା | ୦.୪୫ | ୦.୦୮ |
| | | | ୧୯୦୯ ସ୍ଥ | ମାଳ ଅଣ ଜଳସେଚିତ | ୦.୬୫ | ୦.୫୩ |
| ୬ | ୬୦ | ଏଫ୍ରେମ ଓରାମ, ଆଲବିଶ ଓରାମ, ହେରମନ ଓରାମ, ସିମନ ଓରାମ, ମାତିଆସ ଓରାମ, ପି:ଯୋସେଫ ଓରାମ, ଡଲି ଓରାମ, ପୁନମ ଓରାମ, ଜେସି ଓରାମ, ପୁଷ୍ପିକା ଓରାମ, ପି:ସାମେଲ ଓରାମ, ଫ୍ଲୋରା ଓରାମ, ସ୍ୱା:ସାମେଲ ଓରାମ, ମିଖେଲ ଓରାମ, ମୋରିସ ଓରାମ, ପି:ନିକୋଦିନ ଓରାମ, ଇସ୍ତିଫାନ ଓରାମ, ପି: ଆମ୍ରୁସ ଓରାମ, ଜା:ଓରାମ, ବା:ନିଜଗାଁ | ୧୮୪୩ ସ୍ଥ | ମାଳ ଅଣ ଜଳସେଚିତ | ୨.୦୩ | ୦.୨୪ |
| ୭ | ୭୪ | କାରୁ ଓରାମ, ପି: ସାନ ସମରା ଓରାମ, ଜା:ଓରାମ, ବା:ନିଜଗାଁ ଟୋଲା ଆମ୍ବଘାଟ | ୧୮୬୪ | ମାଳ ଅଣ ଜଳସେଚିତ | ୧.୭୦ | ୧.୭୦ |
| ୮ | ୭୮ | କୁମର ନାଏକ, ପି:ଚରଣ ନାଏକ, ଜା:ଭୂୟାଁ, ବା:ଲାଇଙ୍ଗ କଲୋନୀ | ୧୮୭୯ | ବାହାଲ ଅଣ ଜଳସେଚିତ | ୩.୨୯ | ୩.୨୯ |
| ୯ | ୯୧ | ଗୋକୁଳ ରଣା, ପି:ଶୁଦ୍ର ରଣା, ଜା:କୁମ୍ଭାର, ବା:ଝଗରପୁର | ୧୮୭୬ | ବାହାଲ ଅଣ ଜଳସେଚିତ | ୧.୬୫ | ୧.୬୫ |
| ୧୦ | ୧୧୦ | ୟୁନାସ ଖଡିଆ, ପି:ଏତ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା: ନିଜଗାଁ, ଟୋଲା ରମାବାହାଲ | ୧୮୫୬ | ଗୋଡ଼ା | ୦.୦୯ | ୦.୦୯ |
| | | | ୧୮୮୪ | ବାହାଲ ଅଣ ଜଳସେଚିତ | ୦.୭୦ | ୦.୭୦ |
| | | | ୧୯୨୪ | ମାଳ ଅଣ ଜଳସେଚିତ | ୦.୫୦ | ୦.୫୦ |
| ୧୧ | ୧୧୮ | ଯୋନ ଖଡ଼ିଆ, ଦମନିକ ଖଡ଼ିଆ, ପି:ଜୁଲିୟୁସ ଖଡ଼ିଆ, ଜା: ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ଟୁଙ୍ଗୁରୀଟୋଲା | ୧୮୯୦ ସ୍ଥ | ବାହାଲ ଅଣ ଜଳସେଚିତ | ୧.୦୦ | ୦.୧୫ |
| ୧୨ | ୧୪୩ | ତିକୁସ ଖଡ଼ିଆ, ବେନେ ଖଡ଼ିଆ, ପି:ଇମିଲ ଖଡ଼ିଅ, ଜା: ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ରମାବାହାଲ | ୧୮୪୮ | ମାଳ ଅଣ ଜଳସେଚିତ | ୧.୦୪ | ୧.୦୪ |
| ୧୩ | ୧୫୭ | ଦେବେନ୍ଦ୍ର ଶେଖର ଦେଓ, ନରେନ୍ଦ୍ର ଶେଖର ଦେଓ, ରବୀନ୍ଦ୍ର ଶେଖର ଦେଓ, ପି: ଲାଲ ଗୋବର୍ଦ୍ଧନ ଶେଖର ଦେଓ, ଜା:କ୍ଷତ୍ରିୟ, ବା:ଲାଇଙ୍ଗ | ୧୮୮୦ | ବେର୍ଣ୍ଣା ଅଣ ଜଳସେଚିତ | ୦.୩୧ | ୦.୩୧ |
| ୧୪ | ୧୬୪ | ନିକୋଦିମ ଓରାମ, ପି:ମଙ୍ଗନୀ ଓରାମ, ଜା:ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ରମାବାହାଲ | ୧୮୬୭ | ଗୋଡ଼ା | ୨.୧୮ | ୨.୧୮ |
| ୧୫ | ୧୮୪ | ପାତ୍ରାସ ଲାକ୍ରା, ପି:ସାମେଲ ଲାକ୍ରା, ଜା:ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା-ଥୋପାବେର୍ଣ୍ଣା | ୧୯୨୯ ସ୍ଥ | ମାଳ ଅଣ ଜଳସେଚିତ | ୦.୪୪ | ୦.୨୯ |
| ୧୬ | ୨୦୩ | ପୁନେଇ ଓରାମ, ଲାସ୍କାରିଆ ଓରାମ, ପ୍ରଶ୍ୱଜିତ ଓରାମ, ପ୍ରଦୀପ ଓରାମ, ପି:କାରୁ ଓରାମ, କର୍ମୀ ଓରାମ, ସ୍ୱା:କାରୁ ଓରାମ, ଜା:ଓରାମ, ବା:ନିଜଗାଁ ଟୋଲା ଆମ୍ବଘାଟ | ୧୮୬୫ | ଗୋଡ଼ା | ୧.୧୫ | ୧.୧୫ |
| | | | ୧୮୬୮ | ମାଳ ଅଣ ଜଳସେଚିତ | ୨.୫୪ | ୨.୫୪ |
| ୧୭ | ୨୪୬ | ବିର୍ଷା ଓରାମ, ଫ୍ରାନ୍‌ସିସ୍ ଓରାମ, ପି:ଲୁଥୁରୁ ଓରାମ, ଜା:ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ଆମ୍ବଘାଟ | ୧୯୧୨ | ମାଳ ଅଣ ଜଳସେଚିତ | ୧.୦୦ | ୧.୦୦ |
| ୧୮ | ୨୫୦ | ବେନାଟ ଖଡ଼ିଆ, ପି:ବନ୍ଧୁ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ | ୧୮୪୫ | ମାଳ ଅଣ ଜଳସେଚିତ | ୦.୪୮ | ୦.୪୮ |
| | | | ୧୮୪୪ ସ୍ଥ | ମାଳ ଅଣ ଜଳସେଚିତ | ୧.୭୫ | ୦.୪୭ |
| | | | ୧୮୪୬ ସ୍ଥ | ଗୋଡା | ୧.୪୫ | ୦.୯୯ |
| | | | ୧୮୪୭ | ମାଳ ଅଣ ଜଳସେଚିତ | ୦.୫୦ | ୦.୫୦ |
| | | | ୧୯୧୧ | ମାଳ ଅଣ ଜଳସେଚିତ | ୧.୭୬ | ୧.୭୬ |
| ୧୯ | ୨୫୬ | ଭିକ୍ଟୋର ଲାକରା, ହିଲାରୁସ ଲାକରା, ନିକୋଲାସ ଲାକରା, ପି:ଆନ୍ତୋନି କିସାନ, ଜା:କିଶାନ, ବା:ଝଗରପୁର | ୧୮୭୦ | ମାଳ ଅଣ ଜଳସେଚିତ | ୧.୫୦ | ୧.୫୦ |
| | | | ୧୮୭୧ | ଗୋଡା | ୧.୨୯ | ୧.୨୯ |
| ୨୦ | ୨୬୩ | ମଙ୍ଗଳୀ କିଶାନ, ଧମୁ କିଶାନ, ପି:କେଶରୀ କିଶାନ, ଶୁଲିଆ କିଶାନ, ଶିଙ୍ଗ କିଶାନ, ପି:ବିର୍ଷା କିଶାନ, ପେଶା କିଶାନ, ମଙ୍ଗଳା କିଶାନ, ପି:ରାମ କିଶାନ, ମାଏକା କିଶାନ, ପି:ଜେଙ୍ଗା କିଶାନ, ଜା:କିଶାନ, ବା:ଝଗରପୁର | ୧୮୬୬ | ଗୋଡା | ୧.୦୪ | ୧.୦୪ |
| | | | ୧୮୬୯ | ମାଳ ଅଣ ଜଳସେଚିତ | ୦.୩୮ | ୦.୩୮ |
| | | | ୧୮୮୧ | ବେର୍ଣ୍ଣା ଅଣ ଜଳସେଚିତ | ୦.୧୬ | ୦.୧୬ |
| | | | ୧୮୭୪ | ବେର୍ଣ୍ଣା ଅଣ ଜଳସେଚିତ | ୦.୪୯ | ୦.୪୯ |
| | | | ୧୮୭୫ | ଗୋଡା | ୦.୫୭ | ୦.୫୭ |
| | | | ୧୮୭୨ | ମାଳ ଅଣ ଜଳସେଚିତ | ୪.୮୨ | ୪.୮୨ |
| ୨୧ | ୨୬୯ | ମନ ନାଏକ, ପି:ହିରାଧର ନାଏକ, ଜା:ଭୂୟାଁ, ବା:ନିଜଗାଁ | ୧୮୭୭ | ବେର୍ଣ୍ଣା ଅଣ ଜଳସେଚିତ | ୧.୦୦ | ୧.୦୦ |
| ୨୨ | ୨୭୧ | ମହାଦେବ ରଣା, ପି:ପରସୁ ରଣା, ଜା:କୁମ୍ଭାର, ବା:ନିଜଗାଁ | ୧୮୭୮ | ବାହାଲ ଅଣ ଜଳସେଚିତ | ୦.୫୦ | ୦.୫୦ |
| ୨୩ | ୨୭୩ | ମାଇକେଲ ଖଡ଼ିଅ, ପି:ପାତ୍ରାସ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ ବା:ନିଜଗାଁ ଟୋଲା ରମାବାହାଲ | ୧୮୫୩ ସ୍ଥ | ଗୋଡା | ୧.୪୩ | ୧.୨୭ |
| ୨୪ | ୨୮୨ | ମାନସିଦ ଓରାମ, ବୁଆସ ଓରାମ, ପି:ଇସ୍ତିଫାନ ଓରାମ, ଫୁଲରା ଓରାମ, ପି:ସାମେଲ ଓରାମ, ମାକଦାଲି ଓରାମ, ସ୍ୱା: ସାମେଲ ଓରାମ, ଯୋସେଫ ଓରାମ, ନିକୋଦିନ ଓରାମ, ପି:କୁନାସ ଓରାମ, ହାନା ଓରାମ, ଆଞ୍ଜେଲା ଓରାମ, ପି:ପାତ୍ରାସ ଓରାମ, ଟେଟି ଓରାମ, ସ୍ୱା:ପାତ୍ରାସ ଓରାମ, ମାନୁଏଲ ଓରାମ, ମାତିଆସ ଓରାମ, ସୁଲେମାନ ଓରାମ, ପି:ବରଗି ଓରାମ, ଜା: ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ରେଙ୍ଗାଲବାହାଲ | ୧୮୯୮/୨୬୮୬ ସ୍ଥ | ଗୋଡା | ୦.୫୭ | ୦.୦୫ |
| | | | ୧୯୦୫ | ଗୋଡା | ୧.୦୩ | ୧.୦୩ |
| | | | ୧୯୦୨ | ବେର୍ଣ୍ଣା ଅଣ ଜଳସେଚିତ | ୧.୬୭ | ୧.୬୭ |
| | | | ୧୯୦୩ | ବେର୍ଣ୍ଣା ଅଣ ଜଳସେଚିତ | ୦.୯୫ | ୦.୯୫ |
| | | | ୧୮୭୩ | ଗୋଡା | ୦.୩୮ | ୦.୩୮ |
| | | | ୧୯୦୪ | ମାଳ ଅଣ ଜଳସେଚିତ | ୦.୬୦ | ୦.୬୦ |
| | | | ୧୯୨୮ ସ୍ଥ | ମାଳ ଅଣ ଜଳସେଚିତ | ୧.୮୮ | ୧.୨୭ |
| | | | ୧୮୪୨ ସ୍ଥ | ମାଳ ଅଣ ଜଳସେଚିତ | ୧.୯୩ | ୦.୧୯ |
| | | | ୧୮୯୮ ସ୍ଥ | ଗୋଡା | ୦.୫୨ | ୦.୧୧ |
| | | | ୧୮୪୨/୨୬୯୩ | ମାଳ ଅଣ ଜଳସେଚିତ | ୦.୦୯ | ୦.୦୯ |
| ୨୫ | ୨୯୩ | ମାରିୟାନୁସ ଖଡ଼ିଆ, ଆନ୍ତୋନି ଖଡ଼ିଆ, ପି:ରିମିଶ ଖଡ଼ିଆ, ହେଲେନା ଖଡ଼ିଆ, ସ୍ୱା: ରିମିଶ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ, ଟୋଲା-ରମାବାହାଲ | ୧୮୮୬ | ବାହାଲ ଅଣ ଜଳସେଚିତ | ୦.୯୪ | ୦.୯୪ |
| | | | ୧୯୨୬ | ମାଳ ଅଣ ଜଳସେଚିତ | ୦.୬୨ | ୦.୬୨ |
| | | | ୧୯୨୨ | ମାଳ ଅଣ ଜଳସେଚିତ | ୦.୦୬ | ୦.୦୬ |
| | | | ୧୯୨୧ | ମାଳ ଅଣ ଜଳସେଚିତ | ୦.୨୦ | ୦.୨୦ |
| ୨୬ | ୨୯୬ | ମିଟୁ ବାହାଲା, ପି:ଲାଖୁ ବାହାଲା, ଜା:କିଶାନ ଖ୍ରୀଷ୍ଟୀୟାନ, ବା:ଝଗରପୁର | ୧୯୦୬ ସ୍ଥ | ମାଳ ଅଣ ଜଳସେଚିତ | ୧.୭୦ | ୧.୩୮ |
| ୨୭ | ୩୦୭ | ରବେଟ ଖଡ଼ିଆ, ମିଖାଏଲ ଖଡ଼ିଆ, ପି:ପୌଲୁସ ଖଡ଼ିଆ, ଟେରେସା ଖଡ଼ିଆ, ସ୍ୱା:ପୌଲୁସ ଖଡ଼ିଆ, ମାଙ୍ଗରା ଖଡ଼ିଆ, ପି:ଚୁମୁଲୁ ଖଡ଼ିଆ, ସୁଶୀଲ ଖଡ଼ିଆ, ପି:ନିକୋଲାସ ଖଡ଼ିଆ, କାରମେଲା ଖଡ଼ିଆ, ସ୍ୱା:ନିକୋଲାସ ଖଡ଼ିଆ, ରିମିସ ଖଡ଼ିଆ, ମାଥିଆସ ଖଡ଼ିଆ, ଥମାସ ଖଡ଼ିଆ, ପି:ରେତିଆ ସିଲାସ ଖଡ଼ିଆ, ୟୁଆକିମ ଖଡ଼ିଆ, ପି:ଲେୟୋଫ୍ରାନ ଖଡ଼ିଆ, ଲୋରା ଖଡ଼ିଆ, ସ୍ୱା: ଲେୟୋଫ୍ରାନ ଖଡ଼ିଆ, ମେରିଆସ୍ ଖଡ଼ିଆ, ପି:ଭଦ୍ର ଖଡ଼ିଆ, ତାନିସ ଖଡ଼ିଆ, ଭୀମସେନ ଖଡ଼ିଆ, କଲରା ଖଡ଼ିଆ, ଜେମସ ଖଡ଼ିଆ, ପି:କ୍ଲୁଏଲ ଖଡ଼ିଆ, ଡିବୁ ଖଡ଼ିଆ, କନ୍ଦା ଖଡିଆ, କିରଣ ଖଡିଆ, ପି:ଇଗ୍ନେସ ଖଡିଆ, ଫିଲୋ ଖଡ଼ିଆ, ସ୍ୱା:ଇଗ୍ନେସ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ଆମ୍ବଘାଟ | ୧୮୫୭ | ଗୋଡା | ୦.୩୧ | ୦.୩୧ |
| | | | ୧୮୬୨ | ବାହାଲ ଅଣ ଜଳସେଚିତ | ୦.୫୭ | ୦.୫୭ |
| | | | ୧୮୬୩ | ମାଳ ଅଣ ଜଳସେଚିତ | ୧.୩୦ | ୧.୩୦ |
| ୨୮ | ୩୧୦ | ରାଫେଲ ଖଡିଆ, ସାମୁଏଲ ଖଡ଼ିଆ, କ୍ଲାରା ଖଡ଼ିଆ, ପି:ଯୋହାନ ଖଡ଼ିଆ, ଜା:ଖ୍ରୀଷ୍ଟୀୟାନ ଖଡ଼ିଆ, ବା:ନିଜଗାଁ ଟୋଲା ରମାବାହାଲ | ୧୯୨୫ | ମାଳ ଅଣ ଜଳସେଚିତ | ୦.୮୭ | ୦.୮୭ |
| ୨୯ | ୩୧୫ | ରିମିସ୍ ଓରାମ, ଫିଲିପ ଓରାମ, ମନସିଦ ଓରାମ, ମାର୍ଥା ଓରାମ, ପି:କାଣ୍ଡେ ଓରାମ, ଜରଜ୍ ଓରାମ, ବିଜୟ ଓରାମ, କ୍ଲାସିୟୁସ ଓରାମ, ଆଥନାସ୍ ଓରାମ, ଜମରିତ ଓରାମ୍, ସିମନ ଓରାମ, ଏମ୍ରେନସିଆ ଓରାମ, ପି:ଗାବ୍ରେଲ ଓରାମ, ସିସିଲିଆ ଓରାମ, ସ୍ୱା:ଗାବ୍ରେଲ ଓରାମ, ଜା: ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ଆମ୍ବଘାଟ | ୧୯୧୫ | ମାଳ ଅଣ ଜଳସେଚିତ | ୦.୯୬ | ୦.୯୬ |
| | | | ୧୮୫୦ ସ୍ଥ | ବାହାଲ ଅଣ ଜଳସେଚିତ | ୧.୪୮ | ୦.୧୬ |
| | | | ୧୮୪୯ | ବେର୍ଣ୍ଣା ଅଣ ଜଳସେଚିତ | ୦.୫୦ | ୦.୫୦ |
| ୩୦ | ୩୩୮ | ଲାଜରୁସ ଖଡ଼ିଆ, ଲରେନ୍‌ସ ଖଡ଼ିଆ, ଜାକରିଆସ ଖଡ଼ିଆ, ଦାଉଦ ଖଡ଼ିଆ, ଲୁଇସ ଖଡ଼ିଆ, ପି:ଲୁକାସ ଖଡ଼ିଆ, କାଡିନା ଖଡ଼ିଆ, ସ୍ୱା:ଲୁକାସ ଖଡ଼ିଆ, ପିଟର ଖଡ଼ିଆ, ବାଲାସିୟୁସ ଖଡ଼ିଆ, ସିରିନୁସ ଖଡ଼ିଆ, ପି:ୟୁନାସ ଖଡ଼ିଆ, ଜା:ଖଡ଼ିଆ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ରମାବାହାଲ | ୧୮୮୨ | ବେର୍ଣ୍ଣା ଅଣ ଜଳସେଚିତ | ୦.୨୪ | ୦.୨୪ |
| | | | ୧୮୮୫ ସ୍ଥ | ବାହାଲ ଅଣ ଜଳସେଚିତ | ୦.୬୪ | ୦.୩୫ |
| | | | ୧୮୮୭ ସ୍ଥ | ବାହାଲ ଅଣ ଜଳସେଚିତ | ୦.୩୨ | ୦.୨୨ |
| | | | ୧୯୨୦ | ମାଳ ଅଣ ଜଳସେଚିତ | ୦.୨୪ | ୦.୨୪ |
| ୩୧ | ୩୪୨ | ଲୁଇସ ଖଡ଼ିଆ, ଦାନିଏଲ ଖଡ଼ିଆ, ପି:ୟୁଲିୟୁସ ଖଡିଆ, ରାଫେଲ ଖଡ଼ିଆ, ଯୋସେଫ ଖଡ଼ିଆ, ପି:ପାସ୍କାଲ ଖଡ଼ିଆ, ଜା: ଖ୍ରୀଷ୍ଟୀୟାନ ଖଡ଼ିଆ, ବା:ନିଜଗାଁ ଟୋଲା ରମାବାହାଲ | ୧୯୨୩ | ମାଳ ଅଣ ଜଳସେଚିତ | ୦.୩୪ | ୦.୩୪ |
| | | | ୧୮୮୮ ସ୍ଥ | ବାହାଲ ଅଣ ଜଳସେଚିତ | ୦.୬୪ | ୦.୪୬ |
| | | | ୧୯୧୭ | ମାଳ ଅଣ ଜଳସେଚିତ | ୦.୫୭ | ୦.୫୭ |
| ୩୨ | ୩୪୩ | ଲୁଇସ ଲାକ୍ରା, ପି:ସିମନ ଲାକ୍ରା, ଇଗ୍ନେସିଆ ଲାକ୍ରା, ସ୍ୱା:ସିମନ ଲାକ୍ରା, ଜା:ଓରାମ ଖ୍ରୀଷ୍ଟୀୟାନ, ବା:ନିଜଗାଁ ଟୋଲା ଥପାବେର୍ଣ୍ଣା | ୧୯୩୦ | ମାଳ ଅଣ ଜଳସେଚିତ | ୦.୩୨ | ୦.୩୨ |
| ୩୩ | ୩୬୦ | ସାମେଲ ଓରାମ, ଭୀମସେଣ୍ଟ ଓରାମ, ପି:ଯୋହାନ ଓରାମ, ଜା:ଓରାମ, ବା:ନିଜଗାଁ ଟୋଲା ଥୋପାବେର୍ଣ୍ଣା | ୧୯୩୨ | ମାଳ ଅଣ ଜଳସେଚିତ | ୦.୩୦ | ୦.୩୦ |
| ୩୪ | ୩୮୫ | ସୁଶୀଲ ଡୁଙ୍ଗଡୁଙ୍ଗ, ପି:ଥେଓଫିଲ ଡୁଙ୍ଗଡୁଙ୍ଗ, ଜା: ଖଡ଼ିଆ, ବା:ନିଜଗାଁ | ୧୯୧୦ ସ୍ଥ | ମାଳ ଅଣ ଜଳସେଚିତ | ୦.୬୩ | ୦.୫୭ |
| ମୋଟ ଖାତା | ୩୪ | | | | ମୋଟ | ୫୭.୮୦ |

ତଫସିଲ - ଖ
(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ସୁନ୍ଦରଗଡ଼ ତହସିଲ-ରାଜଗାଙ୍ଗପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:୨୧.୧୨.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ମନୋଜ ସତ୍ୟବାନ ମହାଜନ
ଜିଲ୍ଲାପାଳ, ସୁନ୍ଦରଗଡ଼

OIPR-24160/14/0013/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଲକ୍ଷ୍ମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁଲ୍ ଟ୍ରାଞ୍ଜାକ୍ସନ୍‌ରୁ ଯାଇଥିବା ୩୨ଲକ୍ଷ ଟଙ୍କା ନ ଫେରାଇ ୨ ଗିରଫ

ଭୁବନେଶ୍ୱର,୬।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁଲରେ ଚାଲିଯାଇଥିବା ଏକ କମ୍ପାନୀର ଟଙ୍କାକୁ ନ ଫେରାଇବା ମହଙ୍ଗା ପଡ଼ିଛି। ଭୁବନେଶ୍ୱର ସାଇବର ପୋଲିସ ଗତ ୩ତାରିଖରେ ଜଣେ ଯୁବତୀଙ୍କ ସମେତ ୨ଜଣଙ୍କୁ ମୁମ୍ବାଇରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମୁମ୍ବାଇର ମୁଲୁଣ୍ଡା ଥାନା ଅନ୍ତର୍ଗତ ମାଲବିର ହିଲ୍ ରୋଡ୍‌ର ନେହା ନରେଶ ମୋରେ ଓ ଅନ୍ୟ ଜଣେ ହେଲେ ଦରଘା ରୋଡ୍‌ର ପ୍ରଶାନ୍ତ ଶିବ ବାହାଦୁର ଯାଦବ। ଉଭୟଙ୍କଠାରୁ ୪ ଟି ମୋବାଇଲ ଫୋନ୍ ଜବତ ସହ ସେମାନଙ୍କ ଆକାଉଣ୍ଟରେ ଥିବା ୧୩ ଲକ୍ଷ ୨୮ ହଜାର ୪୧୩ ଟଙ୍କା ଫ୍ରିଜ କରାଯାଇଥିବା ସାଇବର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ମାମଲାରେ ଅଭିଯୁକ୍ତଦ୍ୱୟଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଆଣିବାକୁ ମୁମ୍ବାଇର ସ୍ଥାନୀୟ କୋର୍ଟରେ ସାଇବର ପୋଲିସ ଆବେଦନ କରିଥିଲା। ହେଲେ କୋର୍ଟ ପ୍ରଶାନ୍ତଙ୍କୁ ଜାମିନ ଦେଇଥିବାବେଳେ ନେହା ନରେଶଙ୍କୁ ନେବାକୁ ଅନୁମତି ଦେଇଥିଲେ। ଏହାପରେ ଭୁବନେଶ୍ୱର ସାଇବର ପୋଲିସ ନେହାଙ୍କୁ ଓଡିଶା ଆଣି ଗୁରୁବାର ଭୁବନେଶ୍ୱର କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ନେହାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷେ ନେହାଙ୍କ ନାମରେ ଏକ ବିଜ୍‌ନେସ୍ ଆକାଉଣ୍ଟ ଥିବାବେଳେ ପ୍ରଶାନ୍ତ ଏହାକୁ ପରିଚାଳନା କରୁଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ ଭୁବନେଶ୍ୱରସ୍ଥିତ ଫର୍ଟାଇସ କେମିକାଲ ପ୍ରାଇଭେଟ



ନେହା ନରେଶ ମୋରେ

## ମୁମ୍ବାଇରୁ ଗିରଫ କଲା ସାଇବର ପୋଲିସ

ଲିମିଟେଡ କମ୍ପାନୀ ପକ୍ଷରୁ ଏମ୍/ଏସ୍ ଆର୍ଯ୍ୟ ଲଜିଷ୍ଟିକ୍ ନାଁରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ୩୨ଲକ୍ଷ ୮୧ ହଜାର ୮୯୪ ଟଙ୍କାର ଭୁଲ ଟ୍ରାଞ୍ଜାକ୍ସନ୍ ହୋଇଥିଲା। ଏହାପରେ ଫର୍ଟାଇସ କେମିକାଲ ପ୍ରାଇଭେଟ ଲିମିଟେଡ କମ୍ପାନୀର ଜଣେ କର୍ମଚାରୀ ଆର୍ଯ୍ୟ ଲଜିଷ୍ଟିକ୍‌କୁ ଯୋଗାଯୋଗ କରିଥିଲେ। ହେଲେ ନେହା ଟଙ୍କା ଦେବାକୁ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମୋବାଇଲକୁ ବ୍ଲକ୍ କରି ଦେଇଥିଲେ । ପରେ ନେହା ସହଯୋଗୀ ପ୍ରଶାନ୍ତଙ୍କ ସହ ମିଶି ଟଙ୍କା ଉଠାଇଦେବା ସହ ଆଉ ଏକ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଏହାପରେ ଫର୍ଟାଇସ କେମିକାଲ ପ୍ରାଇଭେଟ କମ୍ପାନୀର ଜଣେ କର୍ମଚାରୀ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଏନ୍‌ଏସ୍‌ଏସ୍ ୩୫(୩)ରେ ନେହାଙ୍କ ନାଁରେ ନୋଟିସ୍ ଜାରି କରିଥିଲେ ମଧ୍ୟ ସେ ସ୍ଥାନୀୟ ଥାନାରେ ହାଜିର ହୋଇ ନ ଥିଲେ। ସେ ତାଙ୍କ ଘରୁ ଫେରାର ହୋଇଯାଇଥିଲେ। ସାଇବର ଥାନା ପୋଲିସ ଗତବର୍ଷ ଡିସେମ୍ବର ୨୦ରେ ଏକ ମାମଲା (ନଂ.୩୧୭/୨୦୨୪) ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

# ୩ କର୍ମଚାରୀଙ୍କ ହେଲା ପଲିଗ୍ରାଫ୍ ଟେଷ୍ଟ

ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ)

କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍ ୨/୨୯ ଘରୁ ଜାନୁଆରୀ ୨୫-୨୬ ବିଳମ୍ବିତ ରାତିରେ ଚୋରି ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖାପିନ୍ଧା ଚୋରଙ୍କୁ ପୋଲିସ ଧରିପାରିନାହିଁ। ତେବେ ତଦନ୍ତ ବେଳେ ନିରଞ୍ଜନଙ୍କ କିଛି କର୍ମଚାରୀଙ୍କ ଏଥିରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ତେଣୁ ସତ ଜାଣିବାକୁ ପୋଲିସ ପକ୍ଷରୁ ୩ ଜଣ କର୍ମଚାରୀଙ୍କ ପଲିଗ୍ରାଫ୍ ଟେଷ୍ଟ ହୋଇଛି।

## ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣା

୪ ଦିନ ପୂର୍ବରୁ ଷ୍ଟେଟ୍ ଫରେନସିକ୍ ସାଇନ୍ସ ଲାବୋରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)ରେ କର୍ମଚାରୀମାନଙ୍କ ଏହି ଟେଷ୍ଟ ଶେଷ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଭିଯୁକ୍ତ ଚୋର ଜଣଙ୍କ ଏକ ଅଟୋରେ ଆସିଥିଲେ ବୋଲି ମଧ୍ୟ ପୋଲିସ ଜାଣିବାକୁ ପାଇଛି। ଉଲ୍ଲେଖଯୋଗ୍ୟ, ଘରର ଦ୍ୱିତୀୟ ମହଲାରେ ଥିବା ବଡ଼ପୁଅ ଦେବଜ୍ୟୋତିଙ୍କ ବେଡ୍‌ରୁମ୍‌ରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ୨.୫ଲକ୍ଷ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ରହିଛି।

# ଜମିବାଡ଼ି ବିବାଦରୁ ହତ୍ୟା

ଖଜୁରିପଡ଼ା ୬।୨( ବିଦୁର ବେହେରା)

## ■ ଗାଡ଼ିଆପଡ଼ା ଘାଟିରୁ ଗଳିତ ମୃତଦେହ ଜବତ

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗାଡ଼ିଆପଡ଼ା ଘାଟିର ପ୍ରଥମ ବୁଲାଣିରୁ ଗୁରୁବାର ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ବ୍ରହ୍ମା ନନ୍ଦ ଥାଟିଙ୍କ ଉପସ୍ଥିତିରେ ଖଜୁରିପଡ଼ା, ବାଣିଗୋଛା ଓ ଗଣିଆ ଥାନା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମୃତକ ନୟାଗଡ଼ ଜିଲାର ଗଣିଆ ଥାନା ଅନ୍ତର୍ଗତ ଆଡ଼କଟା ପଞ୍ଚାୟତର ଉପର ହଦପଶି ଗ୍ରାମର ଚରଣ ବେହେରା(୫୦) ବୋଲି ଜଣାପଡ଼ିଛି। ଜମିବାଡ଼ି ବିବାଦରୁ ଚରଣଙ୍କୁ ହତ୍ୟା କରାଯାଇଥିବା ଗିରଫ ଅଭିଯୁକ୍ତ ପିଣ୍ଟୁ ବେହେରା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପିଣ୍ଟୁଙ୍କ ସହ ଆଉ କେଉଁମାନେ ଏଥିରେ ସାମିଲ ଅଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି ।

# ବାଲି ଉଠାଣକୁ ବିରୋଧ କରିବାରୁ ଯୁବକଙ୍କୁ ଛୁରାମାଡ଼

ବିଞ୍ଝାରପୁର,୬।୨(ରାମକୃଷ୍ଣ ଦାସ)

ବାଲି ଚୋରାଚାଲାଣକୁ କେନ୍ଦ୍ରକରି ବିଗତଦିନରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ମୁଣ୍ଡ ଗଡ଼ିଥିବାବେଳେ ଏବେ ଛୁରାମାଡ଼କୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ଖରସ୍ରୋତା ନଦୀରୁ ବେଆଇନ ବାଲି ଉଠାଣକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବ୍ୟକ୍ତି ହେଲେ ସୟଦପୁର ଗ୍ରାମର ସେକ୍ ସମସ ତବରେଜ। ତାଙ୍କ ପିଠି ଓ ହାତରେ ଗଭୀର ଆଘାତ ଲାଗିଛି।

ଅଭିଯୋଗ ମୁତାବକ, ବିଞ୍ଝାରପୁର ଥାନା ସୟଦପୁର ୨ ବାଲିଘାଟ ନିଲାମ ହୋଇ ନ ଥିବାବେଳେ ଏହି ଘାଟରୁ ବେଆଇନଭାବେ ସୟଦପୁର ପଞ୍ଚାୟତର କେତେଜଣ ବାଲିମାଫିଆ ଚୋରାରେ ବାଲି ଉଠାଣକରି ବିକ୍ରି କରୁଛନ୍ତି। ଏହାକୁ ତବରେଜ ବିରୋଧ କରିବାସହ ବୁଧବାର ପୂର୍ବାହ୍ନରେ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେ ସନ୍ଧ୍ୟାରେ ବଜାରକୁ ଆସିଥିଲାବେଳେ ସୟଦପୁର ପୁରୁଣା ହାଟ ନିକଟରେ ପଠନମହଲା ଗ୍ରାମର ସେକ୍ ବାସୋ, ସେକ ମନୋ, ସେକ ଅଯୋ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିବା ସହ ଛୁରାମାଡ଼ କରିଥିଲେ। ତବରେଜ ଜୀବନ ବଞ୍ଚାଇବାକୁ ଏକ ଦୋକାନରେ ପଶିଯାଇଥିଲେ। ଲୋକ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତମାନେ ପଳାଇଯାଇଥିଲେ। ଏନେଇ ରାତିରେ ତବରେଜ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁବ୍ରତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଉପରେ ଏକ ମାମଲା ନଂ.୫୫।୨୫ ରୁଜୁ କରାଯାଇ ତଦନ୍ତ କରାଯାଉଛି। ତଦନ୍ତ ପରେ ଅଭିଯୁକ୍ତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଆକ୍ରମଣର ଶିକାର ହୋଇଥିବା ସେକ୍ ସମସ ତବରେଜ।

# ହାତୁଡ଼ିରେ ପିଟି ମହିଳାଙ୍କୁ ହତ୍ୟା

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ୱାର୍ଡ ନଂ.୧୦ ମହାରାଜା ଗଳି ନିକଟସ୍ଥ ଏକ ଘରେ ବୁଧବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ହାତୁଡ଼ିରେ ପିଟି ସୁବାଷିନୀ ସେଠ୍(୫୩) ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ପୋଲିସ ଉକ୍ତ ଘଟଣାରେ ଅଭିଯୁକ୍ତ ରାମକୃଷ୍ଣ ସେଠ୍(୪୫)ଙ୍କୁ ଗିରଫକରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ହାତୁଡ଼ିକୁ ଜବତ କରିଛି। ଅଭିଯୁକ୍ତ ଜଣକ ମୃତା ମହିଳାଙ୍କ ସମ୍ପର୍କୀୟ ଭଣଜା ବୋଲି ଜଣାପଡ଼ିଛି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୫୭/୨୦୨୫) ରୁଜୁକରିଛି। ପାରିବାରିକ କଳହ ଯୋଗୁ ଉକ୍ତ ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗିରଫ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପୋଲିସ ଅଧିକ ପଚରାଉଚରା କରୁଛି। ହାତୁଡ଼ିରେ ପିଟି ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଛି ବୋଲି ପୋଲିସ କହିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲ କହିଛନ୍ତି।

ମୃତ ମହିଳାଙ୍କ ସହ ଗିରଫ ଅଭିଯୁକ୍ତ ଏକାଠି ରହି ଆସୁଥିଲେ। ତେବେ ଗୁରୁବାର ସକାଳୁ ମହିଳା ଜଣକ ଶୋଇଥିବା କୋଠରିରୁ ନ ବାହାରିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। କବାଟ ଖୋଲିବାରୁ ମହିଳାଙ୍କ ମୃତଦେହ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଥିଲା। ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ସ୍ଥାନୀୟ ଲୋକେ କହୁଛନ୍ତି।


# Classified Everyday
0674-2580101, 9692975378



REAL ESTATE

SALE

**3/4 BHK Two Stored building for sale at- Jagatpur, Cuttack- Ph No.- 7008321705.** D-2656

**11700 sqft. Gharabari land sale at Pitapalli, NH Side - 7008634668.** D-76234

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ)। Contact- 8917622925 D-2762

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772

**Ready to move 2BHK and 3BHK flat for sale near Anandabana at Kalinga Nagar. Contact: 9437309741.** D-2801

Modern 2BHK with covered car parking in Sector-9, CDA @ Rs.- 15000/-. Contact: 8249311472. D-2831

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828




**Space for rent- 7000 Sqft. area of space available for Office/ Commercial/ Hostel space behind Trident Engineering College, Infosys Square, Patia. Contact- 7008181478.** D-2813




Herbal full body massage by smart/ expert therapist. 8327740003, 7205178829. D-76413

Newly open health benefits spa by experience lady therapist. 8658088274. D-76191

Newly open Jyoti spa positively health benefits (Expert therapist). 8458067955. D-76192

**Full body massage experience, good looking therapist @999 (Bhubaneswar). 9078484455.** D-2815

Take wellness herbal full body relax massage by trend therapist. 7008773793. D-76193

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

ACCOMMODATION

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819

AFFIDAVIT

By virtue of an affidavit sworn before the Executive Magistrate, Puri, dated- 22.01.25 declare that my actual and correct name is Ramesh Chandra Sahu, S/o- Banamali Sahu, but in my RC book of Vehicle No- OR-13F-0484, my name is mentioned as Ramesh Chandra Sahoo, S/o- Banamali Sahoo. So both Ramesh Chandra Sahu, S/o- Banamali Sahu and Ramesh Chandra Sahoo, S/o- Banamali Sahoo is one and same person. D-2829

By virtue of an affidavit I, Gitanjali Swain, W/o- Sarat Chandra Swain, declare that myself Gitanjali Swain, W/o- Sarat Chandra Swain, recorded in Voter I Card bearing No.- IFL1778653 and Sabita Swain, W/o- Sarat Swain recorded in Aadhaar Card bearing No.- xxxxxxxx5788 is one and same person. D-2832

By virtue of an affidavit sworn before Executive Magistrate, Puri, dated 03 Feb. 2025, I Santosh Kumar Sahoo, corrected my daughter's name BAISNOVI SAHOO instead of BAISNVI SAHOO for all purposes. D-2820

By virtue of an affidavit sworn before the Notary Public, Bhawanipatna, dated 03.02.2025, I Abhimanyu Beshra, R/o. At.- Turkel, P.S.- Chahagaon, P.S.- Sadar Bhawanipatna, Dist.- Kalahandi, Odisha declare that I have changed my name from Abhimanyu Harijan to Abhimanyu Beshra. Henceforth I shall be known as Abhimanyu Beshra for all future purposes. Abhimanyu Beshra D-2833

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଲକରରୁ ମିଳିଲା ନଗଦ ୨ ଲକ୍ଷ ଟଙ୍କା, ଜମି ଦସ୍ତାବିଜ୍

## ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଘରେ ଚଢ଼ାଉ ଜାରି

■ ମହାଦୁର୍ନୀତିର ଗନ୍ଧ ବାରିଲା ଭିଜିଲାନ୍ସ

■ ଶ୍ରମିକଙ୍କ ନାଁରେ ସରକାରୀ ଅର୍ଥ ଆତ୍ମସାତ୍ କରୁଥିଲେ

ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ)- ମାଲକାନଗିରି ଜିଲା ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସାନ୍ତନୁ ମହାପାତ୍ରଙ୍କ ନିକଟରୁ ପୁଳା ପୁଳା ଟଙ୍କା ମିଳିବାରେ ଲାଗିଛି। ଏହି ଘଟଣାକୁ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ଚଢ଼ାଉ ଜାରି ରଖିଛି। ଶାନ୍ତନୁଙ୍କ ସମେତ ଅଫିସରେ କାମ କରୁଥିବା ୩ କର୍ମଚାରୀ ସ୍କାନରରେ ରହିଥିବାବେଳେ ଏଥିରେ ମହାଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ସମସ୍ତେ ମିଶି ଶ୍ରମିକଙ୍କ ନାଁରେ ବିଭିନ୍ନ ଯୋଜନାରେ ସରକାରୀ ଅର୍ଥ ଆତ୍ମସାତ୍ କରିଥିଲେ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଗୁରୁବାର ଚଢ଼ାଉର ଦ୍ୱିତୀୟ ଦିନରେ ଭୁବନେଶ୍ୱର କପିଳପ୍ରସାଦ ଏସ୍‌ବିଆଇ ବ୍ରାଞ୍ଚରେ ଶାନ୍ତନୁଙ୍କ ଏକ ଲକର୍ ଥିବା ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ତେଣୁ ଶାନ୍ତନୁଙ୍କୁ କୋରାପୁଟ ଭିଜିଲାନ୍ସ ଡିଭିଜନ୍ ଟିମ୍ ଭୁବନେଶ୍ୱର ଆଣି ଯାଞ୍ଚ କରିଥିଲା। ଶାନ୍ତନୁଙ୍କ ଏସ୍‌ବିଆଇ ଲକର୍ ଯାଞ୍ଚବେଳେ ନଗଦ ୨ଲକ୍ଷ ଟଙ୍କା, ବିକ୍ରି ଦଲିଲ (ସେଲ୍ ଡିଡ୍) ଓ ଜମି କାଗଜପତ୍ର ଜବତ ହୋଇଛି। ଲକରରୁ ମିଳିଥିବା ଟଙ୍କାକୁ ମିଶାଇ ଏଯାବତ ମିଳିଥିବା ଟଙ୍କା ୨ କୋଟି ୮ ଲକ୍ଷ ୯୨ ହଜାର ୮୫୦ରେ ପହଞ୍ଚିଛି। ସେଥିମଧ୍ୟରୁ ସାନ୍ତନୁଙ୍କ ୨ କୋଟି ଟଙ୍କା ରହିଛି। ତେବେ ଏହି ଘଟଣାରେ ଶାନ୍ତନୁଙ୍କ ସମେତ ତାଙ୍କର ୩ ସହକର୍ମୀ ସାମିଲ ଥିବା ବେଳେ ଆଉ ଜଣେ ଜନସେବା କେନ୍ଦ୍ର ମାଲିକଙ୍କ ମଧ୍ୟ ସମ୍ପୃକ୍ତି ରହିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ତେଣୁ ଏହି ଘଟଣାରେ ଅଧିକ ଚଢ଼ାଉ ଚାଲିଥିବାବେଳେ ସାନ୍ତନୁଙ୍କ ସମେତ ଅନ୍ୟମାନେ ମଧ୍ୟ ଗିରଫ ହୋଇପାରନ୍ତି ବୋଲି ସୂଚନା ମିଳିଛି।



## ଦୁଇ ସହକର୍ମୀଙ୍କ ଘରୁ ଶ୍ରମିକଙ୍କ ପାସ୍‌ବୁକ୍ ଜବତ

ଶାନ୍ତନୁଙ୍କ ଅଫିସର ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱଜିତ ମଣ୍ଡଳ ଓ ଠିକା କର୍ମଚାରୀ ଅମିୟକାନ୍ତ ସାହୁଙ୍କ ଘରେ ଯାଞ୍ଚ ବେଳେ ଭିଜିଲାନ୍ସ ଟିମ୍ ବହୁ ସଂଖ୍ୟାରେ ଶ୍ରମିକମାନଙ୍କ ପାସବୁକ୍ ଜବତ କରିଛି। ବିଭିନ୍ନ ଯୋଜନାରେ କାମ ହୋଇଥିବା ଦର୍ଶାଯାଇ ସରକାରୀ ଟଙ୍କାକୁ ଶ୍ରମିକଙ୍କ ଆକାଉଣ୍ଟକୁ ପଠାଇ ଆତ୍ମସାତ କରୁଥିଲେ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଭିଜିଲାନ୍ସ ସୂଚନାନୁସାରେ, ବିଶ୍ୱଜିତ ଓ ଅମିୟକାନ୍ତ ଏହି ପାସ୍‌ବୁକ୍‌ଗୁଡ଼ିକୁ ପରିଚାଳନା କରିବା ସହ ବିଭିନ୍ନ ସମୟରେ ସୁରୁଖୁରୁରେ ଟଙ୍କା ଉଠାଉଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ପୃଥକ୍ ଯାଞ୍ଚ ଚାଲୁ ରହିଛି। ଏପରିକି ୨ବର୍ଷରେ କାମ ସରିଯାଇଥିବା ଉଲ୍ଲେଖ ଥିବା ଫାଇଲଗୁଡ଼ିକୁ ମଗାଯାଇ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ କରୁଛି।

## ଲାଞ୍ଚ ନେବାରେ ସୂତ୍ରଧର ସାଜିଥିଲେ ଜନସେବା କେନ୍ଦ୍ର ମାଲିକ

ଶାନ୍ତନୁଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ଜଣେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦରେ ଏକ ଜନସେବା କେନ୍ଦ୍ର ଚଳାଉଥିବା ଅଲେଖ ପ୍ରଧାନଙ୍କ ହାତ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଅଲେଖ ଲାଞ୍ଚ ନେବାରେ ସୂତ୍ରଧର ସାଜିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଠିକାଦାର ଓ ଅନ୍ୟମାନଙ୍କଠୁ ସାନ୍ତନୁଙ୍କ ପକ୍ଷରୁ ଅଲେଖ ଲାଞ୍ଚ ଗ୍ରହଣ କରୁଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଲାଞ୍ଚ ଟଙ୍କାକୁ ସେ ଶାନ୍ତନୁଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଥିଲେ। ଏପରିକି ଶାନ୍ତନୁଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ମଧ୍ୟ ବଡ଼ ପ୍ରମାଣ ମିଳିଛି। ୨୦୧୯ରୁ ୨୦୨୪ ମଧ୍ୟରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଶାନ୍ତନୁଙ୍କ ପାଖକୁ ଅଲେଖ ପଠାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**✓ ଧନଞ୍ଜୟ ପ୍ରଧାନ**

କେମାଦେଇ, ଖୋର୍ଦ୍ଧା।
ଆବିର୍ଭାବ : ୦୫.୦୯.୧୯୫୯
ତିରୋଧାନ : ୧୮.୦୨.୨୦୨୪
(ମାଘ ମାସ ଶୁକ୍ଳପକ୍ଷ ଦଶମୀ)

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲାଣି, ଯା ଭିତରେ ସମୟର ରାସ୍ତା ଓ ଜୀବନର ଯାତ୍ରା ଗଡ଼ିଚାଲିଛି ତା' ବାଟରେ। କିଛି ବି ଅଟକିଯାଉନି। ହେଲେ ତୁମ ସ୍ଥାନଟି ସେମିତି ଶୂନ୍ୟ ହୋଇ ରହିଯାଇଛି। ପ୍ରତିକ୍ଷଣ ପ୍ରତିମୁହୂର୍ତ୍ତରେ ତୁମର ଅଭାବ ଓ ଅନୁପସ୍ଥିତି ଅନୁଭବ କରୁଛୁ। ଆଜିର ଏ ପୂଣ୍ୟ ତିଥିରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ - ପତ୍ନୀ, ପୁତ୍ର ଏବଂ ଆତ୍ମୀୟସ୍ୱଜନ

ଧ-୨୮୩୦


# ପ୍ରଫେସର ଡ. ବୁଲୁ ମହାରଣା ନିଲମ୍ବିତ

ସମ୍ବଲପୁର,୬।୨(ପ୍ରମୋଦ ବହିଦାର)

## ନାକ୍ ମାନ୍ୟତା ପାଇଁ ଲାଞ୍ଚ ମାମଲା

ହାଇଦ୍ରାବାଦର ଏକ ବିଶ୍ୱବିଦ୍ୟାଳୟ ଅଧୀନ ଶିକ୍ଷାନୁଷ୍ଠାନକୁ ନାକ୍ ରେଟିଂ ପ୍ରଦାନ ପାଇଁ ହୋଇଥିବା ଲାଞ୍ଚ କାରବାରରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ଲାଇବ୍ରେରି ସାଇନ୍ସ ବିଭାଗ ଫାକଲ୍ଟି ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ଅଡୁଆ ବଢ଼ିଛି। ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ସ୍ୱାକ୍ଷରିତ ଫେବୃଆରୀ ୪ରେ ଜାରି ବିଶ୍ୱବିଦ୍ୟାଳୟ ପତ୍ରସଂଖ୍ୟା ୫୬୭ରେ ପ୍ରଫେସର ଡ. ମହାରଣାଙ୍କୁ ତାଙ୍କ ପଦବୀରୁ ନିଲମ୍ବନ କରାଯାଇ ତାଙ୍କଠାରୁ ସମସ୍ତ ପ୍ରଶାସନିକ ଦାୟିତ୍ୱ ଅପସାରଣ କରି ନିଆଯାଇଛି। କୁଳପତିଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ ଓଡ଼ିଶା ଚାକିରି ସେବା ନିୟମ-୧୯୬୨ର ଧାରା ୧୨ ଅନୁଯାୟୀ ତାଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଛି। କୁଳପତିଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କ ଉପରେ ନ୍ୟସ୍ତ ସମସ୍ତ ଦାୟିତ୍ୱକୁ ବିଶ୍ୱବିଦ୍ୟାଳୟର ଲାଇବ୍ରେରି ସାଇନ୍ସ ବିଭାଗର ଅନ୍ୟ ଜଣେ ପ୍ରଫେସରଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ବର୍ତ୍ତମାନ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରଫେସର ମହାରଣା ସେଠାରୁ ଆସିଲା ପରେ କୁଳପତିଙ୍କ ବିନା ଅନୁମତି ବା ଆଦେଶରେ କାର୍ଯ୍ୟସ୍ଥଳୀ ଛାଡ଼ିପାରିବେ ନାହିଁ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### ହିଜାବ ଆଇନ ବିରୋଧରେ ଇରାନ ମହିଳାଙ୍କ ଅଭିନବ ପ୍ରତିବାଦ

ତେହରାନ୍,୬।୨

ଇରାନର କଠୋର ହିଜାବ ଆଇନକୁ ବିରୋଧ କରି ସେଠାର ଜଣେ ମହିଳା ଉଲଗ୍ନ ପ୍ରତିବାଦ କରିଛନ୍ତି। ଇରାନର ମହିଳାମାନେ ନିଜକୁ ସମ୍ପୂର୍ଣ୍ଣ ଆବୃତ୍ତ ନ କଲେ ଇସ୍‌ଲାମିକ୍ ରିପବ୍ଲିକ୍‌ରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା କରାଯାଇଥିବାରୁ ମହିଳା ଜଣକ ଏହାର ପ୍ରତିବାଦ ସ୍ୱରୂପ ବସ୍ତ୍ର ଖୋଲିଦେଇ ପୋଲିସ ଗାଡ଼ିରେ ଚଢ଼ିଯାଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମସ୍‌ହାଦ ସହରରେ ମହିଳା ଜଣକ ପୋଲିସ ଗାଡ଼ି ବନେଟ୍ ଉପରେ ଛିଡ଼ାହୋଇ ସଶସ୍ତ୍ର ଅଫିସରମାନଙ୍କୁ ଚିତ୍କାର କରୁଥିବା ଦେଖାଯାଇଛି।

### ସ୍କୁଲରେ ନିଆଁ ଲାଗି ୧୭ ପିଲା ଦଗ୍ଧ

ଅବୁଜା(ନାଇଜେରିଆ),୬।୨

ଉତ୍ତରପଶ୍ଚିମ ନାଇଜେରିଆର ଏକ ଇସ୍‌ଲାମିକ୍ ସ୍କୁଲ୍‌ରେ ଗୁରୁବାର ନିଆଁ ଲାଗିଯିବାରୁ ଅନ୍ୟୂନ ୧୭ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ କର୍ତ୍ତୃପକ୍ଷ ଏହାର ତଦନ୍ତ ଚଳାଇଛନ୍ତି। ଜାମଫରା ରାଜ୍ୟର କୌରା ନାମୋଡା ଜିଲାରେ ବୁଧବାର ଏହି ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗିବା ବେଳେ ସ୍କୁଲ୍‌ରେ ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଥିଲେ। ନିଆଁରେ ପୋଡ଼ିଯାଇ ୧୭ ଜଣ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କର ମୃତ୍ୟୁ ଘଟିଥିବା ଦେଶର ଏମର୍ଜେନ୍ସି ରେସ୍ପନ୍ସ ସଂସ୍ଥା ପକ୍ଷରୁ କୁହାଯାଇଛି।

### ମିରେଜ୍ ଯୁଦ୍ଧବିମାନ ଦୁର୍ଘଟଣା

ଗ୍ୱାଲିୟର,୬।୨

ଭାରତୀୟ ବାୟୁସେନାର ମିରେଜ୍-୨୦୦୦ ଯୁଦ୍ଧବିମାନ ଗୁରୁବାର ମଧ୍ୟପ୍ରଦେଶର ଶିବପୁରୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନର ଉଭୟ ପାଇଲଟ୍ ସୁରକ୍ଷିତ ଥିବାବେଳେ ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ନିୟମିତ ପ୍ରଶିକ୍ଷଣ ଉଡ଼ାଣରେ ଯାଇଥିବା ଯୁଦ୍ଧବିମାନର ସିଷ୍ଟମ୍ କାମ ନ କରିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି।

# ଆମେରିକାରେ ସ୍ୱପ୍ନଭଙ୍ଗ

## ୪୫ କି.ମି. ଚାଲିଲୁ, ବାଟରେ ମୃତଦେହ



ଆମେରିକାରୁ ଫେରିଥିବା ପ୍ରବାସୀ ସୁଖପାଲ ସିଂ ଓ ହରବିନ୍ଦର ସିଂ।

ଅମୃତସର/ନୂଆଦିଲ୍ଲୀ,୬।୨

ଆମେରିକାରେ ଏକ ଉନ୍ନତ ଜୀବନ ଜିଇବା ପାଇଁ ସେଠାକୁ ଯାଇଥିବା ଅନେକ ଲକ୍ଷ ଭାରତୀୟଙ୍କ ସ୍ୱପ୍ନ ଭଙ୍ଗ ହୋଇଛି ପ୍ରଥମ ଦଫାରେ ୧୦୪ ବେଆଇନ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ସହ। ଅମୃତସର ବିମାନବନ୍ଦରରେ ପ୍ରବାସୀମାନେ ପହଞ୍ଚିବା ପରେ ଟ୍ରମ୍ପ ପ୍ରଶାସନର ବ୍ୟବହାର ଓ ସେମାନଙ୍କ ସହ ବିତିଥିବା ଘଟଣା ସମ୍ପର୍କରେ ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ପଞ୍ଜାବର ହୋସିଆରପୁର ଜିଲା ବାସିନ୍ଦା ହରବିନ୍ଦର ସିଂ କହିଛନ୍ତି, ଆମେରିକାର ଜଣେ ଏଜେଣ୍ଟ ସେଠାରେ ରହି କାର୍ଯ୍ୟ କରିବା ପାଇଁ ଭିଜା କରାଇଦେବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ହରବିନ୍ଦର ତାଙ୍କୁ ୪୨ ଲକ୍ଷ ଟଙ୍କା ଦେଇଥିଲେ। ଶେଷ ସମୟରେ ତାଙ୍କୁ ଭିଜା ଦେବାକୁ ସେ ମନା କରିଦେଇଥିଲେ। ତାଙ୍କୁ ମେକ୍ସିକୋ ସୀମା ଦେଇ ଚାଲି ଚାଲି ଯିବାକୁ କୁହାଯାଇଥିଲା। ବାଟରେ ଜଣେ ପରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଥାଏ। ପାନାମା ଜଙ୍ଗଲରେ ପହଞ୍ଚିଲା ବେଳକୁ ଖାଇବାକୁ କିଛି ନ ଥିଲା। ସେହିପରି ଜଲନ୍ଧର ଜିଲା ଦାରାପୁର ଗ୍ରାମର ସୁଖପାଲ ସିଂ କହିଛନ୍ତି, ଜଳପଥରେ ୧୫ ଘଣ୍ଟା ଯାତ୍ରା କରିବା ପରେ ସେମାନଙ୍କୁ ପାର୍ବତ୍ୟ ଅଞ୍ଚଳରେ ୪୦ରୁ ୪୫ କି.ମି. ଚାଲିବାକୁ କୁହାଯାଇଥିଲା। ରାସ୍ତାରେ କେହି ଆହତ ହେଲେ ମୃତ୍ୟୁ ନିଶ୍ଚିତ। ତାଙ୍କୁ ମେକ୍ସିକୋରେ ଗିରଫ କରାଯାଇଥିଲା। ଆମକୁ ଅନ୍ଧାର କୋଠରିରେ ୧୪ ଦିନ ରହିବାକୁ ଦିଆଯାଇଥିଲା। ସେହି ସମୟରେ ଆମେ ସୂର୍ଯ୍ୟାଲୋକ ଦେଖି ନ ଥିଲୁ। ଅନେକ ହଜାର ପଞ୍ଜାବୀ ଯୁବକ, ପରିବାର ଓ ପିଲା ଏଭଳି ସ୍ଥିତି ଦେଇ ଗତି କରୁଛନ୍ତି। ତେଣୁ ଭୁଲ୍ ବାଟ ଦେଇ ବିଦେଶକୁ ନ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଆମେରିକା ସେନା ବିମାନରେ ବୁଧବାର ଅମୃତସର ବିମାନବନ୍ଦରରେ ପହଞ୍ଚିଥିବା ୧୦୪ ବେଆଇନ ପ୍ରବାସୀଙ୍କ ମଧ୍ୟରେ ୩୩ ଜଣ ଲେଖାଏ ହରିୟାଣା ଓ ଗୁଜରାଟ ବାସିନ୍ଦା ରହିଛନ୍ତି। ପଞ୍ଜାବର ୩୦, ମହାରାଷ୍ଟ୍ର ଓ ଉତ୍ତର ପ୍ରଦେଶର ୩ ଜଣ ଲେଖାଏ ଏବଂ ଚଣ୍ଡିଗଡ଼ର ୨ ଜଣ ରହିଥିବା ଜଣାପଡ଼ିଛି। ୧୯ ମହିଳା ଓ ୩ ନାବାଳକଙ୍କ ମଧ୍ୟରେ ଜଣେ ୪ ବର୍ଷର ପୁଅ, ୨ ଝିଅ (୫-୭ ବର୍ଷୀୟା) ରହିଛନ୍ତି।

## ମୃତ୍ୟୁର ଫାଶ 'ଡାରିଏନ୍ ଗ୍ୟାପ୍'



'ଡାରିଏନ୍ ଗ୍ୟାପ୍' ଅତିକ୍ରମ କରି ଆମେରିକାକୁ ପ୍ରବାସୀଙ୍କ ଅନୁପ୍ରବେଶ ଉଦ୍ୟମ ବେଳର ଦୃଶ୍ୟ (ପ୍ରତୀକାତ୍ମକ ଚିତ୍ର)।

ଡାରିଏନ୍ ଗ୍ୟାପ୍ ହେଉଛି ୯୭ କି.ମି. ବିସ୍ତୃତ ଘଞ୍ଚ ଚିରହରିତ୍ ଅରଣ୍ୟ ରହିଥିବା ପାର୍ବତ୍ୟାଞ୍ଚଳ। ଆମେରିକାକୁ ସଡ଼କ ପଥ ଦେଇ ଗଲେ ପୋଲିସ ଓ ସୀମା ଅଧିକାରୀମାନେ ଧରିବା ଆଶଙ୍କା ଥିବାରୁ ଏହାକୁ ଫାଙ୍କିବା ପାଇଁ ଅନୁପ୍ରବେଶ ଚାହୁଁଥିବା ବ୍ୟକ୍ତିମାନେ ଏହି ପ୍ରବେଶପଥକୁ ବାଛିଥାନ୍ତି। ଅନେକେ ଏହାକୁ 'ମୃତ୍ୟୁର ଫାଶ' ଆଖ୍ୟା ଦେଇଥାନ୍ତି। କାରଣ ପ୍ରବହମାନ ନଦୀ, ପଙ୍କିଳ ପଥ, ପାହାଡ଼ ପର୍ବତ, ବିପଜ୍ଜନକ ବନ୍ୟପ୍ରାଣୀଙ୍କୁ ସାମ୍ନା କରି ଯିବାକୁ ପଡ଼ିଥାଏ। ଏହି ଜଙ୍ଗଲ ଅନେକ ବିଷଧର ସର୍ପ, ଜାଗୁଆର ଓ ଘାତକ କୀଟଙ୍କ ଘର। ଏପରି କି ଡ୍ରଗ୍ସ ଓ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣକାରୀଙ୍କ ପାଇଁ ଏହା ଏକ ସୁରକ୍ଷିତ ମାର୍ଗ। ତେଣୁ ସଶସ୍ତ୍ର ଡକାୟତଙ୍କ ହାବୁଡ଼ରେ ମଧ୍ୟ ପଡ଼ିବା ଆଶଙ୍କା ରହିଥାଏ। ଆମେରିକାକୁ ବେଆଇନ ଭାବେ ଅନୁପ୍ରବେଶ କରିବାକୁ ଚାହୁଁଥିବା ଅନେକ ଭାରତୀୟ ପାନାମା, କୋଷ୍ଟାରିକା, ଏଲ୍ ସଲ୍‌ଭାଡୋର, ଗୁଆଟେମାଲା ଭଳି କେନ୍ଦ୍ରୀୟ ଆମେରିକୀୟ ଦେଶ ଦେଇ ଯାଇଥାନ୍ତି। ଏହି ଦେଶଗୁଡ଼ିକରେ ସହଜରେ ଭିଜା ମିଳୁଥିବାରୁ ସେମାନେ ଅନୁପ୍ରବେଶ କରିବାରେ ସକ୍ଷମ ହୋଇଥାନ୍ତି। ଏହାକୁ 'ଡଙ୍କି ରୁଟ୍' କୁହାଯାଏ।



ପାର୍ଲାମେଣ୍ଟ ପରିସରରେ କଂଗ୍ରେସର ଗୁରଜିତ ସିଂ ଅଉଜଲା ଏବଂ ଏସ୍‌ପି ସଦସ୍ୟ ଧର୍ମେନ୍ଦ୍ର ଯାଦବଙ୍କ ସମେତ ବିରୋଧୀ ଏମ୍‌ପିଙ୍କ ବିକ୍ଷୋଭ।

## ସଂସଦରେ ମୁଲତବୀ ନୋଟିସ ଦେଲେ ବିରୋଧୀ

ଆମେରିକାର ଟ୍ରମ୍ପ ପ୍ରଶାସନ ୧୦୪ ପ୍ରବାସୀ ଭାରତୀୟଙ୍କୁ ଯେଭଳି ଢଙ୍ଗରେ ପ୍ରତ୍ୟର୍ପଣ କରିଛି, ତାକୁ ନେଇ ଗୁରୁବାର ସଂସଦ ଭିତରେ ଓ ବାହାରେ ପ୍ରବଳ ହଟ୍ଟଗୋଳ ହୋଇଛି। ବିରୋଧୀ ଦଳଗୁଡ଼ିକ ଏହାକୁ କେନ୍ଦ୍ର ସରକାରଙ୍କ କୂଟନୈତିକ ବିଫଳତା ଦର୍ଶାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ବିବୃତି ଦାବି କରିଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ରହିଥିବା କୂଟନୈତିକ ସମ୍ପର୍କ ଏଭଳି ସ୍ଥିତି ଏଡ଼ାଇବା ଦିଗରେ କାହିଁକି ସହାୟକ ହେଉନାହିଁ ବୋଲି କଂଗ୍ରେସ ନେତା କେ.ସି. ବେଣୁଗୋପାଳ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ସଂସଦରେ ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ଦଳଗୁଡ଼ିକ ନୋଟିସ ଦେଇଥିବା ସେ ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ଏମ୍‌ପି ଶଶୀ ଥରୁର କହିଛନ୍ତି, ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଆପ୍ରବାସୀଙ୍କୁ ପ୍ରତ୍ୟର୍ପଣ କରିବା ନେଇ ୱାଶିଂଟନ୍‌ର ଆଇନଗତ ଅଧିକାର ରହିଛି। କିନ୍ତୁ ସେମାନଙ୍କୁ ସ୍ୱଦେଶକୁ ଯେପରି ଭାବେ ପଠାଯାଉଛି ତାକୁ ଆମେ ବିରୋଧ କରୁଛୁ। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଏକ ବେସାମରିକ ବିମାନକୁ ବ୍ୟବହାର କରାଯାଇପାରିଥାଆନ୍ତା। ଟିଏମ୍‌ସିର କୀର୍ତ୍ତି ଆଜାଦ ମଧ୍ୟ ଏହି ଘଟଣାକୁ 'ଯନ୍ତ୍ରଣାଦାୟକ' କହି ଭାରତୀୟଙ୍କୁ କାହିଁକି ଫେରାଇ ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ସଂସଦ ପରିସରରେ ବିକ୍ଷୋଭ ବେଳେ ବାମଦଳର ଏମ୍‌ପିମାନେ ମଧ୍ୟ ସାମିଲ ହୋଇଥିଲେ। ବିକ୍ଷୋଭ ବେଳେ ସିପିଆଇଏମ୍‌ର ରାଜ୍ୟ ସଭା ସଦସ୍ୟ ଜନ୍ ବ୍ରିଟ୍ଟାସ୍ କହିଥିଲେ, ଟ୍ରମ୍ପ ପ୍ରଶାସନର ମାନସିକତା ଆମକୁ ଚକିତ କରିଛି। ଭାରତୀୟଙ୍କ ସମ୍ମାନରକ୍ଷା ଜରୁରୀ ହୋଇପଡ଼ିଛି।

## ନୂଆ ନୁହେଁ, ଅନେକ ବର୍ଷ ଧରି ଚାଲିଛି: ଜୟଶଙ୍କର



ଆମେରିକାରୁ ପ୍ରତ୍ୟର୍ପିତ ୧୦୪ ଭାରତୀୟଙ୍କ ପ୍ରତି ଟ୍ରମ୍ପ ପ୍ରଶାସନର ଆଚରଣକୁ ନେଇ ସଂସଦର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ପ୍ରତିବର୍ଷ ଶତାଧିକ ଭାରତୀୟଙ୍କୁ ପ୍ରତ୍ୟର୍ପଣ କରାଯାଉଛି। ଏହା କୌଣସି ନୂଆ କଥା ନୁହେଁ। ୨୦୧୨ରେ ୫୩୦ ଭାରତୀୟଙ୍କୁ ଆମେରିକା ପ୍ରତ୍ୟର୍ପଣ କରିଥିବାବେଳେ ୨୦୧୯ରେ ପ୍ରତ୍ୟର୍ପିତ ଭାରତୀୟଙ୍କ ସଂଖ୍ୟା ୨,୦୦୦ରୁ ଅଧିକ ଥିଲା। ତେବେ ସେମାନଙ୍କ ପ୍ରତି ଆଗକୁ ଯେପରି ଏଭଳି ବ୍ୟବହାର କରା ନ ଯିବ ସେଥିଲାଗି ଆମେ ଆମେରିକା ସହ ଯୋଗସୂତ୍ରରେ ରହିଛୁ ବୋଲି ଜୟଶଙ୍କର କହିଛନ୍ତି। ବିଦେଶରେ ଭିଜା ଅବଧି ସରିବା ପରେ ମଧ୍ୟ ବସବାସ କରୁଥିବା ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ ୧୯୮୩ର ଇମିଗ୍ରେଶନ୍ ଆକ୍ଟ ପରିବର୍ତ୍ତେ କେନ୍ଦ୍ର ସରକାର ଇମିଗ୍ରେଶନ୍ (ଓଭରସିଜ୍ ମୋବିଲିଟି ଫାସିଲିଟେଶନ୍ ଆଣ୍ଡ୍ ୱେଲଫେୟାର) ବିଲ୍,୨୦୨୪ ଜରିଆରେ ନୂଆ ଆଇନ ଆଣିବାକୁ ଯାଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

### ୨୦୨୭ରେ ଚନ୍ଦ୍ରଯାନ-୪ ମିଶନ

ନୂଆଦିଲ୍ଲୀ,୬।୨(ପି.ଟି.)

ଭାରତ ୨୦୨୭ରେ ଚନ୍ଦ୍ରଯାନ-୪ ମିଶନ ଲଞ୍ଚ କରିବ। ଏହା ଚନ୍ଦ୍ରପୃଷ୍ଠରୁ ଶିଳା ନମୁନା ଆଣି ଭାରତ ଫେରିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ ଗୁରୁବାର କହିଛନ୍ତି। ଚନ୍ଦ୍ରଯାନ-୪ରେ ଓଜନଦାର ଏଲ୍‌ଭିଏମ୍-୩ ରକେଟର ଅନ୍ୟୂନ ୨ଟି ଅଲଗା ଲଞ୍ଚ କରାଯିବ। ଏହା ମିଶନର ୫ଟି ଭିନ୍ନ କମ୍ପୋନେଣ୍ଟକୁ ବହନ କରିବ, ଯାହା କକ୍ଷପଥରେ ଏକାଠି ହେବେ। ଆସନ୍ତାବର୍ଷ ଗଗନଯାନ ମହାକାଶକୁ ପ୍ରେରଣ କରାଯିବ। ଏହା ଭାରତୀୟ ମହାକାଶଚାରୀଙ୍କୁ ପୃଥିବୀର ନିମ୍ନ କକ୍ଷପଥକୁ ନେଇ ସେଠାରୁ ନିରାପଦର ସହ ଫେରାଇ ଆଣିବ। ଏହା ବ୍ୟତୀତ ୨୦୨୬ରେ ସମୁଦ୍ରଯାନ ଲଞ୍ଚ କରାଯିବା ଯୋଜନା ରହିଛି। ମହାସାଗରର ୬ ହଜାର ମିଟର ଗଭୀରରେ ଗବେଷଣା ପାଇଁ ୩ ଜଣ ବୈଜ୍ଞାନିକ ସେଠାକୁ ଯିବେ।

## ଟ୍ରମ୍ପଙ୍କ ଟାରିଫ୍‌କୁ ଡବ୍ଲ୍ୟୁଟିଓରେ ଚ୍ୟାଲେଞ୍ଜ କଲା ଚାଇନା

ୱାଶିଂଟନ,୬।୨

ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇଥିବାରୁ ବେଜିଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ଏହାକୁ ଚ୍ୟାଲେଞ୍ଜ କରିଛି। ଉକ୍ତ ନୂଆ ଟାରିଫ୍ ସହ କମ୍ ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କ ଛାଡ଼କୁ ବାତିଲ କରାଯାଇଥିବାରୁ ବୁଧବାର ଡବ୍ଲ୍ୟୁଟିଓରେ ଚାଇନା ପ୍ରତିବାଦ ଦାଖଲ କରିଛି। ଆମେରିକାର ଏଭଳି ପଦକ୍ଷେପ ସଂରକ୍ଷଣାତ୍ମକ ଏବଂ ଏହାର ଡବ୍ଲ୍ୟୁଟିଓ ନିୟମାବଳୀର ଉଲ୍ଲଂଘନ ବୋଲି ଚାଇନା କହିଛି। ଟ୍ରମ୍ପଙ୍କ ନିଷ୍ପତ୍ତିକୁ ନେଇ ମାଲ୍ ପରିବହନକାରୀ ଏବଂ ଖୁଚୁରା ବିକ୍ରେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଥିଲାବେଳେ ବେଜିଂ ଆମେରିକାର ବାଣିଜ୍ୟ ପରାମର୍ଶ ପାଇଁ ନିବେଦନ କରିଛି।

ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଚାଇନା ଏବଂ ହଂକଂରୁ ଆସୁଥିବା ସମସ୍ତ କ୍ଷୁଦ୍ର ପ୍ୟାକେଜ୍ ହୋଇଥିବା ସାମଗ୍ରୀ ପହଞ୍ଚିବା ପୂର୍ବରୁ ସେଗୁଡ଼ିକ ସୀମାଶୁଳ୍କ ବିଭାଗରେ ଏଣ୍ଟ୍ରି ହେବା ଜରୁରୀ। ଏସବୁ କାଗଜପତ୍ର କାମ ହୋଇ ନ ଥବଲେ କେତେକ ପଣ୍ୟ ସାମଗ୍ରୀକୁ ଆମେରିକା ଫେରାଇଦେବ। ଡବ୍ଲ୍ୟୁଟିଓ ସୂଚନା ଅନୁଯାୟୀ ଟାରିଫ୍ ଉପରେ ଆମେରିକାର ପରାମର୍ଶ ପାଇଁ ଚାଇନା ନିବେଦନ କରିଛି। ଏଭଳି ଟାରିଫ୍ ଲଗାଯିବା ପକ୍ଷପାତିତା, ଯାହା କେବଳ ଚାଇନାର ମୂଳ ସାମଗ୍ରୀଗୁଡ଼ିକ ଉପରେ ଲାଗୁ ହୋଇଥିବା ବେଜିଂ କହିଛି।

### ସୀମାରେ ସୈନ୍ୟ ନିୟୋଜିତ କଲା ମେକ୍ସିକୋ

ସିଉଡାଡ୍ ଜୁଆରେଜ୍,୬।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ ଲଗାଇବାକୁ ଧମକ ଦେବା ପରେ ସୀମାନ୍ତ ଦେଇ ବେଆଇନ ପ୍ରବେଶ ଓ ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ପାଇଁ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେଇନ୍‌ବାମ୍ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ, ସୀମାରେ ମେକ୍ସିକୋ ପ୍ରଥମ ପର୍ଯ୍ୟାୟରେ ୧୦,୦୦୦ ସୈନ୍ୟ ମୁତୟନ କରିଛି। ସିଉଡାଡ୍ ଜୁଆରେଜ୍ ନିକଟ ସୀମାରେ ସଶସ୍ତ୍ର ନ୍ୟାଶନାଲ ଗାର୍ଡ ସଦସ୍ୟମାନେ ପଇଁତରା ମାରୁଥିବା ଦେଖାଯାଇଛି। ସେହିପରି ଟିଜୁଆନା ନିକଟରେ ସୀମା ଓ ଅନ୍ୟାନ୍ୟ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ଦେଖାଯାଇଛି। ବେଆଇନ ପ୍ରବେଶ ଏବଂ ଡ୍ରଗ୍ସ ଚାଲାଣ ବନ୍ଦ ଦିଗରେ ପଦକ୍ଷେପ ନେବେ ବୋଲି କ୍ଲାଉଡିଆ ପ୍ରତିଶ୍ରୁତି ଦେବା ପରେ ଟାରିଫ୍ ମାସେ ରହିଛି।

## ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ୪୦ ଫୁଟ କୂଅରେ ପଶିଲେ ମହିଳା

ଥିରୁଭାନନ୍ତପୁରମ୍,୬।୨

କେରଳର ଏର୍ନାକୁଲମ୍ ଜିଲାର ପିରାଭୋମ୍ ମ୍ୟୁନିସିପାଲିଟି ଅଞ୍ଚଳରେ ରହୁଥିବା ୬୪ ବର୍ଷୀୟ ଅବସରପ୍ରାପ୍ତ ପୋଲିସ ଅଫିସର ରାମେସାନ୍ ବୁଧବାର ଅପରାହ୍ନରେ ନିଜ ଅଗଣାରେ ଥିବା ଗଛରୁ ଗୋଲମରିଚ ତୋଳୁଥିବା ବେଳେ ପାଖ କୂଅରେ ଖସିପଡ଼ିଥିଲେ। ସ୍ତ୍ରୀ ପଦ୍ମମ୍ ତାଙ୍କୁ ଉଦ୍ଧାର କରିବାକୁ ଯାଇ ତୁରନ୍ତ ୪୦ ଫୁଟ୍ ଗଭୀର କୂଅରେ ପଶିଯାଇଥିଲେ। ସେ ପ୍ରଥମେ ପ୍ଲାଷ୍ଟିକ୍ ଦଉଡ଼ି କୂଅକୁ ପକାଇଥିଲେ ମଧ୍ୟ ତାହା କାମ କରି ନ ଥଲା। ଫଳରେ ସେ ଅଗ୍ନିଶମ ବିଭାଗକୁ ଖବର ଦେବା ନିମନ୍ତେ ପଡୋଶୀଙ୍କୁ କହି କୂଅ ମଧ୍ୟକୁ ପଶିଯାଇଥିଲେ। କୂଅରେ ପ୍ରାୟ ୫ ଫୁଟ୍ ଉଚ୍ଚତାର ପାଣି ଥିଲା। ପଦ୍ମମ୍ କୂଅ କାନ୍ଥରୁ ନଇଁରହି ସ୍ୱାମୀଙ୍କୁ ଛିଡ଼ାହୋଇ ରହିବାରେ



କୂଅରୁ ସ୍ୱାମୀସ୍ତ୍ରୀଙ୍କୁ ଉଦ୍ଧାର କରାଯାଉଛି।

ସାହାଯ୍ୟ କରିଥିଲେ ଓ ସାହାଯ୍ୟ ପାଇଁ ଅପେକ୍ଷା କରିଥିଲେ। ତୁରନ୍ତ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଦଉଡ଼ି ଓ ଜାଲ ସହାୟତାରେ ଉଦ୍ଧାର କରିଥିଲେ। ଆହତ ହୋଇଥିବାରୁ ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଦ୍ମମ୍‌ଙ୍କ ଦୁଃସାହସିକତାକୁ ସୋସିଆଲ ମିଡିଆରେ ଉଚ୍ଚ ପ୍ରଶଂସା କରାଯାଇଛି। ତାଙ୍କର ତ୍ୱରିତ୍ ନିଷ୍ପତ୍ତି ଏବଂ ନିର୍ଭୀକ ପଦକ୍ଷେପକୁ ଅନେକେ ଭୂୟସୀ ପ୍ରଶଂସା କରିଛନ୍ତି।

### ୨ ଦୁର୍ଘଟଣାରେ ୧୧ ମହାକୁମ୍ଭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଜୟପୁର/ପାଟନା,୬।୨

ପ୍ରୟାଗରାଜର ମହାକୁମ୍ଭ ଦେଖିବାକୁ ଯାଉଥିବା ଶ୍ରଦ୍ଧାଳୁମାନଙ୍କ କାର୍ ଗୁରୁବାର ଜୟପୁରଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ଜୟପୁରର ମୋଖମପୁରା ନିକଟବର୍ତ୍ତୀ ଜାତୀୟ ରାଜପଥ ୪୮ରେ ଏହି ଭୟଙ୍କର ଦୁର୍ଘଟଣା ହୋଇଛି। କାର୍‌ର ଗୋଟିଏ ଟାୟାର ଫାଟିଯିବାରୁ ଏହା ଡିଭାଇଡର ଅତିକ୍ରମ କରି ବସ୍‌କୁ ଧକ୍କା ଦେଇଥିଲା।

ଅନ୍ୟ ଏକ ଘଟଣାରେ ବିହାରର ମୁଙ୍ଗେର୍ ଜିଲାରେ ଗୁରୁବାର ଭୋର ସମୟରେ ଟ୍ରେନ୍ ମାଡ଼ିଯାଇ ୨ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ମହାକୁମ୍ଭରେ ବୁଡ଼ ପକାଇ ଘରକୁ ଫେରୁଥିଲେ। ଋଷିକୁଣ୍ଡ ରେଲ୍‌ୱେ ହଲ୍ଟ ନିକଟରେ ସେମାନେ ରେଲଲାଇନ୍ ଅତିକ୍ରମ କରୁଥିବାବେଳେ ଗୟା-ହାଓ୍ୱଡ଼ା ଏକ୍ସପ୍ରେସ୍ ମାଡ଼ିଯାଇଥିଲା।

## କଠୁଆରେ ହାଜତ ମୃତ୍ୟୁ ଅଭିଯୋଗ

ଶ୍ରୀନଗର,୬।୨



ମେହବୁବା ମୁଫ୍ତି

ଜମ୍ମୁ-କଶ୍ମୀରର ସୀମାନ୍ତ ଜିଲା କଠୁଆରେ ଆତଙ୍କବାଦୀଙ୍କ ପାଇଁ କାମ କରୁଥିବା ଅଭିଯୋଗରେ ଗିରଫ ୨୫ ବର୍ଷୀୟ ମଖାନ୍ ଡିନ୍‌ଙ୍କର ହାଜତରେ ମୃତ୍ୟୁ ଘଟିଛି। ସେ ପୋଲିସ ନିର୍ଯାତନାରେ ପ୍ରାଣ ହରାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି ଅଭିଯୋଗ କରିଛନ୍ତି। ଓଭରଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲ୍ୟୁ) କହି ତାଙ୍କୁ ମିଥ୍ୟା ଅଭିଯୋଗରେ ପୋଲିସ ଗିରଫ କରିଥିଲା। ଅଭିଯୋଗକୁ ସ୍ୱୀକାର କରାଇବା ପାଇଁ ପୋଲିସ ତାଙ୍କୁ ନିର୍ଘାତ ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଲା ବୋଲି ମେହବୁବା ଏକ୍ସ'ରେ ଲେଖିଛନ୍ତି। ଅନ୍ୟପକ୍ଷରେ ଡିନ୍ ଘରେ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ପୋଲିସ ଦାବି କରିଛି। ତେବେ ପୋଲିସ୍ ନିର୍ଯାତନା ଯୋଗୁ ମୃତ୍ୟୁ ଘଟିଥିବା ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ଜିଲା ପ୍ରଶାସନ ଏବଂ କଠୁଆ ପୋଲିସକୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଗୁଜ୍ଜର ଯୁବକଙ୍କ ମୃତ୍ୟୁର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ପାଇଁ କଠୁଆ ଜିଲାପାଳ ଡ. ରାକେଶ ମିନ୍‌ହାସ୍ ନିର୍ଦ୍ଦେଶ ଦେଇଛନ୍ତି।

## ହାସିନାଙ୍କ ପୈତୃକ ଘର ଜାଳିଦେଲେ ବିକ୍ଷୋଭକାରୀ

ଢାକା,୬।୨



ବାଂଲାଦେଶରେ ବିକ୍ଷୋଭକାରୀମାନେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ପୁରୁଣା ପୈତୃକ ଘର ଭଙ୍ଗାରୁଜା କରିବା ସହ ସେଥିରେ ନିଆଁ ଲଗାଇଦେଇଛନ୍ତି। ଏଥିସହିତ ହାସିନାଙ୍କ ଦଳର କେତେଜଣ ସଦସ୍ୟଙ୍କ ଘର ମଧ୍ୟ ଭଙ୍ଗାରୁଜା କରାଯାଇଛି। ଗତବର୍ଷ ଜୁଲାଇ-ଅଗଷ୍ଟରେ ଛାତ୍ର ଆନ୍ଦୋଳନ ପରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ପଳାଇଆସି ରହିଥିବା ହାସିନା ସୋସିଆଲ ମିଡିଆ ଯୋଗେ ବାଂଲାଦେଶ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ଓ ସାମ୍ପ୍ରତିକ ସରକାର ବିରୋଧରେ ଉସୁକାଇବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ହାସିନାଙ୍କ ବାପା ତଥା ବାଂଲାଦେଶର ପ୍ରତିଷ୍ଠାତା ରାଷ୍ଟ୍ରପତି ଶେଖ୍ ମୁଜିବୁର ରହମାନଙ୍କ ଘରକୁ ବିକ୍ଷୋଭକାରୀମାନେ ଜେସିବି ଲଗାଇ ଭାଙ୍ଗିଦେଇଛନ୍ତି। ଉକ୍ତ ବିଲ୍ଡିଂରେ ଏକ ସଂଗ୍ରହାଳୟ ହେବାର ଥିଲା।

ଏହି ଘଟଣାକୁ ହାସିନା ନିନ୍ଦା କରିବା ସହ ସୋସିଆଲ୍ ମିଡିଆ ଜରିଆରେ ନ୍ୟାୟ ଦାବି କରିଛନ୍ତି। ସେମାନେ ବିଲ୍ଡିଂ ଭାଙ୍ଗିଦେଇପାରନ୍ତି, କିନ୍ତୁ ଇତିହାସକୁ ଲିଭାଇପାରିବେ ନାହିଁ ବୋଲି ହାସିନା କହିଛନ୍ତି। ଗତବର୍ଷର ଛାତ୍ର ଆନ୍ଦୋଳନକୁ ଚାପିଦେବା ପାଇଁ ବଳ ପ୍ରୟୋଗ କରିଥିବା ଅଭିଯୋଗରେ ହାସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା।

### ହାସିନାଙ୍କ ବିରୋଧରେ ଭାରତକୁ ପ୍ରତିବାଦ ଜଣାଇଲା ବାଂଲାଦେଶ

ଢାକା,୬।୨(ପି.ଟି.)

ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଭାରତରେ ରହିଥିବାବେଳେ ମିଥ୍ୟା ଓ ମନଗଢ଼ା ମନ୍ତବ୍ୟ ଦେଉଥିବା ନେଇ ଢାକା ଗୁରୁବାର ନୂଆଦିଲ୍ଲୀ ନିକଟରେ ପ୍ରତିବାଦ ଜଣାଇଛି। ବାଂଲାଦେଶର ସାମ୍ପ୍ରତିକ ଶାସନ ବିରୋଧରେ ପ୍ରତିରୋଧ ପାଇଁ ଦେଶବାସୀ ସଂଗଠିତ ହେବାକୁ ବୁଧବାର ରାତିରେ ହାସିନା ସାମାଜିକ ଗଣମାଧ୍ୟମରେ ଭାଷଣ ଦେଇଥିଲେ। ବାଂଲାଦେଶର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର ଦୃଢ଼ ପ୍ରତିବାଦ କରିଛି। ହାସିନା ବିଭିନ୍ନ ପ୍ଲାଟ୍‌ଫର୍ମରେ ମିଛ ଓ ମନଗଢ଼ା ବିବୃତି ଦେବା ଜାରି ରଖିଥିବାରୁ ଏହା ଦେଶରେ ଅସ୍ଥିରତାକୁ ଉସୁକାଉଛି ବୋଲି ବାଂଲାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଢାକାସ୍ଥିତ ଭାରତର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ଜଣାଇଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ ଗଭୀର ଚିନ୍ତାର ବିଷୟ। ଏହା ଦେଶବାସୀଙ୍କ ଭାବାବେଗକୁ ଆଘାତ ଦେଉଛି। ଏଥିପାଇଁ ବାଂଲାଦେଶ ନିଜର ଅସନ୍ତୋଷ ଓ ଅସହମତ ଜଣାଉଛି। ହାସିନାଙ୍କ ଏଭଳି କାର୍ଯ୍ୟ ବାଂଲାଦେଶ ପ୍ରତି ଶତ୍ରୁତା। ଦୁଇ ଦେଶର ସୁସ୍ଥ ସମ୍ପର୍କ ପ୍ରତିଷ୍ଠା ଉଦ୍ୟମରେ ଏହା ଅନୁକୂଳ ନୁହେଁ ବୋଲି ଢାକା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବାଂଲାଦେଶରେ ଗତ ଜୁଲାଇ-ଅଗଷ୍ଟରେ ଜୋର୍‌ଦାର ଛାତ୍ର ଆନ୍ଦୋଳନ ପରେ ୭୭ ବର୍ଷୀୟ ହାସିନା ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ଚାଲିଆସିଥିଲେ।

## ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଭଙ୍ଗ

ନୟାଗଡ଼,୬।୨(ଲୋକନାଥ ମିଶ୍ର): ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ପରିଚାଳନା ପରିଷଦକୁ ଦୁର୍ନୀତି ଅଭିଯୋଗରେ ସରକାର ଗୁରୁବାର ଭଙ୍ଗ କରିଛନ୍ତି। ଏହାପରେ ନୟାଗଡ଼ ଜିଲାପାଳଙ୍କୁ ପରିଚାଳନା କ୍ଷମତା ସରକାର ପ୍ରଦାନ କରିଛନ୍ତି। ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାରଙ୍କ ପକ୍ଷରୁ ଚିଠି ନଂ. ୨୩୪୯/୬।୨।୨୦୨୫ରେ ଭଙ୍ଗ ଆଦେଶ ଦିଆଯାଇଛି। ପରିଚାଳନା ପରିଷଦର ସଭାପତିଙ୍କ ସମେତ ପରିଚାଳନା ପରିଷଦ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଥିଲା।

# ଛାତ୍ରୀଛାତ୍ରଙ୍କୁ ମାଡ଼ମାରି ଶିକ୍ଷକ ନିଲମ୍ବିତ

### ଗିରଫ ପରେ କୋର୍ଟ ଚାଲାଣ

ଝାରବନ୍ଧ,୬।୨(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଡ଼ଭା କ୍ଲଷ୍ଟର ଠାକୁରଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପଦ୍ମଲୋଚନ ମୁନା ଛାତ୍ରୀଛାତ୍ରଙ୍କୁ ମାଡ଼ମାରିବା ଅଭିଯୋଗରେ ଗୁରୁବାର ଗିରଫ ହୋଇଛନ୍ତି। ତାଙ୍କୁ ଚାକିରିରୁ ମଧ୍ୟ ନିଲମ୍ବିତ କରାଯାଇଛି। ଶିକ୍ଷକ ଜଣକ ବୁଧବାର ବିଦ୍ୟାଳୟକୁ ଆସିଥିଲେ। ଛାତ୍ରୀଛାତ୍ରଙ୍କୁ ଜୋତା, ଗୋଇଠା, ଚାପୁଡ଼ା ମାରିଥିଲେ। ପିଲାମାନେ ଜୋରରେ କାନ୍ଦୁଥିବା ଜାଣି କେତେକ ଅଭିଭାବକ ବିଦ୍ୟାଳୟକୁ ଯାଇ ତୁରନ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଖବର ଦେଇଥିଲେ। ଉକ୍ତ କ୍ଲଷ୍ଟରର ସିଆରସିସି ଲାଉଚନ୍ଦ୍ର ଛତର,ଏବିଇଓ ମହେନ୍ଦ୍ର ପ୍ରଧାନ, ଦିବ୍ୟକିଶୋର ପଣ୍ଡା, ବିଆରପି ରାଜକିଶୋର ବାରିକ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇଥିଲେ। ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଡ଼ଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ବିଇଓ ଶୁଭମ ପତି ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାରକରି ଝାରବନ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଶିକ୍ଷକ ପଦ୍ମଲୋଚନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ବିଭିନ୍ନ ଦଫାରେ ଏକ ମାମଲା (ନଂ. ୧୦।୨୦୨୫) ରୁଜୁ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ରାଉରକେଲା,୬।୨(ସଙ୍ଗୀତା ଜେନା)



ଲାଇନ୍‌ଚ୍ୟୁତ ହୋଇଥିବା ଟ୍ରେନ୍‌ର ବଗି।

ରାଉରକେଲା ରେଳ ଷ୍ଟେଶନ ପରିସରରେ ମାଲବାହୀ ଟ୍ରେନ୍‌ର ୫ଟି ବଗି ନିକଟସ୍ଥ ବସ୍ତିକୁ ମାଡ଼ିଯିବା ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଆଉ ଏକ ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଲାଇନଚ୍ୟୁତ ହୋଇଛି। ଉକ୍ତ ଟ୍ରେନ୍ ଆସନ୍ନ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ବେଳେ ଏପରି ଘଟଣା ନେଇ ରେଳ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ପ୍ଲାଟଫର୍ମ ନଂ-୪ର ଶେଷ ରେଳ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍ ବିଓବିୱାଇଏନ୍ ଏମ୍-୧ ଗେଟି ବୋଝେଇ କରି ଅତିକ୍ରମ କରୁଥିଲା ବେଳେ ଗୋଟିଏ ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ତେବେ ଏଥିଯୋଗୁ ଅନ୍ୟ ଟ୍ରାକ୍‌ରେ ରେଳ ଚଳାଚଳ ପ୍ରଭାବିତ ହୋଇ ନ ଥିଲା। ଇଞ୍ଜିନ୍ ହଟାଇ ନେବା ପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି ମୁଖ୍ୟ ବାଣିଜ୍ୟକ ନିରୀକ୍ଷକ ଅତୁଲ ଘୋଷ ସୂଚନା ଦେଇଛନ୍ତି।

# ଅଭିଯୋଗର ସମାଧାନ ନ ହେଲେ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

### ଚିଠି ଜାରିକଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ

ଭୁବନେଶ୍ୱର,୬।୨(ବନ୍ଦନା ସେଠୀ)

ଜନଶୁଣାଣିରେ ସାଧାରଣ ଲୋକେ ଆଣୁଥିବା ଅଭିଯୋଗ ଏବଂ ସମସ୍ୟାଗୁଡିକର ତ୍ୱରିତ ସମାଧାନ କରାଯିବ। ଯେଉଁଅଧିକାରୀମାନେ ଜାଣିଶୁଣି ସମ୍ପୃକ୍ତ ଅଭିଯୋଗ ବା ସମସ୍ୟାର ସମାଧାନ କରିବାରେ ଅବହେଳା ପ୍ରଦର୍ଶନ କରୁଥିବେ, ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ଓଡ଼ିଶା ବେସାମରିକ ସେବା (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ଆବେଦନ) ନିୟମ-୧୯୬୨ ଅନୁଯାୟୀ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ସମସ୍ତ ବିଭାଗ, ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର, ଏସ୍‌ପି ଓ ଜିଲାପାଳଙ୍କୁ ଚିଠି କରାଯାଇଛି। ଦୀର୍ଘ ଦିନଧରି ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ ହେଉଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରିବାକୁ କୁହାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମ ମଧ୍ୟରେ ଜନଶୁଣାଣି ଅନ୍ୟତମ। ଏହା ନାଗରିକମାନଙ୍କୁ ଯେ କୌଣସି ସ୍ଥାନରୁ ଓ ଯେ କୌଣସି ସମୟରେ ରାଜ୍ୟର ଉଚ୍ଚପଦସ୍ଥ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଦାଖଲ କରିବାକୁ ଏକ ମଞ୍ଚ ପ୍ରଦାନ କରୁଛି। ମାତ୍ର କିଛି ଲୋକ ସେମାନଙ୍କ ସମସ୍ୟାର ସମାଧାନ ହେଉ ନ ଥିବାରୁ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି। ତେଣୁ ସେମାନଙ୍କ ସମସ୍ୟାର ସମାଧାନ ଯେପରି ଥରକରେ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦେବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

# ଭରତପୁର ଖଣି ସାଇଲୋ ବେଲ୍ଟରେ ନିଆଁ

ତାଳଚେର,୬।୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର କୋଇଲା ଖଣି ସାଇଲୋରେ ଗୁରୁବାର ଶର୍ଟସର୍କିଟ ଯୋଗୁ କୋଇଲା ପରିବହନ ବେଲ୍ଟରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ସାଇଲୋ ବେଲ୍ଟ ଓ ବିଭିନ୍ନ ଯନ୍ତ୍ରାଂଶ ପୋଡ଼ିଯାଇଛି। ଖବରପାଇ ଏମ୍‌ସିଏଲ୍‌ର ୪ଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଘଟଣା ପରେ ସାଇଲୋରେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଶ୍ରମିକ ମହଲରେ ଅଭିଯୋଗ ହେଉଛି।

# ମୁଖ୍ୟ ସୂଚନା ଆୟୁକ୍ତ ଦୌଡ଼ରେ ୪୭

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

### ପ୍ରଥମଥର ସାର୍ବଜନୀନ ହେଲା ପ୍ରାର୍ଥୀଙ୍କ ନାମ

- ତାଲିକାରେ ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ସମେତ ବହୁ ଅଧିକାରୀ, ନେତ୍ରୀ, ସାମ୍ବାଦିକ ଓ ସାମାଜିକ କର୍ମୀ
- ୪ ସୂଚନା ଆୟୁକ୍ତ ପଦବୀ ନିମନ୍ତେ ୧୮୩ ଆବେଦନ

ରାଜ୍ୟ ସୂଚନା ଆୟୋଗରେ ଖାଲି ପଡ଼ିଥିବା ସୂଚନା ଆୟୁକ୍ତ ପଦବୀ ପୂରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସୁପ୍ରିମକୋର୍ଟଙ୍କ ତାଗିଦ ପରେ ଏନେଇ ପଦକ୍ଷେପ ନିଆଯାଇଥିବାବେଳେ ଓଡ଼ିଶା ସୂଚନା ଆୟୋଗ ଇତିହାସରେ ପ୍ରଥମଥର ପାଇଁ ଆବେଦନକାରୀଙ୍କ ନାମକୁ ରାଜ୍ୟ ସରକାର ସାର୍ବଜନୀନ କରିଛନ୍ତି। ୪ ସୂଚନା ଆୟୁକ୍ତ ପଦବୀ ନିମନ୍ତେ ୧୮୩ଜଣ (ନିର୍ଦ୍ଧାରି ଅବଧି ପରେ ୪ଜଣ ଆବେଦନ କରିଛନ୍ତି) ଏବଂ ମୁଖ୍ୟ ସୂଚନା ଆୟୁକ୍ତ ପଦବୀ ପାଇଁ ୪୭ଜଣ(ନିର୍ଦ୍ଧାରିତ ଅବଧି ପରେ ୪ଜଣ) ପ୍ରାର୍ଥୀ ଆବେଦନ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୪ଜଣିଆ ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଗଠନ କରାଯାଇ ମୁଖ୍ୟ ସୂଚନା ଆୟୁକ୍ତ ପଦବୀ ପାଇଁ ୩ଜଣ ଓ ୪ଟି ସଦସ୍ୟ ପଦବୀ ପୂରଣ ନିମନ୍ତେ ୧୨ଜଣ ଯୋଗ୍ୟ ପ୍ରାର୍ଥୀଙ୍କ ନାଁ ସର୍ଟଲିଷ୍ଟ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଯାଞ୍ଚ କମିଟିରେ ଉନ୍ନୟନ କମିଶନରଙ୍କ ସମେତ ଜିଏ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଓ ଆଇନ ସଚିବ ମାନସ ରଞ୍ଜନ ବାରିକ ସଦସ୍ୟ ଥିବାବେଳେ ଲୋକସମ୍ପର୍କ ବିଭାଗର ସଚିବ ସଞ୍ଜୟ କୁମାର ସିଂ ସଦସ୍ୟ ସଚିବ ଅଛନ୍ତି। ତେବେ ରାଜ୍ୟ ସରକାର ପ୍ରାର୍ଥୀଙ୍କ ନାଁକୁ କାହିଁକି ସାର୍ବଜନୀନ କଲେ ସେ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

ମୁଖ୍ୟ ସୂଚନା ଆୟୁକ୍ତ ପଦବୀ ପାଇଁ ୨୦୨୪ ଅକ୍ଟୋବର ୩ ଏବଂ ସୂଚନା ଆୟୁକ୍ତ ପଦବୀ ନିମନ୍ତେ ନଭେମ୍ବର ୧୯ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ତେବେ ମୁଖ୍ୟ ସୂଚନା ଆୟୁକ୍ତ ପଦବୀ ପାଇଁ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଆଇପିଏସ୍ ସନ୍ତୋଷ କୁମାର ଉପାଧ୍ୟାୟ, ପୂର୍ବତନ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଭାରତୀୟ ରେଳ ସେବା ଅଧିକାରୀ ସଞ୍ଜୟ କୁମାର ମିଶ୍ର, ରଞ୍ଜନ ଦାସ, ଶ୍ରୀକାନ୍ତ ପୃଷ୍ଟି, ସୀତାଂଶୁ କୁମାର ରାଉତ, ମନୋରଞ୍ଜନ ପାଣିଗ୍ରାହୀ, ସରୋଜ କୁମାର ସାମଲ, କଂଗ୍ରେସ ନେତ୍ରୀ ସିପ୍ରା ମଲ୍ଲିକ ପ୍ରମୁଖ ରେସ୍‌ରେ ଥିବାବେଳେ ଏମାନଙ୍କ ସହ ବହୁ ସାମ୍ବାଦିକ, ସୂଚନାକର୍ମୀ ଓ ଅବସରପ୍ରାପ୍ତ କର୍ମଚାରୀ ଏହି ରେସ୍‌ରେ ରହିଛନ୍ତି। ସେହିପରି ସୂଚନା ଆୟୁକ୍ତ ପଦବୀ ପାଇଁ ରାଜ୍ୟ ମହିଳା ଆୟୋଗର ପୂର୍ବତନ ଅଧ୍ୟକ୍ଷା ମିନତୀ ବେହେରା, ସୂଚନା କର୍ମୀ ପ୍ରଦୀପ କୁମାର ପ୍ରଧାନ, ଶ୍ରୀକାନ୍ତ ପାକଳ, ଅଖଣ୍ଡଙ୍କ ସମେତ ବହୁ ଅବସରପ୍ରାପ୍ତ ଅଫିସର ଆବେଦନ କରିଥିବା ଜଣାପଡ଼ିଛି। ଉଚ୍ଚସ୍ତରୀୟ ଯାଞ୍ଚ କମିଟି ବିଜ୍ଞାପନ ଦିଆଯାଇଥିବା ପଦବୀର ୩ଗୁଣ ପ୍ରାର୍ଥୀଙ୍କ ନାଁ ଚୂଡାନ୍ତ କରିବେ। ଏହି ଆଧାରରେ ମୁଖ୍ୟ ସୂଚନା ଆୟୁକ୍ତ ପଦବୀ ପାଇଁ ୩ଜଣ ଏବଂ ସୂଚନା ଆୟୁକ୍ତର ୪ଟି ପଦବୀ ପାଇଁ ୧୨ଜଣଙ୍କ ନାମ ଶର୍ଟଲିଷ୍ଟ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି (ବିରୋଧୀ ଦଳ ନେତା ଓ ଜଣେ କ୍ୟାବିନେଟ୍ ମନ୍ତ୍ରୀ) ନାମ ଚୂଡାନ୍ତ କରି ରାଜ୍ୟପାଳଙ୍କୁ ସୁପାରିସ କରିବାର ପ୍ରାବଧାନ ରହିଛି।

ସୂଚନାଯୋଗ୍ୟ, ରାଜ୍ୟ ସୂଚନା ଆୟୋଗରେ ଅନୁମୋଦିତ ପଦବୀ ଭାବେ ଗୋଟିଏ ମୁଖ୍ୟ ଓ ୬ଟି ସଦସ୍ୟ ପଦବୀ ରହିଛି। ଏବେ ଆୟୋଗରେ ମାତ୍ର ୨ଜଣ ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଓ ଜଗନ୍ନାଥ ରଥ କାର୍ଯ୍ୟ କରୁଛନ୍ତି। ତେବେ ସୁଶାନ୍ତ ଭାରପ୍ରାପ୍ତ ମୁଖ୍ୟ ସୂଚନା ଆୟୁକ୍ତ କାର୍ଯ୍ୟ ତୁଲାଉଛନ୍ତି।

# ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଅନୁରୋଧ କଲେ ବହିଷ୍କୃତ ସିଆର୍‌ପିଏଫ୍ ଯବାନ

ବଲାଙ୍ଗୀର,୬।୨(ବୀରେନ୍ଦ୍ର କୁମାର ଝାଙ୍କର)

କୋର୍ଟଙ୍କ ଆଦେଶ ସତ୍ତ୍ୱେ ଚାକିରିରେ ପୁନଃ ଅବସ୍ଥାପିତ ହେଉ ନ ଥିବାରୁ ଶେଷରେ ଜଣେ ବହିଷ୍କୃତ ସିଆର୍‌ପିଏଫ୍ ଯବାନ ରାଷ୍ଟ୍ରପତିଙ୍କ ପାଖକୁ ତାଙ୍କ ପରିବାର ସଦସ୍ୟଙ୍କ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛନ୍ତି।


ସୁଧୀର କୁମାର ଦାଶ

ସୂଚନା ଅନୁଯାୟୀ, ବଲାଙ୍ଗୀର ସହର ତାଳପାଲିପଡ଼ାର ସୁଧୀର କୁମାର ଦାଶ ୨୦୦୮ରେ ସିଆର୍‌ପିଏଫ୍ କନ୍‌ଷ୍ଟେବଲ ଭାବେ ଯୋଗଦାନ କରିଥିଲେ। ୨୦୧୦ରେ ସେ ଏଏସ୍‌ଆଇ ଭାବେ ପଦୋନ୍ନତି ପାଇଥିଲେ। ୨୦୧୨ରେ ତାଙ୍କ ବିରୋଧରେ କେତେଜଣ ବ୍ୟକ୍ତି ଚାକିରି ନାଁରେ ଠକେଇ ଅଭିଯୋଗ କରି ଥାନାରେ ମାମଲା ରୁଜୁ କରିଥିଲେ। ପୋଲିସ ତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଥିଲା। ଏହି ଘଟଣା ପରେ ସିଆର୍‌ପିଏଫ୍ ପକ୍ଷରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ତେବେ ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ନ ହେବାରୁ ୨୦୧୮ରେ ହାଇକୋର୍ଟ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଏବଂ ତାଙ୍କ ଚାକିରି ସଂକ୍ରାନ୍ତୀୟ କାର୍ଯ୍ୟାନୁଷ୍ଠାନର ପୁନଃ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ପୋଲିସ ଡିଜି ଅଫିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଇତିମଧ୍ୟରେ ଦୀର୍ଘ ୧୨ ବର୍ଷ କାଳ କୋର୍ଟରେ ମାମଲା ଲଢ଼ି ସୁଧୀର ଆର୍ଥିକ ଏବଂ ମାନସିକ ଚାପର ସମ୍ମୁଖୀନ ହୋଇଥିବା ଦର୍ଶାଇଛନ୍ତି। ସେ ବିଭିନ୍ନ ଲୋକଙ୍କଠାରୁ ଋଣ କରିଥିବା କହି ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇପଡ଼ିଛି। ଏଣୁ ତାଙ୍କୁ ଓ ତାଙ୍କ ସ୍ତ୍ରୀ ତଥା ଦୁଇ ଝିଅପୁଅଙ୍କୁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅନୁରୋଧପତ୍ର ଲେଖିଛନ୍ତି। ସେ ଆସନ୍ତା ମାର୍ଚ୍ଚ ୨ରେ ରାଜଭବନ ସମ୍ମୁଖରେ ଚରମ ପଦକ୍ଷେପ ନେବେ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି।

## ଖେଳ ଖବର


ଜାତୀୟ କ୍ରୀଡ଼ା ମହିଳା ଫୁଟବଲର ରନର୍ ଅପ୍ ଓଡ଼ିଶା ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ଓଡ଼ିଶା ଏଫ୍‌ସି ବିପକ୍ଷରେ ଗୋଆ ବିଜୟୀ

ମାରଗାଓ, ୬।୨ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଏଫ୍‌ସି ଗୋଆ ପ୍ରଭାବୀ ପ୍ରଦର୍ଶନ କରି ୨-୧ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ ୩୬ପଏଣ୍ଟ ସହ ଜାମସେଦପୁର ଏଫ୍‌ସି (୩୪)କୁ ହଟାଇ ଟେବୁଲର ପ୍ରଥମ ସ୍ଥାନ ଅଧିକାର କରିନେଇଛି। ମାନୋଲୋ ମାର୍କେଜଙ୍କଠାରୁ କୋଚିଂ ନେଉଥିବା ଦଳ ଗୋଲ୍ ପୋଷ୍ଟକୁ ୬ଟି ଶଟ୍ ମାରିଥିବା ବେଳେ ଓଡ଼ିଶା ଏଫ୍‌ସିର ୨ଥର ଉଦ୍ୟମ ବିଫଳ ହୋଇଥିଲା। ଏଫ୍‌ସି ଗୋଆ ତରଫରୁ ବ୍ରାଇସନ ଫର୍ନାଣ୍ଡିଜ (୨୯ତମ ମିନିଟ) ଓ ଲାଲଥାଥାଙ୍ଗା ଖ୍ୱାଲହ୍ରିଙ୍ଗ୍ (୪୭ତମ) ଏବଂ ଓଡ଼ିଶା ଏଫ୍‌ସି ତରଫରୁ କେପି ରାହୁଲ (୫୪ତମ) ଗୋଲ ସ୍କୋରର ଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ଫେବୃଆରୀ ୧୦ରେ ପଞ୍ଜାବ ଏଫ୍‌ସି ସହିତ ମୁକାବିଲା କରିବ। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ଫେବୃଆରୀ ୧୨ରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଖେଳିବ।

# ବାଳିକାରେ ଆହନ, ବାଳକରେ ଆହାନଙ୍କୁ ଟାଇଟଲ

ବ୍ରହ୍ମପୁର,୬।୨ (ସୁବାସ ଚନ୍ଦ୍ର ପାଢ଼ୀ)

ୟୁନିୟନ କ୍ଲବ ଟେନିସ ଏରିନା ଓ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରସ୍ଥ ଟେନିସ୍ ପଡିଆରେ ଚାଲିଥିବା ୧୬ ବର୍ଷରୁ କମ୍ ବାଳିକା ଓ ବାଳକ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଛି। ବାଳିକା ଓ ବାଳକ ବିଭାଗର ସିଙ୍ଗଲ୍ସ ମ୍ୟାଚରେ ଓଡ଼ିଶା ଟାଇଟଲ ବିଜୟୀ ହୋଇଛି। ବାଳିକାରେ ଆହନ ଓ ବାଳକରେ ଆହାନ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗରେ ଆହନଙ୍କ ସହିତ ପଶ୍ଚିମବଙ୍ଗର ରିୟା ରାୟଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ୬-୧, ୬-୪ ସେଟ୍‌ରେ ରିୟାଙ୍କୁ ଆହନ ପରାସ୍ତ କରି ଟାଇଟଲ୍ ହାସଲ କରିପାରିଛନ୍ତି। ସେହିପରି ବାଳକ ବିଭାଗରେ ଓଡ଼ିଶାର ଆହାନ ମିଶ୍ର ଓ ତାମିଲନାଡୁର ଫଜଲ ଅଲ୍ଲୀ ମିର୍ଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ସେଥିରେ ଆହାନ ୬-୪ , ୭-୬(୫) ସେଟ୍‌ରେ ଫଜଲଙ୍କୁ ପରାସ୍ତ କରି ଟାଇଟଲ ଅର୍ଜନ କରିଛନ୍ତି। ଚାମ୍ପିୟନମାନେ ୫୦ ପଏଣ୍ଟ ପାଇଥିବାବେଳେ ରନରଅପ୍ ଖେଳାଳି ୪୦ ଆଇଟା ର୍ୟାଙ୍କିଙ୍ଗ ପଏଣ୍ଟ ପାଇଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ଉପସ୍ଥିତ ରହି ଚାମ୍ପିୟନ ଓ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଡାଇରେକ୍ଟର ବିଶ୍ୱରଞ୍ଜନ ପଟ୍ଟନାୟକ, ସମ୍ପାଦକ ଉମା ଶଙ୍କର ପାଢ଼ୀ, ରେଫରୀ ଯତୀନ ବସ୍ୟ, ଗଞ୍ଜାମ ଜିଲା ଟେନିସ ଆସୋସିଏଶନର ସଭାପତି ଅବଦୁଲ ସତ୍ତାର ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ବାଳକ ଚାମ୍ପିୟନ ଆହାନ ମିଶ୍ର ଓ ବାଳିକା ଚାମ୍ପିୟନ ଆହନ।

# ସ୍ୱସ୍ତିଙ୍କ ପଦକ ବିଜୟ ଜାରି


ରୌପ୍ୟ ପଦକ ବିଜୟୀ ସ୍ୱସ୍ତି ସିଂ।

ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡର ରୁଦ୍ରପୁରରେ ଚାଲିଥିବା ଜାତୀୟ କ୍ରୀଡ଼ାର ସାଇକ୍ଲିଂ ଇଭେଣ୍ଟରେ ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କ ପଦକ ବିଜୟ ଜାରି ରହିଛି। ଗୁରୁବାର ସେ ମହିଳା ଏଲିଟ ଓମ୍ନିୟମ ରେସ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ଏହା ବ୍ୟତୀତ ସ୍ୱସ୍ତି, ରେଜିୟା ଦେବୀ ଖୋଇରୋମ, ବର୍ଷା ଓ ଉମ୍ରିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଟିମ୍ ସ୍ପ୍ରିଣ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛି। ପୂର୍ବରୁ ସ୍ୱସ୍ତି ଟ୍ରାକ୍ ସାଇକ୍ଲିଂରେ ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ୩ କିଲୋମିଟର ମହିଳା ବ୍ୟକ୍ତିଗତ ପର୍ଶୁ୍ୟଟ ଇଭେଣ୍ଟରେ

### ଜାତୀୟ କ୍ରୀଡ଼ା

୪:୦୩.୨୫୫ ସେକେଣ୍ଡ (ନୂଆ ଜାତୀୟ ରେକର୍ଡ ଟାଇମିଂ) ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହା ବ୍ୟତୀତ ୬୦ କିଲୋମିଟର ରୋଡ୍ ମାସଷ୍ଟାର୍ଟରେ ମଧ୍ୟ ବ୍ରୋଞ୍ଜ ପଦକହାସଲ କରିଥିଲେ।

## ଓଡ଼ିଶା ମହିଳା ଫୁଟ୍‌ବଲ ଦଳକୁ ରୌପ୍ୟ

ଜାତୀୟ କ୍ରୀଡ଼ା ମହିଳା ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ରନରଅପ୍ ହୋଇଛି। ଗୁରୁବାର ଗତଥରର ଚାମ୍ପିୟନ ଓଡ଼ିଶା ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ଫାଇନାଲର ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ ପେନାଲଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ହରିୟାଣା ୪-୨ ଗୋଲ୍‌ରେ ବିଜୟ ଲାଭ କରିଥିଲା।

# ଅଲିମ୍ପିକ ପଦକ ବିଜେତାଙ୍କୁ ପଛରେ ପକାଇଲେ ଶୁଟର ନୀରଜ


ନୀରଜ କୁମାର

ଡେରାଡୁନ୍, ୬।୨ (ପି.ଟି.)

୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଶୁଟିଂରେ ଇଣ୍ଡିଆନ ନେଭି'ର ନୀରଜ କୁମାର ଅଲିମ୍ପିକ ପଦକ ବିଜେତା ସ୍ୱପ୍ନିଲ କୁସାଲେଙ୍କୁ ପରାସ୍ତ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଦୀପିକା କୁମାରୀ ଓ ୧୮ ବର୍ଷୀୟ ଜୁୟେଲ ସରକାର ଯଥାକ୍ରମେ ସେମାନଙ୍କ ମହିଳା ଓ ପୁରୁଷ ତୀରନ୍ଦାଜୀ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ପରେ ଷ୍ଟାର ବକ୍ସର ଲଭଲିନା ବର୍ଗୋହେନ୍ ଓ ଶିବ ଥାପ୍ପା ମଧ୍ୟ ସେମାନଙ୍କ ବକ୍ସିଂ ବାଉଟରେ ବିଜୟ ଲାଭ କରିଛନ୍ତି। ଗୁରୁବାର ସୁଦ୍ଧା କର୍ଣ୍ଣାଟକ ୩୦ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୫ ବ୍ରୋଞ୍ଜ ସହ ପଦକ ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଏହା ପଛକୁ ୨୮ ସ୍ୱର୍ଣ୍ଣ ୧୨ରୌପ୍ୟ ଓ ସମାନ ସଂଖ୍ୟା ବ୍ରୋଞ୍ଜ ପଦକ ସହ ସର୍ଭିସେସ୍ ଦ୍ୱିତୀୟ ସ୍ଥାନରେ ଅଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ୧୯ ସ୍ୱର୍ଣ୍ଣ, ୩୬ ରୌପ୍ୟ ଓ ୩୩ ବ୍ରୋଞ୍ଜ ସହ ଚତୁର୍ଥ ସ୍ଥାନରୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଗୁରୁବାର ଆରମ୍ଭରେ ନୀରଜ ପୁରୁଷ ୫୦ମିଟର ରାଇଫଲ ୩ ପୋଜିଶନରେ ଚମକପ୍ରଦ ପ୍ରଦର୍ଶନ ସହ ପ୍ୟାରିସ ବ୍ରୋଞ୍ଜ ବିଜେତା ସ୍ୱପ୍ନିଲ ଓ ଐଶ୍ୱରୀ ପ୍ରତାପ ସିଂ ତୋମାରଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସ୍‌ସିବି)ରୁ ପ୍ରତିନିଧିତ୍ୱ କରୁଥିବା ୨୫ ବର୍ଷୀୟ ନୀରଜ ୪୬୪.୧ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ବାରବାଟୀରେ ଦିନିକିଆ



ନୂଆ ରୂପରେ ବାରବାଟୀ (ଫଟୋ ରାଜକିଶୋର ମହାନ୍ତି)

ଦିନ ଯେତିକି ପାଖେଇ ଆସୁଛି ଉତ୍କଣ୍ଠା ସେତେ ବଢ଼ି ବଢ଼ି ଚାଲିଛି। ଐତିହାସିକ ବାରବାଟୀ ଷ୍ଟାଡିୟମ ଏହାର ପ୍ରିୟ କ୍ରିକେଟପ୍ରେମୀଙ୍କୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଭେଟିଦେବାକୁ ପ୍ରସ୍ତୁତ। ନୂଆ ରୂପରେ ସଜେଇ ହେଉଛି ବାରବାଟୀ। ଆସନ୍ତା ୯ ତାରିଖରେ ଏଠାରେ ହେବ ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ୍। ଅନ୍‌ଲାଇନ ଓ ବକ୍ସ ଅଫିସ୍ ଟିକେଟ ବିକ୍ରି ସରିଛି। ଏବେ କେବଳ ସେଇ ପ୍ରତୀକ୍ଷିତ ଦିବସକୁ ଅପେକ୍ଷା। ବାରବାଟୀରେ ଏକଦିବସୀୟ ମ୍ୟାଚ୍ ଇତିହାସ ଏବଂ ଅନ୍ୟ ରେକର୍ଡଗୁଡ଼ିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

-ପ୍ରସ୍ତୁତି: ତପନ ସ୍ୱାଇଁ

## ମ୍ୟାଚ୍ ଫଳାଫଳ

| ତାରିଖ | ଟିମ୍-୧ | ଟିମ୍-୨ | ଫଳାଫଳ |
|---|---|---|---|
| ୧୯୮୨ ଜାନୁଆରୀ ୨୭ | ଭାରତ | ଇଂଲଣ୍ଡ | ଭାରତ ୫ ଉଇକେଟରେ ବିଜୟୀ |
| ୧୯୮୪ ଡିସେମ୍ବର ୨୭ | ଭାରତ | ଇଂଲଣ୍ଡ | ଭାରତ ୧ ରନ୍‌ରେ ପରାସ୍ତ |
| ୧୯୮୭ ଅକ୍ଟୋବର ୩୦ | ଅଷ୍ଟ୍ରେଲିଆ | ଜିମ୍ବାୱେ | ଅଷ୍ଟ୍ରେଲିଆ ୭୦ ରନ୍‌ରେ ବିଜୟୀ |
| ୧୯୮୮ ଡିସେମ୍ବର ୧୨ | ଭାରତ | ନ୍ୟୁଜିଲାଣ୍ଡ | ଭାରତ ୫ ଉଇକେଟରେ ବିଜୟୀ |
| ୧୯୮୯ ଅକ୍ଟୋବର ୨୨ | ଇଂଲଣ୍ଡ | ପାକିସ୍ତାନ | ଇଂଲଣ୍ଡ ୪ ଉଇକେଟରେ ବିଜୟୀ |
| ୧୯୯୦ ଡିସେମ୍ବର ୨୮ | ଭାରତ | ଶ୍ରୀଲଙ୍କା | ଭାରତ ୩୬ ରନ୍‌ରେ ପରାସ୍ତ |
| ୧୯୯୪ ନଭେମ୍ବର ୯ | ଭାରତ | ୱେଷ୍ଟଇଣ୍ଡିଜ | ଭାରତ ୮ ଉଇକେଟରେ ବିଜୟୀ |
| ୧୯୯୬ ଫେବୃଆରୀ ୧୮ | ଭାରତ | କେନିଆ | ଭାରତ ୭ ଉଇକେଟରେ ବିଜୟୀ |
| ୧୯୯୮ ଏପ୍ରିଲ ୯ | ଭାରତ | ଜିମ୍ବାୱେ | ଭାରତ ୩୨ ରନ୍‌ରେ ବିଜୟୀ |
| ୨୦୦୦ ଡିସେମ୍ବର ୨ | ଭାରତ | ଜିମ୍ବାୱେ | ଭାରତ ୩ ଉଇକେଟରେ ବିଜୟୀ |
| ୨୦୦୨ ଜାନୁଆରୀ ୨୨ | ଭାରତ | ଇଂଲଣ୍ଡ | ଭାରତ ୧୬ ରନ୍‌ରେ ପରାସ୍ତ |
| ୨୦୦୩ ନଭେମ୍ବର ୬ | ଭାରତ | ନ୍ୟୁଜିଲାଣ୍ଡ | ଭାରତ ୪ ଉଇକେଟରେ ହାରିଲା |
| ୨୦୦୭ ଜାନୁଆରୀ ୨୪ | ଭାରତ | ୱେଷ୍ଟଇଣ୍ଡିଜ | ଭାରତ ୨୦ ରନ୍‌ରେ ବିଜୟୀ |
| ୨୦୦୮ ନଭେମ୍ବର ୨୬ | ଭାରତ | ଇଂଲଣ୍ଡ | ଭାରତ ୬ ଉଇକେଟରେ ବିଜୟୀ |
| ୨୦୦୯ ଡିସେମ୍ବର ୨୧ | ଭାରତ | ଶ୍ରୀଲଙ୍କା | ଭାରତ ୭ ଉଇକେଟରେ ବିଜୟୀ |
| ୨୦୧୧ ନଭେମ୍ବର ୨୯ | ଭାରତ | ୱେଷ୍ଟଇଣ୍ଡିଜ | ଭାରତ ୧ ଉଇକେଟରେ ବିଜୟୀ |
| ୨୦୧୪ ନଭେମ୍ବର ୨ | ଭାରତ | ଶ୍ରୀଲଙ୍କା | ଭାରତ ୧୬୯ ରନ୍‌ରେ ବିଜୟୀ |
| ୨୦୧୭ ଜାନୁଆରୀ ୧୯ | ଭାରତ | ଇଂଲଣ୍ଡ | ଭାରତ ୧୫ ରନ୍‌ରେ ବିଜୟୀ |
| ୨୦୧୯ ଡିସେମ୍ବର ୨୨ | ଭାରତ | ୱେଷ୍ଟଇଣ୍ଡିଜ | ଭାରତ ୪ ଉଇକେଟରେ ବିଜୟୀ |

(ବି.ଦ୍ର.- ୨୦୧୩ ଅକ୍ଟୋବର ୨୬ରେ ଭାରତ-ଅଷ୍ଟ୍ରେଲିଆ ଦିବାରାତ୍ର ମ୍ୟାଚ ବର୍ଷା ଏବଂ ତଜ୍ଜନିତ ପାଗ ଓ ପରିବେଶ ଯୋଗୁ ବାତିଲ ହୋଇଥିଲା। ଏହା ସେତେବେଳେ ୭ ମ୍ୟାଚ୍ ବିଶିଷ୍ଟ ସିରିଜର ୫ମ ଏକଦିବସୀୟ ଥିଲା।)

## ଶତକ

| ସଂଖ୍ୟା | ଖେଳାଳି | ସ୍କୋର | ଦଳ | ବଲ୍ | ଇନିଂସ | ବି. ଦଳ | ତାରିଖ | ଫଳାଫଳ |
|---|---|---|---|---|---|---|---|---|
| ୧ | ରବି ଶାସ୍ତ୍ରୀ | ୧୦୨ | ଭାରତ | ୧୪୨ | ପ୍ରଥମ | ଇଂଲଣ୍ଡ | ୧୯୯୪ ଡିସେମ୍ବର ୨୭ | ପରାଜୟ |
| ୨ | ଅଜୟ ଜାଡେଜା | ୧୦୪ | ଭାରତ | ୧୨୬ | ଦ୍ୱିତୀୟ | ୱେଷ୍ଟଇଣ୍ଡିଜ | ୧୯୯୪ ନଭେମ୍ବର ୯ | ବିଜୟ |
| ୩ | ସଚିନ ତେନ୍ଦୁଲକର | ୧୨୭* | ଭାରତ | ୧୩୮ | ଦ୍ୱିତୀୟ | କେନିୟା | ୧୯୯୬ ଫେବୃଆରୀ ୧୮ | ବିଜୟ |
| ୪ | ମହମ୍ମଦ ଆଝାରୁଦ୍ଦିନ | ୧୫୩* | ଭାରତ | ୧୫୦ | ପ୍ରଥମ | ଜିମ୍ବାୱେ | ୧୯୯୮ ଏପ୍ରିଲ ୯ | ବିଜୟ |
| ୫ | ଅଜୟ ଜାଡେଜା | ୧୧୬* | ଭାରତ | ୧୨୧ | ପ୍ରଥମ | ଜିମ୍ବାୱେ | ୧୯୯୮ ଏପ୍ରିଲ ୯ | ବିଜୟ |
| ୬ | ଗ୍ରାଣ୍ଟ ଫ୍ଲାୱାର | ୧୦୨ | ଜିମ୍ବାୱେ | ୧୧୮ | ଦ୍ୱିତୀୟ | ଭାରତ | ୧୯୯୮ ଏପ୍ରିଲ ୯ | ପରାଜୟ |
| ୭ | କେଭିନ୍ ପିଟରସନ | ୧୧୧* | ଇଂଲଣ୍ଡ | ୧୨୮ | ପ୍ରଥମ | ଭାରତ | ୨୦୦୮ ନଭେମ୍ବର ୨୬ | ପରାଜୟ |
| ୮ | ଅଜିଙ୍କ୍ୟ ରାହାନେ | ୧୧୧ | ଭାରତ | ୧୦୮ | ପ୍ରଥମ | ଶ୍ରୀଲଙ୍କା | ୨୦୧୪ ନଭେମ୍ବର ୨ | ବିଜୟ |
| ୯ | ଶିଖର ଧାୱନ | ୧୧୩ | ଭାରତ | ୧୦୭ | ପ୍ରଥମ | ଶ୍ରୀଲଙ୍କା | ୨୦୧୪ ନଭେମ୍ବର ୨ | ବିଜୟ |
| ୧୦ | ଯୁବରାଜ ସିଂ | ୧୫୦ | ଭାରତ | ୧୨୭ | ପ୍ରଥମ | ଇଂଲଣ୍ଡ | ୨୦୧୭ ଜାନୁଆରୀ ୧୯ | ବିଜୟ |
| ୧୧ | ମହେନ୍ଦ୍ର ସିଂ ଧୋନୀ | ୧୩୪ | ଭାରତ | ୧୨୨ | ପ୍ରଥମ | ଇଂଲଣ୍ଡ | ୨୦୧୭ ଜାନୁଆରୀ ୧୯ | ବିଜୟ |
| ୧୨ | ଇଅନ ମୋର୍ଗାନ | ୧୦୨ | ଇଂଲଣ୍ଡ | ୮୧ | ଦ୍ୱିତୀୟ | ଭାରତ | ୨୦୧୭ ଜାନୁଆରୀ ୧୯ | ପରାଜୟ |

## ସର୍ବାଧିକ ଦଳଗତ ସ୍କୋର

* ଭାରତ ୩୮୧/୬, ବନାମ ଇଂଲଣ୍ଡ, ୨୦୧୭ ଜାନୁଆରୀ ୧୯
* ଇଂଲଣ୍ଡ ୩୬୬/୮, ବନାମ ଭାରତ, ୨୦୧୭ ଜାନୁଆରୀ ୧୯
* ଭାରତ ୩୬୩/୫, ବନାମ ଶ୍ରୀଲଙ୍କା, ୨୦୧୪ ନଭେମ୍ବର ୨
* ଭାରତ ୩୧୬/୬, ବନାମ ୱେଷ୍ଟଇଣ୍ଡିଜ, ୨୦୧୯ ଡିସେମ୍ବର ୨୨
* ୱେଷ୍ଟଇଣ୍ଡିଜ ୩୧୫/୫, ବନାମ ଭାରତ, ୨୦୧୯ ଡିସେମ୍ବର ୨୨

## ସର୍ବନିମ୍ନ ଦଳଗତ ସ୍କୋର

* ପାକିସ୍ତାନ ୧୪୮/୯, ବନାମ ଇଂଲଣ୍ଡ, ୧୯୮୯ ଅକ୍ଟୋବର ୨୨
* ୱେଷ୍ଟଇଣ୍ଡଜ ୧୬୯, ବନାମ ଭାରତ, ୨୦୦୭ ଜାନୁଆରୀ ୨୪
* ଭାରତ ୧୭୮, ବନାମ ଶ୍ରୀଲଙ୍କା, ୧୯୯୦ ଡିସେମ୍ବର ୨୮
* ଭାରତ ୧୮୯, ବନାମ ୱେଷ୍ଟଇଣ୍ଡିଜ, ୨୦୦୭ ଜାନୁଆରୀ ୨୪
* ଶ୍ରୀଲଙ୍କା ୧୯୪, ବନାମ ଭାରତ, ୨୦୧୪ ନଭେମ୍ବର ୨

## ଅନ୍ୟାନ୍ୟ ରେକର୍ଡ

* ସର୍ବାଧିକ ମ୍ୟାଚ୍ ଏଗ୍ରିଗେଟ୍ସ: ୭୪୭, ଭାରତ ବନାମ ଇଂଲଣ୍ଡ, ୧୦୦ ଓଭର, ୨୦୧୭ ଜାନୁଆରୀ ୧୯।
* ସର୍ବନିମ୍ନ ମ୍ୟାଚ୍ ଏଗ୍ରିଗେଟ୍ସ: ୨୯୭, ଇଂଲଣ୍ଡ ବନାମ ପାକିସ୍ତାନ, ୯୩.୨ ଓଭର, ୧୯୮୯ ଅକ୍ଟୋବର ୨୨।
* ବୃହତ୍ ବିଜୟ (ରନ୍ ଦୃଷ୍ଟିରୁ): ଭାରତ ୧୬୯ ରନରେ ବନାମ ଶ୍ରୀଲଙ୍କା, ୨୦୧୪, ନଭେମ୍ବର ୨।
* ବୃହତ୍ ବିଜୟ (ଉଇକେଟ ଦୃଷ୍ଟିରୁ): ଭାରତ ୮ ଉଇକେଟରେ ବନାମ ୱେଷ୍ଟଇଣ୍ଡିଜ, ୧୯୯୪ ନଭେମ୍ବର ୯।
* କମ୍ ବ୍ୟବଧାନରେ ବିଜୟ (ରନ୍ ଦୃଷ୍ଟିରୁ): ଇଂଲଣ୍ଡ ୧ ରନରେ ବନାମ ଭାରତ, ୧୯୮୪ ଡିସେମ୍ବର ୨୭।
* କମ୍ ବ୍ୟବଧାନରେ ବିଜୟ (ଉଇକେଟ ଦୃଷ୍ଟିରୁ): ଭାରତ ୧ ଉଇକେଟରେ ବନାମ ୱେଷ୍ଟଇଣ୍ଡିଜ, ୨୦୧୧ ନଭେମ୍ବର ୨୯।
* ଗୋଟିଏ ଇନିଂସରେ ସର୍ବାଧିକ ଅତିରିକ୍ତ ରନ୍: ଶ୍ରୀଲଙ୍କା ୩୨ ରନ ବନାମ ଭାରତ, ୧୯୯୦ ଡିସେମ୍ବର ୨୮
* ସର୍ବାଧିକ ରନ୍: ସଚିନ ତେନ୍ଦୁଲକର ୪୬୯ ରନ, ୧୯୯୦ରୁ ୨୦୦୯, ଗୋଟିଏ ଶତକ, ୩ ଅର୍ଦ୍ଧଶତକ।
* ଗୋଟିଏ ଇନିଂସରେ ସର୍ବାଧିକ ସ୍କୋର: ମହମ୍ମଦ ଆଝାରୁଦ୍ଦିନ ୧୫୩* ବନାମ ଜିମ୍ବାୱେ, ୧୯୯୮, ଏପ୍ରିଲ ୯।
* ସର୍ବାଧିକ ଶତକ: ଅଜୟ ଜାଡେଜା ୨ଟି, ୧୯୯୪-୧୯୯୮।
* ସର୍ବାଧିକ ଅର୍ଦ୍ଧଶତକ: ସଚିନ ତେନ୍ଦୁଲକର ୩ଟି (ଏହା ବ୍ୟତୀତ ଗୋଟିଏ ଶତକ ମଧ୍ୟ ରହିଛି)।
* ଡକ୍ (୦)ରେ ଆଉଟ ହୋଇଥିବା ଖେଳାଳିଙ୍କ ସଂଖ୍ୟା: ୧୨।
* ସର୍ବାଧିକ ଛକା: କିରନ ପୋଲାର୍ଡ-୭ (ୱେଷ୍ଟଇଣ୍ଡିଜ)।
* ଗୋଟିଏ ଇନିଂସରେ ସର୍ବାଧିକ ଛକା: କିରନ ପୋଲାର୍ଡ-୭ (ୱେଷ୍ଟଇଣ୍ଡିଜ) ବନାମ ଭାରତ।
* ସର୍ବାଧିକ ଉଇକେଟ: ଅନିଲ କୁମ୍ବଲେ, ଇଶାନ୍ତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଅଜିତ ଅଗରକର (ସମସ୍ତେ ୭ ଉଇକେଟ ଲେଖାଏ)।
* ଗୋଟିଏ ଇନିଂସରେ ଶ୍ରେଷ୍ଠ ବୋଲିଂ: ଡାରେନ ପାୱେଲ, ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା ଓ କ୍ରିସ୍ ୱୋକ୍ସ (ସମସ୍ତେ ୪ ଉଇକେଟ ଲେଖାଏ)।
* ଗୋଟିଏ ଇନିଂସରେ ସବୁଠୁ ମହଙ୍ଗା ବୋଲର: ଇଂଲଣ୍ଡର ଲିଆମ ପ୍ଲଙ୍କେଟ ଭାରତ ବିପକ୍ଷରେ ୧୦ ଓଭରରେ ୯୧ ରନ ଦେଇ ୨ ଉଇକେଟ।
* ସର୍ବାଧିକ ଡିସ୍‌ମିଶାଲ୍ସ: ନୟନ ମୋଙ୍ଗିଆ-୫।
* ଗୋଟିଏ ଇନିଂସରେ ସର୍ବାଧିକ ଡିସ୍‌ମିଶାଲ: ରିଦ୍ଧିମାନ ଶାହା-୪ ବନାମ ଶ୍ରୀଲଙ୍କା, ୨୦୧୪ ନଭେମ୍ବର ୨।
* ସର୍ବାଧିକ କ୍ୟାଚ୍: ମନୋଜ ପ୍ରଭାକର-୫।
* ଗୋଟିଏ ଇନିଂସରେ ସର୍ବାଧିକ କ୍ୟାଚ୍: ଜାଭେଦ ମିଆଁଦାଦ୍ ଓ ଗୌତମ ଗମ୍ଭୀର ୩ଟି ଲେଖାଏ।
* ସର୍ବାଧିକ ପାର୍ଟନରଶିପ୍ (ରନ୍ ଓ ଉଇକେଟ ଦୃଷ୍ଟିରୁ): ଚତୁର୍ଥ ଉଇକେଟରେ ମହମ୍ମଦ ଆଝାରୁଦ୍ଦିନ ଓ ଅଜୟ ଜାଡେଜା ୨୭୫* ରନ, ବନାମ ଜିମ୍ବାୱେ, ୧୯୯୮ ଏପ୍ରିଲ ୯।
* ସର୍ବାଧିକ ମ୍ୟାଚ: ସଚିନ ତେନ୍ଦୁଲକର-୧୦।
*: ଅଧିନାୟକଭାବେ ସର୍ବାଧିକ ମ୍ୟାଚ: ମହମ୍ମଦ ଆଝାରୁଦ୍ଦିନ-୪।

ଉତ୍କଣ୍ଠା ବଢ଼ି ବଢ଼ି ଚାଲିଛି। ଦୀର୍ଘ ୫ ବର୍ଷ ପରେ ବାରବାଟୀ ଷ୍ଟାଡିୟମକୁ ଫେରୁଛି ଏକଦିବସୀୟ (୫୦ ଓଭର ବିଶିଷ୍ଟ) କ୍ରିକେଟ ମ୍ୟାଚ୍। ଏଥର ଭାରତ ସମ୍ମୁଖରେ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଇଂଲଣ୍ଡ। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ଏହା ହେଉଛି ଦ୍ୱିତୀୟ ମ୍ୟାଚ୍। ଅନ୍‌ଲାଇନ ଟିକେଟ କ୍ଷଣକେ ଉଭାନ ହୋଇଯିବା, ବକ୍ସ ଅଫିସ ଟିକେଟ ପାଇଁ ଉଦ୍ଦିଷ୍ଟ ଦିବସର ଗୋଟିଏ ଦିନ ପୂର୍ବରୁ କାଉଣ୍ଟର ନିକଟରେ ଦର୍ଶକଙ୍କ ଗହଳି, ରାତି ସାରା ପୁରୁଷଙ୍କ ସମେତ ମହିଳା ଦର୍ଶକମାନେ ମଧ୍ୟ ଅନିଦ୍ରା ରହି ଲାଇନରେ ରହିବା ଆଦି କ୍ରିକେଟ ପ୍ରତି ଓଡ଼ିଶା ଦର୍ଶକଙ୍କ ପାଗଳାମି ଓ ଭଲପାଇବାକୁ ପ୍ରତିଫଳିତ କରିଛି। ନୂଆ ରୂପରେ ସଜେଇହୋଇଛି ଐତିହାସିକ ବାରବାଟୀ। ମ୍ୟାଚ୍‌ଟି ଭଲରେ ଶେଷ ହେଉ ଏବଂ ଶେଷରେ ଭାରତ ହିଁ ବିଜୟ ଲାଭ କରୁ ବୋଲି ଦର୍ଶକମାନେ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ମ୍ୟାଚ୍‌କୁ ଶୃଙ୍ଖଳାର ସହ ସମାପନ କରିବାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଯଥାସାଧ୍ୟ ଉଦ୍ୟମ କରାଯାଉଛି।

### ଭାରତ ପଲା ଭାରି

ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏହା ହେବ ୬ଷ୍ଠ ମୁକାବିଲା। ପୂର୍ବରୁ ୫ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଥିବାବେଳେ ସେଥିରୁ ଭାରତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଛି ଓ ୨ଟିରେ ପରାଜୟ ସ୍ୱାଦ ଚାଖିଛି। ଶେଷଥର ପାଇଁ ଉଭୟ ଦଳ ମଧ୍ୟରେ ୨୦୧୭ ଜାନୁଆରୀ ୧୯ରେ ମୁକାବିଲା ହୋଇଥିଲା। ଏଥିରେ ଭାରତ ୧୫ ରନ୍‌ରେ ବିଜୟ ହାସଲ କରିଥିଲା। ଗତ ଟି୨୦ ସିରିଜରେ ଇଂଲଣ୍ଡ ଦଳ ଦକ୍ଷତା ଅନୁସାରେ ଖେଳ ଦେଖାଇପାରିନାହିଁ। ୫ ମ୍ୟାଚରୁ ଦଳ ୪ଟିରେ ପରାଜିତ ହୋଇଥିଲା। ଆଗକୁ ଚାମ୍ପିୟନ୍ସ ଟ୍ରଫି ଆସୁଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବା ଲାଗି ଏହି ସିରିଜ ହିଁ ପ୍ରକୃଷ୍ଟ ପ୍ରତିଯୋଗିତା। ତେଣୁ ଉଭୟ ଇଂଲଣ୍ଡ ଓ ଭାରତୀୟ ଦଳ ସିରିଜକୁ ଗୁରୁତ୍ୱର ସହ ନେଉଛନ୍ତି। ଫଳରେ ବାରବାଟୀରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ହେବା ସମସ୍ତେ ଆଶା ରଖିଛନ୍ତି।

### କୋହଲି କ୍ରେଜ୍

ଟିମ୍ ଇଣ୍ଡିଆର ବର୍ତ୍ତମାନ ସବୁଠାରୁ ଚର୍ଚ୍ଚିତ ତାରକା ହେଉଛନ୍ତି ବିରାଟ କୋହଲି। ସେ ଭଲ ଖେଳିଲେ ଚର୍ଚ୍ଚାରେ ଥାଆନ୍ତି ଓ ଖରାପ ଖେଳିଲେ ବି ତାଙ୍କୁ ନେଇ ଆଲୋଚନା ହୋଇଥାଏ। ନିକଟ ଅତୀତରେ ବିରାଟ ନିଜର ଶ୍ରେଷ୍ଠ ଫର୍ମଠାରୁ ବହୁ ଦୂରରେ ରହିଛନ୍ତି। ଏହା ସତ୍ତ୍ୱେ ଦର୍ଶକଙ୍କ ମହଲରେ ବିରାଟଙ୍କର କ୍ରେଜ୍ କମିନାହିଁ। ବାରବାଟୀ ମ୍ୟାଚ୍ ପାଇଁ ବକ୍ସ ଅଫିସ ଟିକେଟ ବିକ୍ରିର ଗୋଟିଏ ଦିନ ପୂର୍ବରୁ ଷ୍ଟାଡିୟମ ଚାରିକଡ଼ ପଇଁତରା ମାରୁଥିବା ଅଧିକାଂଶ କ୍ରିକେଟପ୍ରେମୀ କେବଳ ବିରାଟ କୋହଲିଙ୍କ ମ୍ୟାଚ୍ ଦେଖିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ପ୍ରକାଶ କରିଥିଲେ। କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବିରାଟଙ୍କର ବାରବାଟୀରେ ଏହା ସମ୍ଭାବ୍ୟ ଶେଷ ମ୍ୟାଚ ବୋଲି ଦର୍ଶକମାନେ ହୃଦ୍‌ବୋଧ କରିଥିବାରୁ ନିଜର ଅତି ପ୍ରିୟ ତାରକାଙ୍କୁ ପାଖରୁ ଟିକେ ଦେଖିବା ପାଇଁ ବ୍ୟାକୁଳ। ଆଣ୍ଠୁରେ ଆହତ ସମସ୍ୟା ଯୋଗୁ କୋହଲି ନାଗପୁରରେ ଅନୁଷ୍ଠିତ ସିରିଜର ପ୍ରଥମ ଦିନିକିଆରେ ଖେଳି ନାହାନ୍ତି। ତେବେ ସେ ବାରବାଟୀ ମ୍ୟାଚ ବେଳକୁ ସୁସ୍ଥ ହୋଇଯାଇଥିବେ ବୋଲି ଓଡ଼ିଶା କ୍ରିକେଟପ୍ରେମୀ ଆଶା ରଖିଛନ୍ତି।



ରୋହିତ ଶର୍ମା



କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ସହ ଜୋସ ବଟଲର।

# ଭାରତ ଜିତିଲା ପ୍ରଥମ ଦିନିକିଆ

ନାଗପୁର, ୬।୨

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୪ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଛି। ଇଂଲଣ୍ଡ ୪୭.୪ ଓଭରରେ ୨୪୮ ରନକରି ଅଲ୍‌ଆଉଟ ହୋଇଥିଲା। ୨୪୯ ରନ ବିଜୟ ଲକ୍ଷ୍ୟରେ ଭାରତ ୩୮.୪ ଓଭରରେ ୬ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରି ନେଇଥିଲା। ସିରିଜର ଦ୍ୱିତୀୟ ମ୍ୟାଚ ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଯଶସ୍ୱୀ ଜୟସ୍ୱାଲ ୧୫ ଓ ଖରାପ ଫର୍ମ ଦେଇ ଗତି କରୁଥିବା ଅଧିନାୟକ ରୋହିତ ଶର୍ମା ୨ ରନ୍‌କରି ଆଉଟ ହେବାରୁ ୧୯ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ଶୁବମନ ଗିଲ୍ ଓ ଶ୍ରେୟସ ଆୟର ତୃତୀୟ ଉଇକେଟରେ ୬୪ ବଲ୍‌ରୁ ୯୪ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। କେବଳ ସେତିକି ନୁହେଁ ଗିଲ୍ ଚତୁର୍ଥ ଉଇକେଟରେ ଅକ୍ଷର ପଟେଲଙ୍କ ସହ ଶତକୀୟ (୧୦୮ ରନ) ଭାଗୀଦାରି ଗଢ଼ି ଭାରତକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ଗିଲ୍ ସର୍ବାଧିକ ୮୭, ଆୟର ୫୯ ଓ ଅକ୍ଷର ୫୨ ରନ ସ୍କୋର କରିଥିଲେ। ଶେଷ ଭାଗରେ ମିନି ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲେ ହେଁ ଭାରତର ବିଜୟକୁ ଏହା ପ୍ରଭାବିତ କରିପାରି ନ ଥିଲା। ଭାରତ ଆହୁରି ୬୮ ବଲ୍ ବଳକାଥାଇ ୩୮.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଆଣ୍ଠୁରେ ଆଘାତଜନିତ ସମସ୍ୟା ଯୋଗୁ ତାରକା ବ୍ୟାଟର ବିରାଟ କୋହଲି ଏହି ମ୍ୟାଚ ଖେଳି ନ ଥିଲେ। ଇଂଲଣ୍ଡ ପକ୍ଷରୁ ସାକିବ ମହମ୍ମଦ ଓ ଆଦିଲ ରଶିଦ ୨ଟି ଲେଖାଏ ଏବଂ ଜୋଫ୍ରା ଆର୍ଚର ଓ ଜ୍ୟାକବ ବେଥେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଡେବ୍ୟୁରେ ୩ ଉଇକେଟ ହାସଲ କରିଥିବା ହର୍ଷିତ ରାଣା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଓପନିଂ ଯୋଡ଼ିରେ ୫୩ ବଲ୍‌ରୁ ୭୫ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ଭିତ୍ତି ପକାଇଥିଲା। ମିଡିଲ ଅର୍ଡରରେ ଅଧିନାୟକ ଜୋସ ବଟଲର ଓ ଜ୍ୟାକବ ବେଥେଲ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ମାତ୍ର ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ୪୭.୪ ଓଭରରେ ୨୪୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦୁଇ ଓପନର ଫିଲ୍ ସଲ୍ଟ ୪୩ ଓ ବେନ୍ ଡକେଟ ୩୨ ରନ କରିଥିବାବେଳେ ବଟଲର ସର୍ବାଧିକ ୫୨ ଓ ବେଥେଲ ୫୧ ରନ କରିଥିଲେ। ଓପନିଂ ଯୋଡ଼ି ଭାଙ୍ଗିବା ପାଇଁ ଭାରତୀୟ ବୋଲର ନୟାନ୍ତ ହୋଇଥିବାବେଳେ ସଲ୍ଟଙ୍କ ଦୁର୍ଭାଗ୍ୟଜନକ ରନ୍‌ଆଉଟ ଇଂଲଣ୍ଡର ବିପର୍ଯ୍ୟୟକୁ ଡାକି ଆଣିଥିଲା। ହର୍ଷିତ ରାଣା ଓ ଯଶସ୍ୱୀ ଜୟସ୍ୱାଲ ଏହି ମ୍ୟାଚରେ ଦିନିକିଆ ପଦାର୍ପଣ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ହର୍ଷିତ ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ ଏବଂ ମହମ୍ମଦ ଶାମି, ଅକ୍ଷର ପଟେଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ୪୭.୪ ଓଭରରେ ୨୪୮/ଅଲ୍‌ଆଉଟ (ଜୋସ ବଟଲର-୫୨, ଜ୍ୟାକବ ବେଥେଲ-୫୧, ଫିଲ୍ ସଲ୍ଟ-୪୩, ହର୍ଷିତ ରାଣା-୩/୫୩, ରବୀନ୍ଦ୍ର ଜାଡେଜା-୩/୨୬, ମହମ୍ମଦ ଶାମି-୧/୩୮, ଅକ୍ଷର ପଟେଲ-୧/୩୮, କୁଲଦୀପ ଯାଦବ-୧/୫୩)। ଭାରତ ୩୮.୪ ଓଭରରେ ୨୫୧/୬ (ଶୁବମନ ଗିଲ୍-୮୭, ଶ୍ରେୟସ ଆୟର-୫୯, ଅକ୍ଷର ପଟେଲ-୫୨, ସାକିବ ମହମ୍ମଦ-୨/୪୭, ଆଦିଲ ରଶିଦ-୨/୪୯, ଜୋଫ୍ରା ଆର୍ଚର-୧/୩୯, ଜ୍ୟାକବ ବେଥେଲ-୧/୧୮)।

# କୋହଲିଙ୍କୁ ନେଇ ଚିନ୍ତା

ନାଗପୁର, ୬।୨ (ପି.ଟି.)



ଭାରତର ଷ୍ଟାର ବ୍ୟାଟରଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଫଳରେ ସେ ଗୁରୁବାର ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଖେଳିପାରି ନାହାନ୍ତି। ତାଙ୍କ ଆଘାତ କେତେ ଗୁରୁତର ତାହା ସ୍ପଷ୍ଟ ହୋଇ ନାହିଁ। ଚାମ୍ପିୟନ୍ସ ଟ୍ରଫି ପାଖେଇ ଆସୁଥିବାରୁ ଦଳପାଇଁ ଏହା ଚିନ୍ତାର କାରଣ ହୋଇଛି। ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ପାକିସ୍ତାନରେ ଆରମ୍ଭ ହେବାକୁଥିବା ବେଳେ ଫେବୃଆରୀ ୨୦ରୁ ଭାରତ ଏହାର ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବ। କୋହଲିଙ୍କ ସେତେଟା ଗୁରୁତର ହୋଇ ନ ଥିବ ବୋଲିଂ ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି। ସେ ପରବର୍ତ୍ତୀ ଦୁଇଟି ମ୍ୟାଚ ପାଇଁ ଉପଲବ୍ଧ ହୋଇପାରନ୍ତି ବୋଲି ଏଥିରୁ ଅନୁମାନ କରାଯାଉଛି। ୩ ମ୍ୟାଚ ବିଶିଷ୍ଟ ସିରିଜର ଦ୍ୱିତୀୟ ଗେମ୍ ଫେବୃଆରୀ ୯ରେ କଟକରେ ଖେଳାଯିବାକୁଥିବା ବେଳେ ଫାଇନାଲ ଗେମ୍ ଫେବୃଆରୀ ୧୨ରେ ଅହମଦାବାଦରେ ଖେଳାଯିବ ବୋଲି ଆଶା କରାଯାଉଛି। ବୁଧବାର ରାତିରେ କୋହଲିଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଛି। ଦୁର୍ଭାଗ୍ୟର ବିଷୟ ସେ ମ୍ୟାଚ ଖେଳିବେ ନାହିଁ ବୋଲି ଟସ୍ ବେଳେ ରୋହିତ ଶର୍ମା ସୂଚନା ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲେ। ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା ଯେ, ଡାହାଣ ଆଣ୍ଠୁରେ ସମସ୍ୟା ଯୋଗୁ କୋହଲି ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ପାଇଁ ଉପଲବ୍ଧ ହେବେ ନାହିଁ। କୋହଲି ବୁଧବାର ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରୁଥିବା ବେଳେ ସହଜ ମନେକରୁ ନ ଥିଲେ। ଗୁରୁବାର ମଧ ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟସୂଚୀ ଘୋଷିତ

ଗ୍ଲାସ୍‌ଗୋ, ୬।୨ (ପି.ଟି.)

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ଆସନ୍ତାବର୍ଷ ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ହେବ। ୧୦ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟର ୨୩ତମ ସଂସ୍କରଣରେ ୨୦୦ରୁ ଅଧିକ ସ୍ୱର୍ଣ୍ଣ ପଦକ ବ୍ୟବସ୍ଥା ରହିଛି। ପାରା ସ୍ପୋର୍ଟ୍ସ, ଟ୍ରାକ୍ ସାଇକ୍ଲିଂ ଓ ସୁଇମିଂରେ ଅନ୍ୟ ତୁଳନାରେ ଅଧିକ ପଦକ ବ୍ୟବସ୍ଥା କରାଯାଇ ଥିବା ୱାର୍ଲ୍ଡ ଆଥଲେଟିକ୍ସ ସଭାପତି ସେବାଷ୍ଟିଆନ୍ କୋ' ଏକ ପ୍ରେସ୍ ରିଲିଜରେ ପ୍ରକାଶ କରିଛନ୍ତି। କାର୍ଯ୍ୟସୂଚୀରେ ୪x୪୦୦ ମିଟର ରିଲେକୁ ସାମିଲ କରାଯାଇଛି। ୧୦ଟି କ୍ରୀଡ଼ାରୁ ପାରା ସ୍ପୋର୍ଟ ପ୍ରୋଗ୍ରାମ୍‌ରେ ୬ଟି ସାମିଲ କରାଯାଇଛି। ଏଥିରେ ରେକର୍ଡ ୪୭ ପଦକ ବ୍ୟବସ୍ଥା କରାଯାଇଛି। ଗେମ୍ସର ପ୍ରତିଯୋଗିତାଗୁଡ଼ିକ କମନୱେଲ୍‌ଥ ଆରେନା ଆଣ୍ଡ ସାର୍ କ୍ରିସ୍ ହୋଏ ଭେଲୋଡ୍ରୋମ୍, ସ୍କଟିଶ ଏକ୍‌ଜିବିଶନ ସେଣ୍ଟର, ସ୍କଟ୍ସଟୋନ୍ ଷ୍ଟାଡିୟମ ଏବଂ ଟୋଲ୍‌କ୍ରସ ଇଣ୍ଟରନ୍ୟାଶନାଲ ସୁଇମିଂ ସେଣ୍ଟରଠାରେ ଅନୁଷ୍ଠିତ ହେବ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ୧୦ଟି କ୍ରୀଡ଼ା ମଧ୍ୟରେ ରହିଛି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ ଓ ପାରାଆଥଲେଟିକ୍ସ, ୩x୩ ବାସ୍କେଟବଲ୍ ଓ ୩x୩ ହ୍ୱିଲଚେୟାର ବାସ୍କେଟବଲ୍, ବକ୍ସିଂ, ସୁଇମିଂ ଓ ପାରା ସୁଇମିଂ, ବୋଲ୍ସ ଓ ପାରା ବୋଲ୍ସ (ଇନ୍‌ଡୋର), ଜୁଡୋ, ନେଟ୍‌ବଲ୍, ଟ୍ରାକ୍ ଓ ପାରା ଟ୍ରାକ୍, ସାଇକ୍ଲିଂ ଏବଂ ୱେଟଲିଫ୍ଟିଂ ଓ ପାରା ପାୱାର ଲିଫ୍ଟିଂ। ଟ୍ରାକ୍ ସାଇକ୍ଲିଂ ପ୍ରୋଗ୍ରାମ୍‌ରେ ୨୬ ପଦକ ଇଭେଣ୍ଟ ରହିଛି। ତନ୍ମଧ୍ୟରେ ପାରା ଓ ଅଣପାରା ଇଭେଣ୍ଟ ରହିଥିବା ଆୟୋଜକଗଣ କହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ